
ମୁଁ ଏବେ ଅବସର ନେଉନି
ପୃଷ୍ଠା ୫



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ସମସ୍ତ ପାଠକ ପାଠିକା ଓ ବିତରକ, ବିଜ୍ଞାପନଦାତାଙ୍କୁ 'ସଂଚାର' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ


Vol. 34 | ISSUE 177 ଭାଗ ୩୪ | ସଂଖ୍ୟା ୧୭୭

Thursday 17 September 2026 | Page 8 Rs. 5.00

ଭୁବନେଶ୍ୱର ଗୁରୁବାର, ୧୭ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ମୋଦି @୭୬

## ଜନ୍ମଦିନରେ ବାରାଣସୀରେ ଶକ୍ତି ପ୍ରଦର୍ଶନ



### ନାଇଡୁ, ସିନ୍ଦେଙ୍କ ସମେତ ସାମିଲ ହେବେ ଶୀର୍ଷ ନେତା

### ଯୋଗଦେବେ ସବୁ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ

### ବାରାଣସୀରୁ ବାଇକ୍ ରାଲିର ଶୁଭାରମ୍ଭ

ନୂଆଦିଲ୍ଲୀ, ୧୬।୯ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ ଅବସରରେ ଆସନ୍ତାକାଲି ଉତ୍ତରପ୍ରଦେଶର ବାରାଣସୀରେ ଏନ୍‌ଡିଏର ସବୁ ଶୀର୍ଷ ନେତା ଏକାଠି ହେବେ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସମେତ ପ୍ରମୁଖ ଏନ୍‌ଡିଏ ନେତାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ପୃଷ୍ଠା-୬

## ପଶ୍ଚିମ ଓଡ଼ିଶାକୁ ମୁଖ୍ୟମନ୍ତ୍ରୀଙ୍କ ନୂଆଖାଇ ଭେଟି

# ସମ୍ବଲପୁରରେ ଲୋକାର୍ପିତ ହେଲା ଡପ୍‌ଲର ରାଡାର୍

- ପାଣିପାଗ ଉପରେ ନଜର ରଖିବ 'ମେକ୍ ଇନ୍ ଇଣ୍ଡିଆ' ରାଡାର୍
- ୧୩ଟି ଜିଲ୍ଲାର ପାଣିପାଗ ସମ୍ପର୍କରେ ମିଳିବ ଆଗୁଆ ତଥ୍ୟ
- ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀରେ ପ୍ରତିଷ୍ଠା ହେବ ଡପଲର ରାଡାର
- ସମ୍ବଲପୁରରେ ୯୬୦ କୋଟିର ୫୦ଟି ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ସମ୍ବଲପୁର, ୧୬।୯ (ସଂଚାର ବ୍ୟୁରୋ)ଃ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତ ଅବସରରେ ଜିଲ୍ଲାବାସୀଙ୍କୁ ବୁଧବାର ଏକାଧିକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଏକ ସମାରୋହରେ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଓ ସମଗ୍ର ପଶ୍ଚିମ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ପାଇଁ ଅତ୍ୟାଧୁନିକ 'ମେକ୍ ଇନ୍ ଇଣ୍ଡିଆ' ଡପ୍‌ଲର ପାଣିପାଗ ରାଡାରର ଶୁଭାରମ୍ଭ କରିବା ସହ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ପ୍ରକଳ୍ପର ଲୋକାର୍ପଣ ଓ ୮୨୫.୮୩ କୋଟି ଟଙ୍କାର ୩୫ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ସାମିଲ ଅଛି। ଏଥିରେ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ (କୁଚିଣ୍ଡା ପାଇଁ ୬୦.୫୦ କୋଟି), କ୍ରୀଡ଼ା (୭୪.୭୨ କୋଟି), ସଡ଼କ ଓ କୋଠା ନିର୍ମାଣ (୫୮୫ କୋଟି) ଏବଂ ଜଳସମ୍ପଦ କ୍ଷେତ୍ରରେ ୨୨୦.୫୬ କୋଟି ଟଙ୍କାର ମେଗା ଲିଫ୍ଟ ଜଳସେଚନ ଓ ୮.୮୮ କୋଟି ଟଙ୍କାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ।

ଓଡ଼ିଶାର ଏକ ବ୍ୟାପକ ଅଞ୍ଚଳ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥା ସହିତ ସାମିଲ ହୋଇ ପାରିଛି। ଏହାଦ୍ୱାରା ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ଅନୁଗୁଳ, କଳାହାଣ୍ଡି, କେନ୍ଦୁଝର ଓ ଢେଙ୍କାନାଳ ଆଦି ୧୩ଟି ଜିଲ୍ଲା ସହ ଛତିଶଗଡ଼ ଓ ଝାଡ଼ଖଣ୍ଡର କିଛି ଅଞ୍ଚଳ ଉପକୃତ ହେବେ। ପ୍ରାକ୍-ମୌସୁମୀ ବଜ୍ରଝଡ଼, ବଜ୍ରପାତ ଓ କୁଆପଥର ବର୍ଷାର ଆଗୁଆ ସୂଚନା ମିଳିବା ଫଳରେ ଓଡ଼ିଶାର

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୃଷ୍ଠା-୬

## ଶାହଜାଦ ଭଟ୍ଟି ନେଟୱାର୍କକୁ ଆତଙ୍କବାଦୀ ସଙ୍ଗଠନ ଘୋଷଣା



ନୂଆଦିଲ୍ଲୀ, ୧୬।୯ଃ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି କହିଛନ୍ତି ଯେ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣକୁ ଅନୁସରଣ କରି ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ବେଆଇନ କାର୍ଯ୍ୟକଳାପ (ପ୍ରତିରୋଧ) ଅଧିନିୟମ (ୟୁଏପିଏ) ଅନୁଯାୟୀ ଶାହଜାଦ ଭଟ୍ଟି ନେଟୱାର୍କକୁ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରିଛି। ଏକ୍ସରେ ଏକ ପୋଷ୍ଟରେ ଅମିତ ଶାହ କହିଛନ୍ତି, ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୃଷ୍ଟିକୋଣକୁ ଅନୁସରଣ କରି ଗୃହ ମନ୍ତ୍ରଣାଳୟ ୟୁଏପିଏ ଅଧୀନରେ ଶାହଜାଦ ଭଟ୍ଟି ନେଟୱାର୍କକୁ ଏକ ଆତଙ୍କବାଦୀ ସଂଗଠନ ପୃଷ୍ଠା-୬

■ ଦେବଗଡ଼ ଗଣେଶ ପୂଜାରେ ସାମିଲ ହେଲେ ସାଂସଦ

## ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ଆମ ଦାୟିତ୍ୱ: ଧର୍ମେନ୍ଦ୍ର



ଦେବଗଡ଼, ୧୬।୯ (ସଂଚାର ବ୍ୟୁରୋ)ଃ ପୂଜା-ଉତ୍ସବ କେବଳ ନାଚ-ଗୀତ, ଭୋଜିଭାତ ଓ ଆଲୋକସଜ୍ଜାରେ ସୀମିତ ରହିବା ଉଚିତ ନୁହେଁ। ଏଭଳି ସାମାଜିକ ସମାରୋହ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସଠିକ୍ ପୋଷଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସମସ୍ତଙ୍କ ମଧ୍ୟରେ ଦାୟିତ୍ୱବୋଧ ସୃଷ୍ଟି ହେବା ଆବଶ୍ୟକ ବୋଲି କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଦେବଗଡ଼ ପବିତ୍ର ସାର୍ବଜନୀନ ଗଣେଶ ପୂଜା ମହୋତ୍ସବରେ ସାମିଲ ହୋଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଜିଲ୍ଲାରେ ୧ ରୁ ୧୮ ବର୍ଷ ବୟସର ପ୍ରାୟ ୭୫ ହଜାର ଶିଶୁ ଓ କିଶୋର-କିଶୋରୀ ଅଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଆମ ସମସ୍ତଙ୍କର ଦାୟିତ୍ୱ। ଅପରପକ୍ଷରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ସ୍ୱଚ୍ଛତା ଅଭିଯାନକୁ ଏକ ଆଦର୍ଶ ଜନ-ଆନ୍ଦୋଳନର ରୂପ ଦେଇଛନ୍ତି। ସେହିପରି ଆମକୁ ମଧ୍ୟ ଆମର ପବିତ୍ର ମନ୍ଦିର ଓ ରାସ୍ତାଘାଟକୁ ସ୍ୱଚ୍ଛ, ସୁନ୍ଦର ଓ ପ୍ଲାଷ୍ଟିକ୍‌ମୁକ୍ତ ରଖିବାକୁ ପଡ଼ିବ। କେବଳ ସରକାରୀସ୍ତରରେ ନୁହେଁ, ବରଂ ସମାଜର ମିଳିତ ସହଭାଗିତାରେ ଏହି ପୃଷ୍ଠା-୬

## ଭାରତୀୟ ଯୁଦ୍ଧ ପୋତକୁ ଧକ୍କା ଦେଲା ପାକ୍ ନୌସେନା ଜାହାଜ

### ଦୃଢ଼ ପ୍ରତିବାଦ ଜଣାଇଲା ଭାରତ



ନୂଆଦିଲ୍ଲୀ, ୧୬।୯ଃ ଅନ୍ତର୍ଜାତୀୟ ଜଳସୀମାରେ ଏକ ପାକିସ୍ତାନୀ ନୌସେନା ଜାହାଜ ଭାରତୀୟ ନୌସେନାର ଯୁଦ୍ଧପୋତ ସହ ଧକ୍କା ହେବା ପରେ ନୂଆଦିଲ୍ଲୀ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି। ଭାରତ ସରକାର ଇସଲାମାବାଦର ସର୍ବୋଚ୍ଚ କୂଟନୀତିଜ୍ଞଙ୍କୁ ସମନ କରିବା ସହ ଏହି ଘଟଣାକୁ ନେଇ ଦୃଢ଼ ପ୍ରତିବାଦ ଜଣାଇଛନ୍ତି। ଗତବର୍ଷର 'ଅପରେସନ୍ ସିନ୍ଦୂର' ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଜାରି ରହିଥିବାବେଳେ ଏହି ନୂତନ ଘଟଣା ଦୁଇ ଦେଶ ମଧ୍ୟରେ ରାଜନୈତିକ ପାଣିପାଗକୁ ଆହୁରି ଉଷ୍ମ କରିଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୫ ତାରିଖ ସନ୍ଧ୍ୟାରେ ଉତ୍ତର ଆରବ ସାଗରରେ ଏହି ଅଘଟଣ ଘଟିଛି। ଭାରତୀୟ ନୌସେନାର ଏକ ବିଧ୍ୱଂସୀ ଯୁଦ୍ଧପୋତ 'ଅପରେସନ୍ ଉର୍ଜା ସୁରକ୍ଷା' ଅଧୀନରେ ନିୟମିତ ନଜର ପୃଷ୍ଠା-୬

## ଛୁଟି ଘୋଷଣା

ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ୧୭ ତାରିଖ (ଗୁରୁବାର ) 'ସଂଚାର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୯ ତାରିଖ (ଶନିବାର) ପ୍ରକାଶ ପାଇବ।

ପ୍ରକାଶକ




### ମହାକାଳପଡ଼ାରେ ଚାଞ୍ଚଲ୍ୟ

## ସ୍ୱାମୀଙ୍କୁ ଅପହରଣ ସହ ମା' ଓ ଝିଅଙ୍କୁ ମାରିଦେବାକୁ ଧମକ

### ଥାନାର ଦ୍ୱାରସ୍ଥ ହେଲେ ପୀଡ଼ିତା



**ମହାକାଳପଡ଼ା,୧୬।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ଥାନା ଅନ୍ତର୍ଗତ ବରକନ୍ଧା ପଞ୍ଚାୟତ ତେନ୍ତୁଳିକନ୍ଧା ଗ୍ରାମରେ ଏକ ସଙ୍ଗିନ ଘଟଣା ସାମ୍ନାକୁ ଆସିଛି। ସ୍ୱାମୀଙ୍କୁ ପ୍ରଲୋଭନ ଦେଇ ନେଇଯିବା ସହ ମା'-ଝିଅଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ଗ୍ରାମର ଦୀପକ କୁମାର ପ୍ରଧାନଙ୍କ ପତ୍ନୀ ଅନୁପମା ରାଉତ।

ସୂଚନା ଅନୁଯାୟୀ, ଦୁଇ ପରିବାରର ସହମତିରେ ତେନ୍ତୁଳିକନ୍ଧା ଗ୍ରାମର ଦୀପକ ଏବଂ ଅନୁପମା ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ଗୋଟିଏ ବର୍ଷ ପରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ତେବେ ପରିବାର ହସଖୁସିରେ ଚାଲିଥିବା ବେଳେ ସେହି ଗ୍ରାମର ▫ ଗଗନ ସେନାପତିଙ୍କ ବିଧବା ପତ୍ନୀ ଅମାନି ସାମଲ(ଛଦ୍ମନାମ), ଦୀପକଙ୍କୁ ଚକ୍ରାନ୍ତ କରି ଓଡ଼ିଶା ବାହାରକୁ ନେଇଯାଇଥିବା ଅନୁପମା ଅଭିଯୋଗ କରିଛନ୍ତି। ଏ ନେଇ ପୂର୍ବରୁ ଅନୁପମା ମହାକାଳପଡ଼ା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ପରେ ସେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ଦ୍ୱାରସ୍ଥ ହେବା ପରେ ପୋଲିସ ୧୮/୯/୨୦୨୩ ରିଖରେ ମାମଲା ରୁଜୁ (କେସ୍ ନଂ- ୦୨୬୫) କରି ତଦନ୍ତ ଚାଲିଛି କହି ଦୀର୍ଘ ଦିନ ଧରି ଚାପି ରଖିଥିବା ସେ ପ୍ରକାଶ କରିଛନ୍ତି।

ଚଳିତ ବର୍ଷ 'ଶିକ୍ଷା ଅଧିକାର ଆଇନ' ସ୍କିମରେ ଝିଅ କେନ୍ଦ୍ରାପଡ଼ାର ଏକ ବେସରକାରୀ ସ୍କୁଲରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଏଥିପାଇଁ ଦୀପକ ଝିଅର ଆଡମିଶନ ବାବଦକୁ କିଛି ଟଙ୍କା ପଠାଇଥିଲେ। ଏହା ଜାଣିବା ପରେ ଅମାନି, ଦୀପକଙ୍କୁ ନିର୍ଯାତନା ଦେବା ସହ ପରିବାର ସହ ସମ୍ପର୍କ ନରଖିବାକୁ ବାଧ୍ୟ କରୁଛନ୍ତି। ଏପରିକି ଫୋନ୍ ଯୋଗେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମା'-ଝିଅଙ୍କୁ ହତ୍ୟା କରିବାକୁ ଧମକ ଦେଉଥିବା ନେଇ ଅନୁପମା ଏତଲାରେ ଉଲ୍ଲେଖ କରିଛନ୍ତି।

ଅପରପକ୍ଷରେ, ସମ୍ପୃକ୍ତ ମହିଳା ଜଣକ ମଧ୍ୟ ଦୀପକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣା ସମ୍ପର୍କରେ ମହାକାଳପଡ଼ା ଥାନାଧିକାରିଣୀ ବନ୍ଦନା ପାତ୍ର କହିଛନ୍ତି ଯେ, ସମସ୍ତ ଅଭିଯୋଗର ଟିକିନିଖି ତଦନ୍ତ କରାଯାଉଛି ଏବଂ ଖୁବଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଚାନ୍ଦୋଳ ଫାଣ୍ଡିରେ ଚାଲିଛି ଦଲାଲଙ୍କ ରାଜୁତି

### ଅଫିସର ସାଜିଛନ୍ତି ଦେଖଣାହାରି




**ଡେରାବିଶ, ୧୬।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଚାନ୍ଦୋଳ ଫାଣ୍ଡି ଏବେ ଦଲାଲଙ୍କ କବ୍ଜାରେ ବନ୍ଦୀହୋଇ ରହିଥିବା ଦେଖିବାକୁ ମିଳିଛି। ଏହି ଫାଣ୍ଡି ଉପରେ ଭରସା କରି ଯେ କେହିବି ନ୍ୟାୟ ପାଇବା ଆଶାରେ ଆସୁଛି ସେମାନଙ୍କ ବିଚାର କରୁଛନ୍ତି କୁଜି ନେତା ଓ କିଛି ଦଲାଲ |

କଥାରେ ଅଛି ଜାତିର ଉନ୍ନତି ସେ କାହିଁ କରିବ ସ୍ୱାର୍ଥେ ଯା'ର ବ୍ୟସ୍ତ ମନ, ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ..?

କହିବାର ଅର୍ଥ ଯେଉଁ ଜାଗାରେ କୁଜି ନେତା, ଦଲାଲ ଏବଂ ସ୍ୱାର୍ଥ ବାଦି ମାନେ ଫାଣ୍ଡି ରେ ବସି ବିଚାର କରି ନ୍ୟାୟ କରିବେ ସେତେବେଳେ ଜଣେ ସାଧାରଣ ଲୋକଟିଏ, ଜଣେ ପୀଡିତା କେତେ ନ୍ୟାୟ ପାଇପାରୁଥିବ ତାହା ଦାଣ୍ଡରେ ପଡି ହାଟରେ ଗଡୁଛି |

ସୂଚନା ଥାଉକି ଫାଣ୍ଡି ର ଦୁଆର ଦେଇ ପ୍ରତେକ ଦିନ ସହ ସହ ଚୋରା ମଦ ଗାଡି ଦିନ ଦ୍ୱିପ୍ରହର ରେ ଯାଉଛି, ଅତ୍ୟଧିକ ଲୋଡ଼ କରି ଛଣ କଳା ବଜାର ରେ ବିକ୍ରି ହେଉଛି, ଏପରିକି ଏହି ବଜାର ରେ ସନ୍ଧ୍ୟା ହେଲେ ବିଭିର୍ଣ୍ଣ ପ୍ରକାର ର ନିଶାଦ୍ରବ୍ୟ ଖୁଲମ ଖୁଲା ବିକ୍ରି ହେଉଛି ହେଲେ ଦୁଃଖର ବିଷୟ ଏମାନଙ୍କ ପାଖରେ ପହଞ୍ଚି ପାରୁନି ଚାନ୍ଦୋଳ ଫାଣ୍ଡି ର ଭ୍ୟାନ୍ | ରାଧେ ରାଧେ ତମର ଅଧେକୁ ଆମର ଅଧେ ପରି ଦଲାଲ ମାନଙ୍କ ମୁନାଫାରୁ ସିଂଗଭାଗ ଯାଉଛି ଚାନ୍ଦୋଳ ଫାଣ୍ଡିକୁ ! ତେବେ ଏହି ହାଣ୍ଡିର ବଡ ବଡ଼ ବାବୁ ମାନେ କାହା ସ୍ୱାର୍ଥରେ ନିରବ ବସିଛନ୍ତି ଆଉ କେଉଁ ଆଇନି ବଳରେ ଦଲାଲ ମାନେ ଫାଣ୍ଡିରେ ବସି ନିସାବ କରୁଛନ୍ତି ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି | ଅପର ପକ୍ଷେ ବିଭିନ୍ନ ସ୍ଥାନରେ ଘରୋଇ ବ୍ୟାଙ୍କର କିସ୍ତି ଆଦାୟକାରୀ ସଂସ୍ଥା ରାସ୍ତାରେ ଲୋକମାନଙ୍କୁ ବିପଦ ପୂର୍ଣ୍ଣ ଭାବରେ ଗୋଡ଼ାଇ ଗୋଡ଼ାଇ ଧରୁଛନ୍ତି ଏବଂ ଅନେକ ସମୟରେ ଦୁର୍ବ୍ୟବହାର କରିବା ସହ ବିଭିନ୍ନ ପ୍ରକାର ଅପ୍ରିତିକର ଘଟଣା ଦେଖିବାକୁ ମିଳିଛି | ତେବେ ଚାନ୍ଦୋଳ ଫାଣ୍ଡିର ଏମାନଙ୍କ ପ୍ରତି ତିଳେ ମାତ୍ର ନିଘା ନାହିଁ | ତେବେ କେଉଁ ଚାପରେ ଚାପି ହୋଉଯାଉଛି ଚାନ୍ଦୋଳ ଫାଣ୍ଡି ତାହା ତୁରନ୍ତ କେନ୍ଦ୍ରାପଡା ଏସପି ତଦନ୍ତ ପରିସର କୁ ନେବାପାଇଁ ସାଧାରଣ ରେ ଦାବି ହୋଇଛି | ଦେଖିବାକୁ ବାକି ରହିଲା ଏହି ଘଟଣାକୁ କେବେ କେନ୍ଦ୍ରାପଡ଼ା ଏସପି ଦୃଷ୍ଟି କୁ ନେଉଛନ୍ତି ଏବଂ ଚାନ୍ଦୋଳ ଫାଣ୍ଡି ରୁ କେବେ ଭାଙ୍ଗୁଛି ଦଲାଲଙ୍କ ବସା |

### ଫେକ୍ ଆଇଡି ଖୋଲି ପାଟକୁରା ବିଧାୟକଙ୍କୁ ଅଶ୍ଳୀଳ ଗାଳି ଓ ଗୀତ ପୋଷ୍ଟ

## ଦୁର୍ବୃତ୍ତଙ୍କ ବିରୋଧରେ କୁଦାନଗରୀ ଥାନାରେ ଏତଲା



**ଗରଦପୁର, ୧୬।୯ (ସଂଚାର ବ୍ୟୁରୋ):** ସାମାଜିକ ଗଣମାଧ୍ୟମରେ ଫେକ୍ ଆଇଡି ଖୋଲି ପାଟକୁରା ବିଧାୟକଙ୍କ ବିରୋଧରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଅଶ୍ଳୀଳ ଗୀତ ପୋଷ୍ଟ କରାଯାଉଥିବା ଅଭିଯୋଗରେ କୁଦାନଗରୀ ଥାନାରେ ଏତଲା ଦାୟର ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ଫେସବୁକ୍ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ ଏକ ନକଲି ଆକାଉଣ୍ଟ ଖୋଲି ଜଣେ ବ୍ୟକ୍ତି ବିଶେଷ ପାଟକୁରା ବିଧାୟକଙ୍କ ବିରୋଧରେ ବ୍ୟକ୍ତିଗତ ଆକ୍ଷେପ କରିବା ସହ ଅଶ୍ଳୀଳ ଶବ୍ଦ ପ୍ରୟୋଗ ଓ ଅଶ୍ଳୀଳ ଗୀତ ପୋଷ୍ଟ କରୁଛନ୍ତି। ଏହି ପୋଷ୍ଟ ଗୁଡିକ ଭାଇରାଲ ହେବା ପରେ ବିଧାୟକଙ୍କ ସମର୍ଥକ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏହାକୁ ବିଧାୟକଙ୍କ ଭାବମୂର୍ତ୍ତିକୁ ମଳିନ କରିବା ପାଇଁ ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ବୋଲି ଦର୍ଶାଇ ଆଜି ବିଧାୟକଙ୍କ ସମର୍ଥକମାନେ ଏକାଠି ହୋଇ କୁଦାନଗରୀ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ ଦାୟର କରିଛନ୍ତି। ସମର୍ଥକମାନେ ଉକ୍ତ ଫେକ୍ ଆଇଡିକୁ ତୁରନ୍ତ ଚିହ୍ନଟ କରି ବନ୍ଦ କରିବା ସହ ଅଭିଯୁକ୍ତ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ପ୍ରଦାନ



**କେନ୍ଦ୍ରାପଡ଼ା, ୧୬।୯(ସଂଚାର ବ୍ୟୁରୋ):** ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ ଗରିବ ମେଧାବୀ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି ।

ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଆମେରିକାର ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟି ଭୁବନ ମୋହନ ଦାସ ଓ ରାଜଲକ୍ଷ୍ମୀ ମହାନ୍ତି ତାଳଚେର ଶିଳ୍ପାଳ ମହିଳା ମହାବିଦ୍ୟାଳୟର ଛାତ୍ରୀ ପ୍ରମିଳା ମୁଣ୍ଡାଙ୍କୁ ୫ହଜାର ଟଙ୍କାର ଆର୍ଥିକ ସହାୟତା ତଥା ମେଧାବୃତ୍ତି ପ୍ରଦାନ କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପିଡିତ ଲୋକମାନଙ୍କୁ ରାସନ ସାମଗ୍ରୀ, ପାଲ ଓ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଗରିବ, ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସେମାନଙ୍କ ଉଚ୍ଚ ଶିକ୍ଷାଲାଭ କରିବା ପାଇଁ ପ୍ରତିବର୍ଷ ମେଧାବୃତ୍ତି ପ୍ରଦାନ କରାଯାଇଥାଏ ।

# ଜବତ ହେଉଛି, ଉତ୍ସ କାହିଁକି ଧରାପଡୁନି ?

**କେନ୍ଦ୍ରାପଡ଼ା,୧୬।୯(ସଂଚାର ବ୍ୟୁରୋ):** ଚୋରା ମଦ ବିରୋଧରେ ଅବକାରୀ ବିଭାଗର ଚଢ଼ାଉ ଚାଲିଛି । ଚୋରା ମଦ ଜବତ ହେଉଛି, ଅଭିଯୁକ୍ତ ଧରାପଡୁଛନ୍ତି, ମାମଲା ରୁଜୁ ହେଉଛି ଏବଂ ଅଦାଲତ ଚାଲାଣ ମଧ୍ୟ କରାଯାଉଛି । ତଥାପି ଏହି ଧରପଗଡ଼ ମଧ୍ୟରେ ଏକ ମୌଳିକ ପ୍ରଶ୍ନ ଏବେ ଗୁରୁତ୍ୱ ପାଉଛି— ଚୋରା ମଦ ଆସୁଛି କେଉଁଠୁ ?

ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶ ଓ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ସଦର, ରାଜନଗର ଓ କୁଦାନଗରୀ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ୬ ଜଣଙ୍କଠାରୁ ୨୨୨ ଲିଟର ବିଦେଶୀ ମଦ ଓ ଗୋଟିଏ ମୋଟରସାଇକେଲ ଜବତ ହୋଇଥିବା ବେଳେ ୬ ଜଣଙ୍କୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି ।

ବିଭାଗର ଏହି କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଏବେ ନଜର ରହିଛି ଚୋରା ମଦର ମୂଳ ଯୋଗାଣ ଶୃଙ୍ଖଳ ଉପରେ । କାରଣ, ଗୋଟିଏ ସ୍ଥାନରୁ ମଦ ଜବତ ହେଲା ଓ କିଛି ଲୋକ ଧରାପଡ଼ିଲେ ବୋଲି ଯଦି

> **୨୨୨ ଲିଟର ମଦ ଜବତ, ୬ କୋର୍ଟ ଚାଲାଣ**
> **ମୂଳ ଯୋଗାଣ ଶୃଙ୍ଖଳକୁ ନେଇ ବଢୁଛି ପ୍ରଶ୍ନ**
> **ଖୁଚୁରା ବେପାରୀଙ୍କ ପରେ ତଦନ୍ତ କେଉଁଠି ?**

ଯୋଗାଣ ଥମିଯାଉନାହିଁ, ତେବେ ମଦ ପହଞ୍ଚାଉଥିବା ଉତ୍ସକୁ ଚିହ୍ନଟ କରିବା ତଦନ୍ତ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପାରେ ।

**ଧରାପଡୁଛନ୍ତି କିଏ, ଧରାପଡୁନି କିଏ ?**

ଚୋରା ମଦ ସହ ଧରାପଡୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ନିଆଯାଉଛି। କିନ୍ତୁ ଏହି ଘଟଣାର ତଦନ୍ତ ସେମାନଙ୍କ ନିକଟରେ ସୀମିତ ରହୁଛି କି ଯୋଗାଣକାରୀଙ୍କ ପର୍ଯ୍ୟନ୍ତ ଯାଉଛି, ତାହା ନେଇ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବା ଆବଶ୍ୟକ ।

ଜବତ ମଦ କେଉଁଠାରୁ ଆସିଲା? କିଏ ଯୋଗାଇଲା? କେଉଁ ମାଧ୍ୟମରେ ଏହା ଜିଲ୍ଲାକୁ ପହଞ୍ଚିଲା? ଏହା ପଛରେ ଆଉ କେତେଜଣଙ୍କ ଭୂମିକା ରହିଛି?

ଏସବୁ ପ୍ରଶ୍ନର ଉତ୍ତର ତଦନ୍ତରୁ ମିଳିବା ଅପେକ୍ଷାରେ ରହିଛନ୍ତି ସାଧାରଣ ଲୋକ ।

**ମଦ ପରେ ଅନ୍ୟ ନିଶା ନେଇ ବି ଚିନ୍ତା**

ଚୋରା ମଦ ସହ ଅନ୍ୟାନ୍ୟ ନିଶାଦ୍ରବ୍ୟର ବେଆଇନ କାରବାର ନେଇ ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ଉଠୁଛି । ଏହି ଅଭିଯୋଗଗୁଡ଼ିକର ସତ୍ୟତା ତଦନ୍ତସାପେକ୍ଷ ହୋଇଥିଲେ ମଧ୍ୟ ନିଶାଦ୍ରବ୍ୟର ସହଜ ଉପଲବ୍ଧତା ନେଇ ଅଭିଭାବକ ଓ ସାଧାରଣ ଲୋକଙ୍କ ଚିନ୍ତା ରହିଛି ।

ଯଦି ଚୋରା ମଦ କିମ୍ବା ଅନ୍ୟ ନିଶାଦ୍ରବ୍ୟର ଯୋଗାଣ ଶୃଙ୍ଖଳ ରହିଛି, ତେବେ କେବଳ ଖୁଚୁରା ସ୍ତରରେ ଚଢ଼ାଉ କରିବା ସହିତ ତାହାର ମୂଳ ଉତ୍ସକୁ ଚିହ୍ନଟ କରିବା ମଧ୍ୟ ସମାନ ଗୁରୁତ୍ୱ ବହନ କରେ ।

**ଚଢ଼ାଉର ହିସାବ ସହ ଉତ୍ସ ଧରିବାର ହିସାବ କେବେ ?**

ବିଭାଗ ପକ୍ଷରୁ ଚଢ଼ାଉ ଓ ଜବତ ଜାରି ରହିଛି। ଏହା ସହିତ ଚୋରା ମଦର ମୂଳ ଉତ୍ସ ଚିହ୍ନଟ ଓ ଯୋଗାଣ ଶୃଙ୍ଖଳ ଭାଙ୍ଗିବା ଦିଗରେ ତଦନ୍ତ କେତେ ଆଗକୁ ବଢୁଛି, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

କାରଣ ଆଜି ୨୨୨ ଲିଟର ଜବତ ହେଲା, ୬ ଜଣ ଗିରଫ ହେଲେ— କିନ୍ତୁ ଆସନ୍ତାକାଲି ପୁଣି ସେହି ଅଞ୍ଚଳରୁ ଚୋରା ମଦ ମିଳିଲେ ତାହାର ଉତ୍ସ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ।

ତେଣୁ ଏବେ ଚର୍ଚ୍ଚା କେବଳ କେତେ ଲିଟର ମଦ ଜବତ ହେଲା ତାହାରେ ସୀମିତ ନରହି, କେଉଁଠାରୁ ଆସିଲା ଓ କିଏ ଯୋଗାଇଲା— ସେହି ପ୍ରଶ୍ନର ଉତ୍ତର ଉପରେ ରହିବା ଦରକାର ।

ଚଢ଼ାଉ ଚାଲିଛି, ଜବତ ବି ହେଉଛି; ଏବେ ଅପେକ୍ଷା ମୂଳ ଉତ୍ସ ପର୍ଯ୍ୟନ୍ତ ତଦନ୍ତ କେବେ ପହଞ୍ଚୁଛି ।

## ଚୋରାମଦ ଜବତ, ୬ ଗିରଫ



**କେନ୍ଦ୍ରାପଡ଼ା, ୧୬।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର, ରାଜନଗର ଓ କୁଦାନଗରୀ ଥାନା ଅଧିନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା ।

ଏହି ଚଢ଼ାଉ ସମୟରେ ରାଜନଗର ଗ୍ରାମର ଅରକ୍ଷିତ ସେଠୀ(୨୪)ଙ୍କ ନିକଟରୁ ୧୧୦ ଲିଟର ଚୋରା ବିଦେଶୀ ମଦ, କାଠୁଆଗଣ୍ଡା ଗ୍ରାମର ଲତା ସ୍ୱାଇଁ(୬୦)ଙ୍କ ନିକଟରୁ ୧୫ ଲିଟର ଚୋରା ବିଦେଶୀ ମଦ, କରିଲୋପାଟଣା ଗ୍ରାମର ବିଳାଶ କିଶୋର ଦାସ(୨୭)ଙ୍କ ନିକଟରୁ ୧୯ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା । ସେହିପରି ଦାନପୁର ଗ୍ରାମର ନିରଞ୍ଜନ ଜେନା(୬୦)ଙ୍କ ନିକଟରୁ ୨୮ ଲିଟର ଚୋରା ବିଦେଶୀ ମଦ, ବଡନାରାୟଣ ଗ୍ରାମର ବେଣୁଧର ବେହେରା(୩୩)ଙ୍କ ନିକଟରୁ ୩୪ ଲିଟର ଚୋରା ବିଦେଶୀ ମଦ ଏବଂ ତରସା ଗ୍ରାମର ମହେଶ୍ୱର ଦଳାଇ(୩୮)ଙ୍କ ନିକଟରୁ ୧୬ ଲିଟର ଚୋରା ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା । ଉକ୍ତ ଚଢ଼ାଉରେ ସମୁଦାୟ ୨୨୨ ଲିଟର ଚୋରା ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇ ୬ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି ।

ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ରତ୍ନପ୍ରଭା ସ୍ୱାଇଁ, ରଞ୍ଜନ କୁମାର ପାତ୍ର, ତ୍ରିବେଣୀ ମହନ୍ତଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଭାବେ ସାମିଲ ହୋଇଥିଲେ।

## ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ବାଇକ ଆରୋହୀ ଗୁରୁତର, କଟକ ସ୍ଥାନାନ୍ତର

**ପଟ୍ଟାମୁଣ୍ଡାଇ, ୧୬।୯(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇରୁ ବାଇକ ଯୋଗେ ଘରକୁ ଫେରୁଥିବା ଚିତ୍ରଜିତ ଭଦ୍ର ନାମକ ଯୁବକ ପଟ୍ଟାମୁଣ୍ଡଇ ସରକାରୀ ଆଇଟିଆଇ ନିକଟରେ ଭାରସାମ୍ୟ ହରାଇ ସେଠାରେ ଥିବା ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ରାସ୍ତାକଡକୁ ଛିଡିକି ପଡିଥିଲେ । ତାଙ୍କର ବାଇକଟି ବିଲ ମଧ୍ୟରେ ଓଲଟି ପଡିଥିଲା । ଏହା ଦେଖି ସେଠାରେ ଉପସ୍ଥିତ ଥିବା ଲୋକମାନେ ଅମ୍ବୁଲାନ୍ସ ଡକାଇ ଗୁରୁତର ଆହତ ଯୁବକ ଜଣକୁ ପଟ୍ଟାମୁଣ୍ଡାଇ ସବ ଡିଭିଜନ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲେ । ମାତ୍ର ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ତାଙ୍କ ନିକଟରୁ ମିଳିଥିବା ଆଧାର କାର୍ଡରେ ଚିତ୍ରଜିତ ଭଦ୍ର ପିତା ଶ୍ରୀଚରଣ ଭଦ୍ର ଗ୍ରାମ ଗୁପ୍ତି ବୋଲି ଉଲ୍ଲେଖ ରହିଛି ।

## ଚିପଟ ନଦୀରୁ ଅଜଣା ମୃତଦେହ ଉଦ୍ଧାର



**ବାରିପଦା, ୧୬।୯ (ସଂଚାର ବ୍ୟୁରୋ):** ବାରିପଦା ସହରର ଉପକଣ୍ଠ ଚିପଟ ନଦୀର ପୋଲ ନିକଟରୁ ଆଜି ସକାଳୁ ଏକ ଅଜଣା ବ୍ୟକ୍ତି ର ମୃତଦେହ କୁ ପୋଲିସ ଉଦ୍ଧାର କରିଛି । ଆଜି ସକାଳୁ କିଛି ସ୍ଥାନୀୟ ଲୋକେ ନଦୀକୁ ଗାଧୋଇବା ପାଇଁ ଯାଇଥିବା ସମୟରେ ଏକ ମୃତଦେହ ପାଣିରେ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଭଞ୍ଜପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶ୍ରମ ବାହିନୀ ସହାୟତରେ ମୃତଦେହକୁ ପାଣିରୁ ଉଦ୍ଧାର କରି ବ୍ୟବଛେଦ ନିମନ୍ତେ ପଠାଇଛି। ମୃତକର ବୟସ ପାଖାପାଖି ୪୦ରୁ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଅଛି। ମୃତକର କୌଣସି ପରିଚୟ ମିଳିପାରିନଥିବା ବେଳେ ମୃତ୍ୟୁ କୁ ନେଇ ସନ୍ଦେହେ ପ୍ରକାଶ ପାଇଛି । ବର୍ତ୍ତମାନ ସମୟରେ ନଦୀରେ ସେପରି ବହୁତ ଅଧିକା ପାଣି ନଥିବାବେଳେ କିପରି ପାଣିରେ ବୁଡି ଉକ୍ତ ଲୋକର ମୃତ୍ୟୁ ଘଟିଛି। ମୃତକର ପରିଚୟ ପାଇଁ ଭଞ୍ଜପୁର ଥାନା ପୋଲିସ ପାଖାପାଖି ଥାନା ସହିତ ଯୋଗାଯୋଗ କରିବା ସହିତ ତଦନ୍ତ ଜାରିରଖିଅଛି ।

### ପାୱାର କ୍ଷେତ୍ରରେ ପାରାଦ୍ୱୀପ ଏଏମ୍/ଏନ୍ଏସ୍ ଇଣ୍ଡିଆର ଉତ୍କର୍ଷ

## ଜାତୀୟ ପାୱାର-ଜେନ୍ ଲିଡରସିପ୍ ଆୱାର୍ଡସ୍‌ରେ ମିଳିଲା 'ସଷ୍ଟେନେବଲ୍ ପରଫର୍ମାନ୍ସ ଆୱାର୍ଡ'




**ପାରାଦ୍ୱୀପ,୧୬।୯(ସଂଚାର ବ୍ୟୁରୋ):** ପାୱାର ଉତ୍ପାଦନ, ପରିବେଶ ସୁରକ୍ଷା ଓ ସ୍ଥାୟୀ ଉର୍ଜା ପ୍ରୟୋଗ କ୍ଷେତ୍ରରେ ଉତ୍କର୍ଷ ପାଇଁ ପାରାଦ୍ୱୀପ ଏଏମ୍/ଏନ୍ଏସ୍ ଇଣ୍ଡିଆକୁ ମିଳିଛି ପ୍ରତିଷ୍ଠିତ 'ସଷ୍ଟେନେବଲ୍ ପରଫର୍ମାନ୍ସ ଆୱାର୍ଡ'। ନୂଆଦିଲ୍ଲୀସ୍ଥିତ କାଉନସିଲ୍ ଅଫ୍ ଏନଭିରୋ ଏକ୍ସେଲେନ୍ସ ପକ୍ଷରୁ ଆୟୋଜିତ ଚତୁର୍ଥ ନ୍ୟାସନାଲ୍ ପାୱାର-ଜେନ୍ ଲିଡରସିପ୍ ଆୱାର୍ଡସ୍-୨୦୨୬ରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ପାରାଦ୍ୱୀପସ୍ଥିତ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ (ସିପିପି)କୁ '୫୦ ମେଗାୱାଟ୍‌ରୁ କମ୍ ସିପିପି କୋଇଲା ୟୁନିଟ୍' ବର୍ଗରେ ଏହି ସମ୍ମାନ ପ୍ରଦାନ କରାଯାଇଛି।

କେନ୍ଦ୍ରୀୟ ବିଦ୍ୟୁତ ନିୟାମକ କମିଶନ (ସିଇଆରସି)ର ଇଞ୍ଜିନିୟରିଂ ବିଭାଗ ଜଏଣ୍ଟ ଚିଫ୍ ଅନ୍ନାମଲାଇ ଆର୍ ଏବଂ କାଉନସିଲ୍ ଅଫ୍ ଏନଭିରୋ ଏକ୍ସେଲେନ୍ସର ଆଡଭାଇଜରି ବୋର୍ଡ ସଦସ୍ୟ ତଥା ଇୱାଇ ଏଆଇ ଓ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍‌ର ଆଡଭାଇଜର୍ ଡ. ହିମାଦ୍ରି ବାନାର୍ଜୀ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏଏମ୍/ଏନ୍ଏସ୍ ଇଣ୍ଡିଆର କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ଅପରେସନ୍ସ ବିଭାଗର ସିନିୟର୍ ମ୍ୟାନେଜର୍ ବିଜୟ କୁମାର ମହାନ୍ତ କମ୍ପାନୀ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ।

ପାରାଦ୍ୱୀପସ୍ଥିତ ଏହି କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ସମ୍ପୂର୍ଣ୍ଣ ଭାବେ ଘରୋଇ କୋଇଲାରେ ପରିଚାଳିତ ହେଉଥିବା ବେଳେ ପରିଚାଳନାଗତ ଦକ୍ଷତା, ପରିବେଶ ସୁରକ୍ଷା ଓ ସ୍ଥାୟୀ ଉର୍ଜା ପ୍ରୟୋଗ କ୍ଷେତ୍ରରେ ନିରନ୍ତର ଉତ୍କର୍ଷ ପ୍ରଦର୍ଶନ କରିଆସୁଛି।

ଏହି ସମ୍ମାନ ପାରାଦ୍ୱୀପ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ଟିମ୍‌ର ନିଷ୍ଠା, ଉତ୍ସର୍ଗୀକୃତତା ଓ ଉତ୍କର୍ଷ ପ୍ରତି ଅଙ୍ଗୀକାରବଦ୍ଧତାର ପ୍ରତିଫଳନ ବୋଲି କୁହାଯାଇଛି। କ୍ୟାପ୍ଟିଭ୍ ପାୱାର ଉତ୍ପାଦନରେ ଉତ୍କର୍ଷ ସହ ପରିବେଶ ଅନୁକୂଳ ପଦକ୍ଷେପ ପ୍ରତି ଏଏମ୍/ଏନ୍ଏସ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ଏହି ସମ୍ମାନ ଆହୁରି ସୁଦୃଢ଼ କରିଛି।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବିଜ୍ଞାନ ମେଳା



**ଗୋପ,୧୬।୯(ସଂଚାର ବ୍ୟୁରୋ):** ବୁଧବାର ଦିବା ୧୦ ଘଟିକା ସମୟରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଗୋପ ର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଉକ୍ତ ମେଳାରେ ୧୧୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ସଭାରେ ଶିକ୍ଷାବିତ୍ ଲିଙ୍ଗରାଜ ପ୍ରଧାନ ସଭାପତିତ୍ୱ କରିଥିଲେ ଭାରତୀୟ ଶିକ୍ଷା ବିକାଶ ପରିଷଦ ସଂଗଠନ ସମ୍ପାଦକ ଯଯାତିକେଶରୀ ସ୍ୱାଇଁ ମୁଖ୍ୟଅତିଥି, ବିଭୂତି ଭୂଷଣ ପଟ୍ଟନାୟକ ସମ୍ମାନିତ ଅତିଥି ଓ ଦଶ ବାଟିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ଓ ଜଗେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗୋପୀନାଥ ମୁଦୁଲି ବିଚାରକ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦକ କାଳୁରାମ ଜେନା ଓ ପ୍ରଧାନ ଆଚାର୍ଯ୍ୟ ଅନିଲ ଭୋଇ ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ମାନେ ସଭା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ପିଲାମାନଙ୍କୁ କିଛି ବୈଜ୍ଞାନିକ ମାନଙ୍କ ଉଦାହରଣ ଦେଇ ଭବିଷ୍ୟତରେ ବୈଜ୍ଞାନିକ ହେବାପାଇଁ ପ୍ରେରଣା ଦେଇଥିଲେ। ଏହି ମେଳାରେ ୧୫ ଜଣ କୃତିତ୍ୱ ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ଏବଂ ଅନ୍ୟ ଛାତ୍ରଛାତ୍ରୀ ମାନଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ବିତରଣ କରାଯାଇଥିଲା। ସଭା ଶେଷରେ ବିଷ୍ଣୁ ପ୍ରିୟା ମିଶ୍ର ଓ ବିଷ୍ଣୁ ପ୍ରିୟା ସେନାପତି ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ଅଯୋଧ୍ୟା ଧାମରେ ସମାଜସେବୀ ସୋମନାଥ ସିଂହଙ୍କ ୭୨ତମ ରକ୍ତଦାନ



**ବାରିପଦା, ୧୬।୯(ସଂଚାର ବ୍ୟୁରୋ):** "ରକ୍ତଦାନ ମହତ୍ ଦାନ" କୁ ଆପଣେଇ ଅନେକ ରକ୍ତଦାତା ଅନ୍ୟ ଜଣଙ୍କର ଜୀବନ ବଞ୍ଚାଇବାରେ ସହାୟକ ହୋଇଥାନ୍ତି। ଏହି ମହତ୍ ଉଦ୍ଦେଶ୍ୟକୁ ଜୀବନର ଏକ ଅଭିନ୍ନ ଅଂଶ କରିନେଇଥିବା ବାରିପଦାର ବିଶିଷ୍ଟ ସମାଜସେବୀ ତଥା ନିୟମିତ ରକ୍ତଦାତା ସୋମନାଥ ସିଂହ ଅଯୋଧ୍ୟା ଧାମରେ ୬୦ ବର୍ଷ ବୟସରେ ନିଜର ୭୨ତମ ରକ୍ତଦାନ କରି ପୁଣିଥରେ ମାନବସେବାର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ବିଶିଷ୍ଟ ରକ୍ତଦାତା ଡ. ନିରୋଜ କୁମାର ପୋଥାଳ ଜଣାଇଛନ୍ତି ।

ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଧାମ ଅଯୋଧ୍ୟାରେ ରାମକୃଷ୍ଣ ସେବା ଫାଉଣ୍ଡେସନ ପକ୍ଷରୁ ତିନିଦିନିଆ ରାଷ୍ଟ୍ରୀୟ ରକ୍ତଦାନ ମହୋତ୍ସବ ଆୟୋଜିତ ହୋଇଥିଲା। ଏହି ରାଷ୍ଟ୍ରୀୟ ମହୋତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟକ ନିୟମିତ ରକ୍ତଦାତା ଯୋଗଦେଇ ରକ୍ତଦାନ କରିବା ସହିତ ସମାଜରେ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ।

ସୋମନାଥ ସିଂହଙ୍କ ଏହି ମହତ୍ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ରାମକୃଷ୍ଣ ସେବା ଫାଉଣ୍ଡେସନ, ଅଯୋଧ୍ୟାର ପ୍ରତିଷ୍ଠାତା ତଥା ମୁଖ୍ୟ ଆକାଶ ଗୁପ୍ତା ତାଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ସୋମନାଥଙ୍କୁ ପ୍ରମାଣପତ୍ର, ଟ୍ରଫି ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଶ୍ରୀ ସିଂହଙ୍କ ରକ୍ତଦାନ ଯାତ୍ରା ଦୀର୍ଘଦିନ ଧରି ଜାରି ରହିଛି। ନିଜର ମୂଲ୍ୟବାନ ସମୟ ଓ ଶ୍ରମକୁ ମାନବସେବାରେ ନିୟୋଜିତ କରି ସେ ବହୁବାର ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

## ଗାମୁଛା ଲଗାଇ ଝୁଲି ପଡିଲେ ଯୁବକ

**ହିଞ୍ଜିଳିକାଟୁ, ୧୬।୯ (ସଂଚାର ବ୍ୟୁରୋ):** ହିଞ୍ଜିଳି ଥାନା କୋଳିଦାସପୁର ଗ୍ରାମରେ ଅଭାବନୀୟ ଘଟଣା ଘଟିଛି | ଫ୍ୟାନ ହୁକରେ ଗାମୁଛା ସାହାଯ୍ୟରେ ଜନୈକ ଯୁବକ ଝୁଲି ପଡିଛନ୍ତି | ମୃତ ଯୁବକ ହେଲେ ସାନ ପୁଅ ମନୋଜ ମହାରଣା (୨୫) | ମୃତ୍ୟୁର କାରଣ ସ୍ପଷ୍ଟ ନ ଥିଲେ ବି ଘରେ କେହି ନ ଥିବାର ସୁଯୋଗ ନେଇ ଏଭଳି କାଣ୍ଡ ଘଟାଇଥିବା ଜଣାପଡିଛି | ସ୍ଥାନୀୟ ଲୋକେ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ କିନ୍ତୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ | ହିଞ୍ଜିଳି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡିଛି |

■ ରକ୍ତହୀନତାର ଶିକାର ହୋଇଛନ୍ତି ଓରାଙ୍ଗଉଟାନ

## ୫ ଛୁଆଙ୍କ ମଧ୍ୟରୁ ୩ଙ୍କୁ ରକ୍ତହୀନତା



ଭୁବନେଶ୍ୱର, ୧୬।୯ (ସଂଚାର ବ୍ୟୁରୋ): ବାଲେଶ୍ୱରରୁ ଉଦ୍ଧାର ହୋଇ ନନ୍ଦନକାନନରେ ଥିବା ୫ ଛୁଆ ଓରାଙ୍ଗଉଟାନଙ୍କୁ ନେଇ ଆଜି ଆସିଛି ବଡ଼ ଅପଡେଟ୍। ୫ ଓରାଙ୍ଗଉଟାନ ଛୁଆଙ୍କ ମଧ୍ୟରୁ ୩ ଟି ଛୁଆ ରକ୍ତହୀନତାର ଶିକାର ହୋଇଛନ୍ତି। ଜଣେ ସିଭିୟର ରକ୍ତହୀନତାର ଶିକାର ହୋଇଥିବା ବେଳେ ୨ ଜଣ ସାମାନ୍ୟ ରକ୍ତ ହୀନତାର ଶିକାର ହୋଇଛନ୍ତି। ଇନ୍-ହାଉସ ହେମାଟୋଲୋଜି ପରୀକ୍ଷାରୁ ସେମାନେ ରକ୍ତହୀନତାର ଶିକାର ହୋଇଥିବା ଜଣାପଡ଼ିଛି। ତେବେ ବିଭିନ୍ନ ଲାବୋରେଟୋରୀ ପରୀକ୍ଷା ଆସିବା ଏବେ ବାକି ଅଛି। ବୈଷୟିକ କମିଟିର ପରାମର୍ଶ କ୍ରମେ ସପୋର୍ଟିଭ୍ ସପ୍ଲିମେଣ୍ଟ ଦିଆଯାଉଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଓରାଙ୍ଗଉଟାନ ଛୁଆ ଉଦ୍ଧାର ହେବାର ୨ ଦିନ ବିତି ଯାଉଥିବାବେଳେ ଏହା ପଛରେ ଥିବା ରାକେଟ ଏଯାଏଁ ଧରାପଡ଼ି ନାହାଁନ୍ତି। ଏସଟିଏଫର ତଦନ୍ତ ଜାରି ରହିଛି। ଏହା ଭିତରେ ଏସଟିଏଫର ତଦନ୍ତକୁ ନେଇ ପ୍ରଶ୍ନ ଉଠିଛି। ଏହାର ତଦନ୍ତ କେବଳ ସିସିଟିଭିରେ କଏଦ ତାର ଗାଡ଼ି ସହ ଡାଗାର ହୋଟେଲିୟର ବାପପୁଅ ମଧ୍ୟରେ ସୀମିତ ରହିଥିବା କୁହାଯାଉଛି। ସୂଚନାଯୋଗ୍ୟ, ପୂର୍ବରୁ ଓରାଙ୍ଗଉଟାନ ଛୁଆଗୁଡ଼ିକ ଗ୍ୟାସ୍ ଓ ବଦହଜମୀର ଶିକାର ହୋଇଥିଲେ। ଏମିତି ବି ଗୋଟିଏ, ଦୁଇଟି ଛୁଆଙ୍କୁ ଜ୍ୱର ହୋଇଥିଲା।

'ଦିଶା' ବୈଠକରେ ପ୍ରଗତି ଓ ଭିତ୍ତିଭୂମିର ସମୀକ୍ଷା କଲେ ଧର୍ମେନ୍ଦ୍ର

# ଦେବଗଡ଼ରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଭିତ୍ତିଭୂମି ବିକାଶକୁ ପ୍ରାଥମିକତା

■ ଶିଶୁ ଓ କିଶୋରଙ୍କ ପୋଷଣ ପାଇଁ ଆରମ୍ଭ ହେବ 'ଜନ-ଅଭିଯାନ'
■ କନକତରା-ରେଙ୍ଗାଳି ରାସ୍ତା ହେବ ଚାରି ଲେନ୍
■ ଯୋଗାଯୋଗ ଓ ଡିଜିଟାଲ୍ କନେକ୍ଟିଭିଟିରେ ଆସିବ ବଡ଼ ସୁଧାର




ଦେବଗଡ଼, ୧୬।୯ (ସଂଚାର ବ୍ୟୁରୋ): ଦେବଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଜିଲ୍ଲା ବିକାଶ ସମନ୍ୱୟ ଏବଂ ମନିଟରିଂ କମିଟି (ଦିଶା) ବୈଠକରେ ଯୋଗଦେଇ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଜିଲ୍ଲାର ପ୍ରଗତି ଓ ଭିତ୍ତିଭୂମି ବିକାଶର ସମୀକ୍ଷା କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ସହ ଜିଲ୍ଲାର ପ୍ରତ୍ୟେକ ନାଗରିକଙ୍କ ନିକଟରେ ମୌଳିକ ସୁବିଧା ପହଞ୍ଚାଇବା ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ଜିଲ୍ଲାର ନବଜାତ ଶିଶୁଙ୍କଠାରୁ ୧୮ ବର୍ଷ ବୟସର ପ୍ରାୟ ୭୫ ହଜାର ଶିଶୁ ଓ କିଶୋର-କିଶୋରୀଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ବିଶେଷ ଧ୍ୟାନ ଦିଆଯିବ। ସେମାନଙ୍କୁ ସଠିକ୍ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଜିଲ୍ଲାରେ ଏକ ବ୍ୟାପକ 'ଜନ-ଅଭିଯାନ' ଆରମ୍ଭ କରାଯିବ। ସେହିପରି କୃଷିର ଉନ୍ନତି ଓ ଜଳସେଚିତ ଜମିର ପରିମାଣ ବୃଦ୍ଧି ପାଇଁ 'ଡିଷ୍ଟ୍ରିକ୍ଟ ହାଇଡ୍ରୋଲୋଜି ମ୍ୟାପିଂ' ଓ ବିଭିନ୍ନ ଜଳସେଚନ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାର ଯୋଗାଯୋଗ ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ଭାରତ ସରକାରଙ୍କ ଏନଏଚଏଆଇ ପକ୍ଷରୁ କନକତରାରୁ ରେଙ୍ଗାଳି ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ଚାରି ଲେନ୍ କରାଯିବ। ଏହାସହ ଦେବଗଡ଼ ସହରର ବିର୍ସା ମୁଣ୍ଡା, ଆମ୍ବେଦକର ଓ ସର୍କିଟ୍ ହାଉସ୍ ଛକରେ ଦୁର୍ଘଟଣାମୁକ୍ତ ଯାତାୟାତ ପାଇଁ ଓଭରବ୍ରିଜ୍ ଓ ଭେହିକିଲ୍ ଅଣ୍ଡରପାସ୍ ନିର୍ମାଣ ନେଇ ଏନଏଚଏଆଇକୁ ଦାୟିତ୍ୱ ଦିଆଯାଇଛି। ସେହିପରି ଡିଜିଟାଲ୍ କନେକ୍ଟିଭିଟି କ୍ଷେତ୍ରରେ ବିଏସଏନଏଲର ୧୦୧ଟି ବର୍ତ୍ତମାନର ଟାୱାର ସହ ନୂତନ ୧୫ଟି ଟାୱାର ଓ ନେଟୱର୍କ ନଥିବା ଅଞ୍ଚଳଗୁଡ଼ିକ ପାଇଁ ନୂଆ ସର୍ଭେ କରି ଟାୱାର ସ୍ଥାପନ କରାଯିବ। ଏହାବ୍ୟତୀତ ବିଦ୍ୟୁତୀକରଣ, ରୋଡ୍ ସେଫ୍ଟି ଓ ତିଳେଇବଣିରୁ ବାରକୋଟ ପର୍ଯ୍ୟନ୍ତ ସର୍ଭିସ୍ ଲେନ୍ ନିର୍ମାଣ ଉପରେ ବୈଠକରେ ନିଷ୍ପତ୍ତି ନିଆଯାଇଛି।

■ ୟୁପିଆଇ ପେମେଣ୍ଟର ନୂଆ ବ୍ୟବସ୍ଥାକୁ କଂଗ୍ରେସର ବିରୋଧ

## ବିଜେପି ବେପାରୀଙ୍କ ଦଳ; ଲୋକଙ୍କଠୁ ଶୋଷିବା ଏମାନଙ୍କ କାମ: ଭକ୍ତ




ଭୁବନେଶ୍ୱର, ୧୬।୯ (ସଂଚାର ବ୍ୟୁରୋ): ୟୁନିଫାଇଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ଆଜିକାଲି ସାଧାରଣ ଲୋକଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି। ହେଲେ ଏହା ସହିତ ଜଡ଼ିତ ସାମ୍ପ୍ରତିକ ସମସ୍ୟା ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ପାଇଁ ବଡ଼ ଚିନ୍ତାର କାରଣ ସାଜିଛି। ସରକାର ପ୍ରଥମେ ନଗଦମୁକ୍ତ କାରବାରର ପ୍ରତିଶ୍ରୁତି ଦେଇ ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହନ ଦେଇଥିଲେ। କିନ୍ତୁ ଏବେ ବିଭିନ୍ନ ୱାଲେଟ୍ ଓ ପ୍ଲାଟଫର୍ମ କାରବାର ଉପରେ ଲୁକ୍କାୟିତ ଚାର୍ଜ ଓ ଅତିରିକ୍ତ ଶୁଳ୍କ ଲଗାଯାଉଥିବାରୁ ଏହା ଛୋଟ ଦୋକାନୀ, ପରିବା ବିକ୍ରେତା ଓ ସାଧାରଣ ଗ୍ରାହକଙ୍କ ଆର୍ଥିକ ବୋଝ ବଢ଼ାଇ ଦେଇଛି। ଏହାଛଡ଼ା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଇଣ୍ଟରନେଟ୍ ସେବା ଓ ବ୍ୟାଙ୍କ ସର୍ଭର ବାରମ୍ବାର ଡାଉନ୍ ରହିବା ଯୋଗୁଁ ଟଙ୍କା କଟିଯାଇ ମଧ୍ୟ କାରବାର ବିଫଳ ହେଉଛି, ଯାହାଦ୍ୱାରା ଦିନ ମଜୁରିଆ ଓ ଖୁଚୁରା ବ୍ୟବସାୟୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ସବୁଠାରୁ ମାରାତ୍ମକ ବିଷୟ ହେଉଛି ବର୍ତ୍ତମାନ ସମୟରେ ବଢ଼ି ଚାଲିଥିବା ୟୁପିଆଇ ସାଇବର ଠକେଇ ଓ ଫିସିଂ ସ୍କାମର ଶିକାର ଗ୍ରାମାଞ୍ଚଳର ଅପାଠୁଆ ଏବଂ ସରଳ ଲୋକମାନେ ହିଁ ହେଉଛନ୍ତି। ବ୍ୟାଙ୍କ କିମ୍ବା ପ୍ରଶାସନ ତରଫରୁ ତୁରନ୍ତ ସହାୟତା ବା ଅଭିଯୋଗର ସମାଧାନ ନ ମିଳିବା କାରଣରୁ ଜଣେ ସାଧାରଣ ନାଗରିକ ତାର ରକ୍ତଝାଳ ବୁହା ଧନ ହରାଇ ସମ୍ପୂର୍ଣ୍ଣ ଅସହାୟ ହୋଇପଡୁଛି। ୟୁପିଆଇ ବ୍ୟବହାର ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ଓଡ଼ିଶା ପ୍ରଭାରୀ ଲାଲଜୀ ଦେଶାଇ ଓ ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ର ସରକାରଙ୍କ ନୂଆ ୟୁପିଆଇ ବ୍ୟବସ୍ଥାକୁ ନେଇ ବର୍ଷିଛନ୍ତି। ଲାଲଜୀ ଦେଶାଇ କହିଥିଲେ ଯେ, ଗରିବ ଚାଷୀ, ଛୋଟ ଦୋକାନୀ, ପରିବା ବେପାରୀ ଆଉ ମଧ୍ୟବିତ୍ତ ଲୋକମାନେ ସରକାରଙ୍କ କଥାକୁ ବିଶ୍ୱାସ କଲେ। ପକେଟ୍‌ରୁ ନଗଦ ଟଙ୍କା ଛାଡ଼ି ସମସ୍ତେ ୟୁପିଆଇ ବ୍ୟବହାର କରିବା ଶିଖିଲେ। କିନ୍ତୁ ସାରା ଦେଶକୁ ଅଭ୍ୟାସ କରାଇ ସାରିବା ପରେ, ଏବେ ନିଜର ଅସଲ ରୂପ ଦେଖାଇଛି।

■ ମୋଦି-ଶାହ ଲୋକଙ୍କ ପକେଟମାର କରିବାରେ ବ୍ୟସ୍ତ: ଲାଲଜୀ

## ୧୧ ବର୍ଷର ନାବାଳକ ଉଦ୍ଧାର

ଘରୁ ବାଟ ଭୁଲି ଚାଲିଆସିଥିବା ସନ୍ଦେହ

ଯାଜପୁର ରୋଡ, ୧୬।୯ (ସଂଚାର ବ୍ୟୁରୋ): ପାଣିକୋଇଲି ଛକରୁ ୧୧ ବର୍ଷର ନାବାଳକକୁ ଉଦ୍ଧାର କରିଛି ପାଣିକୋଇଲି ପୁଲିସ୍। ନାବାଳକକୁ ଆଣି ଥାନାରେ ପଚରା ଉଚରା କରୁଛି। ନାବାଳକ ଜଣକ ବାଟ ଭୁଲି ବସ୍ ଯୋଗେ ଚାଲିଆସିଥିବା ବେଳେ ପାଣିକୋଇଲି ଛକରୁ ପୁଲିସ୍ ଉଦ୍ଧାର କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ନାବାଳକ ଜଣକ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଥାନା ଖଇଆଳ ଗାଁର ସିଦ୍ଧୁ ଟୁଡୁଙ୍କ ପୁଅ ସୁରଜ ଟୁଡୁ ବୋଲି ଜଣାପଡ଼ିଛି। ଛୋଟ ପିଲାଟି କେଉଁ ପରିସ୍ଥିତିରେ କାହାସହ ଏଠାକୁ ଆସିଲା ସେ ବିଷୟରେ ପିଲାଟି କହିବାକୁ ଅସମର୍ଥ ଥିବାବେଳେ ପାଣିକୋଇଲି ପୁଲିସ୍ ସୂରଜକୁ ଉଦ୍ଧାର କରି ଯାଜପୁର ବାଳାଶ୍ରମକୁ ପଠାଇଦେଇଥିବା ସୂଚନା ଦେଇଛନ୍ତି ପାଣିକୋଇଲି ଥାନା ଅଧିକାରୀ।

## କଟକ ଜିଲ୍ଲା ବିଜେଡି ପକ୍ଷରୁ ପ୍ରମିଳା ମହାନ୍ତିଙ୍କୁ ସମ୍ବର୍ଦ୍ଧନା



କଟକ, ୧୬।୯(ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ପକ୍ଷରୁ ପରିଚାଳିତ ବାୟୁ ସ୍ୱଚ୍ଛ ସର୍ବେକ୍ଷଣରେ ଓଡ଼ିଶାର ପୁରସ୍କୃତ ତିନୋଟି ୱାର୍ଡ ମଧ୍ୟରୁ କଟକ ମହାନଗର ନିଗମର ୪୩ ନମ୍ବର ୱାର୍ଡ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ତଥା କଟକ ସହର ପାଇଁ ଗୌରବ ଆଣିଥିବା ପରିପ୍ରେକ୍ଷୀରେ ଆଜି କଟକ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ୱାର୍ଡ କର୍ପୋରେଟର ଶ୍ରୀମତୀ ପ୍ରମିଳା ମହାନ୍ତିଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ସମ୍ମାନିତ କରାଯାଇଥିଲା।

ଦୀର୍ଘ ଦିନ ଧରି ୱାର୍ଡର ସ୍ୱଚ୍ଛତା, ପରିବେଶ ସୁରକ୍ଷା ଏବଂ ଜନସେବା କ୍ଷେତ୍ରରେ ଶ୍ରୀମତୀ ମହାନ୍ତି ଓ ପୂର୍ବତନ କର୍ପୋରେଟର ଅକ୍ଷୟ ବେହୁରା ନିଷ୍ଠାର ସହ କାର୍ଯ୍ୟ କରି ଆସୁଥିବାରୁ ଏହି ସଫଳତା ସମ୍ଭବ ହୋଇଥିବା ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। କଟକ ମହାନଗର ନିଗମ ପକ୍ଷରୁ ପୁରସ୍କୃତ ହେବା ପରେ ବିଜେଡିର ଜଣେ ଜନପ୍ରତିନିଧି ଭାବେ ଏହି ସୁନାମ ଅର୍ଜନ କରିଥିବାରୁ ଦଳ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ଅଧ୍ୟକ୍ଷତା କରି କହିଥିଲେ ଯେ, ୪୩ ନମ୍ବର ୱାର୍ଡର ଏହି ସଫଳତା ସମଗ୍ର କଟକ ପାଇଁ ଗର୍ବର ବିଷୟ ଏବଂ ଏହା ଅନ୍ୟ ୱାର୍ଡମାନଙ୍କ ପାଇଁ ମଧ୍ୟ ପ୍ରେରଣାଦାୟକ ହେବ। ଏହି ଅବସରରେ ବରିଷ୍ଠ କର୍ପୋରେଟର ତଥା ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ୍ତ ଖୁଣ୍ଟିଆ, ରାଜ୍ୟ ସାଧାରଣ ସମ୍ପାଦକ ଶିଶିର ପରିଜା ଓ ଚିରଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ରେୟାରଫର୍ମକୁ ବେଷ୍ଟ ୟଙ୍ଗ୍ ଡିଜାଇନ୍ ଷ୍ଟୁଡିଓ ପୁରସ୍କାର



ଭୁବନେଶ୍ୱର, ୧୬।୯ (ସଂଚାର ବ୍ୟୁରୋ): ଡିଜାଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୁବନେଶ୍ୱରସ୍ଥିତ ଅଗ୍ରଣୀ ଡିଜାଇନ୍ ସଂସ୍ଥା ରେୟାରଫର୍ମ ଷ୍ଟୁଡିଓ 'ଭାରତର ଶ୍ରେଷ୍ଠ ୟଙ୍ଗ୍ ଡିଜାଇନ୍ ଷ୍ଟୁଡିଓ ପୁରସ୍କାର- ୨୦୨୬' ହାସଲ କରିଛି। ଏହି ଜାତୀୟ ସ୍ୱୀକୃତି ଅବସରରେ ଷ୍ଟୁଡିଓ ପକ୍ଷରୁ ଭୁବନେଶ୍ୱରରେ 'ଓଡ଼ିଶାର ଡିଜାଇନ୍ ସଂସ୍କୃତିର ଭବିଷ୍ୟତ' ଶୀର୍ଷକ ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।

ଏହି ଆଲୋଚନାରେ ଓଡ଼ିଶାର ସମୃଦ୍ଧ କଳା, ହସ୍ତଶିଳ୍ପ, ସ୍ଥାପତ୍ୟ ଓ ପାରମ୍ପରିକ ସୃଜନଶୀଳତାକୁ ଆଧୁନିକ ଡିଜାଇନ୍ ସହ ଯୋଡ଼ିବା ନେଇ ମତବିନିମୟ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତା ଅଶ୍ରୁମୋଚନ ମହାନ୍ତି, ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି, ଫ୍ୟାସନ୍ ଡିଜାଇନର ସବ୍ୟସାଚୀ ଶତପଥୀ, ବଲିଉଡ୍ ଆର୍ଟିଷ୍ଟ ସୁକାନ୍ତ ପାଣିଗ୍ରାହୀ ଓ ଏନ୍‌ଆଇଏଫ୍‌ଟିର ପ୍ରଫେସର ସୁସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନାର ଦାୟିତ୍ୱ ବିଜୟ ଲକ୍ଷ୍ମୀ ପରିଜା ତୁଲାଇଥିବା ବେଳେ ମିଡିଆ ସଂଯୋଗର ଦାୟିତ୍ୱ ଚକ୍ରଧର ମାଝୀ ନେଇଥିଲେ। କାର୍ଯ୍ୟକ୍ରମରେ ରେୟାରଫର୍ମ ଷ୍ଟୁଡିଓର ସହ-ପ୍ରତିଷ୍ଠାତା ପ୍ରଶାନ୍ତ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇ ଷ୍ଟୁଡିଓର ଯାତ୍ରା ଓ ସଫଳତା ବିଷୟରେ ଆଲୋକପାତ କରିଥିଲେ। ଡିଜାଇନ୍ କେବଳ ବାହ୍ୟ ସୌନ୍ଦର୍ଯ୍ୟ ନୁହେଁ, ମୌଳିକ ଚିନ୍ତାଧାରା, କଳ୍ପନା ଓ କାହାଣୀ କହିବାର ଏକ ମାଧ୍ୟମ ବୋଲି ସେ ମତ ପ୍ରକାଶ କରିଥିଲେ। ଓଡ଼ିଶାର ପ୍ରାଚୀନ କଳା, ହସ୍ତଶିଳ୍ପ ଓ ସ୍ଥାପତ୍ୟ ଆଧୁନିକ ଡିଜାଇନ୍ ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ। ଷ୍ଟୁଡିଓର ସହ-ପ୍ରତିଷ୍ଠାତା ତଥା କ୍ରିଏଟିଭ୍ ହେଡ୍ ନୀଲ୍ ଆୟା କହିଥିଲେ ଯେ ଜାତୀୟ ପୁରସ୍କାର ଡିଜାଇନ୍ ମାଧ୍ୟମରେ କାହାଣୀ କହିବାର ସେମାନଙ୍କ ପ୍ରୟାସକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି। ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଷ୍ଟୁଡିଓର ଯାତ୍ରା ଓଡ଼ିଶାର ମାଟି ଓ ପରମ୍ପରାରୁ ପ୍ରେରଣା ନେଇ ଆଗକୁ ବଢୁଛି ବୋଲି ସେ କହିଥିଲେ। ଶେଷରେ ପ୍ରଶାନ୍ତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରି ଏହି ପୁରସ୍କାରକୁ ଏକ ନୂଆ ଅଧ୍ୟାୟର ଆରମ୍ଭ ବୋଲି ଅଭିହିତ କରିଥିଲେ। ଓଡ଼ିଶାର ସୃଜନଶୀଳତାକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ସହ ରାଜ୍ୟରେ ଏକ ଦୃଢ଼ ସୃଜନଶୀଳ ପରିବେଶ ଗଠନ କରିବା ଷ୍ଟୁଡିଓର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ସପ୍ତମ ପ୍ରତିଷ୍ଠା ଦିବସ

କେନ୍ଦ୍ରାପଡ଼ା, ୧୬।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲା ବରିଷ୍ଠ ନାଗରିକ ମଞ୍ଚର ସପ୍ତମ ପ୍ରତିଷ୍ଠା ଦିବସ ଓସ୍ତପୁର ପଞ୍ଚାୟତର ସାରଙ୍ଗଠାରେ ଥିବା ସରଗ ମିଳନ ମଣ୍ଡପରେ ସଭାପତି ବିଶିଷ୍ଟ ଆଇନଜୀବୀ ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ନାଗରିକମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରାଯିବ, ସେମାନଙ୍କ ସ୍ୱାସ୍ଥ୍ୟ ରକ୍ଷା କରିବା ପାଇଁ ବିଭିନ୍ନ ସ୍ଥାନରେ ପାର୍କ ନିର୍ମାଣ, ଚାଲିବା ପାଇଁ ପଥ ନିର୍ମାଣ, ନିୟମିତ ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ସଠିକ ସମୟରେ ଭତ୍ତା ପ୍ରଦାନ ଉପରେ ଆଲୋଚନା ହୋଇଥିଲା।

ସଂଘର ଏକ କାର୍ଯ୍ୟାଳୟ ପାଇଁ ସରକାର ଏକ ଜମି ଯୋଗାଇ ଦେବାକୁ ନିବେଦନ କରାଯାଇଥିଲା। ପ୍ରତି ମାସରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ବିଶ୍ୱପ୍ରକାଶ କାନୁନଗୋ, ସମ୍ମାନିତ ଅତିଥି ଭାବେ ଡ. ନିରଞ୍ଜନ ପରିଡ଼ା, ଡ. ଶରତ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମସ୍ୟାକୁ ପ୍ରଶାସନ ନିକଟରେ ଉପସ୍ଥାପନ କରିବେ ବୋଲି ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, କାର୍ଯ୍ୟକାରୀ ସଭାପତି ଫକୀର ଚରଣ ଖଟୁଆ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




## ୪୩ ନଂ ୱାର୍ଡର ଗଣେଶ ମଣ୍ଡପ ବୁଲିଲେ ପ୍ରଭାତ ବିଶ୍ୱାଳ



କଟକ, ୧୬।୯ (ସଂଚାର ବ୍ୟୁରୋ): କଟକ ସହରରେ ଗଣେଶ ପୂଜାକୁ ନେଇ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ବିଭିନ୍ନ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଗତ ମଙ୍ଗଳବାର ସନ୍ଧ୍ୟାରେ ୪୩ନଂ ୱାର୍ଡର କର୍ପୋରେଟର ଅରବିନ୍ଦ ଜେନାଙ୍କ ସହ ବିଭିନ୍ନ ଗଣେଶ ପୂଜାମଣ୍ଡପ ପରିଦର୍ଶନ କରିଥିଲେ। ଡଃ ବିଶ୍ୱାଳ ଦରଖାପାଟଣା, ପୃଷ୍ଟିବଗିଚା, ମେଳଣ ପଡ଼ିଆ, ଝୁଲଣ ମଣ୍ଡପ, ରାଜ ଗାର୍ଡେନ, ଆରଆଇ ଅଫିସ ଲେନ, ଅନ୍ଦରପୁର, କଲ୍ୟାଣୀନଗର ମହାବୀର ଲେନ ଆଦି ଅଞ୍ଚଳରେ ଆୟୋଜିତ ଗଣେଶ ପୂଜା ମଣ୍ଡପ ବୁଲି ଗଣେଶଙ୍କ ଦର୍ଶନ କରିବା ସହ ପୂଜା କମିଟିର ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବତନ ୱାର୍ଡ ସଭାପତି ସାରଙ୍ଗପାଣି ଷଡ଼ଙ୍ଗୀ, ଅନ୍ଦରପୁର ସାହି ଅଧୁକାରୀ ପ୍ରମୋଦ ଭୋଲଙ୍କ ସମେତ ବହୁ ୱାର୍ଡବାସୀ ଉପସ୍ଥିତ ଥିଲେ।

## କଟକରେ କଂଗ୍ରେସର ସମତା ସମାବେଶ




କଟକ, ୧୬।୯ (ସଂଚାର ବ୍ୟୁରୋ): କଟକ ବାରବାଟୀ ନିର୍ବାଚନ ମଣ୍ଡଳୀ ଦେୱାନ ବଜାର ଆମ୍ବାଡି ପଡ଼ିଆରେ ବରିଷ୍ଠ କଂଗ୍ରେସ ନେତା ତଥା ଓଡିଶା ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସମତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟ ଅତିଥି ଭାବରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗ ଦେଇ ବିଜେପି ସରକାରର ଜନମାରଣ ନୀତିକୁ କଡା ସମାଲୋଚନା କରିବା ସହ କଂଗ୍ରେସ କର୍ମୀ ଏକଜୁଟ ହୋଇ ଲୋକଙ୍କ ସ୍ୱାର୍ଥ ପାଇଁ ଲଢେଇ କରିବାକୁ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପିସିସି ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଜିଆଉଲ ହକ, କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ କଂଗ୍ରେସକୁ ମଜବୁତ କରିବାକୁ ଦୃଢୋକ୍ତି ପ୍ରକାଶ କରିଥିଲେ।

## କଂଗ୍ରେସରେ ମିଶିଲେ ପୂର୍ବତନ କର୍ପୋରେଟର ରମଜାନ




ଭୁବନେଶ୍ୱର, ୧୬।୯ (ସଂଚାର ବ୍ୟୁରୋ): ଆଜି କଂଗ୍ରେସ ଭବନଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ଏଆଇସିସି ଓଡିଶା ପ୍ରଭାରୀ ଲାଲଜୀ ଦେଶାଇଙ୍କ ଉପସ୍ଥିତିରେ କଟକର ଅନେକ ନେତୃବୃନ୍ଦ ଏକ ମିଶ୍ରଣ ସମାରୋହରେ କଂଗ୍ରେସ ଦଳରେ ଯୋଗଦାନ କରିଥିଲେ।

ଯୁବ କଂଗ୍ରେସ ନେତା ହରିଶଙ୍କର ରାଉତଙ୍କ ନେତୃତ୍ୱରେ ଆଜି କଟକ ମହାନଗର ନିଗମର ପୂର୍ବତନ କର୍ପୋରେଟର ରମଜାନ ଖାଁ ଓ ତାଙ୍କ ସହ ଶହ ଶହ ସମର୍ଥକ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି କଂଗ୍ରେସରେ ଯୋଗଦାନ କରିଛନ୍ତି।

ଏହି ଅବସରରେ ପ୍ରଭାରୀ ଶ୍ରୀ ଦେଶାଇ ଉପସ୍ଥିତ କର୍ମୀ ତଥା ଗଣମାଧ୍ୟମକୁ କହିଛନ୍ତି ଯେ, କଂଗ୍ରେସ ଶକ୍ତିଶାଳୀ ହେଉଛି, ଆଜିର କାର୍ଯ୍ୟକ୍ରମ ତାହାର ଏକ ଉଦାହରଣ। ଡବଲ ଇଞ୍ଜିନ ସରକାରଙ୍କ ଶାସନରେ ଲୋକେ ଅତିଷ୍ଠ ହୋଇ ସାରିଲେଣି। ରାହୁଲ ଗାନ୍ଧୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଯୋଗୁଁ ଆଜି ଦେଶର ପ୍ରତ୍ୟେକ ଲୋକ ତାଙ୍କ ନେତୃତ୍ୱ ଚାହୁଁଛନ୍ତି। ଯାହାଙ୍କ ନୀତି ଆଦର୍ଶ ଦେଶ ଓ ଜନତାଙ୍କ ସ୍ୱାର୍ଥ ପାଇଁ ସମର୍ପିତ ସେମାନେ କଂଗ୍ରେସରେ ଯୋଗ ଦେଉଛନ୍ତି ଏବଂ ଆଗକୁ ଅଧିକରୁ ଅଧିକ ନେତୃବୃନ୍ଦ କଂଗ୍ରେସ ଦଳରେ ସାମିଲ ହେବେ ବୋଲି ପ୍ରକାଶ କରିଥିଲେ।

ପୂର୍ବତନ କର୍ପୋରେଟର ଶ୍ରୀ ଖାନ କହିଥିଲେ ଯେ, ରାହୁଲ ଗାନ୍ଧୀଙ୍କ ଜନତାଙ୍କ ପାଇଁ ସଂଗ୍ରାମ ଓ ସଭାପତି ଶ୍ରୀ ଦାସଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ କଂଗ୍ରେସ ଦଳକୁ ମୁଁ ଫେରି ଆସିଛି। ଛାତ୍ର ଓ ଯୁବକ ଦିନରୁ ମୁଁ କଂଗ୍ରେସ ସାଥିରେ ଥିଲି କିନ୍ତୁ ପୁଣି ମୁଁ ବାହୁଡ଼ି ଆସିଛି।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



କଟକ, ୧୬।୯ ( ସଂଚାର ବ୍ୟୁରୋ): ଇମ୍ଫାର ସାମାଜିକ ଦ୍ୱାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ଆନୁକୂଲ୍ୟରେ ଚୌଦ୍ୱାର ଦୌଲତାବାଦ ସରଦାନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମଟିକୁ ଇମ୍ଫା ଚୌଦ୍ୱାର ପାୱାର ପ୍ଲାଣ୍ଟ ପରିଚାଳନା ବିଭାଗର ମୁଖ୍ୟ ଲଲାଟ କିଶୋର ମହାପାତ୍ର ଓ ଚୌଦ୍ୱାର ୧୬ ନମ୍ବର ୱାର୍ଡ ପାରିଷଦ ଅଜୟ କୁମାର ବେହେରା ଉଦଘାଟନ କରିଥିଲେ। ୧୫ ନମ୍ବର ୱାର୍ଡ ପାରିଷଦ ଦିଲ୍ଲୀପ ଭୂୟାଁ, ବିଦ୍ୟାଳୟର ସମ୍ପାଦକ ନଗେନ୍ଦ୍ର ପ୍ରସାଦ ସାହୁ, ପ୍ରଧାନଚାର୍ଯ୍ୟ ପ୍ରତାପ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଅଭିଜ୍ଞ ୫ ଜଣ ଡାକ୍ତର ଯଥା ଅସ୍ଥିଶଲ୍ୟ, ଭେଷଜ, ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତୀ ବିଭାଗର ସାହାଯ୍ୟରେ ଚୌଦ୍ୱାର ଅଞ୍ଚଳର ୩୮୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ମାଗଣା ସ୍ୱାସ୍ଥ ପରୀକ୍ଷା କରିବା ସହ ମାଗଣା ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା।

# ଭୁବନେଶ୍ୱର ବିମାନ ବନ୍ଦର - ବିଦେଶକୁ ଯାଉନାହିଁ ବିମାନ




ଭୁବନେଶ୍ୱର,୧୬।୯: ରାଜଧାନୀ ଭୁବନେଶ୍ୱରରେ ଥିବା ଓଡ଼ିଶାର ପ୍ରଥମ ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ମିଳିଥିଲେ ମଧ୍ୟ ଏବେ ଭୁବନେଶ୍ୱରରୁ ସିଧାସଳଖ ବିଦେଶକୁ କୌଣସି ବିମାନ ଚଳାଚଳ କରୁନାହିଁ । ବିଦେଶରେ ରହୁଥିବା ଓଡ଼ିଆମାନେ ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ଆନ୍ତର୍ଜାତିକ ବିମାନ ଚଳାଚଳ ପାଇଁ ବାରମ୍ବାର ଦାବି କରିଆସୁଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି ।

ଦେଶର ବିମାନ ବନ୍ଦରଗୁଡ଼ିକ ଭିତରେ ଭୁବନେଶ୍ୱର ବେଶ୍ ପୁରୁଣା । ୧୯୯୮ ମସିହାରେ ଏହି ବିମାନ ବନ୍ଦରକୁ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରାଯାଇଥିଲା ଏବଂ ୨୦୧୩ ମସିହାରେ ଏହାକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ମିଳିଥିଲା ।

କିଛିବର୍ଷ ପାଇଁ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଦୁବାଇ, ଆବୁଧାବି, ବ୍ୟାଙ୍କକ୍, ସିଙ୍ଗାପୁର, ବାଲି ପ୍ରଭୃତି ବିଦେଶ ବିମାନ ବନ୍ଦରଗୁଡ଼ିକୁ ଯାତ୍ରୀବାହୀ ବିମାନ ଯାତାୟାତ କରୁଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ବିମାନ ବନ୍ଦରରୁ ବିଦେଶକୁ ଯାତ୍ରୀବାହୀ ବିମାନ ସେବା ଗୋଟିଏ ପରେ ଗୋଟିଏ ବନ୍ଦ ହୋଇଗଲା । ଭୁବନେଶ୍ୱରରେ ଥିବା ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ବିଦେଶକୁ ଯାତ୍ରୀବାହୀ ବିମାନ ଯାତାୟାତ ବନ୍ଦ ହୋଇଯାଇଥିବାବେଳେ ଏଠାରୁ ପ୍ରାୟ ୬୦ କିଲୋମିଟର ଦୂରେ ଥିବା ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ନିର୍ମାଣ ପାଇଁ କିଛିବର୍ଷ ହେବ କସରତ ଚାଲିଛି। ଏଥିପାଇଁ ବି ପ୍ରାରମ୍ଭିକ ପର୍ଯ୍ୟାୟରେ ଜମି ଅଧିଗ୍ରହଣ ହୋଇଥିବାବେଳେ ଚିଲିକା ଓ ବଙ୍ଗୋପସାଗରର ଜଳଜୀବ ଓ ପଶୁପକ୍ଷୀଙ୍କ ଉପରେ ତା'ର କ'ଣ ପ୍ରଭାବ ପଡ଼ିବ ସେଥିଘେନି ଚୂଡ଼ାନ୍ତ ମଞ୍ଜୁରୀ ମିଳିନାହିଁ । ଏହାଛଡ଼ା ଶ୍ରୀକ୍ଷେତ୍ର ଉପର ଦେଇ ଆନ୍ତର୍ଜାତିକ ବିମାନ ଚଳାଚଳ କଲେ ଶ୍ରୀମନ୍ଦିର ଉପରେ ତା'ର କି ପ୍ରକାର ପ୍ରଭାବ ପଡ଼ିବ ତାହାର ବି ଆକଳନ କରାଯାଇ ନାହିଁ।

ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ସିଙ୍ଗାପୁର, ଦୁବାଇ ଆଦିରେ ହୋଇଥିବା ନିବେଶକ ସମ୍ମିଳନୀରେ ଆଗ୍ରହ ପ୍ରକାଶ ପାଇଥିବା କୁହାଯାଉଛି । କିନ୍ତୁ ସେଠାରୁ ଓଡ଼ିଶାକୁ ସିଧାସଳଖ ଯାତ୍ରୀବାହୀ ବିମାନ ଚଳାଚଳ କରୁନାହିଁ। ଏବେ ଭୁବନେଶ୍ୱର ବିମାନ ବନ୍ଦରରୁ ଇଣ୍ଡିଗୋ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଏୟାର ଇଣ୍ଡିଆ, ଇଣ୍ଡିଆ-୧ ଏୟାର, ଆକାଶ ଏୟାର, ଷ୍ଟାର୍ ଏୟାର ଆଦି ସଂସ୍ଥା ଯାତ୍ରୀବାହୀ ବିମାନ ଚଳାଚଳ କରାଉଛନ୍ତି । ଏଠାରୁ ଏବେ ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, କୋଲକାତା, ଚେନ୍ନାଇ, ହାଇଦ୍ରାବାଦ୍, ପୁନେ, ଅହମ୍ମଦାବାଦ୍, ଗୌହାଟୀ, ପାଟନା, ରାଞ୍ଚି, ରାୟପୁର, ଜାମସେଦପୁର, ଲକ୍ଷ୍ନୌ, ରାଜସ୍ଥାନର ଜୟପୁର, ସୁରଟ, ବାରଣାସୀ, ଆହଲ୍ଲାବାଦ୍ ଆଦି ସ୍ଥାନକୁ ବିମାନ ଚଳାଚଳ କରୁଛି । ଏହାଛଡ଼ା ରାଜ୍ୟ ଭିତରେ ଏଡ୍‌କେଲା, ଜୟପୁର, ରାଉରକେଲା, ଝାରସୁଗୁଡ଼ା ଆଦିକୁ ଯାତ୍ରୀବାହୀ ବିମାନ ଚଳାଚଳର ମଧ୍ୟ ସୁବିଧା ଅଛି ।

ବିଜୁ ପଟ୍ଟନାୟକ ଭୁବନେଶ୍ୱର ଆନ୍ତର୍ଜାତିକ ବିମାନ ବନ୍ଦରରୁ ବିଦେଶକୁ ଯାତ୍ରୀବାହୀ ବିମାନ ସେବା କାହିଁକି ବନ୍ଦ ରହିଛି ତା'ର ତର୍ଜମା କରାଯାଇ ବିଦେଶର ଯେଉଁସବୁ ରାଷ୍ଟ୍ରରେ ଅଧିକ ସଂଖ୍ୟକ ଓଡ଼ିଆ ରହୁଛନ୍ତି ଏବଂ ଓଡ଼ିଶାରେ ଯେଉଁସବୁ ରାଷ୍ଟ୍ର ପୁଞ୍ଜି ନିବେଶ ପାଇଁ ଆଗ୍ରହୀ ସେଠାକୁ କିଭଳି ଯାତ୍ରୀବାହୀ ବିମାନ ସେବା ବ୍ୟବସ୍ଥା ହେବ ସେ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି। ବିଶେଷକରି ଦୁବାଇ, ଆବୁଧାବି ଆଦିରେ କାର୍ଯ୍ୟରତ ଓଡ଼ିଆମାନେ ଅଭିଯୋଗ କରୁଛନ୍ତି ଯେ ଭୁବନେଶ୍ୱରକୁ ସେଠାରୁ ଯାତ୍ରୀବାହୀ ବିମାନ ଯାତାୟାତ ବନ୍ଦ ହେବା ଫଳରେ ଗୋଟିଏଥର ଭୁବନେଶ୍ୱରରୁ ଦୁବାଇ କିମ୍ବା ଆବୁଧାବି ଯିବା ପାଇଁ ସେମାନଙ୍କୁ କଲିକତା, ହାଇଦ୍ରାବାଦ୍, ମୁମ୍ବାଇ, ବେଙ୍ଗାଲୁରୁ, ଦିଲ୍ଲୀ ଆଦି ବାଟ ଦେଇ ଗସ୍ତ କରିବା ଫଳରେ ୧୦ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଅଧିକ ଖର୍ଚ୍ଚ କରିବାକୁ ପଡୁଛି ଏବଂ ଏଥିଲାଗି ବି ଘଣ୍ଟାଘଣ୍ଟା ସମୟ ବରବାଦ୍ ହେଉଛି । ଦେଶର ବହୁ ରାଜ୍ୟର ରାଜଧାନୀରୁ ବିଦେଶକୁ ଯାତ୍ରୀବାହୀ ବିମାନ ସେବା ଥିବାବେଳେ ଓଡ଼ିଶା କାହିଁକି ଏଥିରୁ ବାଦ୍ ପଡିଛି ବୋଲି ବି ପ୍ରଶ୍ନ ଉଠୁଛି । (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଗୁରୁବାର ୧୭ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Thursday 17 September 2026, Bhubaneswar

# ଭାରତ ପାଇଁ ଆସନ୍ନ ବିପଦ

ଜଳବାୟୁ ପରିବର୍ତ୍ତନ ଯୁଗରେ ପ୍ରକୃତିର ଏକ ଶକ୍ତିଶାଳୀ ଖେଳାଳି ପୁନର୍ବାର ମଞ୍ଚରେ ଆସିଛି- ସୁପର ଏଲ୍ ନିନୋ। ଏହା କେବଳ ଏକ ବୈଜ୍ଞାନିକ ପଦ ନୁହେଁ, ବରଂ ଭାରତର କୃଷି, ଜଳସମ୍ପଦ, ଖାଦ୍ୟ ସୁରକ୍ଷା ଏବଂ ଅର୍ଥନୀତିକୁ ଗଭୀର ଭାବେ ପ୍ରଭାବିତ କରିପାରୁଥିବା ଏକ ବିଶାଳ ଜଳବାୟୁ ଘଟଣା।

ଏଲ୍ ନିନୋ ହେଉଛି ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗରେ ସାମୁଦ୍ରିକ ପୃଷ୍ଠ ତାପମାତ୍ରାର ଅସାଧାରଣ ବୃଦ୍ଧି। ସାଧାରଣତଃ ଏହା ପ୍ରତି ୨ ରୁ ୭ ବର୍ଷରେ ଥରେ ଘଟେ ଏବଂ ୯-୧୨ ମାସ ପର୍ଯ୍ୟନ୍ତ ରହେ। ଯେତେବେଳେ ଏଲ ନିନୋ ୩.୪ ଅଞ୍ଚଳରେ ତାପମାତ୍ରା ଦୀର୍ଘକାଳୀନ ହାରାହାରି ଠାରୁ ୨ ଡିଗ୍ରୀ ସେଲ୍ସିୟସ୍ କିମ୍ବା ତା'ଠାରୁ ଅଧିକ ବୃଦ୍ଧି ପାଏ, ତାହାକୁ ବୈଜ୍ଞାନିକମାନେ ଖୁବ୍ ଶକ୍ତିଶାଳୀ ଏଲ୍ ନିନୋ ବା ସାଧାରଣ ଭାଷାରେ 'ସୁପର ଏଲ୍ ନିନୋ' କୁହନ୍ତି। ୧୯୮୨-୮୩, ୧୯୯୭-୯୮ ଏବଂ ୨୦୧୫-୧୬ ଏହି ଶ୍ରେଣୀର ବଡ଼ ଉଦାହରଣ। ଏହି ଘଟଣାଗୁଡ଼ିକ ବିଶ୍ୱବ୍ୟାପୀ ମୌସୁମୀ ପ୍ରଣାଳୀ, ବର୍ଷା ବଣ୍ଟନ ଏବଂ ତାପମାତ୍ରାକୁ ବହୁତ ପରିବର୍ତ୍ତନ କରିଥିଲା।



ଭାରତ ପାଇଁ ଏହାର ସବୁଠାରୁ ବଡ଼ ଚିନ୍ତା ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ। ଭାରତର ବାର୍ଷିକ ବର୍ଷାର ପ୍ରାୟ ୭୦ ଶତାଂଶ ଏହି ମୌସୁମୀରୁ ଆସେ। ଏଲ୍ ନିନୋ ପ୍ରଶାନ୍ତ ମହାସାଗରର ତାପମାତ୍ରା ବଢ଼ାଇ ବାୟୁମଣ୍ଡଳୀୟ ପ୍ରବାହକୁ ଦୁର୍ବଳ କରେ, ଯାହା ଫଳରେ ଭାରତ ଆଡ଼କୁ ଆସୁଥିବା ଆର୍ଦ୍ର ବାୟୁ କମିଯାଏ। ଇତିହାସ ଦେଖାଏ ଯେ ୧୯୫୦ ପରଠାରୁ ପ୍ରାୟ ୬୦ ଶତାଂଶ ଏଲ୍ ନିନୋ ବର୍ଷରେ ଭାରତରେ ସାଧାରଣଠାରୁ କମ୍ ବର୍ଷା ହୋଇଛି। ୨୦୧୫-୧୬ ସୁପର ଏଲ୍ ନିନୋ ସମୟରେ ମୌସୁମୀ ବର୍ଷା ଦୀର୍ଘକାଳୀନ ହାରାହାରିର ୮୬ ଶତାଂଶ ପାଖାପାଖି ରହିଥିଲା ଏବଂ ଅନେକ ରାଜ୍ୟରେ ଖରାପ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏହାର ସିଧାସଳଖ ପ୍ରଭାବ ପଡ଼ିବ କୃଷି ଉପରେ। ଖରିଫ୍ ଫସଲ-ଧାନ, ମକା, ତୁଲା, ସୋୟାବିନ୍, ଡାଲି ଓ ତେଲବୀଜ-ମୌସୁମୀ ଉପରେ ନିର୍ଭର କରେ। ବର୍ଷା ବିଳମ୍ବିତ ହେଲେ କିମ୍ବା ଅସମାନ ଭାବେ ବଣ୍ଟିତ ହେଲେ ବୁଣାଇ ବିଳମ୍ବ ହୁଏ, ଫସଲ ବିକାଶ ବାଧାପ୍ରାପ୍ତ ହୁଏ ଏବଂ ଉତ୍ପାଦନ କମିଯାଏ। ବିଶେଷକରି ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଉତ୍ତରପ୍ରଦେଶ ଓ ତେଲେଙ୍ଗାନା ଭଳି ଅଞ୍ଚଳରେ ଏହାର ପ୍ରଭାବ ଅଧିକ ହୋଇପାରେ। ଫଳସ୍ୱରୂପ ଖାଦ୍ୟ ମୂଲ୍ୟ ବୃଦ୍ଧି, କୃଷକଙ୍କ ଆୟ ହ୍ରାସ ଏବଂ ଗ୍ରାମୀଣ ଅର୍ଥନୀତିରେ ଚାପ ପଡ଼ିବ। ଜଳସମ୍ପଦ ଉପରେ ମଧ୍ୟ ଗମ୍ଭୀର ପ୍ରଭାବ ପଡ଼ିବ। ଜଳାଶୟ ଓ ଭୂଗର୍ଭଜଳ ପୁନଃପୂରଣ କମିବ, ଯାହା ପାନୀୟ ଜଳ ଓ ସେଚନ ପାଇଁ ସଙ୍କଟ ସୃଷ୍ଟି କରିବ। ବିଦ୍ୟୁତ୍ ଉତ୍ପାଦନରେ ଜଳବିଦ୍ୟୁତ୍ ଭାଗ କମିବ ଏବଂ ଗ୍ରୀଷ୍ମକାଳୀନ ତାପତରଙ୍ଗ ଅଧିକ ତୀବ୍ର ହୋଇପାରେ। ଏହା ସହିତ ଖାଦ୍ୟ ମୂଲ୍ୟ ସ୍ଫୀତି ରେଖାକୁ ଉପରକୁ ଠେଲି ଦେଇପାରେ, ଯାହା ସାଧାରଣ ଲୋକଙ୍କ ଉପରେ ଅତିରିକ୍ତ ଭାର ପକାଇବ।

ତେବେ ଏହା କେବଳ ଆଶଙ୍କା ନୁହେଁ। ଇତିହାସ ମଧ୍ୟ ଦେଖାଏ ଯେ ପ୍ରତ୍ୟେକ ଏଲ୍ ନିନୋ ବର୍ଷରେ ଖରାପ ମୌସୁମୀ ହୁଏ ନାହିଁ। ଭାରତୀୟ ମହାସାଗର ଡାଇପୋଲ୍ ଭଳି ଅନ୍ୟାନ୍ୟ ଜଳବାୟୁ କାରକ ମଧ୍ୟ ଭୂମିକା ନିଭାଏ। ତଥାପି ସୁପର ଏଲ୍ ନିନୋର ସମ୍ଭାବନା ରହିଥିବା ବେଳେ ସତର୍କତା ଅତ୍ୟାବଶ୍ୟକ। ସରକାର, କୃଷକ ଓ ସମାଜକୁ ଏକାଠି କାମ କରିବାକୁ ପଡ଼ିବ। ବିକଳ୍ପ ଫସଲ, ଜଳ ସଂରକ୍ଷଣ, ଡ୍ରିପ୍ ସେଚନ, ଜଳାଶୟ ପରିଚାଳନା ଏବଂ ସମୟୋପଯୋଗୀ ପୂର୍ବାନୁମାନ ବ୍ୟବସ୍ଥାକୁ ମଜବୁତ କରିବା ଦରକାର। କୃଷକଙ୍କୁ ସମୟୋପଯୋଗୀ ସୂଚନା ଓ ସହାୟତା ପହଞ୍ଚାଇବା, ଖାଦ୍ୟ ମହାଗଦାମ ମଜବୁତ କରିବା ଏବଂ ଗ୍ରାମୀଣ ନିଯୋଗ ଯୋଜନାକୁ ସକ୍ରିୟ ରଖିବା ଆବଶ୍ୟକ। ସୁପର ଏଲ୍ ନିନୋ ଏକ ସ୍ୱାଭାବିକ ଘଟଣା ହୋଇପାରେ, କିନ୍ତୁ ଏହାର ପ୍ରଭାବକୁ କମ୍ କରିବା ଆମ ହାତରେ। ସତର୍କତା, ପ୍ରସ୍ତୁତି ଓ ସମନ୍ୱିତ ପଦକ୍ଷେପ ନେଲେ ଆମେ ଏହି ଚ୍ୟାଲେଞ୍ଜକୁ ମୁକାବିଲା କରିପାରିବା। ପ୍ରକୃତିର ଏହି ସତର୍କତା ସଙ୍କେତକୁ ଗୁରୁତ୍ୱ ଦେଇ ଭାରତ ନିଜର ଖାଦ୍ୟ ସୁରକ୍ଷା ଓ ଗ୍ରାମୀଣ ଅର୍ଥନୀତିକୁ ରକ୍ଷା କରିବା ଉଚିତ।

# ବିଶ୍ୱକର୍ମା:ପୂଜା ବିଧି

ପଣ୍ଡିତ ସୋମନାଥ ଦାଶ



ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟି କର୍ତ୍ତା। ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟି କର୍ତ୍ତା। ଏଣୁ ବିଶ୍ୱକର୍ମାଙ୍କୁ ବ୍ରହ୍ମରୂପେ କଳ୍ପନା କରି ପୂଜା କରାଯାଏ। ଆଶ୍ୱିନ ମାସରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୁଏ। ଯେପରି ଧନର ଅଧିଶ୍ୱର ଗଣେଶ, ବିଦ୍ୟାର ଅଧିଶ୍ୱରୀ ସରସ୍ୱତୀ ଠିକ୍ ସେହିପରି ଶିଳ୍ପକଳା, ଯାନ୍ତ୍ରୀକ ବିଦ୍ୟାର ଅଧିକାରୀ ବିଶ୍ୱକର୍ମା ବୋଲି ବିଶ୍ୱାସ କରାଯାଏ। ଅତୀତରେ ଏ ମୂର୍ତ୍ତି ପୂଜାର ପ୍ରଚଳନ ନଥିଲା, ତେଣୁ ଘଟପୂଜା ହେଉଥିଲା। ତାଛଡ଼ା କେତେକ ସ୍ଥାନରେ ଶାଳଗ୍ରାମକୁ ପୂଜା ମଧ୍ୟ କରାଯାଉଥିଲା। ଏହି ଦିନଟି ଠିକ୍ ସରସ୍ୱତୀ ଓ ଗଣେଶପୂଜା ପରି କରାଯାଏ। ପ୍ରତ୍ୟେକ ନିଜ ନିଜର ଅୟୁଧମାନ ପୂଜାରେ ବସାଇ ଏହି ଦିନଟି ଉପବାସ ରହିବେ। ନୂତନ ବସ୍ତ୍ର ପରିଧାନ ମଧ୍ୟ କରିପାରିବେ। ମୂର୍ତ୍ତି ପୂଜା କଳକାରଖାନା ଶିଳ୍ପାୟତନଗୁଡ଼ିକରେ କରିବେ। ଅନେକ ସ୍ଥାନରେ ଏହିଦିନ ଯାତ୍ରା, ପାଲା, ଦାଶକାଠିଆ ଆଦି କରାଯାଇଥାଏ। ଭଗବାନଙ୍କର ଚତୁର୍ଭୁଜ ମୂର୍ତ୍ତି ପୂଜା ପାଇଥାଏ। ବାମ ଉପର ହାତରେ ବଟାଳି ଓ ବାମ ତଳ ହାତରେ କେଉଁ କେଉଁ ସ୍ଥାନରେ ମାର୍ତ୍ତୁଳ ବା ନିକିତି। ଦକ୍ଷିଣ ଉପରେହାତରେ ଚନ୍ଦ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବାର ଠାଣି ଦୃଷ୍ଟିଗୋଚର ହୁଏ। ବିଶ୍ୱକର୍ମାଙ୍କ ବର୍ଣ୍ଣ ଗୌରବର୍ଣ୍ଣ। ଭଗବାନ ବିଶ୍ୱକର୍ମାଙ୍କ ବାହନ କେତେକ ସ୍ଥଳରେ ହାତୀ ପୁଣି ପୁଣି କେତେକ ସ୍ଥାନରେ ହଂସ। ଦୁଇ ଚକ୍ଷୁ, ପରିଧାନ ସାଧାରଣ ଲୁଗା, ଚଦର ଓ ବକ୍ଷରେ ପଇତା ଓ ମାଳା। ଏ ପୂଜା ପଦ୍ଧତି ଠିକ୍ ଅନ୍ୟ ପୂଜାପଦ୍ଧତି ପରି। ପୂଜା କାର୍ଯ୍ୟକୁ ଅତ୍ୟନ୍ତ ନିଷ୍ଠାର ସହିତ କରିବା ଉଚିତ। ବ୍ରାହ୍ମଣଙ୍କ ପବିତ୍ର ମନ୍ତ୍ର ଭିତରେ ସମସ୍ତେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ନିରନ୍ତର ପ୍ରାର୍ଥନା କଲେ ସେ ସମସ୍ତଙ୍କର ନିବେଦନ ଶୁଣନ୍ତି।

**କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ, ମୋବାଇଲ୍:୭୦୦୮୦୦୦୮୯୮**

# ବିକାଶ, ସ୍ୱାଭିମାନ ଓ ଭାରତୀୟତାର ପ୍ରତୀକ:ନରେନ୍ଦ୍ର ମୋଦି

ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଆଜି ହେଉଛି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଜନ୍ମ ଦିବସ। ତାଙ୍କର ସାରା ଜୀବନ ଦେଶ ସେବା ଓ ସମାଜରେ ପରିବର୍ତ୍ତନ ଆଣିବା ଦିଗରେ ସମର୍ପିତ। ତେଣୁ, ତାଙ୍କର ଏହି ଜନ୍ମ ଦିବସକୁ 'ସେବା ସଂକଳ୍ପ' ଭାବେ ଏକ ମାସ ବ୍ୟାପୀ ପାଳନ କରାଯିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ କେବଳ ଜଣେ ରାଜନେତାଙ୍କ ଜୀବନର ଉତ୍ସବ ନୁହେଁ, ବରଂ ଗତ ଦଶନ୍ଧି ମଧ୍ୟରେ ଭାରତର ଆତ୍ମବିଶ୍ୱାସ, ଆକାଂକ୍ଷା ଏବଂ ବିକାଶ ଦିଗକୁ ଆକାର ଦେଇଥିବା ପରିବର୍ତ୍ତନ ଉପରେ ପ୍ରତିଫଳନ କରିବାର ଏକ ସୁଯୋଗ।

ଆଧୁନିକ ଭାରତ, ବିଶେଷ ଭାବେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଇତିହାସ ଯେତେବେଳେ ବି ଲେଖାହେବ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର କାଳଖଣ୍ଡ ବିଶେଷ ରୂପରେ ରେଖାଙ୍କିତ ହେବ। କାରଣ ଗତ ୨୦୧୪ ମସିହା ପରବର୍ତ୍ତୀ ଭାରତରେ ରାଷ୍ଟ୍ର ଗଠନ ପାଇଁ ଯେଉଁ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳୁଛି ତାହା ଦେଶକୁ ବ୍ରିଟିଶ ଶାସକଙ୍କ ଦାଉରୁ ଦେଶକୁ ମୁକ୍ତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଖାଯାଇଥିଲା। ଏହା ଅତ୍ୟୁକ୍ତି ନୁହେଁ, କାରଣ ସ୍ୱାଧୀନତାର ପ୍ରଥମ ପଚାଶ ଦଶକରେ ଅଭିବୃଦ୍ଧି ଏତେ କମ ଥିଲା ଯେ ପାଶ୍ଚାତ୍ୟ ଅର୍ଥଶାସ୍ତ୍ରୀମାନେ ଅପମାନ ସୂଚକ 'ହିନ୍ଦୁ ଅଭିବୃଦ୍ଧି' କହୁଥିଲେ। ଭାରତ ପରି ବିଶାଳ ଦେଶରେ ଅଭିବୃଦ୍ଧି କମ ରହୁଥିବାରୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ଦେଶ ମୁକୁଳିପାରି ନ ଥିଲା। କିନ୍ତୁ, ୨୦୧୪ ମସିହାରେ ଦେଶର ରାଜନୈତିକ ମାନଚିତ୍ର ଯେ ବଦଳି ଥିଲା, ତାହା ନୁହେଁ, ପ୍ରଧାନମନ୍ତ୍ରୀଙ୍କ ଦୁରଦୃଷ୍ଟି ସମ୍ପନ୍ନ ନୀତି ଦେଶର ବିକାଶକୁ ଏକ ନୂତନ ଦଶା ଓ ଦିଶା ପ୍ରଦାନ କରିଥିଲା। ଜୁଲାଇ ୨୦୧୬ ରେ ନୀତି ଆୟୋଗର ୧୫ ବର୍ଷୀୟ ଭିଜନ ଡକ୍ୟୁମେଣ୍ଟର ଉନ୍ମୋଚନ ସମୟରେ ପ୍ରଧାନମନ୍ତ୍ରୀ ତାଙ୍କର ଦୁରଦୃଷ୍ଟି ସମ୍ପନ୍ନ ନୀତିକୁ ଲୋକ ଲୋଚନକୁ ଆଣିଥିଲେ। ଏହି ନୀତି ଅନୁସାରେ ଭାରତ ଆଉ ତାଳିପକା ବିକାଶ ଦିଗରେ ଚାଲି ପାରିବ ନାହିଁ। ଦେଶକୁ ବିକଶିତ କରିବାକୁ ହେଲେ ଦେଶର ନୀତିରେ 'ରୂପାନ୍ତରିତ ପରିବର୍ତ୍ତନ'କୁ ଆଦୃତ କରିବାକୁ ହେବ ଯାହାରର ମୂଳଦୁଆ ହେଉଛି, 'ଗତି, ପାରଦର୍ଶିତା ଓ ଉତ୍ତରଦାୟିତ୍ୱତା'। ଏହି ପରିବର୍ତ୍ତିତ ନୀତି ଓ ନୂତନ ସଂକଳ୍ପ ସହିତ ଆରମ୍ଭ ହେଲା ନୂତନ ରାଷ୍ଟ୍ର ଗଠନର ମହାଯଜ୍ଞ।

ବର୍ତ୍ତମାନ ମାନନୀୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ବାର ବର୍ଷରୁ କିଛି ଅଧିକ ସମୟ ଅତିବାହିତ ହୋଇଛି। ଏହି ସମୟ ମଧ୍ୟରେ ଅନେକ ଆଭ୍ୟନ୍ତରୀଣ ତଥା ଆନ୍ତର୍ଜାତିକ ସମସ୍ୟା ଦେଶ ସମ୍ମୁଖରେ ଉପନୀତ ହୋଇଛି। ଯେପରିକି ରୁଷିଆ-ୟୁକ୍ରେନ ଯୁଦ୍ଧ, ବର୍ତ୍ତମାନ ଚାଲୁଥିବା ମଧ୍ୟପ୍ରାଚ୍ୟରେ ଯୁଦ୍ଧ। ଆଭ୍ୟନ୍ତରୀଣ କ୍ଷେତ୍ରରେ ଚଳିତ ଶତାବ୍ଦୀର ସବୁଠାରୁ ବଡ ସଙ୍କଟ କୋଭିଡ ତଥା ଦେଶ ଗତ ପଚାଶ ଦଶନ୍ଧି ଧରି ପ୍ରଭାବିତ ହୋଇଥିବା ନକ୍ସଲବାଦ ଓ ମାଓବାଦୀ ହିଂସା। କିନ୍ତୁ, ଏହି ପ୍ରତ୍ୟେକଟି ସମସ୍ୟାର ସମ୍ମୁଖୀନ ହୋଇ ଦେଶକୁ ଦୃଢ, ସ୍ଥିର ରଖି ବିକାଶର ଗତିକୁ ବଜାୟ ରଖିବା କୌଣସି ଚମତ୍କାରରୁ କମ ନୁହେଁ। ଏହାର ସଦ୍ୟତମ ପ୍ରମାଣ ହେଉଛି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ଅଭିବୃଦ୍ଧି ହାର ୭.୮ ପ୍ରତିଶତ ଥିଲା। ଯେତେବେଳେ ସମଗ୍ର ବିଶ୍ୱ ନିଜ ଅର୍ଥନୀତି ମଙ୍ଗ ସଳଖିବା ପାଇଁ ସଂଗ୍ରାମ କରୁଛନ୍ତି, ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧି ହାସଲ କରିଥିବା ବୃହତ ଅର୍ଥନୀତି ଭାବେ ଉଭା ହୋଇଛି ଯାହା କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତି ଓ ସୁପରିଚାଳନା ପାଇଁ ସମ୍ଭବ ହୋଇଅଛି।



ଏହି ଦଶ ବର୍ଷରେ ମାନନୀୟ ପ୍ରଧାନମନ୍ତ୍ରୀ 'ସବ୍କା ସାଥ, ସବ୍କା ବିକାଶ, ସବ୍କା ବିଶ୍ୱାସ ଓ ସବ୍କା ପ୍ରୟାସ' ମନ୍ତ୍ରରେ ଭାରତକୁ ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରିଣତ କରିବା ପାଇଁ ରୋଡମ୍ୟାପ ପ୍ରସ୍ତୁତ କରି ଅଗ୍ରସର ହେଉଛନ୍ତି। ଏହି ବାର ବର୍ଷରେ ମୋଦୀ ଜୀଙ୍କର ଉପଲବ୍ଧିର ତାଲିକା ବହୁତ ଲମ୍ବା। ଏହି ସଫଳତା ମଧ୍ୟରେ ୨୫ କୋଟି ଭାରତୀୟଙ୍କୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ମୁକ୍ତ କରିବା ଏକ ମାପଦଣ୍ଡ। ସ୍ୱଚ୍ଛ ଭାରତ, ଉଜ୍ଜ୍ୱଳା ଯୋଜନା, ପିଏମ କିଷାନ, ଆୟୁଷ୍ମାନ ଭାରତ, ନୂତନ ଶିକ୍ଷାନୀତି, ମେକ ଇନ ଇଣ୍ଡିଆ, ନାରୀ ଶକ୍ତି ବନ୍ଦନ ଅଧିନିୟମ, ୟୁପିଆଇ, ଜିଏସଟି, ଖେଲୋ ଇଣ୍ଡିଆ ପରି ଯୁଗାନ୍ତକାରୀ ନୀତି ଓ କାର୍ଯ୍ୟକ୍ରମ ଫଳରେ ଦେଶର ପ୍ରତ୍ୟେକ ବର୍ଗଙ୍କ ଜୀବନଶୈଳୀ ସୁଲଳିତ ଓ ସ୍ୱାଚ୍ଛନ୍ଦ୍ୟ ହୋଇପାରିଛି।

ମାନନୀୟ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଗତ ଜୁନ, ୨୦୨୪ରେ ରାଜ୍ୟରେ ଏକ ନୂତନ ସରକାର ଆସିବା ଏହି ଭୂମିକାକୁ ସାର୍ଥକ କରିବାରେ ନିଶ୍ଚିତ ଭାବେ ସହାୟକ ହେବ। ଦୀର୍ଘଦିନ ଧରି ଓଡିଶାର ପ୍ରକୃତିକ ପ୍ରାଚୁର୍ଯ୍ୟ, ଯେପରିକି ଖଣିଜ ଦ୍ରବ୍ୟ, ସୁଦୀର୍ଘ ତଟ, ପାଣି, ଜଳ, ଜଙ୍ଗଲର ସଦୁପୋଯୋଗ ହୋଇପାରି ନ ଥିଲା। ଏହି କାରଣରୁ ରାଜ୍ୟର ପ୍ରକୃତ ସାମର୍ଥ୍ୟର ସୁଫଳ ଏହାର ଜନସାଧାରଣ ପାଇ ପାରି ନ ଥିଲେ। କିନ୍ତୁ, ଗତ ଦୁଇ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ଓଡିଶାରେ ଏକ ପ୍ରକାର ଦ୍ୱିତୀୟ ଶିଳ୍ପ ବିପ୍ଳବ ଚାଲିଛି। ମାତ୍ର ଦୁଇ ବର୍ଷରେ ଓଡିଶା ପାଇଁ ୨୨ ଲକ୍ଷ କୋଟି ଟଙ୍କାରୁ ବି ଅଧିକ ନିବେଶ ସମ୍ଭାବନା ସୃଷ୍ଟି ହୋଇଛି ଯାହା ମଧ୍ୟରୁ ତିନି ଲକ୍ଷ କୋଟି ଟଙ୍କାରୁ ବି ଅଧିକ ବ୍ୟୟରେ ୧୫୪ ଗୋଟି ଶିଳ୍ପର ଉଦ୍ଘାଟନ କିମ୍ବା ଗ୍ରାଉଣ୍ଡ ବ୍ରେକିଙ୍ଗ କରାଯାଇଛି। ଆଗାମୀ ଦିନରେ ରାଜ୍ୟରେ ଅତି କମରେ ୧୭ ଲକ୍ଷ ନୂଆ ରୋଜଗାର ସୃଷ୍ଟି ହେବାକୁ ଯାଉଛି। ଏହା ସମ୍ଭବ ହୋଇଥିଲା ମୋଦୀ ଜୀଙ୍କର ଗୋଟିଏ ଆହ୍ୱାନ, 'ଓଡିଶାରେ ନିବେଶ ପାଇଁ ୟେହି ସମୟ ହୈ, ସହି ସମୟ ହୈ'।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ବିକାଶ ଦୃଷ୍ଟିକୋଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ ଏହା ବିକାଶ ଏବଂ ମର୍ଯ୍ୟାଦାକୁ ପରସ୍ପରଠାରୁ ପୃଥକ ବୋଲି ବିବେଚନା କରେ ନାହିଁ। ତାଙ୍କ ମତରେ ଦେଶର ବିକାଶର ଫଳ ସମାଜର ଶେଷ ପାହୁଚରେ ଥିବା ବ୍ୟକ୍ତି ପାଖରେ ପହଞ୍ଚି ପାରିବ।

ତେଣୁ, ପ୍ରଧାନମନ୍ତ୍ରୀ ସବୁବେଳେ ଚାରି ବର୍ଗ ବିଶେଷ ଭାବେ 'ମହିଳା, ଗରିବ, ଅନ୍ନଦାତା ଓ ଯୁବା'ଙ୍କ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ପୂର୍ବ ବ୍ୟବସ୍ଥା ଅନୁସାରେ ଏମାନେ କେବଳ ଲାଭାର୍ଥୀ ଭାବେ ପରିଗଣିତ ହେଉଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନୂତନ ଶାସନ ପଦ୍ଧତିରେ ତାଙ୍କୁ 'ବିକାଶ ଯାତ୍ରାରେ ଅଂଶୀଦାର' ଭାବେ ଗୁରୁତ୍ୱ ଦିଏ। ଏହି ଚିନ୍ତନର ପ୍ରତିଛବି ହେଉଛନ୍ତି ଦେଶର ପ୍ରଥମ ନାଗରିକ ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ଯିଏ କି ସାଧାରଣ ଜନଜାତି ପଡ଼ିବାରୁ ଯାତ୍ରା ଆରମ୍ଭ କରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ଅଳଙ୍କୃତ କରି ପଡ଼ିଛନ୍ତି। ଏକ ଆଦିବାସୀ ପରିବାରରେ ଜନ୍ମିତହୋଇ ବ୍ୟକ୍ତିଗତ ଭାବରେ ଏହି ଭାବନାକୁ ହୃଦୟଙ୍ଗମ କରେ। କେନ୍ଦୁଝରର ଏକ ଅଖ୍ୟାତ ପଲ୍ଲୀରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ପର୍ଯ୍ୟନ୍ତ ମୋର ଯାତ୍ରା ପ୍ରମାଣ କରେ ଯେ ଲୋକତନ୍ତ୍ରରେ ସର୍ବୋତ୍ତମ ସମ୍ଭାବନା ସୁଯୋଗ ସୃଷ୍ଟି କରିପାରେ।ନୂତନ ଭାରତ ଏହି ବାର୍ତ୍ତା ପ୍ରଦାନ କରେ ଯେ 'ଜନ୍ମ' ଜଣେ ବ୍ୟକ୍ତିକୁ ସୀମିତ କରେ ନାହିଁ।କଠିନ ପରିଶ୍ରମ, ସେବା, ସଚ୍ଚୋଟତା ଏବଂ ସୁଯୋଗ ସେମାନଙ୍କୁ ଅଧିକ ଦାୟିତ୍ୱରେ ପହଞ୍ଚାଇପାରେ।

ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ଦୃଷ୍ଟିକୋଣ ଏହି ବ୍ୟାପକ ଜାତୀୟ ଦୃଷ୍ଟିକୋଣର ଏକ ଅଂଶ।ଭାରତର ବିକାଶ ସେତେବେଳେ ସନ୍ତୁଳିତ ହୋଇପାରିବ ଯେତେବେଳେ ପୂର୍ବ ଭାରତ ଏହାର ପୂର୍ଣ୍ଣ ସମ୍ଭାବନାକୁ ଆଗକୁ ବଢ଼େ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଓଡ଼ିଶା ଏହି ପରିବର୍ତ୍ତନରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ।

ପ୍ରଧାନମନ୍ତ୍ରୀ ମୋଦୀ ଜୀ ଙ୍କ ନେତୃତ୍ୱର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ବିଶ୍ୱ ମହତ୍ତ୍ୱାକାଂକ୍ଷା ଏବଂ ତୃଣମୂଳ ସମ୍ବେଦନଶୀଳତାର ସନ୍ତୁଳନ।ଆଜି, ଭାରତ ବିଶ୍ୱର ପ୍ରମୁଖ ମଞ୍ଚଗୁଡ଼ିକରେ ଆତ୍ମବିଶ୍ୱାସର ସହିତ କଥା ହେଉଛି ଯାହାର ସଦ୍ୟତମ ପ୍ରମାଣ ହେଉଛି ନିକଟରେ ସମାପ୍ତ ହୋଇଥିବା ବ୍ରିକ୍ସ ୨୦୨୬ ର ଆୟୋଜନ। ଅନ୍ତର୍ଜାତୀୟ ସମ୍ପର୍କ, ଆର୍ଥିକ ସହଯୋଗ ଏବଂ ବିଶ୍ୱ ନୀତି ଆଲୋଚନାରେ ଭାରତର ଭୂମିକା ପୂର୍ବ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇଛି।କିନ୍ତୁ ଏହି ବିଶ୍ୱ ପ୍ରତିଛବି ସହିତ ସମାନ୍ତରାଳ ଭାବରେ, ପ୍ରଧାନମନ୍ତ୍ରୀ ସାଧାରଣ ନାଗରିକଙ୍କ ସହିତ ସିଧାସଳଖ ଆଲୋଚନା ମଧ୍ୟ ବଜାୟ ରଖିଛନ୍ତି।

ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ରାଜ୍ୟ ଶାସନ ପଦ୍ଧତିକୁ ବିଶେଷ ଭାବେ ପ୍ରଭାବିତ କରିଛି। ଦେଶରେ ଦ୍ରୁତ ଶିଳ୍ପାୟନ ସହିତ ସମାଜର ଆର୍ଥିକ ଓ ସାମାଜିକ ସ୍ତରରେ ଦୁର୍ବଳ ବର୍ଗଙ୍କ ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ଓ ଯୋଜନା ପ୍ରଣୟନ କରୁଛନ୍ତି। ସେଥିମଧ୍ୟରୁ ମାହିଳାଙ୍କ ପାଇଁ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, କନ୍ୟା ସୁମଙ୍ଗଳ ଯୋଜନା, ଲକ୍ଷ ପତି ଦିଦି ଯୋଜନା, ଶିକ୍ଷା ପାଇଁ ନୂଆ ଶିକ୍ଷା ନୀତି, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, କେଜି ରୁ ପିଜି ନିଃଶୁଳ୍କ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ନଦାତାଙ୍କ ପାଇଁ କୃଷକ ସମୃଦ୍ଧି ଯୋଜନା ଓ ପି ଏମ କିଷାନ ଯୋଜନା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ କଲ୍ୟାଣକାରୀ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା ରାଜ୍ୟର ଗରିବଙ୍କ ପାଇଁ ଉତ୍ସର୍ଗୀକୃତ। ସବୁଠାରୁ ଉଲ୍ଲେଖନୀୟ ବିଷୟ ଯେ ଏହି ଯୋଜନା କେବଳ ଘୋଷଣାରେ ସୀମାବଦ୍ଧ ହୋଇ ରହିନାହିଁ, ଏହା ଯେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ତାହାଙ୍କ ପାଖରେ ପହଞ୍ଚୁଛି।

ଅନେକ ସମୟରେ ବିଭିନ୍ନ ମହଲରେ ଆଲୋଚନା ହୁଏ ଯେ ଡବଲ ଇଞ୍ଜିନ ପରେ ଓଡିଶା ପାଇଲା କ'ଣ। ଏହାର ଏକ ଲମ୍ବା ତାଲିକା ଅଛି। ଶଙ୍କେପରେ କହିଲେ ଡବଲ ଇଞ୍ଜିନ ସରକାରଙ୍କ ସୁଫଳ ସ୍ୱରୂପ ଓଡ଼ିଶାକୁ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ, ୪୦ ହଜାର କୋଟି ଟଙ୍କାର ସଡ଼କ ପ୍ରକଳ୍ପ, ୨୫ ହଜାର କୋଟିର ବନ୍ଦର ପ୍ରକଳ୍ପ ଏବଂ ୨୫ ହଜାର କୋଟି ଟଙ୍କା ବ୍ୟୟରେ ଜାହାଜ ନିର୍ମାଣ ଓ ମରାମତି ପ୍ରକଳ୍ପ, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର, କୋଷ୍ଟାଲ ହାଇୱେ ଆଦି ବିଶାଳ ଭିତ୍ତିଭୂମି ଯୋଗାଇ ଦିଆଯାଇଛି।

ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜୀ କେବେ ହେଲେ କାର୍ପଣ୍ୟତା ପ୍ରଦର୍ଶନ କରି ନାହାନ୍ତି। ଯେତେବେଳେ ରାଜ୍ୟରେ ବିରୋଧୀ ଦଳ ସରକାର ଥିଲା, ସେତେବେଳେ ମଧ୍ୟ ରାଜ୍ୟର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେତେବେଳେ ଯାହା ସହାୟତା ଦାବି କରଯାଇଥିଲା, ସବୁ ଶ୍ରୀ ମୋଦୀ ଜୀ ଯୋଗାଇ ଦେଇଥିଲେ। ସେ କୋଭିଡ ମହାମାରୀ ପାଇଁ ସହାୟତା ହେଉ କି ପ୍ରକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରୀୟ ସହାୟତା ହେଉ। ଏହି ଉଦାରତା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ରାଜନେତା ଠାରୁ 'ରାଷ୍ଟ୍ରନେତା' ଭାବେ ଗଢି ତୋଳିଛି।

ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ରଗଠନ ଲକ୍ଷ୍ୟରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ହେଉଛି 'ବିକାଶ ଭି, ବିରାଶତ ଭି'। ଶ୍ରୀ ମୋଦୀ ଜୀ ଙ୍କର ନେତୃତ୍ୱ ଓ ପୃଷ୍ଠପୋଷକତାରେ ଦେଶରେ 'ସାଂସ୍କୃତିକ ରାଷ୍ଟ୍ରବାଦ'ର ଏକ ନୂତନ ସ୍ରୋତ ପ୍ରବାହିତ ହେଉଛି, ଯାହା ଆଗରୁ କେବେ ଦେଖାଯାଇ ନ ଥିଲା। ଆଜି ପ୍ରତ୍ୟେକ ଭାରତୀୟ ଆମର ହଜାର ହଜାର ବର୍ଷର ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ଅନୁସାରେ ଆମ ସରକାର ବି ଓଡିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଛନ୍ତି। ଗତ ଦୁଇ ବର୍ଷରେ ରାଜ୍ୟ ସରକାର ଓଡିଆ ଭାଷା, ସଂସ୍କୃତି, ପରମ୍ପରା, ବିଶେଷ ଭାବେ ଜଗନ୍ନାଥ ସଂସ୍କୃତିକୁ ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ପରିଚିତ କରିବା ପାଇଁ ଅନେକ କାର୍ଯ୍ୟ କରିଛନ୍ତି ଓ ଆଗକୁ ଜାରି ରହିବ।

ଭାରତ ଆଜି ଏପରି ଏକ ସମୟରେ ଅଛି ଯେତେବେଳେ ଆକାଂକ୍ଷା ଏବଂ ସମ୍ଭାବନା ଏକାଠି ଆଗକୁ ବଢୁଛି।ଓଡ଼ିଶା ଏହି ଯାତ୍ରାରେ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ଚାହୁଁଛି, କେବଳ ଏକ ଅଂଶୀଦାର ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୋର ଜନ୍ମଦିନର ଶୁଭେଚ୍ଛା କେବଳ ଆନୁଷ୍ଠାନିକ ନୁହେଁ।ତାଙ୍କ ପ୍ରତି ସବୁଠାରୁ ଅର୍ଥପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ହେବ ଏକ ବିକଶିତ, ଆତ୍ମନିର୍ଭରଶୀଳ, ଆତ୍ମବିଶ୍ୱାସୀ ଏବଂ ଅନ୍ତର୍ଭୁକ୍ତିବାଦୀ ରାଷ୍ଟ୍ର ଭାବରେ ପରିକଳ୍ପିତ ଭାରତ ଗଠନରେ ଆମର କାର୍ଯ୍ୟ ମାଧ୍ୟମରେ ଯୋଗଦାନ ଦେବା।ଓଡ଼ିଶା ଏହି ଜାତୀୟ ସଂକଳ୍ପ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ।ଏକ ବିକଶିତ ଓଡ଼ିଶାରୁ ଏକ ବିକଶିତ ଭାରତ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଆମର ସବୁଠାରୁ ସାର୍ଥକ ଇଚ୍ଛା ଏବଂ ଯଥାର୍ଥ ପ୍ରତିବଦ୍ଧତା।

# ସେବାରୁ ସଂକଳ୍ପ, ସଂକଳ୍ପରୁ ସଶକ୍ତ ଭାରତ



ପ୍ରଭାକର ସାହୁ

ସେବା ହେଉଛି ଭାରତୀୟ ସଂସ୍କୃତିର ଏକ ମୌଳିକ ମୂଲ୍ୟବୋଧ। 'ନର ସେବା ହିଁ ନାରାୟଣ ସେବା'ର ଭାବନା ଭାରତୀୟ ସାମାଜିକ ଜୀବନକୁ ଯୁଗ ଯୁଗ ଧରି ପ୍ରେରଣା ଦେଇଆସିଛି। ଜଣେ ବ୍ୟକ୍ତିଙ୍କ ସେବାର ସଂକଳ୍ପ ଯେତେବେଳେ ଏକ ସାମୂହିକ ଆନ୍ଦୋଳନର ରୂପ ନିଏ, ସେତେବେଳେ ତାହା ସମାଜ ପରିବର୍ତ୍ତନର ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଯାଏ। ଏହି ଚିନ୍ତାଧାରାକୁ ଜନମାନସରେ ଆହୁରି ଗଭୀର କରିବା ଉଦ୍ଦେଶ୍ୟରେ ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆୟୋଜନ କରାଯାଉଛି। ଓଡ଼ିଶାରେ ମଧ ଏହି ଅଭିଯାନକୁ ଜନସେବା, ଜନକଲ୍ୟାଣ ଓ ସାମାଜିକ ଦାୟିତ୍ୱର ଏକ ବ୍ୟାପକ ଅଭିଯାନ ଭାବେ ଆଗେଇ ନିଆଯିବ। ଏହି ଅଭିଯାନର ଅବସର ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନର ୨୫ ବର୍ଷର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରା। ୨୫ ବର୍ଷର ଏହି ଯାତ୍ରାକୁ କେବଳ ଏକ ବ୍ୟକ୍ତିଗତ ସଫଳତାର ଯାତ୍ରା ଭାବେ ନୁହେଁ, ବରଂ ଜନସେବା ଓ ରାଷ୍ଟ୍ର ନିର୍ମାଣ ପ୍ରତି ନିରନ୍ତର ସମର୍ପଣର ଏକ ଦୀର୍ଘ ଅଧ୍ୟାୟ ଭାବେ ସ୍ମରଣ କରାଯାଉଛି। 'ସେବାରୁ ସଂକଳ୍ପ ଏବଂ ସଂକଳ୍ପରୁ ସଶକ୍ତ ଭାରତ'ର ଭାବନା ଏହି ଅଭିଯାନର ମୂଳ ପ୍ରେରଣା।

ସେପ୍ଟେମ୍ବର ୧୭ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନଠାରୁ ଏହି ଅଭିଯାନର ଶୁଭାରମ୍ଭ ହେବ। ଏହି ଦିନ ସନ୍ଧ୍ୟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘରେ ଘରେ ଦୀପ ପ୍ରଜ୍ୱଳନ ସହ 'ବିକଶିତ ଭାରତ' ପାଇଁ ସଂକଳ୍ପ ନିଆଯିବ। ଏହା କେବଳ ଏକ ପ୍ରତୀକାତ୍ମକ କାର୍ଯ୍ୟକ୍ରମ ନୁହେଁ; ଦେଶ ଓ ସମାଜ ପ୍ରତି ନିଜର ଦାୟିତ୍ୱକୁ ପୁନର୍ବାର ସ୍ମରଣ କରିବାର ଏକ ସୁଯୋଗ ଭାବେ ଏହାକୁ ଦେଖାଯାଉଛି। ମାସବ୍ୟାପୀ ଏହି ଅଭିଯାନର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ଜନଭାଗିଦାରୀ। ସମାଜର ବିଭିନ୍ନ ବର୍ଗଙ୍କୁ ସାମିଲ କରି ଜନକଲ୍ୟାଣ, ସାମାଜିକ ସେବା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବ। ରକ୍ତଦାନ ଶିବିର ପରି କାର୍ଯ୍ୟକ୍ରମ ମାଧମରେ ଯୁବପିଢ଼ି ଓ ସାଧାରଣ ଲୋକଙ୍କୁ ସ୍ୱେଚ୍ଛାସେବାରେ ସାମିଲ କରାଯିବ। ରାଜ୍ୟ, ଜିଲ୍ଲା ଓ ବ୍ଲକ୍ ସ୍ତରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ହେବ।

ଏହି ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଭାଷଣ, ଚିତ୍ରାଙ୍କନ ଓ ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜନ କରାଯିବ। ରାଷ୍ଟ୍ର ନିର୍ମାଣ, ବିକଶିତ ଭାରତର ସ୍ୱପ୍ନ ଓ ଜନସେବାର ମହତ୍ତ୍ୱ ଉପରେ ଛାତ୍ରଛାତ୍ରୀଙ୍କ ଚିନ୍ତନ ଓ ସୃଜନଶୀଳତାକୁ ଏହି କାର୍ଯ୍ୟକ୍ରମ ମାଧମରେ ପ୍ରୋତ୍ସାହିତ କରାଯିବ। ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ସମ୍ମାନ ପ୍ରଦାନ କରାଯିବ। ସେବା ସଂକଳ୍ପର ଅର୍ଥ କେବଳ ସେବାମୂଳକ କାର୍ଯ୍ୟକ୍ରମରେ ସୀମିତ ନୁହେଁ। ଏହା ସମାଜର ଆବଶ୍ୟକତା ବୁଝିବା, ଲୋକଙ୍କ ସମସ୍ୟା ଶୁଣିବା ଏବଂ ସମାଧାନ ପାଇଁ ସାମୂହିକ ଭାବେ ଆଗେଇ ଆସିବାର ଏକ ଚେତନା। ତେଣୁ ଅଭିଯାନରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ଲାଭ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ଯୋଗ୍ୟ ହିତାଧିକାରୀଙ୍କୁ ସଚେତନ କରିବା ଉପରେ ମଧ ଗୁରୁତ୍ୱ ଦିଆଯିବ। କୃଷକ, ମହିଳା, ଯୁବକ-ଯୁବତୀ, ଗରିବ ଓ ବଞ୍ଚିତ ବର୍ଗଙ୍କ କଲ୍ୟାଣକୁ ଅଭିଯାନର ପ୍ରମୁଖ କେନ୍ଦ୍ରରେ ରଖାଯାଇଛି। ଲୋକଙ୍କ ଜୀବନରେ ସରକାରୀ ଯୋଜନା କିପରି ପରିବର୍ତ୍ତନ ଆଣିଛି, ସେ ସମ୍ପର୍କରେ ହିତାଧିକାରୀଙ୍କ ଅନୁଭୂତିକୁ ମଧ ଲୋକଙ୍କ ସମ୍ମୁଖରେ ଆଣିବାର ପ୍ରୟାସ ହେବ। 'କାହାଣୀ ପରିବର୍ତ୍ତନର' ଭଳି ଧାରଣା ମାଧମରେ ବିକାଶର ପ୍ରଭାବକୁ ଲୋକଙ୍କ ନିଜସ୍ୱ ଅନୁଭବ ସହ ଯୋଡ଼ାଯିବ। ଏହା ଦ୍ୱାରା ଯୋଜନା କେବଳ ସରକାରୀ ଘୋଷଣା ନ ହୋଇ, ଜନଜୀବନରେ ଆଣୁଥିବା ପରିବର୍ତ୍ତନର ଏକ ବାସ୍ତବ ଚିତ୍ର ପ୍ରକାଶ ପାଇବ। ଗ୍ରାମାଞ୍ଚଳରୁ ସହର, ପଞ୍ଚାୟତରୁ ବୁଥ୍ ସ୍ତର ପର୍ଯ୍ୟନ୍ତ ଏହି ଅଭିଯାନକୁ ପହଞ୍ଚାଇବାର ଲକ୍ଷ୍ୟ ରହିଛି। ଅଙ୍ଗନବାଡ଼ି କେନ୍ଦ୍ରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନୀୟ ସ୍ତରରେ କାହାଣୀ କଥନ, ରାସ୍ତା ନାଟକ ଓ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧମରେ ଅଭିଯାନର ବାର୍ତ୍ତା ଲୋକଙ୍କ ନିକଟକୁ ନିଆଯିବ। 'ନମୋ ସେବା ଗାଥା' ପରି କାର୍ଯ୍ୟକ୍ରମରେ ଜନସେବା ଓ ବିକାଶର ବିଭିନ୍ନ ପ୍ରସଙ୍ଗକୁ ଜନସାଧାରଣଙ୍କ ସମ୍ମୁଖରେ ରଖାଯିବ।

ଅଭିଯାନର ଆଉ ଏକ ଆକର୍ଷଣୀୟ ପ୍ରୟାସ ହେବ 'ସେବା ଜ୍ୟୋତି ଯାତ୍ରା'। ବିଭିନ୍ନ ଜିଲ୍ଲା ଦେଇ ଏହି ଯାତ୍ରା ଜନସେବାର ବାର୍ତ୍ତାକୁ ଆହୁରି ବ୍ୟାପକ କରିବ। ଏହା ସହିତ ଯୁବକ, ଷ୍ଟାର୍ଟଅପ୍, ପେସାଦାର ଓ ଡିଜିଟାଲ୍ କ୍ରିଏଟରମାନଙ୍କୁ ମଧ ସୃଜନଶୀଳତା, ନବସୃଜନ ଓ ସଚେତନତାମୂଳକ କାର୍ଯ୍ୟରେ ଯୋଡ଼ିବାର ପ୍ରୟାସ ହେବ। ଏହା ଅଭିଯାନକୁ ନୂଆ ପିଢ଼ିର ଚିନ୍ତାଧାରା ଓ ଡିଜିଟାଲ୍ ମାଧମ ସହ ସଂଯୋଗ କରିବ। ବାସ୍ତବରେ, ଏକ ବିକଶିତ ଭାରତ ଗଠନ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ। ଏଥିପାଇଁ ପ୍ରତ୍ୟେକ ନାଗରିକଙ୍କ ସହଯୋଗ, ସହଭାଗିତା ଓ ଦାୟିତ୍ୱବୋଧ ଆବଶ୍ୟକ। 'ସେବା ସଂକଳ୍ପ' ଏହି ନାଗରିକ ଦାୟିତ୍ୱବୋଧକୁ ଜାଗ୍ରତ କରିବାର ଏକ ଅବସର। ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା, ପରିବେଶ ସୁରକ୍ଷା କରିବା, ରକ୍ତଦାନ କରିବା, ଅସହାୟଙ୍କୁ ସହଯୋଗ କରିବା, ଯୋଗ୍ୟ ବ୍ୟକ୍ତିଙ୍କୁ ସରକାରୀ ସୁବିଧା ସମ୍ପର୍କରେ ଜଣାଇବା ଏଭଳି ଛୋଟ ଛୋଟ ପଦକ୍ଷେପ ମିଶି ଏକ ବଡ଼ ସାମାଜିକ ପରିବର୍ତ୍ତନର ଭିତ୍ତି ଗଢ଼ିପାରେ। ଓଡ଼ିଶାର ପରମ୍ପରାରେ ମଧ ସେବା ଓ ସମାଜ କଲ୍ୟାଣର ଭାବନା ଅତ୍ୟନ୍ତ ଗଭୀର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମିରେ ସେବା, ସମାନତା ଓ ସମାଜ ପ୍ରତି ଦାୟିତ୍ୱର ବାର୍ତ୍ତା ସଦା ସମ୍ମାନିତ। ତେଣୁ ଓଡ଼ିଶାରେ 'ସେବା ସଂକଳ୍ପ'ର ଭାବନାକୁ ଏକ ଜନଆନ୍ଦୋଳନର ରୂପ ଦେବାର ବ୍ୟାପକ ସମ୍ଭାବନା ରହିଛି। ଏହି ମାସବ୍ୟାପୀ ଅଭିଯାନର ସମାପନ ଅକ୍ଟୋବର ୧୭ରେ 'ଜନସେବକ ମହାକୁମ୍ଭ' ମାଧମରେ କରାଯିବ। ଏଥିରେ ପଞ୍ଚାୟତରୁ ସଂସଦ ପର୍ଯ୍ୟନ୍ତ ପ୍ରାୟ ୧.୨୫ ଲକ୍ଷ ଜନପ୍ରତିନିଧିଙ୍କ ସମାଗମ ହେବାର ଯୋଜନା ରହିଛି। ଏହି ଅବସରରେ 'ବନ୍ଦେ ମାତରମ୍'ର ସମସ୍ତ ଛଅଟି ପଦ ସାମୂହିକ ଭାବେ ଗାନ କରାଯିବାର କାର୍ଯ୍ୟକ୍ରମ ରହିଛି।

ତେବେ ଏହି ଅଭିଯାନର ସଫଳତା କେବଳ ଏହାର ଉଦ୍‌ଘାଟନ କିମ୍ବା ସମାପନ ସମାରୋହରେ ନିର୍ଭର କରେ ନାହିଁ। ଏହାର ପ୍ରକୃତ ସଫଳତା ନିର୍ଭର କରିବ ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ 'ସେବା'କୁ ଏକ ଅଭ୍ୟାସ ଏବଂ 'ସଂକଳ୍ପ'କୁ ଏକ ଦାୟିତ୍ୱରେ ପରିଣତ କରିବା ଉପରେ। ଏକ ମାସର ଅଭିଯାନ ଯଦି ବର୍ଷସାରାର ଜନସେବାର ପ୍ରେରଣା ସୃଷ୍ଟି କରିପାରେ, ତେବେ ତାହାର ପ୍ରଭାବ ଅନେକ ଦୂର ପର୍ଯ୍ୟନ୍ତ ଅନୁଭୂତ ହେବ। 'ସେବା ସଂକଳ୍ପ' ତେଣୁ କେବଳ ଏକ ମାସର କାର୍ଯ୍ୟକ୍ରମ ନୁହେଁ; ଏହା ଜନସେବାକୁ ଜନଭାଗିଦାରୀ ସହ ଯୋଡ଼ିବାର ଏକ ପ୍ରୟାସ। ସେବାର ଭାବନାରୁ ସଂକଳ୍ପ, ସଂକଳ୍ପରୁ କାର୍ଯ୍ୟ ଏବଂ କାର୍ଯ୍ୟରୁ ପରିବର୍ତ୍ତନ-ଏହି ଯାତ୍ରା ହିଁ ଏକ ସଶକ୍ତ, ସମାବେଶୀ ଓ ବିକଶିତ ଭାରତର ପଥକୁ ଆହୁରି ସୁଦୃଢ଼ କରିପାରିବ। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ସେହି ସାମୂହିକ ସଂକଳ୍ପର ଏକ ଉଜ୍ଜ୍ୱଳ ପ୍ରତୀକ ହୋଇପାରେ।

ମୋବାଇଲ: ୯୪୩୯୬୫୪୨୨୨

# ଭାରତ-ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ସଂସଦର ଅନୁମୋଦନ

- ସପକ୍ଷରେ ମିଳିଲା ୯୩ ଭୋଟ୍
- ୧୪୦ କୋଟି ଗ୍ରାହକଙ୍କ ବଜାର ପାଇଲା ନ୍ୟୁଜିଲ୍ୟାଣ୍ଡ



ୱେଲିଂଟନ୍, ୧୬।୯: ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ନ୍ୟୁଜିଲ୍ୟାଣ୍ଡ ସଂସଦରେ ଅନୁମୋଦନ କରାଯାଇଛି। ଭାରତ ସହିତ ଚୁକ୍ତିନାମା ସପକ୍ଷରେ ୯୩ ଭୋଟ୍ ପଡ଼ିଥିବାବେଳେ ଏହା ବିରୋଧରେ ୨୯ ଭୋଟ୍ ଦିଆଯାଇଥିଲା। ଏହି ସୂଚନା ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟଡ୍ ମ୍ୟାକଲେ ଦେଇଛନ୍ତି। ମ୍ୟାକଲେ କହିଛନ୍ତି ଯେ, ଚୁକ୍ତିନାମା ଏବଂ ଏଥିରୁ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆର୍ଥିକ ଲାଭ ପାଇଁ ସଂସଦର ଦୃଢ଼ ସମର୍ଥନ ମିଳିଛି। ଏହା ସହିତ ନ୍ୟୁଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଏହା ଉପରେ ଖୁସି ପ୍ରକାଶ କରିଛନ୍ତି। ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ସୋସିଆଲ ମିଡ଼ିଆ ଏକ୍ସରେ ପୋଷ୍ଟ କରି କହିଛନ୍ତି, ଲୋକେ ମୋତେ କହିଥିଲେ ଯେ ଭାରତ ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ସମ୍ଭବ ନୁହେଁ। କିନ୍ତୁ ଆଜି ସେହି ଚୁକ୍ତିକୁ ସଂସଦରେ ବହୁମତ ମିଳିଛି। ଏହା ଏବେ ସତରେ ପରିଣତ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ନ୍ୟୁଜିଲ୍ୟାଣ୍ଡବାସୀଙ୍କ ପାଇଁ ଅଧିକ ନିଯୁକ୍ତି ଓ ଉତ୍ତମ ଆୟ ସୃଷ୍ଟି କରିବ। ଏହାର ଅର୍ଥ ହେଉଛି ୧୪୦ କୋଟି ଭାରତୀୟ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଦ୍ୱାରା ଭାରତରେ ଅଧିକ ନ୍ୟୁଜିଲ୍ୟାଣ୍ଡ ଉତ୍ପାଦ ବିକ୍ରି ହୋଇପାରିବ। ମ୍ୟାକଲେଙ୍କ ଅନୁଯାୟୀ, ଯେତେବେଳେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା କାର୍ଯ୍ୟକାରୀ ହେବ, ସେତେବେଳେ ଭାରତରେ ନ୍ୟୁଜିଲ୍ୟାଣ୍ଡର ରପ୍ତାନିର ୫୭ ପ୍ରତିଶତ ଶୁଳ୍କମୁକ୍ତ ହେବ। ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ ୯୫ ପ୍ରତିଶତ ରପ୍ତାନି ଉପରେ ଶୁଳ୍କ ଉଚ୍ଛେଦ କରାଯିବ। କେବଳ କିୱିଫ୍ରୁଟ୍ ଶିଳ୍ପ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୧୨୫ ନିୟୁତ ନ୍ୟୁଜିଲ୍ୟାଣ୍ଡ ଡଲାରର ଶୁଳ୍କ ସଞ୍ଚୟ କରିବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା ଦ୍ରୁତ ସୀମା କ୍ଲିୟରାନ୍ସ ଏବଂ ଭାରତର ବର୍ଦ୍ଧିତ ମଧ୍ୟବିତ୍ତ ବର୍ଗକୁ ଉତ୍ତମ ପ୍ରବେଶ ପ୍ରଦାନ କରିବ। ଖାଦ୍ୟ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ପର୍ଯ୍ୟଟନ, ବୃତ୍ତିଗତ ସେବା ଏବଂ ଅନ୍ୟାନ୍ୟ ଉତ୍ପାଦର ଚାହିଦା ବୃଦ୍ଧି କରୁଛି।

ଭାରତ-ନ୍ୟୁଜିଲ୍ୟାଣ୍ଡ ଆଲୋଚନା ମାର୍ଚ୍ଚ ୨୦୨୫ରେ ଘୋଷଣା କରାଯାଇଥିଲା ଏବଂ ସରକାର ଆଶା କରୁଛନ୍ତି ଯେ, ଏହି ବର୍ଷ ଶେଷ ସୁଦ୍ଧା ଚୁକ୍ତିନାମା କାର୍ଯ୍ୟକାରୀ ହେବ। ସେ କହିଛନ୍ତି ଯେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନ୍ୟୁଜିଲାଣ୍ଡ ରପ୍ତାନିକାରୀମାନଙ୍କୁ ସେମାନଙ୍କର ବ୍ୟବସାୟିକ ସମ୍ପର୍କ ବିସ୍ତାର କରିବାରେ ସାହାଯ୍ୟ କରିବ ଏବଂ ୨୦୩୦ ସୁଦ୍ଧା ବାଣିଜ୍ୟ ଦ୍ୱିଗୁଣିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟକୁ ସୁଦୃଢ଼ କରିବ। ଉଭୟ ଦେଶ ସେମାନଙ୍କର ଅନୁମୋଦନ ପ୍ରକ୍ରିୟା ସମାପ୍ତ କରିବା ପରେ ଏହି ଚୁକ୍ତିନାମା କାର୍ଯ୍ୟକାରୀ ହେବ।

# ମୁଁ ଏବେ ଅବସର ନେଉନି: ଅମିତାଭ୍ ବଚ୍ଚନ



ମୁମ୍ବାଇ, ୧୬।୯: ବିଗ ବି ଅମିତାଭ ବଚ୍ଚନଙ୍କ ଅବସର ନେଇ ଚର୍ଚ୍ଚା ହେଉଥିବା ବେଳେ ଅମିତାଭ ବଚ୍ଚନ ତାହାର ସ୍ପଷ୍ଟୀକରଣ ଦେଇଛନ୍ତି। ଅମିତାଭ କହିଛନ୍ତି, ମୁଁ ବ୍ଲଗରେ ଲେଖିଥିଲି 'ବହୁତ ଡେରି ହୋଇଗଲାଣି। ଏବେ ରିଟାୟର୍' ହେବାର ସମୟ। ଏହାର ଅର୍ଥ ଏବେ କାମ ବନ୍ଦକରି ଶୋଇବାକୁ ଯିବାର ସମୟ। ମୁଁ ଏକଥା ବି ସ୍ପଷ୍ଟ କରିଥିଲି, ମୁଁ କାମରୁ ଅବସର ନେଉନାହିଁ। ଇଂରାଜୀରେ ଏହି ବାକ୍ୟାଂଶର ସରଳ ଅର୍ଥ ଥିଲା ଯେ ମୁଁ ଶୋଇବାକୁ ଯାଉଛି।' ଚଳଚ୍ଚିତ୍ର ସେଟ ହେଉ କିମ୍ବା ସୋସିଆଲ ମିଡିଆ ଦୁନିଆ, ହିନ୍ଦୀ ସିନେମାର ମେଗାଷ୍ଟାର ଅଭିନେତା ଅମିତାଭ ବଚ୍ଚନଙ୍କ ଉତ୍ସାହ ଓ ସକ୍ରିୟ ଅଂଶଗ୍ରହଣ ସବୁଠାରୁ କମ ବୟସର କଳାକାରମାନଙ୍କୁ ମଧ୍ୟ ଟକ୍କର ଦେଇଥାଏ। ସେ ଏକ୍ସ, ଇନଷ୍ଟାଗ୍ରାମ ଓ ଫେସବୁକ ଭଳି ପ୍ଲାଟଫର୍ମରେ ସକ୍ରିୟ ରୁହନ୍ତି ଏବଂ ନିୟମିତ ଭାବେ ନିଜ ପ୍ରଶଂସକଙ୍କ ପାଇଁ ବ୍ଲଗ ମଧ୍ୟ ଲେଖନ୍ତି। ତାଙ୍କର ଆଗାମୀ ପ୍ରୋଜେକ୍ଟ ବିଷୟରେ କହିବାକୁ ଗଲେ, ଅମିତାଭ ବଚ୍ଚନ 'କଲ୍‌କି ୨୮୯୮ ଏଡି' ଚଳଚ୍ଚିତ୍ରର ଏକ ଅଂଶ ଅଟନ୍ତି। ପ୍ରଶଂସକମାନେ ନିର୍ଦ୍ଦେଶକ ନାଗ ଅଶ୍ୱିନଙ୍କ 'କଲ୍‌କି ୨' କୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଏହି ଚଳଚ୍ଚିତ୍ରରେ 'ବିଗ ବି' ଅଶ୍ୱତ୍ଥାମା ଭୂମିକାରେ ଅଭିନୟ କରୁଛନ୍ତି, ଯେଉଁ ଚରିତ୍ରଟି ପ୍ରଥମ ଭାଗରେ ବେଶ ପ୍ରଶଂସିତ ହୋଇଥିଲା। ଏହା ବ୍ୟତୀତ ସେ ବର୍ତ୍ତମାନ କୁଇଜ ଶୋ 'କୌନ ବନେଗା କରୋଡ଼ପତି'ର ୧୮ତମ ସିଜିନର ସଞ୍ଚାଳନ କରୁଛନ୍ତି।

## ଆଦାନୀ ହରାଇଲେ ଏସିଆର ବଡ଼ ଧନୀ ମୁକୁଟ



ନୂଆଦିଲ୍ଲୀ, ୧୬।୯: ଚୀନ୍‌ର ପ୍ରଯୁକ୍ତି କମ୍ପାନି ବାଇଟ୍‌ଡ୍ୟାନ୍ସର ପ୍ରତିଷ୍ଠାତା ଝାଙ୍ଗ ୟିମିଙ୍ଗ ଏସିଆର ସବୁଠୁ ଧନୀ ବ୍ୟକ୍ତି ଭାବେ ଉଭା ହୋଇଛନ୍ତି। ସେ ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କୁ ପଛରେ ପକାଇ ଏହି ସ୍ଥାନ ହାସଲ କରିଛନ୍ତି। ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସ ଅନୁସାରେ ଝାଙ୍ଗଙ୍କ ସମ୍ପତ୍ତି ଏବେ ୧୦୫ ବିଲିୟନ ଡଲାରରୁ ଅଧିକ ରହିଛି। ୪୩ ବର୍ଷୀୟ ଝାଙ୍ଗ ବାଇଟ୍‌ଡ୍ୟାନ୍ସର ସହ-ପ୍ରତିଷ୍ଠାତା। ଏହି କମ୍ପାନି ଲୋକପ୍ରିୟ ସ୍ୱଳ୍ପ ଭିଡିଓ ପ୍ଲାଟଫର୍ମ 'ଟିକ୍‌ଟକ୍' ବିକାଶ କରିଥିବା ସଂସ୍ଥା। କମ୍ପାନିର ବଜାର ମୂଲ୍ୟ ବୃଦ୍ଧି ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ଯୋଗୁଁ ଝାଙ୍ଗଙ୍କ ସମ୍ପତ୍ତିରେ ବ୍ୟାପକ ବୃଦ୍ଧି ଘଟିଛି। ବ୍ଲୁମ୍‌ବର୍ଗ ୨୦୧୯ ମାର୍ଚ୍ଚରୁ ଝାଙ୍ଗଙ୍କ ସମ୍ପତ୍ତିର ହିସାବ ରଖିବା ଆରମ୍ଭ କରିଥିଲା। ସେତେବେଳେ ତାଙ୍କ ସମ୍ପତ୍ତି ପ୍ରାୟ ୧୩ ବିଲିଅନ ଡଲାର ଥିଲା।

### ୧୦୦ କୋଟି ଟଙ୍କା ଦୁର୍ନୀତି ମାମଲା

## ଡିଏମକେ ନେତାଙ୍କ ଘରେ ଚଢ଼ାଉ



ଚେନ୍ନାଇ, ୧୬।୯: ଘରୋଇ ସ୍କୁଲ ସମ୍ପର୍କିତ ୧୦୦ କୋଟି ଟଙ୍କା ଦୁର୍ନୀତି ମାମଲାରେ କେନ୍ଦ୍ରୀୟ କ୍ରାଇମ୍ ବ୍ରାଞ୍ଚ (ସିସିବି) ବୁଧବାର ସକାଳେ ତାମିଲନାଡୁର ପୂର୍ବତନ ଶିକ୍ଷାମନ୍ତ୍ରୀ ତଥା ଡିଏମକେ ନେତା ଅନ୍‌ବିଲ୍ ମହେଶଙ୍କ ତିରୁଚିରାପଲ୍ଲି ବାସଭବନରେ ଚଢ଼ାଉ କରିଛି। ଡିଏମକେ ନେତାଙ୍କ ବାସଭବନରେ ତଲାସୀ ସିସିବିର ତଦନ୍ତର ଏକ ଅଂଶ। ସରକାରୀ ଅନୁମୋଦନ ଓ କ୍ଲିୟରାନ୍ସ ପାଇବାର ପ୍ରତିଶ୍ରୁତି ଦେଇ ଘରୋଇ ସ୍କୁଲ ମ୍ୟାନେଜମେଣ୍ଟଠାରୁ ବିପୁଳ ପରିମାଣର ଟଙ୍କା ଆଦାୟ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଚଢ଼ାଉ ଚାଲିଥିବା ସମୟରେ ପୂର୍ବତନ ମନ୍ତ୍ରୀଙ୍କ ବାସଭବନ ବାହାରେ ଅନେକ ଡିଏମକେ କର୍ମୀ ରୁଣ୍ଡ ହୋଇଥିଲେ। ଗତ ଜୁନ୍ ମାସରେ ସିସିବି ଡିଏମକେ ନେତା ବିଟି ଆରାସକୁମାରଙ୍କୁ ଗିରଫ କରିଥିଲା। ପୁଲିସ ଅଭିଯୋଗ କରିଛି ଯେ, ସରକାରୀ ଅନୁମୋଦନ ଓ କ୍ଲିୟରାନ୍ସ ନାଁରେ ଆରାସକୁମାର ଅନେକ ସ୍କୁଲ ମ୍ୟାନେଜମେଣ୍ଟଠାରୁ ୧୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ କରିଥିଲେ।

## ଗଙ୍ଗାସ୍ନାନ କରୁଥିବା ମହିଳାଙ୍କ ଆପତ୍ତିଜନକ ଭିଡ଼ିଓ



ହରିଦ୍ୱାର, ୧୬।୯: ହରିଦ୍ୱାରର ପ୍ରସିଦ୍ଧ ହର୍-କି-ପୈଡ଼ି ନିକଟସ୍ଥ ମାଲବୀୟ ଘାଟରେ ଗଙ୍ଗା ସ୍ନାନ କରୁଥିବା ଜଣେ ମହିଳାଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଭିଯୋଗ ଅନୁଯାୟୀ, କିଛି ଅସାମାଜିକ ବ୍ୟକ୍ତି ମହିଳାଙ୍କର ଅସଲି ଭିଡିଓକୁ ଡାଉନଲୋଡ୍ କରି ଏଆଇ ଜରିଆରେ ତାଙ୍କ ପୋଷାକ ବଦଳାଇ ଦେଇଛନ୍ତି ଓ ତାହାକୁ ଆପତ୍ତିଜନକ (ସେମି-ନ୍ୟୁଡ୍) ରୂପରେ ପୋଷ୍ଟ କରିଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ 'ଶ୍ରୀ ଗଙ୍ଗା ସଭା' କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ସଭାର ସଭାପତି ନିତିନ ଗୌତମ ଏହାକୁ ନିନ୍ଦା କରିବା ସହ କହିଛନ୍ତି ଯେ, ଧାର୍ମିକ ସ୍ଥଳର ପବିତ୍ରତାକୁ ନଷ୍ଟ କରିବା ଓ ମା'-ଭଉଣୀମାନଙ୍କୁ ସୋସିଆଲ ମିଡିଆରେ ଅସମ୍ମାନିତ କରିବା ପାଇଁ ଏହା ଏକ କୁଚକ୍ରାନ୍ତ। ଏଆଇ ମାଧ୍ୟମରେ ସନାତନ ଧର୍ମ ଓ ତୀର୍ଥସ୍ଥଳୀକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ଶ୍ରୀ ଗଙ୍ଗା ସଭା ପକ୍ଷରୁ ଦୋଷୀଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ନିକଟରେ ଦାବି କରାଯାଇଛି।

## ପାର୍କିଂ ସ୍ଥାନରେ ଖସିଲା ହେଲିକପ୍ଟର: ୩ ମୃତ, ଜଣେ ଗୁରୁତର



ଲସ୍ ଆଞ୍ଜେଲସ୍, ୧୬।୯: ହେଲିକପ୍ଟର ଦୁର୍ଘଟଣାରେ ଆମେରିକାର ଲସ୍ ଆଞ୍ଜେଲସ୍‌ର ଏକ ପାର୍କିଂ ସ୍ଥାନରେ ବହୁ କ୍ଷୟକ୍ଷତି ଘଟିଛି। ଏହି ଦୁର୍ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲସ୍ ଆଞ୍ଜେଲସ୍ ଅଗ୍ନିଶମ ବିଭାଗର ମୁଖପାତ୍ର କ୍ୟାପ୍ଟେନ୍ ବ୍ରାଇନ୍ ସିଲଭରମ୍ୟାନଙ୍କ ଅନୁଯାୟୀ, ହେଲିକପ୍ଟରଟି ଏକ ବଡ଼ କୋଠାର ପାର୍କିଂ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସି ପଡ଼ିଥିଲା। ଫଳରେ ପାର୍କ ହୋଇଥିବା ଯାନଗୁଡ଼ିକ ନଷ୍ଟ ହୋଇଯାଇଥିଲା। ଦୁର୍ଘଟଣାରେ ପାର୍କିଂ ସ୍ଥାନରେ ରଖାଯାଇଥିବା ଚାରୋଟି ଗାଡ଼ି ଏବଂ ଦୁଇଟି ଷ୍ଟୋରେଜ୍ କଣ୍ଟେନରରେ ନିଆଁ ଲାଗିଯାଇଥିଲା। ହେଲିକପ୍ଟରଟି ସମ୍ପୂର୍ଣ୍ଣ ଭାବରେ ଜଳି ପାଉଁଶରେ ପରିଣତ ହୋଇଯାଇଥିଲା। ଦୁର୍ଘଟଣା ସ୍ଥଳରେ ହେଲିକପ୍ଟର ଭିତରେ କେତେ ଲୋକ ଥିଲେ ତାହା ନିର୍ଣ୍ଣୟ କରିବା ପାଇଁ ଉଦ୍ଧାରକାରୀ ଦଳ ଭଗ୍ନାବଶେଷ ହଟାଇବା ଆରମ୍ଭ କରିଛନ୍ତି। ଦୁର୍ଘଟଣା ସ୍ଥଳରେ ୫୦ ରୁ ଅଧିକ ଅଗ୍ନିଶମ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ଜାତୀୟ ପରିବହନ ସୁରକ୍ଷା ବୋର୍ଡ ଏବଂ ଫେଡେରାଲ ଏଭିଏସନ୍ ପ୍ରଶାସନ ତଦନ୍ତ ଆରମ୍ଭ କରିଛନ୍ତି।

# ଟିଏମସି ବିଦ୍ରୋହୀ ବିଧାୟକଙ୍କୁ ନୋଟିସ୍



କୋଲକାତା, ୧୬।୯: ପଶ୍ଚିମବଙ୍ଗ ବିଧାନସଭା ସଚିବାଳୟ ତୃଣ ମୂଳ କଂଗ୍ରେସ (ଟିଏମସି) ବିଦ୍ରୋହୀ ଗୋଷ୍ଠୀ ସମ୍ପର୍କିତ ୧୦ ଜଣ ବିଧାୟକଙ୍କୁ ନୋଟିସ୍ ଜାରି କରି ସପ୍ତାହକ ମଧ୍ୟରେ ଜବାବ ତଲବ କରିଛି। ଏହି ନୋଟିସ୍ ମମତା ବାନାର୍ଜୀଙ୍କ ୩ଟି ଗୋଷ୍ଠୀ ପକ୍ଷରୁ ରୁଜୁ ସେହି ଆବେଦନ ଉପରେ ଜାରି ହୋଇଛି ଯେଉଁଥିରେ ସେମାନଙ୍କୁ ବିଧାୟକ ରୂପେ ଅଯୋଗ୍ୟ ଘୋଷଣ କରିବାକୁ ଅନୁରୋଧ କରାଯାଇଛି। ଏହି ପଦକ୍ଷେପ ପାର୍ଟି ଉପରେ ନିୟନ୍ତ୍ରଣକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଜାରି ବିବାଦକୁ ଔପଚାରିକ କାର୍ଯ୍ୟାନୁଷ୍ଠାନରେ ପରିବର୍ତ୍ତିତ କରିଛି।

ବିଧାନସଭା ସଚିବାଳୟ ପକ୍ଷରୁ ଯେଉଁ ବିଧାୟକଙ୍କୁ ନୋଟିସ ଜାରି କରାଯାଇଛି ସେମାନଙ୍କ ମଧ୍ୟରେ ସଦନରେ ବିରୋଧୀଦଳ ନେତା ଋତବ୍ରତ ବାନାର୍ଜୀଙ୍କ ବ୍ୟତୀତ ଅରୂପ ରାୟ, ଫିରହାଦ ହକିମ, ସନ୍ଦୀପନ ସାହା, ମୁଖ୍ୟ ସଚେତକ ଅଖରୁଜମାନ ଅଂସାରୀ, ଶିଉଲୀ ସାହା, ସବିନା ୟାସ୍ମିନ୍, ବିପ୍ଲବ ମିତ୍ର, ଜାଭେଦ ଖାନ ଓ ରଥିନ ଘୋଷ ଆଦି ଅଛନ୍ତି। ବିଧାନସଭା ସୂତ୍ର ଅନୁସାରେ ଏହି ବିଧାୟକମାନଙ୍କୁ ୭ ଦିନ ମଧ୍ୟରେ ଜବାବ ଦେବାକୁ କୁହାଯାଇଛି। ବିଦ୍ରୋହୀ ଗୋଷ୍ଠୀ ବିଧାୟକ ଅଖରୁ ଜମାନ ଅଂସାରୀ ବିଧାନସଭା ସଚିବାଳୟ ନୋଟିସ ମିଳିଥିବା ପୁଷ୍ଟି କରିଛନ୍ତି।

# ଭସ୍ମାସୁର ସୃଷ୍ଟିକରି ସରକାରଙ୍କୁ ସାହାଯ୍ୟ ମାଗନ୍ତୁନି

## ଏଆଇ କମ୍ପାନିଗୁଡ଼ିକୁ ଭାନ୍ସଙ୍କ କଡ଼ା ଚେତାବନୀ



ୱାଶିଂଟନ, ୧୬।୯: ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏଆଇ କ୍ଷେତ୍ରରେ କାମ କରୁଥିବା କମ୍ପାନିଗୁଡ଼ିକୁ କଡ଼ା ସମାଲୋଚନା କରିଛନ୍ତି। ଭାନ୍ସ ସେମାନଙ୍କୁ ନିରନ୍ତର ଉନ୍ନତ ଏଆଇ ସିଷ୍ଟମ ବିକଶିତ କରିବା ଓ ସେମାନଙ୍କର ନିୟନ୍ତ୍ରଣ ପାଇଁ ଏକ ବିଶ୍ୱବ୍ୟାପୀ ସିଷ୍ଟମ ପାଇଁ ଆହ୍ୱାନ କରୁଥିବା ନେଇ ସମାଲୋଚନା କରିଛନ୍ତି। ଉପରାଷ୍ଟ୍ରପତି ଏଆଇର ବଡ଼ ବଡ଼ କମ୍ପାନୀଙ୍କୁ ଟାର୍ଗେଟ କରି କହିଛନ୍ତି ସେମାନେ ତୁରନ୍ତ ପ୍ରତିରକ୍ଷା ଉପକରଣ ବିକଶିତ କରିବା ପରିବର୍ତ୍ତେ ସମ୍ଭାବ୍ୟ ବିପଦ ସୃଷ୍ଟି କରୁଛନ୍ତି।

ଏକ ବ୍ୟବସାୟ ଏବଂ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମରେ ଭାନ୍ସ ପ୍ରଶ୍ନ କରିଛନ୍ତି, ଏପରି କାହିଁକି ହେଉଛି ଯେ, ଏଆଇ ଅର୍ଥନୀତିର ଆଗଧାଡ଼ିରେ ଥିବା ଲୋକମାନେ ହାତ ଟେକି କହୁଛନ୍ତି, ଆମେ ଏକ ଫ୍ରାଙ୍କେନଷ୍ଟାଇନ୍ ସୃଷ୍ଟି କରିଛୁ। ବର୍ତ୍ତମାନ ଏହି ଫ୍ରାଙ୍କେନଷ୍ଟାଇନ୍‌ର ସମାଧାନ ହେଉଛି କୃତ୍ରିମ ବୁଦ୍ଧିମତ୍ତା ପାଇଁ ଏକ ବିଶ୍ୱ ଶାସନ ବ୍ୟବସ୍ଥା ସୃଷ୍ଟି କରିବା। ମୁଁ ସେହି ଲୋକମାନଙ୍କୁ ପଚାରୁଛି, ଯଦି ଆପଣ ଏକ ଫ୍ରାଙ୍କେନଷ୍ଟାଇନ୍ ସୃଷ୍ଟି କରୁଛନ୍ତି, ତେବେ ଏହାକୁ ବନ୍ଦ କରନ୍ତୁ। ଯଦି ବିପଦ ଆଶଙ୍କା ରହୁଛି, ତେବେ ଏକ ଫ୍ରାଙ୍କେନଷ୍ଟାଇନ୍ ସୁରକ୍ଷା ବ୍ୟବସ୍ଥା ନିର୍ମାଣ କରନ୍ତୁ। ଏଆଇ କମ୍ପାନି ଗୁଡ଼ିକ ଭସ୍ମାସୁର ସୃଷ୍ଟି କରିସାରି ଏବେ ସରକାରଙ୍କୁ କାହିଁକି ସହାୟତା ମାଗୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେମାନେ ନିଜେ ଏହାର ସୁରକ୍ଷା ବ୍ୟବସ୍ଥା ବାହାର କରନ୍ତୁ ବୋଲି ଭାନ୍ସ କହିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆନ୍ଥ୍ରୋପିକର ଡାରିଓ ଆମୋଡେଇ, ଓପନଏଆଇର ସାମ୍ ଅଲ୍ଟମ୍ୟାନ୍ ଏବଂ ଏକ୍ସଏଆଇର ଏଲୋନ ମସ୍କଙ୍କ ସମେତ ପ୍ରଯୁକ୍ତିବିଦ୍ୟାର ବଡ଼ ବଡ଼ କମ୍ପାନିଙ୍କ ଦ୍ୱାରା ଅଧିକ ସରକାରୀ ନିୟନ୍ତ୍ରଣ ପାଇଁ କରିଥିବା ସାମ୍ପ୍ରତିକ ଆହ୍ୱାନକୁ ଦୃଢ଼ ବିରୋଧ କରୁଛନ୍ତି।

## ମକ୍କାରେ ହୁତି ବିଦ୍ରୋହୀଙ୍କ ଆକ୍ରମଣ

### ନିନ୍ଦାକଲା ଭାରତ

ରିୟାଦ, ୧୬।୯: ମକ୍କାରେ ହୁତି ବିଦ୍ରୋହୀମାନେ ଆକ୍ରମଣ କରିଥିବା ସାଉଦି ଆରବ ପକ୍ଷରୁ ଦାବି କରାଯାଇଛି। ତେବେ ୟେମେନର ହୁତିମାନେ ଏହି ଦାବିକୁ ଅସ୍ୱୀକାର କରି ଏହାକୁ ଏକ ପୁରୁଣା ମିଛ ବୋଲି କହିଛନ୍ତି। ତେବେ ମକ୍କା ପରି ଏକ ଧାର୍ମିକ ସ୍ଥଳରେ ଆକ୍ରମଣକୁ ଭାରତ ପକ୍ଷରୁ ନିନ୍ଦା କରାଯାଇଛି। ବିଦ୍ରୋହୀଙ୍କ ପଲିଟବ୍ୟୁରୋର ସଦସ୍ୟ ହାଜେମ ଅଲ-ଆସାଦ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ମକ୍କାକୁ ଟାର୍ଗେଟ କରିବାର ଦାବି ସମ୍ପୂର୍ଣ୍ଣ ମିଛ। ସାଉଦି ପୂର୍ବରୁ ମଧ୍ୟ ଏଭଳି କହିସାରିଛି। ସାଉଦି ଆରବ କହିଛି ଯେ, ବିଦ୍ରୋହୀମାନେ ଏକ ଡ୍ରୋନ୍ ସାହାଯ୍ୟରେ ମକ୍କା ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଏହାକୁ ମଝି ଆକାଶରେ ଗୁଳି କରି ଖସାଇ ଦିଆଯାଇଥିଲା। ସାଉଦି ମୁଖପାତ୍ର ତୁର୍କି ଅଲ-ମାଲିକି ଏହି ଆକ୍ରମଣକୁ କଡ଼ା ନିନ୍ଦା କରି କହିଛନ୍ତି, ପବିତ୍ର ସ୍ଥଳକୁ ଆସିଥିବା ସାଧାରଣ ନାଗରିକଙ୍କୁ ଭୟଭୀତ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର। ତୀର୍ଥଯାତ୍ରୀଙ୍କ ସୁରକ୍ଷା ଦେବା ଆମର ସର୍ବୋଚ୍ଚ ପ୍ରାଥମିକତା। ବିଦ୍ରୋହୀଙ୍କ ଯେକୌଣସି ପ୍ରୟାସକୁ ପଣ୍ଡ କରାଯିବ।

# ମନି ଲଣ୍ଡରିଂ ମାମଲା: ୧୭ଟି ସ୍ଥାନରେ ଇଡି ଚଢ଼ାଉ




ନୂଆଦିଲ୍ଲୀ, ୧୬।୯: ନିବେଶକଙ୍କୁ ଠକିଥିବା ଏକ କଥିତ ନିବେଶ ଠକେଇ ସହିତ ଜଡିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର କୋଲକାତା ଓ ମଧ୍ୟପ୍ରଦେଶର ଇନ୍ଦୋରରେ ୧୭ଟି ସ୍ଥାନରେ ଚଢ଼ାଉ କରିଛି। ଅମୃତ ଗ୍ରୁପ୍ କମ୍ପାନୀ ସହିତ ଜଡ଼ିତ କେସି ଦୁଜାରୀ, କାଳୀ କିଶୋର ବାଗ୍‌ଚୀଙ୍କ ସମେତ ଅନ୍ୟ ଠିକଣାରେ ଇଡି ଚଢ଼ାଉ କରିଛି। ଇଡିର କୋଲକାତା ଜୋନ୍ ସୁରକ୍ଷା ବାହିନୀ ଓ ରାଜ୍ୟ ପୁଲିସ ସହିତ ସମନ୍ୱୟ ରଖି ମନି ଲଣ୍ଡରିଂ ନିବାରଣ ଆଇନ ଧାରା ୧୭ ଅନୁଯାୟୀ ଏକକାଳୀନ ତଲାସି ଅଭିଯାନ ଆରମ୍ଭ କରିଥିଲା। ଅମୃତ ଗ୍ରୁପ୍ ଅଫ୍ କମ୍ପାନୀ ଓ ଏହାର ନିର୍ଦ୍ଦେଶକମାନଙ୍କ ବିରୋଧରେ ବିଭିନ୍ନ ଜମା ଯୋଜନାର ଆଳ ଦେଖାଇ ସାଧାରଣ ଜନତାଙ୍କଠାରୁ ଉଚ୍ଚ ରିଟର୍ଣ୍ଣର ପ୍ରତିଶ୍ରୁତି ଦେଇ ବିପୁଳ ପରିମାଣର ଟଙ୍କା ଆଦାୟ କରିବା ଓ ପ୍ରତିଶ୍ରୁତି ଅନୁଯାୟୀ ରିଟର୍ଣ୍ଣ ନ ଦେଇ ଜନସାଧାରଣଙ୍କୁ ଠକିବା ଅଭିଯୋଗ ରହିଛି। ଅଧିକାରୀମାନେ କହିଛନ୍ତି ଯେ, କଥିତ ଆର୍ଥିକ କାରବାର, ନିର୍ଦ୍ଦେଶକ ଓ ପ୍ରମୋଟରଙ୍କ ଭୂମିକା ଓ ପାଣ୍ଠିର ଗତିବିଧି ସହିତ ଜଡିତ ଡକ୍ୟୁମେଣ୍ଟାରୀ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିବା ପାଇଁ ଏହି ତଲାସି ପ୍ରକ୍ରିୟା ଆରମ୍ଭ ହୋଇଛି। କଥିତ ଆର୍ଥିକ ଅନିୟମିତତାର ପରିମାଣ ନିର୍ଣ୍ଣୟ କରିବା ଓ ଅପରାଧର ସନ୍ଦିଗ୍ଧ ଆୟ ସହିତ ଜଡିତ ସମ୍ପତ୍ତି ଚିହ୍ନଟ କରିବା ପାଇଁ ଏଜେନ୍ସି କମ୍ପାନୀ ଓ ସମ୍ପୃକ୍ତ ବ୍ୟକ୍ତିମାନଙ୍କର ରେକର୍ଡ ଯାଞ୍ଚ କରିବ।

### ପତଞ୍ଜଳି ଘିଅକୁ ନକଲି କହିବା ହେଲା ମହଙ୍ଗା

## ବ୍ରଜଭୂଷଣଙ୍କ ଉପରେ ୫୦ କୋଟିର ମାନହାନି ମୋକଦ୍ଦମା



ନୂଆଦିଲ୍ଲୀ, ୧୬।୯: ବିଜେପିର ପୂର୍ବତନ ସାଂସଦ ବ୍ରଜଭୂଷଣ ଶରଣ ସିଂ ଓ ବାବା ରାମଦେବଙ୍କ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ଅଧ୍ୟକ୍ଷ ବ୍ରଜଭୂଷଣ ପୁଣି ଥରେ ଆଇନଗତ ମାମଲାରେ ଛନ୍ଦି ହେବାକୁ ଯାଉଛନ୍ତି। ବାବା ରାମଦେବଙ୍କ କମ୍ପାନି ପତଞ୍ଜଳି ଫୁଡ୍ସ ଲିମିଟେଡ୍ ବ୍ରଜଭୂଷଣଙ୍କ ବିରୋଧରେ ୫୦ କୋଟି ଟଙ୍କାର ମାନହାନୀ ମୋକଦ୍ଦମା ଦାୟର କରିଛନ୍ତି। ଆଉ ପତଞ୍ଜଳି ଘିଅକୁ ନକଲି କହିବା ଏବେ ବିଜେପିର ଏହି ସାଂସଦଙ୍କୁ ଭାରି ପଡ଼ିବାକୁ ଯାଉଛି।

ସେପ୍ଟେମ୍ବର ୧୫ରେ ମଧ୍ୟପ୍ରଦେଶ ହାଇକୋର୍ଟରେ ମାମଲାର ଶୁଣାଣି ହୋଇଛି। ମାମଲାର ଶୁଣାଣି ସମୟରେ ବ୍ରଜଭୂଷଣ ଶରଣ ସିଂଙ୍କ ପକ୍ଷରୁ ହାଜର ଆଡଭୋକେଟ୍ କୋର୍ଟରେ ଜବାବ ଦାଖଲ ପାଇଁ ସମୟ ମାଗିଛନ୍ତି। ତେଣୁ କୋର୍ଟ ସେପ୍ଟେମ୍ବର ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ବ୍ରଜଭୂଷଣ ଶରଣ ସିଂ ପତଞ୍ଜଳିର ଘିଅକୁ ନେଇ ପ୍ରଶ୍ନ କରିଥିଲେ। ୨୦୨୨ରେ ମଧ୍ୟ ବ୍ରଜଭୂଷଣ ଶରଣ ସିଂ ସାର୍ବଜନୀନ ମଞ୍ଚରେ ପତଞ୍ଜଳି ଘିଅକୁ ନକଲି କହି ଲୋକଙ୍କୁ ଘରେ ଗାଈ ଓ ମଇଁଷି ପାଳିବାକୁ ଅପିଲ୍ କରିଥିଲେ। ସେହି ସମୟରେ ତାଙ୍କର ଏହି ବୟାନକୁ ନେଇ ବାବା ରାମଦେବ ଓ ବ୍ରଜଭୂଷଣଙ୍କ ମଧ୍ୟରେ ବିବାଦ ଉପୁଜିଥିଲା।

### ଶ୍ରୀଦେବୀଙ୍କ ସମ୍ପତ୍ତିକୁ ନେଇ ବିବାଦ

## ଆଲୋଚନା କରି ସମାଧାନ କରିବାକୁ ପରାମର୍ଶ



ନୂଆଦିଲ୍ଲୀ, ୧୬।୯: ସୁପ୍ରିମକୋର୍ଟ ବଲିଉଡର ସ୍ୱର୍ଗତ ଅଭିନେତ୍ରୀ ଶ୍ରୀଦେବୀଙ୍କ ପାରିବାରିକ ସମ୍ପତ୍ତି ସହ ଜଡ଼ିତ ବିବାଦର ସମାଧାନ ପାରସ୍ପରିକ ଆଲୋଚନା ମାଧ୍ୟମରେ କରିବାକୁ ପରାମର୍ଶ ଦେଇଛନ୍ତି। ଚେନ୍ନାଇର ଶୋଲିଙ୍ଗାନାଲୁର ଅଞ୍ଚଳରେ ଥିବା ପ୍ରାୟ ୪.୭୭ ଏକର ଜମି ସମ୍ବନ୍ଧୀୟ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ ସେମାନେ ଜଣେ ପୂର୍ବତନ ହାଇକୋର୍ଟ ବିଚାରପତିଙ୍କୁ ମଧ୍ୟସ୍ଥ ଭାବରେ ନିଯୁକ୍ତ କରିବେ। ଏହି ମାମଲାଟି ଚେନ୍ନାଇର ଶୋଲିଙ୍ଗାନାଲୁର ଅଞ୍ଚଳରେ ଥିବା 'ଇଷ୍ଟ କୋଷ୍ଟ ରୋଡ' ନିକଟସ୍ଥ ପ୍ରାୟ ୪.୭୭ ଏକର ଜମି ସହିତ ଜଡ଼ିତ। ଶ୍ରୀଦେବୀ ତାଙ୍କ ମା' ଓ ଭଉଣୀଙ୍କ ସହ ମିଶି ୧୯୮୮ ମସିହାରେ ଚାରୋଟି ପୃଥକ ବିକ୍ରୟ ଦଲିଲ ମାଧ୍ୟମରେ ଏହି ଜମି କିଣିଥିଲେ। ୨୦୧୮ ମସିହାରେ ଶ୍ରୀଦେବୀଙ୍କ ଦେହାନ୍ତ ହୋଇଥିଲା। ୨୦୨୩ ମସିହାରେ, ଏହି ସମ୍ପତ୍ତି ପାଇଁ ରାଜସ୍ୱ ରେକର୍ଡରେ ତାଙ୍କ ସ୍ୱାମୀ ବୋନି କପୁର ଏବଂ ଝିଅ ଜାହ୍ନବୀ କପୁର ଓ ଖୁସି କପୁରଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଥିଲା। ବର୍ତ୍ତମାନ ଏହି ଜମି ଉପରେ ବୋନି କପୁରଙ୍କ ପରିବାରର ଏକ ଫାର୍ମହାଉସ ରହିଛି। ରାଜସ୍ୱ ରେକର୍ଡରେ ନାମ ପରିବର୍ତ୍ତନ ହେବା ପରେ, ଏମ.ସି. ଶିବକାମୀ ନାମ୍ନୀ ଜଣେ ମହିଳା ତାଙ୍କ ଭାଇ ଏମ.ସି. ନଟରାଜନ ଏବଂ ମା' ଚନ୍ଦ୍ରଭାନୁଙ୍କ ସହ ମିଶି ଚେଙ୍ଗଲପଟ୍ଟୁ ସିଭିଲ କୋର୍ଟରେ ଏକ ମାମଲା ଦାୟର କରିଥିଲେ।

# କଥାକୁ ବ୍ରେଲ୍ ଲିପିରେ ପରିଣତ କରୁଛି ପ୍ରିଣ୍ଟର୍

## ଭାରତୀୟ ଜେମ୍ସ ଡାଇସନ୍ ଆୱାର୍ଡ ପାଇଲେ ହିମଜା



ନୂଆଦିଲ୍ଲୀ/ଅମରାବତି, ୧୬।୯: କଥାକୁ ବ୍ରେଲ୍ ଲିପିରେ ପରିଣତ କରୁଥିବା ଏକ ଅଭିନବ ପ୍ରିଣ୍ଟର ତିଆରି କରି ଭାରତୀୟ ଜେମ୍ସ ଡାଇସନ୍ ଆୱାର୍ଡ ହାତସ୍ଥ କରିଛନ୍ତି ଆନ୍ଧ୍ରପ୍ରଦେଶର ୨୦ ବର୍ଷୀୟା ବି-ଟେକ୍ ଛାତ୍ରୀ ଲିଙ୍ଗାମପଲ୍ଲୀ ହିମଜା। ତାଙ୍କର ଏହି ଚମତ୍କାର ଆବିଷ୍କାର ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଦୈନନ୍ଦିନ ଜୀବନକୁ ଅଧିକ ସହଜ କରିପାରିବ ବୋଲି ଆଶା କରାଯାଉଛି।

ଆନ୍ଧ୍ରପ୍ରଦେଶର ଶ୍ରୀ ବିଷ୍ଣୁ ଇଞ୍ଜିନିୟରିଂ କଲେଜ୍ ଫର ୱିମେନ୍‌ର ଛାତ୍ରୀ ହିମଜା ଏକଦା କଲେଜ ପକ୍ଷରୁ ଦୃଷ୍ଟିବାଧିତ ବିଦ୍ୟାଳୟ ପରିଦର୍ଶନରେ ଯାଇଥିବା ସମୟରେ ଜଣେ ଛାତ୍ରୀଙ୍କୁ ପାରମ୍ପରିକ ସ୍ଲେଟ୍ ଓ ପିନ୍ ସାହାଯ୍ୟରେ ବ୍ରେଲ୍ ଲିପି ଲେଖୁଥିବାର ଦେଖିଥିଲେ। ଛାତ୍ରୀଜଣକ କାଗଜରେ ବାରମ୍ବାର ପିନ୍ ଫୁଟାଇ ଲେଖିବା ଯୋଗୁଁ ତାଙ୍କ ଆଙ୍ଗୁଠି କଠିନ ହୋଇଯାଇଥିଲା। ଏହାବ୍ୟତୀତ, ଲେଖିବା ସମୟରେ ଓଲଟା ଦିଗରେ ଚିନ୍ତା କରିବାକୁ ପଡୁଥିବାରୁ ଛାତ୍ରଛାତ୍ରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ହିମଜା ହୃଦୟଙ୍ଗମ କରିଥିଲେ। ଏହି ଅଭିଜ୍ଞତା ତାଙ୍କୁ କିଛି ନୂତନ ପ୍ରଯୁକ୍ତିବିଦ୍ୟା ବିକଶିତ କରିବା ପାଇଁ ପ୍ରେରଣା ଦେଇଥିଲା। ପ୍ରଥମେ ସେ ୬ଟି ପୁସ୍ ବଟନ୍ ବିଶିଷ୍ଟ ଏକ ପ୍ରିଣ୍ଟର ପ୍ରୋଟୋଟାଇପ୍ ତିଆରି କରିଥିଲେ, ଯାହା ମାନୁଆଲ୍ ଇନପୁଟ୍ ନେଇ ବ୍ରେଲ୍ ଡଟ୍ ପ୍ରିଣ୍ଟ କରୁଥିଲା। ବଟନ୍ ଚାପିବା ପରିବର୍ତ୍ତେ କେବଳ କଥା ହୋଇ କାମ ହୋଇପାରିବ ନାହିଁ କି ବୋଲି ସେହି ସ୍କୁଲର ଜଣେ ଛାତ୍ରୀ ତାଙ୍କୁ ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନ ହିମଜାଙ୍କ ପ୍ରକଳ୍ପର ଗତିପଥକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲା ଏବଂ ସେ 'ରୁଧ୍ରା' ନାମକ ଏକ ଭଏସ୍-ଏନେବଲ୍ଡ ବ୍ରେଲ୍ ପ୍ରିଣ୍ଟର୍ ତିଆରି କରିବାରେ ସଫଳ ହୋଇଥିଲେ।

ଏହି ସିଷ୍ଟମ୍ ଆଲେକ୍ସା ସହିତ ସଂଯୁକ୍ତ ରହିଛି। ବ୍ୟବହାରକାରୀ କୌଣସି କମାଣ୍ଡ ଦେଇ କଥା ହେବା ମାତ୍ରେ ଆଲେକ୍ସା ସେହି ସ୍ୱରକୁ ଟେକ୍ସଟ୍‌ରେ ପରିଣତ କରେ। ଏହାପରେ ରାଜବେରୀ ପାଇ ମାଧ୍ୟମରେ ସେହି ଟେକ୍ସଟ୍‌କୁ ବ୍ରେଲ୍ ପ୍ୟାଟର୍ଣ୍ଣକୁ ରୂପାନ୍ତରିତ କରାଯାଇ ମେସିନ୍ ଜରିଆରେ କାଗଜରେ ଓଲଟା ଭାବେ ଛାପି ହୋଇଥାଏ, ଯାହାକୁ କାଗଜ ଓଲଟାଇବା ପରେ ସଠିକ୍ ଭାବେ ସ୍ପର୍ଶ କରି ପଢ଼ିହୁଏ। ଅକ୍ଷରଗୁଡ଼ିକ ମଧ୍ୟରେ ସଠିକ୍ ଦୂରତା ବଜାୟ ରଖିବା ଓ ସଠିକ୍ ଭାବେ ଡଟ୍ ପଞ୍ଚ୍ କରିବା ପାଇଁ ତାଙ୍କୁ ବହୁତ ବୈଷୟିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ କେବଳ ସହାନୁଭୂତି ନୁହେଁ; ବରଂ ସେମାନଙ୍କ ଦୈନନ୍ଦିନ ଜୀବନକୁ ସହଜ କରୁଥିବା ବାସ୍ତବ ସମାଧାନ ଆବଶ୍ୟକ ବୋଲି ହିମଜା ମତ ପ୍ରକାଶ କରିଛନ୍ତି। ତାଙ୍କର ଏହି ଉତ୍କର୍ଷ ତଥା ସମାଜୋପଯୋଗୀ ଇଞ୍ଜିନିୟରିଂ ପ୍ରୟାସ ପାଇଁ ତାଙ୍କୁ ଜେମ୍ସ ଡାଇସନ୍ ଆୱାର୍ଡରେ ସମ୍ମାନିତ କରାଯାଇଛି।

# ଇପିଏଫ୍ ଦରମା ସୀମା ୨୫ ହଜାରକୁ ବୃଦ୍ଧି

## ୧୨ ବର୍ଷ ପରେ ବଦଳିଲା ଦରମା ସୀମା

## ଲାଭବାନ ହେବେ ୫୧ ଲକ୍ଷରୁ ଅଧିକ କର୍ମଚାରୀ



ନୂଆଦିଲ୍ଲୀ, ୧୬।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟରେ ଆଜି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ବା ଇପିଏଫଓ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ବାଧ୍ୟତାମୂଳକ ଭାବେ ଇପିଏଫଓ ସୀମା ବୃଦ୍ଧି ପାଇଁ ଦେଇଥିବା ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ମାରିଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଓ କର୍ମଚାରୀ ପେନସନ ସ୍କିମ (ଇପିଏସ୍) ସୀମାକୁ ବାଧ୍ୟତାମୂଳକ ଭାବେ ୧୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଇପିଏଫର ୧୫ ହଜାର ଦରମା ସୀମା ୨୦୧୪ ସେପ୍ଟେମ୍ବର ୧ରୁ ବଳବତ୍ତର ରହିଥିଲା। ଏବେ ୧୨ ବର୍ଷ ପରେ କେନ୍ଦ୍ର ସରକାର ଏହାକୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ଏବେ ଯେଉଁ ସଂଗଠିତ କର୍ମଚାରୀଙ୍କ ଦରମା ୧୫ରୁ ୨୫ ହଜାର ଟଙ୍କା ମଧ୍ୟରେ ରହିଛି, ସେମାନେ ବାଧ୍ୟତାମୂଳକ ଭାବେ ଇପିଏଫ ଓ ଇପିଏସ୍ ଯୋଜନା ମଧ୍ୟରେ ରହିବେ। ବର୍ତ୍ତମାନ ମାସିକ ୧୫, ୦୦୦ ଟଙ୍କାରୁ ଅଧିକ ବେତନରେ ନୂଆ ଚାକିରିରେ ଯୋଗ ଦେଉଥିବା କର୍ମଚାରୀ ଆପେ ଆପେ ଇପିଏଫ ବ୍ୟବସ୍ଥାରେ ସାମିଲ ହୁଅନ୍ତି ନାହିଁ। ଏଥିଯୋଗୁଁ ସେମାନେ ବାଧ୍ୟତାମୂଳକ ଭବିଷ୍ୟନିଧି, ପେନ୍‌ସନ୍ ଓ ଏହା ସହ ଜଡ଼ିତ ବୀମା ସୁବିଧାରୁ ବାହାରେ ରୁହନ୍ତି।

ବେତନ ସୀମା ୨୫, ୦୦୦ ଟଙ୍କାକୁ ବୃଦ୍ଧି ଯୋଗୁଁ ୧୫, ୦୦୦ରୁ ୨୫, ୦୦୦ ଟଙ୍କା ବେତନ ପାଉଥିବା କର୍ମଚାରୀ ବାଧ୍ୟତାମୂଳକ ଭାବେ ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ସାମିଲ ହୋଇପାରିବେ। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଧାର୍ଯ୍ୟ ଇପିଏଫଓ ବେତନ ବୃଦ୍ଧି ଯୋଗୁଁ ପ୍ରାୟ ୫୧ ଲକ୍ଷ କର୍ମଚାରୀ ଲାଭବାନ ହେବେ। ଦୀର୍ଘ ସମୟ ଧରି ବଢ଼ୁଥିବା ବେତନ, ଆୟ ବୃଦ୍ଧି ଓ ସଂଗଠିତ ନିଯୁକ୍ତିର କ୍ରମାଗତ ବିସ୍ତାରକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି।

କ୍ୟାବିନେଟ ଅନୁମୋଦନ ଯୋଗୁଁ କର୍ମଚାରୀମାନେ ଭବିଷ୍ୟନିଧି ସଞ୍ଚୟ, କର୍ମଚାରୀ ପେନ୍‌ସନ୍ ଯୋଜନା ଅଧୀନରେ ପେନ୍‌ସନ୍ ସୁରକ୍ଷା ଓ ବୀମା ଯୋଜନା ଅଧୀନରେ ସୁରକ୍ଷା ପାଇପାରିବେ। ଏହି ନିଷ୍ପତ୍ତି ସରକାରଙ୍କ ଉପରେ ରାଜସ୍ୱ ବୋଝ ୫ ବର୍ଷ ମଧ୍ୟରେ ୫୬, ୬୯୬ କୋଟି ଟଙ୍କାକୁ ବୃଦ୍ଧି କରିବ। ବର୍ତ୍ତମାନ ସରକାର ପ୍ରତିବର୍ଷ ପ୍ରାୟ ୧୦, ୨୫୦ କୋଟି ଟଙ୍କାର ବଜେଟ ସହାୟତା ଦେଉଛନ୍ତି। ହେଲେ ଏବେ ଏହା ବାର୍ଷିକ ୧୧, ୩୩୯ କୋଟିରେ ପହଞ୍ଚିବ।

## ଆଖି ଫଟୋ ପୋଷ୍ଟ କରି ବିଦେଶରୁ ବାର୍ତ୍ତାଦେଲେ ଅଭିଷେକ

କୋଲକାତା, ୧୬।୯ (ସଂଚାର ବ୍ୟୁରୋ): ତାଙ୍କ ବାମ ଆଖି ତଳେ ଏକ ସ୍ପଷ୍ଟ ଓ ଗଭୀର କ୍ଷତଚିହ୍ନ ଦେଖାଯାଉଛି। ଏହା ଏକ 'କ୍ଲୋଜ୍-ଅପ୍' (ନିକଟରୁ ନିଆଯାଇଥିବା) ଫଟୋ। ଏହା ତଳେ ଇଂରାଜୀ ଭାଷାରେ ଚାରି ଧାଡ଼ିର ଏକ ବାର୍ତ୍ତା ରହିଛି, ମୋ ମୁହଁର ଏହି କ୍ଷତଚିହ୍ନ ପ୍ରମାଣ କରେ ଯେ ମୁଁ ଏକ କଠିନ ସମୟର ସାମ୍ନା କରିଛି। ତେବେ ମୋ ଆଖି କହୁଛି ଯେ ମୁଁ ଏହି ଲଢ଼େଇରେ ହାର ମାନିନାହିଁ। ମୁଁ ଆଗକୁ ବଢ଼ିବାକୁ ପ୍ରସ୍ତୁତ। ଏବେ ମଧ୍ୟ ବହୁତ କିଛି କରିବାର ବାକି ଅଛି। ତୃଣମୂଳ କଂଗ୍ରେସର ଅଖିଳ ଭାରତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କର ଏହି ଗୋଟିଏ ଇନଷ୍ଟାଗ୍ରାମ ପୋଷ୍ଟ ରାଜ୍ୟ ରାଜନୀତିରେ ବେଶ୍ ହଲଚଲ ସୃଷ୍ଟି କରିଛି। ସରଳ ଭାବରେ କହିବାକୁ ଗଲେ, ସେ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ଯେ ଅତୀତର ଦୁଃଖ କିମ୍ବା ଶାରୀରିକ ଆଘାତ ସତ୍ତ୍ୱେ ରାଜନୈତିକ ମଇଦାନରେ ତାଙ୍କ ଯାତ୍ରା ଶେଷ ହୋଇନାହିଁ ବରଂ ସେ ଏକ ବୃହତ୍ତର ଲଢ଼େଇ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି।

## ଏଣ୍ଟାଲିରେ ଭୁଶୁଡ଼ି ପଡ଼ିଲା ପୁରୁଣା କୋଠା



କୋଲକାତା, ୧୬।୯ (ସଂଚାର ବ୍ୟୁରୋ): କୋଲକାତାରେ ଆଉ ଏକ ପୁରୁଣା କୋଠା ଭୁଶୁଡ଼ି ପଡ଼ିଛି। ବୁଧବାର ସକାଳେ ଏଣ୍ଟାଲି ଅଞ୍ଚଳରେ ଏକ ପୁରୁଣା କୋଠାର କିଛି ଅଂଶ ଭୁଶୁଡ଼ି ପଡ଼ିବା ଫଳରେ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଥିଲା। ସେମାନଙ୍କ ଅଭିଯୋଗ ଯେ, କୋଠାର ରକ୍ଷଣାବେକ୍ଷଣ ନେଇ ଚିନ୍ତା ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଇନଥିଲା ଏବଂ ଘର ମାଲିକ ମଧ୍ୟ ଏଥିପ୍ରତି ଉଦାସୀନ ରହିଥିଲେ। ଖବର ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେହି ଅଞ୍ଚଳକୁ ସିଲ୍ କରିଦେଇଥିଲା। ତେବେ ଏଥିରେ କୌଣସି ମୃତାହତ ହୋଇଥିବା ଖବର ମିଳିନାହିଁ।

## ଛାତ୍ର ସଂସଦ ନିର୍ବାଚନ ମାମଲାର ତ୍ୱରିତ ଶୁଣାଣି

କୋଲକାତା, ୧୬।୯ (ସଂଚାର ବ୍ୟୁରୋ): ରାଜ୍ୟର କଲେଜଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇନାହିଁ। ଦୀର୍ଘ ଦିନ ଧରି ନିର୍ବାଚନ ନ ହେବା କାରଣରୁ ଛାତ୍ର ସଂସଦଗୁଡ଼ିକ ଫଳପ୍ରଦ ଭାବରେ କାର୍ଯ୍ୟ କରିବାରେ ବିଫଳ ହେଉଛନ୍ତି। ଏହି ମାମଲାର ଶୀଘ୍ର ଶୁଣାଣି ପାଇଁ ଅନୁରୋଧ କରାଯାଇ ମୁଖ୍ୟ ବିଚାରପତି ରବୀନ୍ଦ୍ର ଭି. ଘୁଗେ ଏବଂ ବିଚାରପତି ଅଜିତ ବାନାର୍ଜୀଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମୁଖ୍ୟ ବିଚାରପତି ଘୋଷଣା କରିଛନ୍ତି ଯେ ଆସନ୍ତା ଅକ୍ଟୋବର ୭ ତାରିଖରେ ଏହାର ଶୁଣାଣି ହେବ।

## ଘର ଖାଲି କରିବା ନୋଟିସ୍‌କୁ ହାଇକୋର୍ଟଙ୍କ ପ୍ରତ୍ୟାଖ୍ୟାନ

କୋଲକାତା, ୧୬।୯ (ସଂଚାର ବ୍ୟୁରୋ): କାମାକ ଷ୍ଟ୍ରିଟ୍‌ର ଘର ଛାଡିବା ପାଇଁ ତୃଣମୂଳକୁ ଦମକଳ ବିଭାଗ ୪ ସେପ୍ଟେମ୍ବରରେ ଦେଇଥିବା ନୋଟିସ୍‌କୁ ପ୍ରତ୍ୟାଖ୍ୟାନ କରିଛି ହାଇକୋର୍ଟ। ବିଚାରପତି କୃଷ୍ଣା ରାଓଙ୍କ ନିର୍ଦ୍ଦେଶ ଗତ ସେପ୍ଟେମ୍ବର ୩ ତାରିଖରେ ତୃଣମୂଳ ଯେଉଁ ଜବାବ ଦେଇଥିଲା ନୂତନ କରି ଦମକଳକୁ ସେହି ଜବାବକୁ ଦେଖିବାକୁ ହେବ। ତା'ପରେ ପୁଣି ସେହି ସ୍ଥାନ ପରିଦର୍ଶନ କରିବାକୁ ହେବ। ଯଦି ସେଠାରେ ଅଗ୍ନିସୁରକ୍ଷାରେ କୌଣସି ତ୍ରୁଟି ଅଛି ବୋଲି ମନେକରେ, ତେବେ ତୃଣମୂଳକୁ ପୁଣି ନୋଟିସ୍ ସେମାନେ ଦେଇପାରିବେ।

## ଦିପ୍‌ସିତାଙ୍କ ସଭା ପୂର୍ବରୁ ବାଲିରେ ଭଙ୍ଗାରୁଜା

କୋଲକାତା, ୧୬।୯ (ସଂଚାର ବ୍ୟୁରୋ): ବାଲି ଅଞ୍ଚଳରେ ସିପିଏମ୍ ଦଳର ଅନେକ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯାଇଛି। ବାଲି ପଞ୍ଚାନନତଳା ରୋଡ୍‌ରେ ଥିବା ଦେୱାନ-ଗାଜି ଜୋନାଲ ପାର୍ଟି ଅଫିସ୍ ଏବଂ ବେଲୁଡ ଷ୍ଟେସନ ରୋଡ୍‌ରେ ଥିବା ଦଳୀୟ କାର୍ଯ୍ୟାଳୟ ସମେତ ବିଭିନ୍ନ କାର୍ଯ୍ୟାଳୟକୁ ଟାର୍ଗେଟ୍ କରାଯାଇଥିଲା। ଖବର ଅନୁଯାୟୀ, ପ୍ରାୟ ୬୦ରୁ ୭୦ ଜଣ ଦୁର୍ବୃତ୍ତ ମୋଟରସାଇକେଲ ଯୋଗେ ରାତି ପ୍ରାୟ ୧୦ଟା ସମୟରେ ସେଠାରେ ପହଞ୍ଚି ଏହି ଭଙ୍ଗାରୁଜା କରିଥିଲେ। ଉଲ୍ଲେଖନୀୟ ଯେ, ବାମପନ୍ଥୀ ନେତ୍ରୀ ଦିପ୍‌ସିତା ଧର ବୁଧବାର ଦିନ ବାଲି ପଞ୍ଚାନନତଳାଠାରେ ଏକ କାର୍ଯ୍ୟକ୍ରମ ଥିଲା।

### ଓଡ଼ିଶାରେ ହେବ ଦ୍ୱିତୀୟ ସେମିକଣ୍ଡକ୍ଟର ୟୁନିଟ୍

## ଜଟଣୀ ଇନ୍‌ଫୋଭ୍ୟାଲିରେ ଚିପ୍ ଉତ୍ପାଦନ କରିବ ସିକ୍‌ସେମ୍




ଭୁବନେଶ୍ୱର, ୧୬।୯ (ସଂଚାର ବ୍ୟୁରେ): ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ନୂଆ ଆଶା ସଂଚାର ହୋଇଛି। ଖୋର୍ଦ୍ଧାରେ ସିକ୍‌ସେମ୍ କମ୍ପାନି ଚିପ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ। ଏଥିରେ ୩, ୪୦୬ କୋଟି ଟଙ୍କା ନିବେଶ ହେବ। ଓଡ଼ିଶାରେ ଦ୍ୱିତୀୟ ବୃହତ ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପ୍ରସ୍ତାବକୁ ଫାଲ୍‌ଟା ଏସ୍‌ଇଜେଡ୍‌ର ୟୁନିଟ୍ ଅନୁମୋଦନ କମିଟିର ମଞ୍ଜୁରୀ ମିଳିଛି। ଜଟଣୀ ତହସିଲର ଇଡ୍‌କୋ ଇନଫୋଭ୍ୟାଲିଠାରେ ୨୨.୮୮ ଏକର ପରିମିତ ଜମିରେ ଏହି ଉତ୍ପାଦନ ୟୁନିଟ୍ ସ୍ଥାପନ ହେବ।

କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନ ଏସ୍‌ଇଜେଡ୍ ନିୟମାବଳୀ ଅନୁସାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ୟୁନିଟ ଜଟିଳ ଇଲେକଟ୍ରୋନିକ୍ସ ଉତ୍ପାଦନରେ ଆତ୍ମନିର୍ଭରଶୀଳତା ବଢ଼ାଇବ। ଏହାଦ୍ୱାରା ରାଜ୍ୟର ରପ୍ତାନି ଭିତ୍ତିକ ଶିଳ୍ପ ବିକାଶ ତ୍ୱରାନ୍ୱିତ ହେବା ଆଶା ରହିଛି। ଏହି ଅତ୍ୟାଧୁନିକ ୟୁନିଟରେ ସିଲିକନ କାର୍ବାଇଡ କମ୍ପାଉଣ୍ଡ ସେମିକଣ୍ଡକ୍ଟର ପ୍ରଯୁକ୍ତି ବ୍ୟବହାର କରାଯିବ। ଏଠାରେ ବାର୍ଷିକ ୪୮ ଲକ୍ଷ ସିକ୍ ଡାୟୋଡ୍ ଏବଂ ୯.୧୨ କୋଟି ସିକ୍ ମସ୍‌ଫେଟ୍ ଉତ୍ପାଦନ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ନୂଆ ୟୁନିଟ କାର୍ଯ୍ୟକ୍ଷମ ହେଲେ ଏହା ଓଡ଼ିଶାକୁ ସେମିକଣ୍ଡକ୍ଟର ମାନଚିତ୍ରରେ ପ୍ରତିଷ୍ଠିତ କରିବ। ଏହା ସହ ବୃହତ ନିବେଶ ରାଜ୍ୟ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ଏହି ପ୍ରକଳ୍ପ ୧୨୭୦ କୁଶଳୀ ନିଯୁକ୍ତି ସୃଷ୍ଟି କରିବ।

ଏହାବାଦ ସ୍ଥାନୀୟ ଶିଳ୍ପ ଏବଂ ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ପରୋକ୍ଷ ନିଯୁକ୍ତି ଆସିବା ସମ୍ଭାବନା ରହିଛି। ୟୁନିଟ କାର୍ଯ୍ୟକ୍ଷମ ହେବାର ପ୍ରଥମ ୫ବର୍ଷରେ ଏଠାରୁ ୭୦୪୩ କୋଟିର ରପ୍ତାନି ହେବା ନେଇ ଆକଳନ କରାଯାଇଛି। ଏହି ସମୟ ଅବଧିରେ କମ୍ପାନି ପ୍ରାୟ ୪୫୨୩ କୋଟିର ନିଟ୍ ବୈଦେଶିକ ମୁଦ୍ରା ଅର୍ଜନ କରିବ। ଭାରତ ସେମିକଣ୍ଡକ୍ଟର ମିଶନ ଅଧିନରେ ଏହି ଅନୁମୋଦନ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ସାଧାରଣ ସିଲିକନ ଭିତ୍ତିକ ଚିପ୍ ତୁଳନାରେ ସିଲିକନ କାର୍ବାଇଡ ସେମିକଣ୍ଡକ୍ଟର ଗୁଡ଼ିକ ଅଧିକ ତାପମାତ୍ରା, ଉଚ୍ଚ ଭୋଲଟେଜ, ଶକ୍ତି ଦକ୍ଷତା ସହ୍ୟ କ୍ଷମତା ରଖିଥାଏ। ଫଳରେ ବୈଦ୍ୟୁତିକ ଯାନ, ଫାଷ୍ଟ ଚାର୍ଜିଂ ଷ୍ଟେଶନ, ସୌର ଇନଭର୍ଟର, ସ୍ମାର୍ଟ ଗ୍ରୀଡ ସିଷ୍ଟମ, ଡାଟା ସେଣ୍ଟର ଏବଂ ଶିଳ୍ପ ଅଟୋମେଶନ କ୍ଷେତ୍ରରେ ଏଭଳି ଚିପ୍ ଗୁଡ଼ିକର ବହୁଳ ଭାବେ ଚାହିଦା ରହିଛି।

### ପଣ୍ୟ କାରବାରରେ ପୂର୍ବତଟ ରେଳବାଇର ରେକର୍ଡ

## ୧୦୦ ମେଟ୍ରିକ୍ ଟନ୍ ପଣ୍ୟ ଅନ୍‌ଲୋଡିଂରେ ପ୍ରଥମ ରେଳପଥ ଜୋନ୍



ଭୁବନେଶ୍ୱର, ୧୬।୯ (ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ମାଲ୍‌ବାହୀ ଟ୍ରେନ୍‌ରୁ ପଣ୍ୟ ଖଲାସ ବା ଅନ୍‌ଲୋଡିଂ କ୍ଷେତ୍ରରେ ୧୦୦ ମେଟ୍ରିକ୍ ଟନର ସୀମା ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୧୭ ଦିନ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରି ପୂର୍ବତଟ ରେଳପଥ ଦେଶର ପ୍ରଥମ ରେଳ ଜୋନ୍‌ରେ ପରିଣତ ହୋଇଛି।

ଏହି ସଫଳତା ପୂର୍ବତଟ ରେଳପଥର ପଣ୍ୟ ହ୍ୟାଣ୍ଡଲିଂ, ୱାଗନ୍ ଟର୍ନଅରାଉଣ୍ଡ ଏବଂ ରେଳ ସମ୍ପତ୍ତିର ସର୍ବୋତ୍ତମ ବ୍ୟବହାର କ୍ଷେତ୍ରରେ ପୂର୍ବ ତଟ ରେଳପଥର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଏହା ଫଳରେ ରେଳପଥ ମାଧ୍ୟମରେ ପଣ୍ୟର ଅଧିକ ଦ୍ରୁତ ଓ ଦକ୍ଷ ପରିବହନ ସମ୍ଭବ ହେଉଛି। ଏହି ସମୟ ମଧ୍ୟରେ, ୨୦୨୫- ୨୬ ଆର୍ଥିକ ବର୍ଷର ସମାନ ସମୟ ତୁଳନାରେ ପୂର୍ବତଟ ରେଳପଥ ପଣ୍ୟ ରିଲିଜ୍ ଟନେଜ୍‌ରେ ୯.୮% ଅଭିବୃଦ୍ଧି ରେକର୍ଡ କରିଛି।

ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ବକ୍ସଏନ ୱାଗନ୍‌ଗୁଡ଼ିକର ରିଲିଜ୍ ୭.୩% ବୃଦ୍ଧି ପାଇଥିବା ବେଳେ ବିଓବିଆରଏନ ୱାଗନ୍ ରିଲିଜ୍‌ରେ ୯.୮% ବୃଦ୍ଧି ପଞ୍ଜୀକୃତ ହୋଇଛି। ୱାଗନ୍ ରିଲିଜ୍‌ରେ ଏହି ସୁଧାର, ଉନ୍ନତ ଟର୍ନଆରାଉଣ୍ଡ ଓ ମାଲ୍ ପରିବହନ ପରିଚାଳନାରେ ବର୍ଦ୍ଧିତ ଦକ୍ଷତାକୁ ଦର୍ଶାଉଛି। ପୂର୍ବତଟ ରେଳପଥ ପଣ୍ୟ ଲୋଡିଂ କ୍ଷେତ୍ରରେ ୩.୯% ବୃଦ୍ଧି ପଞ୍ଜୀକୃତ କରିଥିବା ବେଳେ ଏହି ସମାନ ଅବଧି ମଧ୍ୟରେ ପଣ୍ୟ ପରିବହନରୁ ରାଜସ୍ୱ ଆଦାୟରେ ୩.୨% ଅଭିବୃଦ୍ଧି ରେକର୍ଡ କରିଛି। ଏହି ପ୍ରଗତି ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଏବଂ ଉପଲବ୍ଧ ରେଳ ସମ୍ପତ୍ତିର ସର୍ବୋତ୍ତମ ବ୍ୟବହାର ଉପରେ ଜୋନ୍‌ର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି।

## ସନ୍ତାନ ଜନ୍ମଦେଲେ ନାବାଳିକା, ସ୍ୱାମୀ ଗିରଫ

କୋଲକାତା, ୧୬।୯ (ସଂଚାର ବ୍ୟୁରୋ): ମହିଷାଦଳରେ ଜଣେ ନାବାଳିକା ସନ୍ତାନ ପ୍ରସବ କରିବା ଘଟଣାରେ ତାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଯୁବକ ସୌମିତ୍ର ଜାନା ମହିଷାଦଳ ଥାନା ଅନ୍ତର୍ଗତ ଅମୃତବେଡିଆ ଗ୍ରାମର ବାସିନ୍ଦା ଅଟନ୍ତି। ପ୍ରାପ୍ତ ଖବର ଅନୁଯାୟୀ, ଉକ୍ତ ନାବାଳିକା ଅଷ୍ଟମ ଶ୍ରେଣୀରେ ପଢ଼ୁଥିବା ସମୟରେ ସୌମିତ୍ରଙ୍କ ସହ ଘରୁ ପଳାଇ ଯାଇଥିଲେ। ପୁଲିସ ତାଙ୍କୁ ଉଦ୍ଧାର କରି ଏକ ସେଲ୍ଟର ହୋମ୍‌କୁ ପଠାଇଥିଲା। ସେଠାରୁ ବାହାରିବା ମାତ୍ରେ ସେ ଉକ୍ତ ଯୁବକଙ୍କୁ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ମାତ୍ର ୧୭ ବର୍ଷ ବୟସରେ ସେ ଗର୍ଭବତୀ ହୋଇଥିଲେ। ପ୍ରସବ ପାଇଁ ତାଙ୍କୁ ପ୍ରଥମେ ତାମଲୁକ ସହରର ବିଭିନ୍ନ ନର୍ସିଂ ହୋମରେ ଭର୍ତ୍ତି କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇନଥିଲା। ଶେଷରେ ତାଙ୍କୁ ମହିଷାଦଳ ସ୍ଥିତ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଏହି ଘଟଣା ପରେ ଉକ୍ତ ଯୁବତୀଙ୍କ ସ୍ୱାମୀଙ୍କ ବିରୋଧରେ ଏକ ଏଫ୍‌ଆଇଆର୍ ଦାୟର କରାଯାଇଥିଲା। ସେହି ଅଭିଯୋଗ ଆଧାରରେ ପୁଲିସ ବୁଧବାର ସକାଳେ ସୌମିତ୍ରଙ୍କୁ ଗିରଫ କରିଛି।

## ଭିନ୍ନ ଭିନ୍ନ ସ୍ଥାନରେ ଇଡି ଚଢ଼ାଉ

କୋଲକାତା, ୧୬।୯ (ସଂଚାର ବ୍ୟୁରୋ): ଚିଟ୍‌ଫଣ୍ଡ ନାମରେ ସଂଗୃହୀତ ବେଆଇନ ଅର୍ଥକୁ ନିର୍ମାଣ କାର୍ଯ୍ୟ ମାଧ୍ୟମରେ ଧଳା ଟଙ୍କାରେ ପରିଣତ କରାଯାଇଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣାର ତଦନ୍ତ କରି ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ବୁଧବାର କୋଲକାତାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଛି। ଇଡିର ଏକାଧିକ ଟିମ୍ ନାରକେଲଡାଙ୍ଗା, ନେତାଜୀ ନଗର ଏବଂ ରବୀନ୍ଦ୍ର ସରୋବର ସମେତ ମୋଟ ଛଅଟି ସ୍ଥାନରେ ତଲାସୀ ଚଳାଇଥିଲେ।

# ଆନିମଲ ହେଲ୍ପଲାଇନ୍ - ମଲା ପଶୁର ଉତ୍ତମ ଚିକିତ୍ସା



ଭୁବନେଶ୍ୱର,୧୬।୯: ମଲା ପଶୁର ବି ଉତ୍ତମ ଚିକିତ୍ସା ଓ ସେବା କରୁଛି ଆନିମଲ ହେଲ୍ପ ଲାଇନ୍ । ଏଭଳି ସେବା ପାଇଁ କେବଳ ସରକାର ବଦନାମ ହେବା ସାର ହେଉଛି ।

ଘଟଣାରୁ ପ୍ରକାଶ ଯେ ନୀଳାଦ୍ରୀବିହାର ଅଞ୍ଚଳରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଗୋଟିଏ କୁକୁର ଅସୁସ୍ଥ ହୋଇ ପଡି ରହିଥିଲା । ଚାଲିବାକୁ ଅକ୍ଷମ ଥିବା ଏହି ପଶୁଟିର ଚିକିତ୍ସାପାଇଁ ସ୍ଥାନୀୟ ଲୋକେ ଆନିମଲ ହେଲ୍ପ ଲାଇନ୍‌କୁ ଫୋନ କରିଥିଲେ । ଚଳିତମାସ ୧୧ ତାରିଖରେ ଏହି ଫୋନ୍ ପାଇବାପରେ ହେଲ୍ପଲାଇନ୍ କର୍ତ୍ତୃପକ୍ଷ ତୁରନ୍ତ ପଞ୍ଜିକରଣ କରିବା ସହିତ ସ୍ଥାନ ବିଷୟରେ ସୂଚନା ସଂଗ୍ରହ କରି ଅଭିଯୋଗକାରୀଙ୍କୁ ଧନ୍ୟବାଦ ଦେଇଥିଲେ।

ଅଭିଯୋଗ ପାଇବାପରେ କିନ୍ତୁ କାହାରି ଦେଖାଦର୍ଶନ ନଥିଲା । ରାସ୍ତାକଡରେ ପଡିଥିବା ଏହି ପଶୁଟିକୁ ସ୍ଥାନୀୟ ଲୋକେ ଖାଦ୍ୟ ପାନୀୟ ଦେଇଥିଲେ ମଧ୍ୟ ଅସୁସ୍ଥତା କାରଣରୁ ପଡି ପଡି ସେଠାରେ ତାହାର ପ୍ରାଣବାୟୁ ଉଡିଗଲା । ଏହାପରେ ମୃତ ପଶୁର ଶରୀରକୁ ଉଠାଇବାପାଇଁ ସ୍ଥାନୀୟ ଲୋକେ ବିଏମସିକୁ କହିଥିଲେ ମଧ୍ୟ ସେଥିରୁ କିଛି ସୁଫଳ ମିଳିଲା ନାହିଁ । ମୃତ ପଶୁର ପଚା ଶରୀର ଏବେ ବି ସେଠାରେ ପଡି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀ ଓ ଅଭିଭାବକ ନାକରେ ଲୁଗାଦେଇ ଯାଉଛନ୍ତି ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ପଶୁଟି ମରିବାର ତିନି ଦିନ ପରେ ଅଭିଯୋଗକାରୀଙ୍କ ମୋବାଇଲ୍ ନମ୍ବରକୁ ସେସେଜଟିଏ ଆସିଛି । ଏଥିରେ ଲେଖାଯାଇଛି ଅସୁସ୍ଥ ପଶୁଟିକୁ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯାଇଛି : ଧନ୍ୟବାଦ ଓଡିଶା ସରକାର । ଏଭଳି ମେସେଜ ପାଇଲା ପରେ ଏବେ ଅଭିଯୋଗକାରୀ କେବଳ ଆଶ୍ଚର୍ଯ୍ୟ ପ୍ରକଟ କରିନାହାନ୍ତି, ଆନିମଲ ହେଲ୍ପ ଲାଇନ୍‌ର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ସ୍ଥାନୀୟ ଲୋକେ କହିଛନ୍ତି ଯେ ଏଭଳି କାର୍ଯ୍ୟପାଇଁ କେବଳ ସରକାର ବଦନାମ ହେବା ସାର ହୋଇଛି ।

କେବଳ ଆନିମଲ ହେଲ୍ପଲାଇନ୍ ନୁହେଁ, ଖୋଦ ରାଜଧାନୀରେ ବିଦ୍ୟୁତ୍, ପାନୀୟଜଳ ଯୋଗାଣ, ପରିମଳ ଆଦି ପାଇଁ ଥିବା ବିଭିନ୍ନ ନିଶୁଳ୍କ ନମ୍ବରରେ ଅଭିଯୋଗ କଲେ ବହୁ କ୍ଷେତ୍ରରେ ଅନୁରୂପ ସେବା ମିଳୁଛି । କେଉଁଠି ଅଭିଯୋଗର ନମ୍ବର ବାରମ୍ବାର ବଦଳୁଛି ତ ଆଉ କେଉଁ ଦାୟିତ୍ୱରେ ଥିବା ସଂସ୍ଥା ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ କର୍ଣ୍ଣପାତ କରୁନାହାନ୍ତି ।

ଭୁବନେଶ୍ୱର ସ୍ମାର୍ଟ ସିଟି ଠାରୁ ଆରମ୍ଭ କରି ଭୁବନେଶ୍ୱର ମହାନଗର ନିଗମ ଆଦି ନାଗରିକମାନଙ୍କୁ ତ୍ୱରିତ ସେବା ପ୍ରଦାନ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ସହାୟତା କେନ୍ଦ୍ର ଖୋଲି କର୍ମଚାରୀ ନିଯୁକ୍ତ କରିଛନ୍ତି । ଲୋକେ ଏମାନଙ୍କ ଉପରେ ଭରସା କରି ଅଭିଯୋଗ ଦରଜ କରୁଥିବାବେଳେ ସମାଧାନ କିନ୍ତୁ ସେହି ଅନୁଯାୟୀ ହେଉନାହିଁ । ଏଥିରେ ବିଏମସି, ସ୍ମାର୍ଟସିଟି ଏପରିକି ନଗର ଉନ୍ନୟନ ବିଭାଗ କେବଳ ବଦନାମ ହେବା ସାର ହେଉଛି । (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜନ୍ମଦିନରେ ବାରାଣସୀରେ...

ମୋଦିଙ୍କ ଜନ୍ମଦିନ ଅବସରରେ ବାରାଣସୀରୁ ଏକ ବାଇକ୍ ରାଲିର ଶୁଭାରମ୍ଭ କରାଯିବ। ଏହା ମୋଦିଙ୍କ ଜନ୍ମସ୍ଥାନ ଗୁଜରାଟର ବଡନଗର ଓ ତାଙ୍କ ଲୋକସଭା ନିର୍ବାଚନମଣ୍ଡଳୀ ବାରାଣସୀକୁ ଯୋଡ଼ିବାକୁ ଯୋଜନା କରାଯାଇଛି। ଉଭୟ ସ୍ଥାନରୁ ସମାନ ସମୟରେ ରାଲିର ଶୁଭାରମ୍ଭ ହେବ। ବାରାଣସୀ କାର୍ଯ୍ୟକ୍ରମରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ କେନ୍ଦ୍ରମନ୍ତ୍ରୀ ତଥା ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମୁଖ୍ୟ ଚିରାଗ ପାସୱାନ୍ ମଧ୍ୟ ଉପସ୍ଥିତ ରହିବେ। ଅନ୍ୟପକ୍ଷରେ ଗୁଜରାଟର ବଡନଗରରେ ହେବାକୁ ଥିବା ଅନ୍ୟ ଏକ ରାଲିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ଅପନା ଦଳର ଅନୁପ୍ରିୟା ପଟେଲଙ୍କ ସମେତ ଅନ୍ୟ ନେତାମାନେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନଠାରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ମାସେ ବ୍ୟାପୀ 'ସେବା ସଙ୍କଳ୍ପ ଅଭିଯାନ' ଆୟୋଜନ କରିବାକୁ ବିଜେପି ପକ୍ଷରୁ ଯୋଜନା କରାଯାଇଛି। ଏହି ଅଭିଯାନରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଓ ଜନସମ୍ପର୍କ ଅଭିଯାନ ସାମିଲ ରହିବ। ମୋଦିଙ୍କ ସାର୍ବଜନୀନ ଜୀବନର ୨୫ ବର୍ଷ ପୂର୍ତ୍ତିକୁ ମଧ୍ୟ ଏହି ଅଭିଯାନ ସହ ଯୋଡ଼ାଯାଇଛି। ବଡନଗରରୁ ବାରାଣସୀ ପର୍ଯ୍ୟନ୍ତ ପ୍ରସ୍ତାବିତ ବାଇକ୍ ଯାତ୍ରା ଏହି ଅଭିଯାନର ଏକ ପ୍ରମୁଖ ଅଂଶ ହେବ। ଏହି ବାଇକ୍ ଯାତ୍ରା ପ୍ରାୟ ୧୦ଟି ରାଜ୍ୟର ୧୯୩ଟି ଜିଲ୍ଲା ଓ ପ୍ରାୟ ୧, ୧୫୯ଟି ଗାଁ ଦେଇ ଯିବ। ଏହି ଯାତ୍ରାରେ ପ୍ରାୟ ୪୦ ହଜାର କିଲୋମିଟର ରାସ୍ତା ଅତିକ୍ରମ କରାଯିବ ଏବଂ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୧, ୦୦୦ ଯୁବକ ଅଂଶଗ୍ରହଣ କରିବେ।

### ସମ୍ବଲପୁରରେ ଲୋକାର୍ପିତ...

ଗତ ଜାନୁଆରୀ ୨୦୨୬ରେ ସେ ୯୪୮ କୋଟି ଟଙ୍କାର ପ୍ରକଳ୍ପ ସହ ୫୦ଟି ବୈଦ୍ୟୁତିକ ବସ୍‌ର ଶୁଭାରମ୍ଭ କରିଥିଲେ। ଅଇଁଠାପାଲି ବସ୍ ଟର୍ମିନାଲ୍ ଓ ଏହାର ୧୦ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସହରରେ ଜଳସଙ୍କଟ ଓ ଜଣ୍ଡିସ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅମୃତ-୨.୦ ଅଧୀନରେ ୪୫୦ କୋଟି ଟଙ୍କାର 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଜରିଆରେ ୪୧ଟି ୱାର୍ଡକୁ ୧୦୦ ନିୟୁତ ଲିଟର ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ। ଏତଦ୍‌ବ୍ୟତୀତ, ବୁର୍ଲା ଓ ହୀରାକୁଦ ରିଙ୍ଗ୍ ରୋଡ୍, ରେମେଡ୍-ହୀରାକୁଦ ୪-ଲେନ୍ ରାସ୍ତା ଆଦିର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଏହି ଗୋଟିଏ ବର୍ଷରେ ସେପ୍ଟେମ୍ବର ସୁଦ୍ଧା ସମ୍ବଲପୁର ପାଇଁ ପ୍ରାୟ ୧, ୯୧୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ କରାଯାଇଛି।

ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଭୁବନେଶ୍ୱର ବାହାରେ ସମ୍ବଲପୁରରେ ପ୍ରଥମ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ମଧ୍ୟ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶ ଓ ନିଯୁକ୍ତି ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲପଙ୍ଗାଠାରେ ହିଣ୍ଡାଲ୍‌କୋର ସମ୍ପ୍ରସାରଣ ପାଇଁ ୪୦, ୦୦୦ କୋଟି ଏବଂ ରେଙ୍ଗାଲିଠାରେ ଜେଏସଡବ୍ଲୁ-ଜେଏଫଇ ଷ୍ଟିଲ୍ ଦ୍ୱାରା ୩୨, ୦୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ସହିତ କୃଷି ଭବନ, ଛାତ୍ରୀ ନିବାସ, ସମ୍ବଲପୁର ଫୁଟବଲ୍ ଏକାଡେମୀର ଆଧୁନିକୀକରଣ ଏବଂ 'ହୀରାକୁଦ ଡ୍ୟାମ୍ ମାଷ୍ଟର ପ୍ଲାନ' ନିର୍ମାଣ କରାଯାଉଛି। ରାଜ୍ୟ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ନାରୀ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଓ 'କନ୍ୟା ସୁମଙ୍ଗଳ' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆଗକୁ ନିଆଯାଉଛି ଏବଂ ରାଜ୍ୟ ବଜେଟର ୪୦ ପ୍ରତିଶତ ମହିଳାଙ୍କ ପାଇଁ ବ୍ୟୟ ହେଉଛି। କେନ୍ଦ୍ର ଓ ରାଜ୍ୟର 'ଡବଲ ଇଞ୍ଜିନ' ସରକାରର ସଫଳତା ବାବଦରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାକୁ ୯୦ ହଜାର କୋଟିର ରେଳ, ୪୦ ହଜାର କୋଟିର ସଡ଼କ, ୨୫ ହଜାର କୋଟିର ବନ୍ଦର ଏବଂ ୨୫ ହଜାର କୋଟି ଟଙ୍କାର ଜାହାଜ ନିର୍ମାଣ ପ୍ରକଳ୍ପ ମିଳିଛି। ସମ୍ବଲପୁରରେ ୧, ୫୨୧ କୋଟି ଟଙ୍କାର ୪-ଲେନ୍ ବାଇପାସ୍, ଭୀମସାରର ୧, ୭୦୦ କୋଟିର ସମ୍ପ୍ରସାରଣ, ୧୦୦ କୋଟିର ଆକ୍ୱା ପାର୍କ, ଏବଂ ୧୦୦ କୋଟି ଟଙ୍କାର 'ସମଲେଇ ଫେଜ୍-୨' କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି।

ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଓ ବିଶ୍ୱକର୍ମା ପୂଜା ଅବସରରେ ମାସବ୍ୟାପୀ ସେବା ସଂକଳ୍ପ ଅଭିଯାନ, 'ଆଶୀର୍ବାଦର ଦୀପ' ଏବଂ 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମରେ ସାମିଲ ହେବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଦୀପ ଲଗାଇ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିବାକୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ।

ଏହି ସମାରୋହ ଅବସରରେ କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଭାସୀ ମାଧ୍ୟମରେ ନିଜର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ, ସମ୍ବଲପୁରଠାରେ ଉଦ୍‌ଘାଟିତ ଡପ୍‌ଲର ରାଡାର ଆମ ପୂର୍ବାନୁମାନ ପ୍ରଣାଳୀ କ୍ଷେତ୍ରରେ ଏକ ବିରାଟ ସଫଳତା ଓ ମାଇଲଖୁଣ୍ଟ। ଆଗାମୀ ଦିନରେ ଦେଶରେ ଆହୁରି ୪୦ଟି ଡପ୍‌ଲର ରାଡାର ଯୋଡ଼ାଯିବ, ଯାହାଦ୍ୱାରା ସମଗ୍ର ଓଡ଼ିଶା ରାଜ୍ୟର କୋଣ-ଅନୁକୋଣ ପାଇଁ ସଠିକ୍ ପାଣିପାଗ ପୂର୍ବାନୁମାନ ମିଳିପାରିବ ବୋଲି ସେ କହିଥିଲେ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ଡପ୍‌ଲର ପାଣିପାଗ ରାଡାରର ସ୍ଥାପନା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଓ ଆବଶ୍ୟକତାକୁ ପୂରଣ କରିଛି। ସମ୍ବଲପୁରଠାରେ କାର୍ଯ୍ୟକ୍ଷମ ହୋଇଥିବା ଏହି ରାଡାର ଦ୍ୱାରା କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡ଼ିଶାର ୧୩ଟି ଜିଲ୍ଲାର କୃଷକ, ଆଞ୍ଚଳିକ ଜନସାଧାରଣ ଏବଂ ବିପର୍ଯ୍ୟୟ ପ୍ରଶମନ ବାହିନୀ ବିପଦର ବହୁ ଆଗରୁ ବଜ୍ରପାତ, ପ୍ରବଳ ବର୍ଷା ଓ ଝଡ଼ତୋଫାନର ସଠିକ୍ ତଥ୍ୟ ପାଇପାରିବେ।

### ଶାହଜାଦ ଭଟ୍ଟି ନେଟୱାର୍କକୁ...

ଭାବରେ ଘୋଷଣା କରିଛି। ଯୁବକ ଓ ଛୋଟ ଛୋଟ ଅପରାଧୀମାନଙ୍କୁ ଆତଙ୍କବାଦ ପାଇଁ ଉସୁକାଇବା ବ୍ୟତୀତ ଏହି ଗୋଷ୍ଠୀ ସୀମା ପାର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ନିଶାଦ୍ରବ୍ୟ ଚୋରାଚାଲାଣରେ ଜଡିତ। ଭାରତର ଗଣତାନ୍ତ୍ରିକ ଢାଞ୍ଚା ଏବଂ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ଲକ୍ଷ୍ୟ କରି ଏହି ସିଣ୍ଡିକେଟ୍ ଘୃଣ୍ୟ ଡିଜିଟାଲ୍ ବିଷୟବସ୍ତୁ ମଧ୍ୟ ପ୍ରକାଶ କରିଥିଲା।

### ଭାରତୀୟ ଯୁଦ୍ଧ ପୋତକୁ...

ରଖିବା କାର୍ଯ୍ୟରେ ନିୟୋଜିତ ଥିଲା। ଏହି ସମୟରେ ପାକିସ୍ତାନ ନୌସେନାର 'ସି ସ୍ପାର୍କ' ଅଭ୍ୟାସରେ ଭାଗନେଇଥିବା 'ପିଏନ୍ ହୁନାଇନ୍' ନାମକ ଏକ ଅଫ୍‌ସୋର୍ ପାଟ୍ରୋଲିଂ ଭେସେଲ୍ ଭାରତୀୟ ଜାହାଜର ପିଛା କରୁଥିଲା। ସାମୁଦ୍ରିକ ନିରାପତ୍ତା ସତର୍କତା ସତ୍ତ୍ୱେ ପାକିସ୍ତାନୀ ଜାହାଜଟି ହଠାତ୍ ଗତି ବଢ଼ାଇ ଭାରତୀୟ ଯୁଦ୍ଧପୋତର ସାମାନ୍ୟ ଆଗରୁ ଅତିକ୍ରମ କରିବାକୁ ଚେଷ୍ଟା କରିଥିଲା। ଫଳରେ ପାକିସ୍ତାନୀ ଜାହାଜର ଅଗ୍ରଭାଗ ଭାରତୀୟ ଯୁଦ୍ଧପୋତ ସହ ଘସି ହୋଇଯାଇଥିଲା। ତେବେ ଭାରତୀୟ ପକ୍ଷରୁ କୌଣସି ପ୍ରକାରର କ୍ଷତି ବା କର୍ମଚାରୀ ଆହତ ହୋଇ ନଥିବା ଜଣାପଡ଼ିଛି। ଭାରତୀୟ ଯୁଦ୍ଧପୋତଟି ସୁରକ୍ଷିତ ଭାବେ ନିଜର ମିଶନ୍ ଜାରି ରଖିଛି।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ପାକିସ୍ତାନୀ ନୌସେନାର ଏଭଳି କାର୍ଯ୍ୟ ଗ୍ରହଣୀୟ ନୁହେଁ। ଭାରତ ପକ୍ଷରୁ ଦର୍ଶାଯାଇଛି ଯେ ଏହା ୧୯୯୧ ମସିହାରେ ସାମରିକ ଅଭ୍ୟାସ ଓ ସେନା ଗତିବିଧି ସମ୍ପର୍କରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତିର ଧାରା-୧୦ର ସ୍ପଷ୍ଟ ଉଲ୍ଲଂଘନ। ଏହି ଧାରା ଅନୁଯାୟୀ, ଅନ୍ତର୍ଜାତୀୟ ଜଳରାଶିରେ କାର୍ଯ୍ୟ କରୁଥିବା ଉଭୟ ଦେଶର ନୌସେନା ଜାହାଜଗୁଡ଼ିକ ପରସ୍ପରଠାରୁ ଅତିକମ୍‌ରେ ୩ ନଟିକାଲ୍ ମାଇଲ୍ (ପ୍ରାୟ ୫.୬ କିମି) ଦୂରତା ବଜାୟ ରଖିବା ବାଧ୍ୟତାମୂଳକ। ଭାରତରେ ଥିବା ପାକିସ୍ତାନୀ କୂଟନୀତିଜ୍ଞଙ୍କୁ ଏହି ଘଟଣା ସମ୍ପର୍କରେ ଅବଗତ କରାଯିବା ସହ ଭବିଷ୍ୟତରେ ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟରୁ ଦୂରେଇ ରହିବା ଓ ଦ୍ୱିପାକ୍ଷିକ ଚୁକ୍ତିଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି।

### ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ...

ଗୁରୁଦାୟିତ୍ୱ ନେବାକୁ ହେବ।ଏହାସହ ଦେବଗଡ଼କୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ପ୍ରଧାନପାଟର ସୌନ୍ଦର୍ଯ୍ୟକରଣ ଓ ଐତିହାସିକ ପୁରୁଣା କଚେରୀକୁ ଏକ ଅତ୍ୟାଧୁନିକ ମ୍ୟୁଜିୟମରେ ପରିଣତ କରିବା ପାଇଁ ଡବଲ ଇଞ୍ଜିନ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ଯାଦବପୁର ବିଶ୍ୱବିଦ୍ୟାଳୟ ଛାତ୍ର ମୃତ

କୋଲକାତା, ୧୬।୯ (ସଂଚାର ବ୍ୟୁରୋ): ବୀରଭୂମର ସଦାଇପୁର ଥାନା ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଯାଦବପୁର ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକଙ୍କୁ ରୋହିତ ହାଲଦାର (୨୦) ବୋଲି ଚିହ୍ନଟ କରାଯାଇଛି। ସେ ଯାଦବପୁର ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଛାତ୍ର ଥିଲେ। ରୋହିତ ମୋଟରସାଇକେଲ ଯୋଗେ ୧୪ ନମ୍ବର ଜାତୀୟ ରାଜପଥ ଦେଇ କାଟୁଜୋରସ୍ଥିତ ଏକ ପେଟ୍ରୋଲ ପମ୍ପ ଆଡ଼କୁ ଯାଉଥିଲେ। କାଟୁଜୋର ଛକ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ପିକଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବର୍ଦ୍ଧମାନ ଶିଶୁ ମୃତ୍ୟୁ ଘଟଣା

## ନର୍ସିଂ ହୋମ ବନ୍ଦ ପାଇଁ ନିର୍ଦ୍ଦେଶ

କୋଲକାତା, ୧୬।୯ (ସଂଚାର ବ୍ୟୁରୋ): ବର୍ଦ୍ଧମାନର ନବାବହାଟ ଅଞ୍ଚଳରେ ଥିବା 'ଲାଇଭ କେୟାର' ନର୍ସିଂ ହୋମ୍‌ରେ ଜଣେ ଚାରି ବର୍ଷର ଶିଶୁର ମୃତ୍ୟୁ ଘଟଣାର ତଦନ୍ତ ସମୟରେ ଗୁରୁତର ଅବହେଳା ଓ ସେବା ସମ୍ବନ୍ଧୀୟ ତ୍ରୁଟିର ଅଭିଯୋଗ ପରେ ପୂର୍ବ ବର୍ଦ୍ଧମାନ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଉକ୍ତ ସଂସ୍ଥାର ସମସ୍ତ ସେବାକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି।

**ଉପକୂଳରେ ହାଇ ଆଲର୍ଟ**

# ଆରମ୍ଭ ହେଲା ସାଗର କବଚ



## ଅସ୍ତରଙ୍ଗ ବେଳାଭୂମିରେ ନୌସେନା-ପୁଲିସର ଯୁଦ୍ଧାଭ୍ୟାସ

## ବ୍ଲୁ ବନାମ ରେଡ୍ ଟିମ୍ ମୁକାବିଲା

## ସମୁଦ୍ର ବାଟେ ଅନୁପ୍ରବେଶ ରୋକିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ

କାକଟପୁର/ଅସ୍ତରଙ୍ଗ,୧୬।୯ (ସଂଚାର ବ୍ୟୁରୋ): ସମୁଦ୍ର ପଥେ ଶତ୍ରୁ ପଶିଲେ ଏଥର ଆଉ ରକ୍ଷା ନାହିଁ। ମୁମ୍ବାଇ ପରି ଆକ୍ରମଣକୁ ରୋକିବା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଆରମ୍ଭ ହୋଇଛି ହାଇ ଭୋଲଟେଜ୍ ସମରାଭ୍ୟାସ "ସାଗର କବଚ-୨"। ବୁଧବାର ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ଦୁଇ ଦିନିଆ ସମରା ଅଭ୍ୟାସ ଗୁରୁବାର ସନ୍ଧ୍ୟା ଯାଏଁ ଚାଲିବ। ସମୁଦ୍ର ସୀମାନ୍ତରେ ଏବେ ଫୁଲ୍ ଆଲର୍ଟ ଜାରି କରାଯାଇଛି।

ସୂଚନା ଅନୁଯାୟୀ, ୨୦୦୮ ମସିହା ନଭେମ୍ବର ୨୬ ମୁମ୍ବାଇରେ ପାକିସ୍ତାନରୁ ସମୁଦ୍ର ବାଟ ଦେଇ ଆତଙ୍କବାଦୀ ପଶି ଆକ୍ରମଣ କରିଥିଲେ। ଏହା ପରେ ସମଗ୍ର ଭାରତର ଉପକୂଳ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଥିଲା। ସେବେଠାରୁ ପ୍ରତିବର୍ଷ ଦୁଇ ଥର କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି "ସାଗର କବଚ" ଅଭ୍ୟାସ କରାଯାଉଛି। ପୁରୀ ଜିଲ୍ଲାର ଲମ୍ବା ସମୁଦ୍ର ଉପକୂଳ ଥିବାରୁ ଅସ୍ତରଙ୍ଗ ବ୍ଲକର ନୂଆଗଡ, କାଳିଆକଣ, ସହନ, ସୁଦିକେଶର, ଗୁଣ୍ଡଲବା ଭଳି ସମ୍ବେଦନଶୀଳ ସ୍ଥାନକୁ ବଛାଯାଇଛି। ଏଥିପାଇଁ ଦୁଇଟି ଟିମ୍ କରାଯାଇଛି। ଗୋଟିଏ ହେଉଛି ବ୍ଲୁ ଟିମ୍, ଯିଏ ଆମ ସୁରକ୍ଷା ବାହିନୀ। ସେମାନେ ଉପକୂଳ ଜଗିବେ। ଅନ୍ୟଟି ହେଉଛି ରେଡ୍ ଟିମ୍, ଯିଏ ଶତ୍ରୁ ପକ୍ଷ ସାଜିବେ। ରେଡ୍ ଟିମ୍ ଦୂର ସମୁଦ୍ରକୁ ଯାତ୍ରା କରି ପୁଣି ଉପକୂଳ ମୁହାଁ ହୋଇ ଅନୁପ୍ରବେଶ କରିବାର ନାଟକ କରିବେ। ଏହି ସମୟରେ ବ୍ଲୁ ଟିମ୍ କେତେ ଶୀଘ୍ର ସେମାନଙ୍କୁ ଚିହ୍ନଟ କରି ଘେରି ପାରୁଛି ତାହା ପରଖାଯିବ। ସମୁଦ୍ର ମଧ୍ୟରେ ସନ୍ଦିଗ୍ଧ ଡଙ୍ଗାକୁ ଅଟକାଇ ଯାଞ୍ଚ କରିବା, ମତ୍ସ୍ୟଜୀବୀଙ୍କୁ ସଚେତନ କରିବା ଭଳି କାର୍ଯ୍ୟ କରାଯାଉଛି।

ଏହି ମିଳିତ ଅଭ୍ୟାସରେ ଭାରତୀୟ ନୌସେନା, ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନ ପୋଲିସ, ମତ୍ସ୍ୟ ବିଭାଗ, ଅସ୍ତରଙ୍ଗ ପୋଲିସ ସହ ପୁରୀ ଜିଲ୍ଲାର ବିଭିନ୍ନ ଥାନା ପୋଲିସ ସାମିଲ ହୋଇଛନ୍ତି। ବୁଧବାର ପ୍ରତ୍ୟୁଷରୁ ଏହି କାର୍ଯ୍ୟକ୍ରମକୁ ପୁରୀ ଅତିରିକ୍ତ ଏସପି ସଚିନ ପଟେଲ ନିଜେ ଅସ୍ତରଙ୍ଗ ଅଞ୍ଚଳର କାଳିଆକଣ, ନୂଆଗଡ, ସହନ ସମେତ ବିଭିନ୍ନ ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ତାଙ୍କ ସହ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ଟେକ୍ନିକାଲ ଷ୍ଟାଫ ମାଷ୍ଟର ପ୍ରକାଶ ଦାଶ, ବିପ୍ର ଚରଣ ସ୍ୱାଇଁ, ନୂଆଗଡ ଥାନା ଏଏସଆଇ ଯୁଧିଷ୍ଠିର ସାହୁଙ୍କ ସମେତ ସୁମିତ ଡୁମୁଡୁମ୍, କାର୍ଜି ପାଙ୍ଗୁଆଁ, ସାଗର ମିତ୍ର ହାପି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିଷ୍ଟା କ୍ଲବ ପକ୍ଷରୁ ରକ୍ତଦାନ ଶିବିର

## ୩୬ ୟୁନିଟ ରକ୍ତ ସଂଗୃହିତ



ସଜନାଗଡ଼,୧୬।୯ (ସଂଚାର ବ୍ୟୁରୋ): ନୀଳଗିରି ଘାଟଘରସହି ସ୍ଥିତ କ୍ରିଷ୍ଟା କ୍ଲବ ପକ୍ଷରୁ ଆଜି ବିଶାଳ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଏହି ଶିବିରରେ ନୀଳଗିରି ର ବରିଷ୍ଠ ସମାଜସେବୀ ଶିଶିର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫିତା କାଟି ଶିବିରକୁ ଉଦ୍ଘାଟନ କରିଥିଲେ। ନୀଳଗିରି ମେଡିକାଲ ର ଡାକ୍ତର ଅଙ୍କିତା ମହାପାତ୍ର ଯୋଗଦେଇ ରକ୍ତ ସଂଗ୍ରହକାରୀଙ୍କୁ ଉତ୍ସାହିତ କରିବା ସହିତ ରକ୍ତ ସଂଗ୍ରହ କରିଥିଲେ। ତାଙ୍କ ସହିତ ନରସିଂ ଅଫିସର ମଞ୍ଜରୀ ବେହେରା, ଲ୍ୟାବ ଟେକ୍ନିସିଆନ ରାଜେଶ ଦାସ, ଡାଟା ମେନେଜମେଣ୍ଟ ଆସିଷ୍ଟାଣ୍ଟ ସଂଗ୍ରାମ ମହାପାତ୍ର, ଆଟେଣ୍ଡେନ୍ସ ଗତିକୃଷ୍ଣ ମହାନ୍ତି, ଡ୍ରାଇଭର ରାଜେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଶିବିରରେ ୩୬ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ନୀଳଗିରି ରକ୍ତ ଭଣ୍ଡାରକୁ ନିଆଯାଇଥିଲା। କାର୍ଯ୍ୟକ୍ରମ ରେ କ୍ଲବ ର ସଭାପତି ଚନ୍ଦନ କୁମାର ଦାସ, ସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# କୋରେଇରେ ସାମ୍ବାଦିକଙ୍କୁ ଗୁଣ୍ଡାଙ୍କ ମରଣାନ୍ତକ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା



ଯାଜପୁର ରୋଡ୍,୧୬।୯ (ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀରେ ଗୁଣ୍ଡାରାଜ ବଢ଼ିବାରେ ଲାଗିଛି। ଗତ ମଙ୍ଗଳବାର ରାତି ପ୍ରାୟ ୧୦.୩୦ ସମୟରେ ନଗୁଆଁ ଜନଏଚ-୧୬ ନିକଟରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ନଗୁଆଁ ଛକରୁ ରାଜରାସ୍ତା ଉପରକୁ ଏକ ଡିଜେ ଗାଡି ଯାଉଥିବା ବେଳେ ସେହି ରାସ୍ତା ଦେଇ ରଗଡିରୁ ବରିଷ୍ଠ ସାମ୍ବାଦିକ ଅଭୟ ପତିଙ୍କ ଗାଡି ଆସୁଥିଲା। ହଠାତ୍ କିଛି ଯୁବକ ରାସ୍ତା ମଝିକୁ ଆସି ସମସ୍ତ ଗାଡିକୁ ଅଟକାଇଥିଲେ। କେବଳ ଅଟକାଇବା ନୁହେଁ, କୋରେଇ ବିଧାୟକଙ୍କ ନାମ ନେଇ ଗାଡିର ବନେଟ୍ ଉପରେ ପିଟାପିଟି କରିଥିଲେ। ସାମ୍ବାଦିକ ଆତଙ୍କିତ ହୋଇ ଦ୍ରୁତ ଗତିରେ ଗାଡି ନେଇ ସେଠାରୁ ପଳାଇ ଆସିଥିଲେ। ଗୁଣ୍ଡାଙ୍କ ଆକ୍ରମଣରେ ସାମ୍ବାଦିକଙ୍କ ଗାଡିର ମିରର୍ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ବନେଟ୍ ଚେପା ହୋଇଯାଇଛି। ଏ ନେଇ ସାମ୍ବାଦିକ ଅଭୟ ପତି ଯାଜପୁର ରୋଡ୍ ଏସଡିପିଓ, ଯାଜପୁର ରୋଡ୍ ଆଇଆଇସି ଏବଂ କୋରେଇ ଥାନା ଆଇଆଇସିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନ୍ଏଚ-୧୬ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବୋଲି ଅଭିଯୋଗ ହେଉଛି। ଆକ୍ରମଣକାରୀଙ୍କୁ ଗିରଫ କରା ନଗଲେ ଯାଜପୁର ସାମ୍ବାଦିକ ସଂଘ ପକ୍ଷରୁ ଏସପି ଅଫିସ୍ ଘେରାଉ କରାଯିବ ବୋଲି ଓଡିଶା ସାମ୍ବାଦିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ନଦୀରୁ ବାଲି ଆଣିବାକୁ ଯାଇ ଫସିଲେ ୩ ଶ୍ରମିକ, ଉଦ୍ଧାର କଲେ ଦମକଳ ବାହିନୀ

ଫୁଲବାଣୀ,୧୬।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଟ୍ରାକଟରରେ ନଦୀରୁ ବାଲି କାଢ଼ିବାକୁ ଯାଇ ଫସିଲେ ଡ୍ରାଇଭର ସହ ୩ ଶ୍ରମିକ। ତେବେ ସୂଚନା ଅନୁସାରେ ଗୋଚ୍ଛାପଡ଼ା ଲୁହୁରା ସାହି ଅଞ୍ଚଳର ଏକ ଟ୍ରାକ୍ଟରରେ ଡ୍ରାଇଭର ସହ ୨ ଜଣ ଶ୍ରମିକ ମିଶି ସୁନା ମୁଦି ନଦୀରୁ ବାଲି କାଢ଼ିବାକୁ ଯାଇଥିଲେ। ପାଗ ବି ଶୁଖିଲା ଥିଲା। ନଦୀକୁ ଟ୍ରାକ୍ଟର ନେଇଁ ବାଲି ଟ୍ରାକ୍ଟର ରେ ଲୋଡ କରୁଥିବା ସମୟରେ ହଠାତ ପ୍ରବଳ ମାତ୍ରାରେ ବର୍ଷା ଓ ଘଡ ଘଡି ହୋଇଥିଲା ବର୍ଷା ହେବା ଦ୍ୱାରା ଟ୍ରାକ୍ଟରଟି ନଦୀ ମଝିରେ ଦବି ଯାଇଥିଲା। ଟ୍ରାକ୍ଟର ବାହାର କରିବାକୁ ଡ୍ରାଇଭର ଓ ୨ ଶ୍ରମିକ ନଦୀ ମଝିରେ ଅଧିକ ପାଣି ବଢ଼ି ଆସିବାରୁ ବାହାରକୁ ଆସି ପାରିନଥିଲେ। ନଦୀ ମଝିରେ ଫସି ଯାଇଥିଲେ। ଖବର ପାଇ କିଛି ଲୋକେ ଦେଖିବା ପରେ ଫିରିଙ୍ଗିଆ ଦମକଳ ବାହିନୀ ତାରଜନ କୁମାର ନାୟକ ସୂଚନା ଦେଇଥିଲେ। ଖବର ପାଇ ଅପରାହ୍ନ ଚାରିଟାରୁ ରାତି ଆଠଟା ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ କରି ଦଉଡି ପକାଇ ଦମକଳ ବାହିନୀ ପହଁରି ପହଁରି ଯାଇ ସୁରକ୍ଷିତ ଉଦ୍ଧାର କରିଥିଲେ।

# ଗାଧୋଇବାକୁ ଯାଇ ଅମୃତ ସରୋବରରେ ବୁଡ଼ି ଯୁବକ ମୃତ



କୋରାପୁଟ,୧୬।୯ (ସଂଚାର ବ୍ୟୁରୋ): ଗାଧୋଇବାକୁ ଯାଇ ଘରକୁ ଫେରିଲେନି। ଶେଷରେ ଗାଁ ନିକଟ ଅମୃତ ସରୋବର ପଖୋରୀରୁ ମିଳିଲା ତାଙ୍କ ମୃତଦେହ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧୀନ ଗୀର୍ଲିଗୁମା ପଞ୍ଚାୟତର ଟିକ୍ରାପଡ଼ା ଗ୍ରାମରେ। ମୃତକ ହେଲେ ଟିକ୍ରାପଡ଼ା ଗ୍ରାମର ୫୬ ବର୍ଷୀୟ ଲିମ ଦିଶାରୀ। ପରିବାର ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ସକାଳ ପ୍ରାୟ ୧୦ଟାରେ ଲିମ ଦିଶାରୀ ଗାଧୋଇବା ପାଇଁ ଘରୁ ବାହାରିଥିଲେ। କିନ୍ତୁ ଦୀର୍ଘ ସମୟ ପରେ ମଧ୍ୟ ସେ ଘରକୁ ଫେରିନଥିଲେ। ପରିବାର ଲୋକେ ଚିନ୍ତିତ ହୋଇ ପ୍ରାୟ ୩ଟା ବେଳେ ସମ୍ପର୍କୀୟଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଲିମଙ୍କ ସାନ ପୁଅ ମନବୋଧ ଦିଶାରୀ ଏନେଇ ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ପଖୋରୀରେ ଖୋଜାଖୋଜି କରି ଲିମ ଦିଶାରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଦଶମନ୍ତପୁର ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପରେ ମୃତଦେହକୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଦଶମନ୍ତପୁର ଥାନା ପକ୍ଷରୁ ସୂଚନା ମିଳିଛି। ଘଟଣାକୁ ନେଇ ଟିକ୍ରାପଡ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଦହିବରା ଖାଇ ଝାଡ଼ାବାନ୍ତିରେ ୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ



କାକଟପୁର/ଅସ୍ତରଙ୍ଗ,୧୬।୯ (ସଂଚାର ବ୍ୟୁରୋ): ମଙ୍ଗଳବାର ଅପରାହ୍ନରେ ହସ ଖୁସିରେ ଦହିବରା ଖାଇଥିଲେ, ରାତି ୨ଟା ବେଳକୁ ଘର ହୋଇଗଲା ମେଡିକାଲ। ଏମିତି ଏକ ହୃଦୟ ଥରା ଘଟଣା ଘଟିଛି ପୁରୀ ଜିଲ୍ଲା କାକଟପୁର ବାଙ୍ଗୁରୀଗାଁ ଅଞ୍ଚଳରେ। ବିଷାକ୍ତ ଦହିବରା ଖାଇ ଫକୀର ଚନ୍ଦ୍ର ସ୍ୱାଇଁଙ୍କ ପରିବାରର ୭ ଜଣ ଏବେ ଜୀବନମରଣ ସହ ଲଢୁଛନ୍ତି। ଆଉ ସମଗ୍ର ଅଞ୍ଚଳର ୯ଟି ଗାଁର ୫୦ରୁ ଅଧିକ ଲୋକ ମେଡିକାଲ ବେଡରେ। ଆକ୍ରାନ୍ତ ଗାଁ ହେଲା କାକଟପୁର ବ୍ଲକ ଅଧୀନ ମାଟିଆପଡା, ତରପଦା, ଶ୍ରୀଚନ୍ଦନପୁର, ଅଣିଜଙ୍ଘା, ଗଣିପୁର, ତେନ୍ତୁଳିଆ, ଗଡନୟରଛଡା, ବାଣିଆ, କଣିଆ। ମଙ୍ଗଳବାର ଅପରାହ୍ନରେ ବାପି ଦାସ ନାମକ ବୁଲା ଦହିବରା ବ୍ୟବସାୟୀ ଏହି ଗାଁମାନଙ୍କୁ ଆସି ଦହିବରା ବିକିଥିଲା। ବିଶେଷ ସୂତ୍ରରୁ ଜଣା ପଡିଛି ସେ ଦହିରେ ପଚା ଛେନା ପାଣି ମିଶାଇଥିଲା। ଯାହା ଖାଇ ରାତି ୨ଟା ପରେ ଲୋକେ ବାନ୍ତି, ଝାଡା, ଜ୍ୱରରେ ଛଟପଟ ହୋଇଛନ୍ତି। ସବୁଠୁ ଦୁଃଖଦ ଚିତ୍ର ଫକୀର ଚନ୍ଦ୍ର ସ୍ୱାଇଁଙ୍କ ଘରୁ ଆସିଛି। ତାଙ୍କ ପରିବାରର ୭ ଜଣ ଏକା ସଙ୍ଗେ ଅସୁସ୍ଥ। ସନ୍ଧ୍ୟା ରାଣୀଙ୍କ ଅବସ୍ଥା ଅତି ଗୁରୁତର। ତାଙ୍କୁ ବାଙ୍ଗୁରୀଗାଁରୁ ପୁରୀ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସମ୍ରଜିତ ମଲ୍ଲିକ କହିଛନ୍ତି, ରାତି ୨ରୁ କ୍ରମାଗତ ରୋଗୀ ବଢୁଛନ୍ତି। ସମସ୍ତେ ବିଷାକ୍ତ ଦହିବରା ଖାଇଥିବା କହୁଛନ୍ତି। ଏହା ଫୁଡ୍ ପଏଜନିଂ। ଗୁରୁତରଙ୍କୁ ପୁରୀ, ଭୁବନେଶ୍ୱର ପଠାଇଛୁ। ବାଙ୍ଗୁରୀଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ବେଡ ନାହିଁ, ତଳେ ପଡି ସାଲାଇନ। ଗୋଟିଏ ଡାକ୍ତର, ୫୦ ରୋଗୀ। ଗାଁରେ ଆତଙ୍କ।

# ଚିତ୍ରକୁଟରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ



ରାଇଘର,୧୬।୯ (ସଂଚାର ବ୍ୟୁରୋ): ନୂଆଖାଇ ପର୍ବ ଅବସରରେ ନିଜ ଅଞ୍ଚଳବାସୀ, କର୍ମୀ, ବରିଷ୍ଠ ବ୍ୟକ୍ତି ଓ ସାମ୍ବାଦିକମାନଙ୍କ ସହ ନୂଆଖାଇ ଭେଟଘାଟ ପାଳନ କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ। ରାଇଘର ବ୍ଲକ ଚିତ୍ରକୁଟ ଗ୍ରାମସ୍ଥିତ ନିଜ ବାସଭବନରେ ଆୟୋଜିତ ହୋଇଥିଲା ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ। ଭାଇଚାରା, ମିଳନ ଓ ପରସ୍ପର ସମ୍ପର୍କର ପର୍ବ ଭାବେ ପାଳିତ ହେଉଥିବା ନୂଆଖାଇକୁ ନେଇ ଚିତ୍ରକୁଟ ଗ୍ରାମରେ ଦେଖିବାକୁ ମିଳିଥିଲା ଉତ୍ସବର ମାହୋଲ।

ରାଇଘର ବ୍ଲକ ଚିତ୍ରକୁଟ ଗ୍ରାମସ୍ଥିତ ନିଜ ବାସଭବନରେ ଗଣଶିକ୍ଷା ମନ୍ତ୍ରୀ ଆୟୋଜନ କରିଥିଲେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ। ଏଥିରେ ଅଞ୍ଚଳର ବରିଷ୍ଠ ବ୍ୟକ୍ତି, କର୍ମୀ, ସମର୍ଥକ ଓ ସାମ୍ବାଦିକମାନେ ଯୋଗଦେଇ ନୂଆଖାଇର ଶୁଭେଚ୍ଛା ବିନିମୟ କରିଥିଲେ।

ଏହି ଅବସରରେ ଅଞ୍ଚଳର ସମସ୍ତ ସାମ୍ବାଦିକ ଓ ପରିଜନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ମନ୍ତ୍ରୀ। ନୂଆଖାଇର ଶୁଭେଚ୍ଛା ସହ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତଙ୍କ ପାଇଁ ମନ୍ତ୍ରୀଙ୍କ ପକ୍ଷରୁ ସୁସ୍ୱାଦୁ ଭୋଜନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। କର୍ମୀ ଓ ବରିଷ୍ଠମାନଙ୍କ ସହ ଏକାଠି ଭୋଜନ କରି ନୂଆଖାଇର ଖୁସି ବାଣ୍ଟିଥିଲେ ମନ୍ତ୍ରୀ। ନୂଆଖାଇ କେବଳ ଏକ ପର୍ବ ନୁହେଁ, ଏହା ଭାଇଚାରା ଓ ଆପଣାପଣିଆର ଏକ ଅନନ୍ୟ ପରମ୍ପରା। ଏହି ପରମ୍ପରାକୁ ଆଗକୁ ବଢ଼ାଇ ସମସ୍ତଙ୍କ ସହ ନୂଆଖାଇ ଭେଟଘାଟ ପାଳନ କରିଥିଲେ ଗଣଶିକ୍ଷା ମନ୍ତ୍ରୀ।

# ଜରାନିବାସ ଅନ୍ତେବାସୀଙ୍କ ମେଳରେ ଶ୍ମଶାନବନ୍ଧୁଙ୍କ ନିଆରା ନୂଆଁଖାଇ



ସୁନ୍ଦରଗଡ,୧୬।୯ (ସଂଚାର ବ୍ୟୁରୋ): ସୁନ୍ଦରଗଡ ସହରର ଚର୍ଚ୍ଚିତ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନେ ଶବସଂସ୍କାରରେ ନିଜକୁ ସୀମିତ କରିନାହାନ୍ତି ବରଂ ବିଭିନ୍ନ ସମୟରେ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ଗୁଡିକ ହାତକୁ ନେଇ ପ୍ରଶଂସିତ ହୋଇ ଆସୁଛନ୍ତି।

ଚଳିତ ବର୍ଷ ମଧ୍ୟ ସୁନ୍ଦରଗଡ ସହର ଲୁହୁରାଢିପା ଠାରେ ଅବସ୍ଥିତ ଜରାନିବାସ ଠାରେ ଅଲୋଡା ବରିଷ୍ଠ ମାନଙ୍କ ଗହଣରେ ନିଆରା ନୂଆଁଖାଇ ଉତ୍ସବ ପାଳନ କରି ସେମାନଙ୍କୁ ଆତ୍ମୀୟଙ୍କ ପରଷ ଦେଇ ସମାଜ କୁ ଏକ ଭିନ୍ନ ବାର୍ତ୍ତା ଦେଇଛନ୍ତି।

ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଘରେ ଘରେ ଜାକଜମକରେ ପାଳନ ହେଉ ଥିବା ବେଳେ କିନ୍ତୁ ଏହି ପର୍ବ ପାଳନରୁ ବାଦ ହୋଇ ରହିଯାନ୍ତି ଅନେକ । ଦିନ ଥିଲା ସେମାନେ ବି ପରିବାର ଗହଣରେ ରହି ପରିବାର ସହ ବିଭିନ୍ନ ପର୍ବ ପାର୍ବଣ ପାଳନ କରି ଆସୁଥିଲେ, କିନ୍ତୁ କୈଣସି କାରଣରୁ ହେଉ, କିଏ ପରିବାରରୁ ତଡାଖାଇ ହେଉ ଅବା ପରିବାରର ଅବହେଳାରୁ ଆସି ସେମାନେ ଭାଗ୍ୟକୁ ଆଦରି ଜରାନିବାସ ଅନ୍ତେବାସୀ ହୋଇ ରହିଛନ୍ତି। ସେମାନଙ୍କ ମୁହଁରେ ହସ ଟିକିଏ ଫୁଟାଇବା ଟିମ ଶ୍ମଶାନ ବନ୍ଧୁର ଉଦ୍ୟମ ପ୍ରଶଂସନିୟ। ଘରେ ଯେମିତି ପରିବାର ସଦସ୍ୟଙ୍କ ସହିତ ନୁଆଁଖାଇ ପାଳନ କରାଯାଏ ଠିକ ସେମିତି ଟିମର ସଦସ୍ୟ ମାନେ ଅନ୍ତେବାସୀଙ୍କୁ ନୁତନ ବସ୍ତ୍ର ଦେଇ ସେମାନଙ୍କ ସକାଶେ ନୁତନ ଅନ୍ନର ଭୋଗ କରି ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ପରଷି ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଉପଖଣ୍ଡ ପୁଲିସ ଅଧିକାରୀ ନିର୍ମଳ ମହାପାତ୍ର, ଯୁବ ଉଦ୍ୟୋଗୀ ତଥା ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ ଅଧ୍ୟକ୍ଷ ସଞ୍ଜୟ କୁମାର ନନ୍ଦ, ଜିଲ୍ଲା ବ୍ରାହ୍ମଣ ସମାଜର ସମ୍ପାଦକ ତଥା ବରିଷ୍ଠ ସମାଜସେବୀ ବେଣୁମାଧବ ତ୍ରିପାଠୀ, ଜିଲ୍ଲା କ୍ରିଡା ସଂସଦର ସଭାପତି ପ୍ରଭାତ ଭୋଳ ଓ ସୁନ୍ଦରଗଡ ମାଟିର ପୁଅ ଓ ବର୍ତ୍ତମାନ ରାୟଗଡା ସ୍ଥିତ ଇଷ୍ଟକୋଷ୍ଟ ରେଳବାଇର ପ୍ରୋଗ୍ରାମିଂ ଅଫିସର ନରେନ୍ଦ୍ର ଭିତ୍ରିଆ ଅତିଥି ଭାବରେ ଯୋଗଦେଇ ନୁଆଁଖାଇ ଭେଟଘାଟର ମହତ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହିତ ଜରାନିବାସର ଅନ୍ତେବାସୀ ଙ୍କ ଗହଣରେ ନୂଆଁଖାଇ ପାଳନ କରିବା ସହିତ ଟିମ ଶ୍ମଶାନ ବନ୍ଧୁର ଉଦ୍ୟମକୁ ପ୍ରଶଂସା କରିଥିଲେ ।

ଅନ୍ୟ ମାନଙ୍କ ମଧ୍ୟ ରେ ଓଲିଉଡ ସିନେମା ନାୟକ ପ୍ରଦିପ ଦତ୍ତ, ବରିଷ୍ଠ ନାଗରିକ ସଂଘର ରାଜୁ ଠାକୁର, ଗୁଣନିଧୀ ମହାନ୍ତି, ଲଳିତ କୁମାର ଦାସ, ପ୍ରଫୁଲ୍ଲ କୁମାର ଦାସ, ସନ୍ତୋଷ ପାଳ, ସୁରେଶ ପୃଷ୍ଟି, ଜିତେନ୍ଦ୍ର ନାଏକ ନବଜୀବନର ଲତିକା ପଟ୍ଟନାୟକ, ସସ୍ମିତା ସାହୁ, ଦିନବନ୍ଧୁ ଭିତ୍ରିଆ, ବିଜୟ ହୋତା, ପ୍ରଶାନ୍ତ ମହନ୍ତ, ଅମରଜିତ ସିଂ, ନିର୍ଲିପ୍ତ ବେହୁରା ପ୍ରମୁଖ ଯୋଗଦାନ କରିଥିଲେ ।

# ସମ୍ ଲାଇଫ୍‌ସାଇସେନ୍ସ ଓ ସୋଆ ଏନ୍ଏସ୍ଏସ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର,୧୬।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ବ୍ୟୁରୋ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଓ ସମ୍ ଲାଇଫସାଇସେନ୍ସ ପକ୍ଷରୁ ବୁଧବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉପକଣ୍ଠ ଗୋଠପାଟଣାସ୍ଥିତ ସମ୍ ଲାଇଫ ସାଇସେନ୍ସ ପରିସରରେ ଏହି ଶିବିର ଆୟୋଜିତ ହୋଇଥିଲା। ସକାଳ ୧୦ଟା ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଶିବିରରେ ସମ୍ ଲାଇଫସାଇନ୍ସରେ କାର୍ଯ୍ୟରତ ଶତାଧିକ ନିର୍ମାଣ ଶ୍ରମିକ ଓ କର୍ମଚାରୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡାକ୍ତରୀ ଟିମ୍ ଶ୍ରମିକମାନଙ୍କର ରକ୍ତଚାପ, ମଧୁମେହ, ଚକ୍ଷୁ, ଚର୍ମ, ଦନ୍ତ ସହ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବିତରଣ କରିଥିଲେ। ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର କମ୍ୟୁନିଟି ମେଡିସିନର ମୁଖ୍ୟ ଡାକ୍ତର ସୁମିତ୍ରା ପଟ୍ଟନାୟକ ଓ ଆସିଷ୍ଟାଂଟ ପ୍ରଫେସର ଡାକ୍ତର ସୁମିତ୍ରା ସ୍ୱାଇଁ ଯୋଗ ଦେଇଥିଲେ।

# ଆଇଟିଇଆରରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଭଲିବଲ କୋର୍ଟ ଉଦ୍‌ଘାଟିତ



ଭୁବନେଶ୍ୱର,୧୬।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ଫୁଲ୍ ଭଲିବଲ୍ କୋର୍ଟ (ପଡ଼ିଆ) ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି କୋର୍ଟକୁ ଆଇଟିଇଆରର ଡିନ୍ ପ୍ରଫେସର ପି.କେ. ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ହଷ୍ଟେଲ୍ ଚିଫ୍ ୱାର୍ଡେନ୍ ପ୍ରଫେସର ରଞ୍ଜନ କୁମାର ମଲ୍ଲିକ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନୁଷ୍ଠାନ ପରିସରରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି କୋର୍ଟ ଆରମ୍ଭ କରାଯାଇଥିବା ବେଳେ ପିଲାମାନେ ରାତିରେ ମଧ୍ୟ ଭଲିବଲ ଅଭ୍ୟାସ କରିପାରିବେ। ଏଥି ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ଜଣେ ଭଲିବଲ କୋଚଙ୍କୁ ମଧ୍ୟ ନିଯୁକ୍ତି କରାଯାଇଛି।

# ଷଣ୍ଢଙ୍କ ଉପଦ୍ରବ ବିରୋଧରେ ଚାଷୀ ଥାନାର ଦ୍ୱାରସ୍ଥ

## ଫସଲ ନଷ୍ଟ ନେଇ ଅଭିଯୋଗ

## ବିକଳ୍ପ ସମାଧାନର ପ୍ରତିଶ୍ରୁତି ଦେଲେ ଆଇଆଇସି



ସତ୍ୟବାଦୀ,୧୬।୯ (ସଂଚାର ବ୍ୟୁରୋ): ବୁଲା ଷଣ୍ଢ ଓ ଅଣ୍ଡିରା ବାଛୁରୀଙ୍କ ଉପଦ୍ରବରେ ଫସଲ ନଷ୍ଟ ହେଉଥିବା ଅଭିଯୋଗ କରି ସତ୍ୟବାଦୀ ବ୍ଲକ ବଳପୁର ପଞ୍ଚାୟତର ଶହ ଶହ ଚାଷୀ ସତ୍ୟବାଦୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଚାଷୀମାନେ ହାତରେ ଲିଖିତ ଅଭିଯୋଗପତ୍ର ଧରି ଥାନା ପରିସରରେ ଏକତ୍ରିତ ହୋଇ ନିଜ ସମସ୍ୟା ଜଣାଇଥିଲେ।

ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ବୁଲା ଗୋରୁ ଓ ଷଣ୍ଢଙ୍କ ଉପଦ୍ରବ ଯୋଗୁଁ ବିରି, ମୁଗ ଭଳି ରବି ଫସଲ ସହ ବର୍ତ୍ତମାନର ଧାନ ଫସଲ ମଧ୍ୟ ନଷ୍ଟ ହେଉଛି। ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀମାନେ ରାତିଦିନ ଜଗି ରହୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନାହିଁ ବୋଲି ସେମାନେ କହିଛନ୍ତି। ସ୍ଥାନୀୟ ଚାଷୀମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ପଞ୍ଚାୟତ ଅଞ୍ଚଳରେ ଗୋଚର ଜମି, ହିଡ଼ ଓ ଦଣ୍ଡା ଆଦି ଅଭାବ ଯୋଗୁଁ ବୁଲା ଗୋରୁଙ୍କ ପାଇଁ ଚରିବା ସ୍ଥାନ ରହୁନାହିଁ। ଫଳରେ ସେମାନେ ଚାଷ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି।

ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ ଚାଷୀଙ୍କ ଅଭିଯୋଗ ଶୁଣି ସମସ୍ୟାଟି ସମ୍ବେଦନଶୀଳ ବୋଲି କହିଥିଲେ। ଷଣ୍ଢ କିମ୍ବା ଗୋରୁଙ୍କ ନାମରେ ଆଇନଗତ ମାମଲା କରିବା ସମ୍ଭବ ନ ହେଲେ ମଧ୍ୟ ଚାଷୀମାନଙ୍କ ସହ ସମସ୍ୟାର ସମାଧାନ ନେଇ ଆଲୋଚନା କରାଯାଇଥିବା ସେ କହିଥିଲେ।

# ମା' ଭଗବତୀଙ୍କ ମନ୍ଦିରରେ ପ୍ରସିଦ୍ଧ ଷଷ୍ଠୀ ଓଷାର ଲଗ୍ନସ୍ଥିର

## ଗୁରୁବାର ମଧ୍ୟାହ୍ନ ଅମୃତ ବେଳାରେ ମନ୍ଦିରକୁ ବିଜେ କରିବେ ମା' କାଠି ଠାକୁରାଣୀ



ବାଣପୁର,୧୬।୯ (ସଂଚାର ବ୍ୟୁରୋ): ଶକ୍ତିକ୍ଷେତ୍ର ବାଣପୁରର ମା' ଭଗବତୀ ମନ୍ଦିରରେ ଶାରଦୀୟ ପର୍ବର ପ୍ରଥମ ଉତ୍ସବ ପବିତ୍ର ଷଷ୍ଠୀ ଓଷାର ନୀତିକାନ୍ତି ନିମନ୍ତେ ମନ୍ଦିର ପାଞ୍ଜି ଗଣକ ଖଡ଼ିରତ୍ନ ଶରତଚନ୍ଦ୍ର ନାୟକ ଲଗ୍ନସ୍ଥିର କରିଛନ୍ତି। ଏହି ଅନୁସାରେ ଚଳିତ ଭାଦ୍ରବ ଶୁକ୍ଳ ଷଷ୍ଠି ୧୭-୦୯-୨୬ ରିଖ ଗୁରୁବାର ଦିବା ୧୨ଘଟିକା ୫୮ ମିନିଟରୁ ଅମୃତ ବେଳା ଆରମ୍ଭ । ଏହି ସମୟରେ ମା'ଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ନିଯୋଗୀ ସେବାୟତଙ୍କ ସହିତ ଥାଟ ପଟୁଆରରେ ଶ୍ରୀ ଶ୍ରୀଦକ୍ଷେଶ୍ୱର ମନ୍ଦିରରୁ ନିଜ ମନ୍ଦିରକୁ ଯାତ୍ରା କରିବେ ।

ଏହି ସମୟକୁ ସମଗ୍ର ବାଣପୁରର ଗୃହିଣୀମାନେ ଘରମାନଙ୍କରେ ଥିବା ଶୀଳ ପଥର ଦେହରେ ହଳଦୀ କଉଡ଼ିରେ ମା' ଷଷ୍ଠି ଦେବୀଙ୍କ ପ୍ରତିମା ସଂରଚନା କରି ଦୀପ ଧୂପ ଚନ୍ଦନ ସିନ୍ଦୁର ପୁଷ୍ପମାଳ ଆୟ ଅଳଙ୍କାରରେ ସଜାଇ ପରମ୍ପରାନୁସାରେ କ୍ଷିରି ଖେଚଡ଼ି ପିଠାପଣା ସହିତ ନାନାଦି ବ୍ୟଞ୍ଜନ ପ୍ରସ୍ତୁତ ପୂର୍ବକ ମା'ଙ୍କ ଯାତ୍ରା କାଳକୁ ଅପେକ୍ଷା କରିଥାନ୍ତି ।

ବିଭିନ୍ନ ପ୍ରକାରର ନୈବେଦ୍ୟ ଷଷ୍ଠୀଦେବୀ ସ୍ୱରୁପିଣୀ ମା'ଭଗବତୀଙ୍କୁ ଅର୍ପଣ କରି ପରିବାରର ମଙ୍ଗଳ କାମନା ସହିତ ପିଲାମାନଙ୍କର କୋଟି ଆୟୁଷ ଭିକ୍ଷା କରନ୍ତି ଏବଂ ଘରର ସମସ୍ତେ ଏକତ୍ର ବସି ପ୍ରସାଦ ସେବନ କରନ୍ତି । ମା'କାଠି ଠାକୁରାଣୀ ମନ୍ଦିରକୁ ଯାତ୍ରା ନକରିଥିବା ସମୟରେ ଘର ମାନଙ୍କରେ କେହିବି ପୂଜା କରନ୍ତି ନାହିଁ ।

ବାଣପୁର ଅଞ୍ଚଳରେ ମା' ଭଗବତୀଙ୍କ ମନ୍ଦିରକୁ ଆଧାର କରି ମନ୍ଦିରର ପର୍ବପର୍ବାଣୀ ଜାନିଯାତ୍ରା ଅନୁସାରେ ସର୍ବତ୍ର ପାଳନ କରାଯାଏ। ପଶ୍ଚିମ ଓଡ଼ିଶାର ନୁଆଁଖାଇ ଜୁହାର ପରି ବାଣପୁର ଅଞ୍ଚଳରେ ମଧ୍ୟ ପାଳିତ ହୁଏ।

ଶାରଦୀୟ ପର୍ବ ପ୍ରାରମ୍ଭର ଏହି ଆଦ୍ୟଉତ୍ସବ ଷଷ୍ଠି ଓଷାରେ ଗୋଟିଏ ଦିନ ମା'କାଠି ଠାକୁରାଣୀ ଦିନ ବେଳା ନିଜ ମନ୍ଦିରକୁ ଯାତ୍ରା କରିବାର ପରମ୍ପରା କାହିଁ ଆଦିମକାଳରୁ ଚଳିଆସୁଥିବା କଥା ମନ୍ଦିର କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

# ସରକାରୀ ନିୟମକୁ ଫୁ କରି ରାସ୍ତା ନିର୍ମାଣ

**ଅଭିଯୋଗ ପରେ ଲାଗିଲା ସୂଚନା ଫଳକ**



ବାଲିଆପାଳ,୧୬।୯ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧୀନ ବାଲିକୁଟି ପଞ୍ଚାୟତର ଦକ୍ଷିଣ ମହାବଳା ଗ୍ରାମରେ ପକ୍କା ରାସ୍ତା ନିର୍ମାଣକୁ ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ପରେ ନିର୍ମାଣସ୍ଥଳୀ ନିକଟରେ ସୂଚନା ଫଳକ ଲଗାଯାଇଥିବା ଦେଖାଯାଇଛି ।

ସୂଚନା ଅନୁସାରେ, ୨୦୨୬-୨୭ ଆର୍ଥିକ ବର୍ଷରେ ଦକ୍ଷିଣ ମହାବଳା ଗ୍ରାମର ଶ୍ରୀକାନ୍ତ ସାହୁଙ୍କ ଘରଠାରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ପାଇଁ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅଧୀନରେ ୩ ଲକ୍ଷ ଟଙ୍କା ଅନୁମୋଦିତ ହୋଇଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ପୂର୍ବରୁ ସୂଚନା ଫଳକ ଲଗାଯାଇନଥିଲା। ଏପରିକି ସେପ୍ଟେମ୍ବର ୧୨ ତାରିଖରେ ସୂଚନା ଫଳକ ବିନା ରାସ୍ତା ନିର୍ମାଣ କାମ କରାଯାଇଥିବା ନେଇ ଗ୍ରାମବାସୀ କାର୍ଯ୍ୟସ୍ଥଳୀର ଫଟୋ ସହ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଥିଲେ । ରାସ୍ତା ନିର୍ମାଣ କାର୍ଯ୍ୟର ପର୍ଯ୍ୟବେକ୍ଷଣ ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନିୟମିତ ଭାବେ ନିର୍ମାଣସ୍ଥଳୀକୁ ଆସିନଥିବା ଅଭିଯୋଗ ରହିଛି। ଏହାସହ ଅନୁମୋଦିତ ପ୍ରକଳ୍ପର କାର୍ଯ୍ୟକୁ ଦୁଇଟି ଭାଗରେ କରାଯାଇଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁସାରେ, ଗ୍ରାମର ଏକ ପୋଲ ନିକଟରେ ପ୍ରାୟ ୬୦ ଫୁଟ ନୂଆ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଅନ୍ୟ ଏକ ସ୍ଥାନରେ ପୂର୍ବରୁ ନଷ୍ଟ ହୋଇଥିବା ପକ୍କା ରାସ୍ତା ଉପରେ ପ୍ରାୟ ୧୫୦ ଫୁଟ ମରାମତି କାର୍ଯ୍ୟ କରାଯାଇଛି। ଫଳରେ ମୋଟ ପ୍ରାୟ ୨୧୦ ଫୁଟ ଅଞ୍ଚଳରେ କାର୍ଯ୍ୟ ସୀମିତ ରହିଥିବା ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ଏହାସହ ରାସ୍ତା ନିର୍ମାଣ ସମୟରେ ତଳେ ପ୍ରଥମେ ବାଲି ନବିଛାଇବା, ସିମେଣ୍ଟ ଓ ବାଲିର ଅନୁପାତ ଠିକ୍ ନଥିବା ଆଦି ଅଭିଯୋଗ ମଧ୍ୟ ହୋଇଛି। ଏହି ଅଭିଯୋଗ ଗୁଡ଼ିକର ସତ୍ୟତା ନେଇ ବିଭାଗୀୟ ଯାଞ୍ଚ ଆବଶ୍ୟକ ବୋଲି ଗ୍ରାମବାସୀମାନେ କହିଛନ୍ତି।

ଏହି ଘଟଣା ସମ୍ପର୍କରେ କିଛି ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗତକାଲି ନିର୍ମାଣସ୍ଥଳୀ ନିକଟରେ ସୂଚନା ଫଳକ ତିଆରି କରାଯାଇଥିବା ଦେଖାଯାଇଛି। ତେବେ ସରକାରୀ ଯୋଜନାର ସ୍ୱଚ୍ଛତା ଓ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ସୁଭଦ୍ରା ଯୋଜନାକୁ ପୂରିଲା ୨ ବର୍ଷ ପୂର୍ତ୍ତି

# ଘରେ ଘରେ ଦୀପ ଜାଳିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

## ୨୬% ମହିଳା ଉଦ୍ୟୋଗୀ ଭାବେ ଆତ୍ମନିର୍ଭରଶୀଳ ହୋଇଛନ୍ତି

ଭୁବନେଶ୍ୱର, ୧୬।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ 'ସୁଭଦ୍ରା' ଯୋଜନାର ସଫଳ ଦୁଇ ବର୍ଷ ପୂରଣ ଅବସରରେ ଆସନ୍ତାକାଲି-ସେପ୍ଟେମ୍ବର ୧୭ ତାରିଖ ସନ୍ଧ୍ୟା ୬ ରୁ ୭ଟା ମଧ୍ୟରେ ରାଜ୍ୟର ପ୍ରତ୍ୟେକ ଘରେ ଦୀପ ପ୍ରଜ୍ୱଳନ କରିବାକୁ ଆହ୍ୱାନ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା। ସୁଭଦ୍ରା ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି




ଯେ, ଗତ ଦୁଇ ବର୍ଷ ମଧ୍ୟରେ ୫ଟି କିସ୍ତି ଜରିଆରେ ୧ କୋଟି ୩ ଲକ୍ଷରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ (ଡିବିଟି) ୨୫, ୮୦୦ କୋଟି ଟଙ୍କା ସହାୟତା ହସ୍ତାନ୍ତର କରାଯାଇଛି। ଆଇଆଇଏମ୍ ସମ୍ବଲପୁର, ଏସବିଆଇ ଓ ନୀତି ଆୟୋଗର ଆକଳନ ଅନୁଯାୟୀ, ଏହି ଯୋଜନା ଫଳରେ ରାଜ୍ୟର ୨୬ ପ୍ରତିଶତରୁ ଉର୍ଦ୍ଧ୍ୱ ମହିଳା ନିଜସ୍ୱ ଉଦ୍ୟୋଗୀ ଭାବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ଆସନ୍ତାକାଲି ମହିଳା ସଶକ୍ତିକରଣ ଓ ଆତ୍ମସମ୍ମାନର ସଂକଳ୍ପ ଦିବସ ଭାବେ ପାଳନ କରାଯିବ। ଏହି ଅବସରରେ ରାଜ୍ୟର ସମସ୍ତ ଆଇ ଇସିଡିଏସ୍ ପ୍ରକଳ୍ପ, ଅଙ୍ଗନବାଡ଼ି କେନ୍ଦ୍ର ଓ ସିଡିପିଓ କାର୍ଯ୍ୟାଳୟଗୁଡ଼ିକରେ ରଙ୍ଗୋଲି ପ୍ରତିଯୋଗିତା ଓ ବିଶେଷ ସମାରୋହ ଆୟୋଜନ କରାଯିବ। ଏଥିସହ 'ପୋଷଣ ଅଭିଯାନ' ମାଧ୍ୟମରେ ଓଡ଼ିଶାକୁ ୧୦୦ ପ୍ରତିଶତ କୁପୋଷଣମୁକ୍ତ କରି ଏକ 'ସୁପୋଷିତ ଓ ବିକଶିତ ଓଡ଼ିଶା' ଗଠନ ପାଇଁ ବିଭାଗ ସଂକଳ୍ପବଦ୍ଧ। ଉପମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ମହିଳା ସଶକ୍ତୀକରଣ, ମର୍ଯ୍ୟାଦା ଓ ସ୍ୱାବଲମ୍ବନର ଭାବନାକୁ ଉତ୍ସବ ଆକାରରେ ପାଳନ କରିବାକୁ ଆହ୍ୱାନ ଜଣାଇଛନ୍ତି।

# ବଙ୍ଗୋପସାଗରରେ ସମ୍ଭାବ୍ୟ ଘୂର୍ଣ୍ଣିବଳୟ

### ୨୪ ତାରିଖ ବେଳକୁ ଓଡ଼ିଶା ଉପକୂଳ ଛୁଇଁବା ଆଶଙ୍କା

ଭୁବନେଶ୍ୱର ୧୬।୯ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ୨୪ ତାରିଖ ବେଳକୁ ଉପକୂଳ ଛୁଇଁପାରେ। ପୁରୀରୁ ଜଗତସିଂହପୁର ମଧ୍ୟରେ ସ୍ଥଳଭାଗ ଛୁଇଁବା ଆଶଙ୍କା କରାଯାଉଛି। ସେପ୍ଟେମ୍ବରରେ ରାଜ୍ୟରେ ବାତ୍ୟା ସମ୍ଭାବନା କମ୍ ଥାଏ। ତଥାପି ବାତ୍ୟା ସମ୍ଭାବନାକୁ ସମ୍ପୂର୍ଣ୍ଣ ଏଡାଇ ଦେବ ନାହିଁ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ ଡକ୍ଟର ଶରତ ଚନ୍ଦ୍ର ସାହୁ।




ଉତ୍ତର ଥାଇଲାଣ୍ଡ ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ୧୮ ତାରିଖ ସନ୍ଧ୍ୟା ସୁଦ୍ଧା ଉତ୍ତର ଆଣ୍ଡାମାନ ସାଗରକୁ ଗତି କରିବାର ସମ୍ଭାବନା ରହିଛି। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ୧୯ ସନ୍ଧ୍ୟା ସୁଦ୍ଧା ଉତ୍ତର ଆଣ୍ଡାମାନ ସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ୨୦ରେ ଲଘୁଚାପ, ୨୨ ବେଳକୁ ଅବପାତର ରୂପ ନେବା ସମ୍ଭାବନା ରହିଛି। ୨୪ ତାରିଖ ବେଳକୁ ଗଭୀର ଅବପାତ ଅବସ୍ଥାରେ ଓଡ଼ିଶା ଉପକୂଳ ଛୁଇଁପାରେ। ଯଦି ଏହା ବାତ୍ୟା ହୁଏ, ଅଧିକ ଘନୀଭୂତ ହେବନାହିଁ। ଅଳ୍ପ ସମୟ ପାଇଁ ସମୁଦ୍ର ଭିତରେ ବାତ୍ୟାର ରୂପ ନେଇପାରେ। କିନ୍ତୁ ପ୍ରବଳରୁ ଅତି ପ୍ରବଳ ବର୍ଷା କରାଇବ। କଟକ, ଖୋର୍ଦ୍ଧା, ନୟାଗଡ଼, ଅନୁଗୁଳ, ଯାଜପୁରରେ ପ୍ରବଳ ବର୍ଷା ହୋଇପାରେ।

## ବଜ୍ରାଘାତରେ ମହିଳାଙ୍କ ସମେତ ୨ ମୃତ

ଆନନ୍ଦପୁର, ୧୬।୯ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳରେ ବଜ୍ରାଘାତ ନେଇଛି ଦୁଇ ଜୀବନ। ଭିନ୍ନ ଭିନ୍ନ ଦୁଇଟି ଘଟଣାରେ ଜଣେ ଯୁବକ ଓ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ପ୍ରଥମ ଘଟଣା ଆନନ୍ଦପୁର ଥାନା ପଦ୍ମପୁର ଗାଁରେ ଘଟିଥିବା ବେଳେ ଦ୍ୱିତୀୟ ଘଟଣା କଣ୍ଟିପାଳ ଗାଁରେ ଘଟିଛି। ବିଲରେ କାମ କରିବାକୁ ଯାଇଥିବା ବେଳେ ହଠାତ୍ ବଜ୍ରାଘାତର ଶିକାର ହୋଇଥିଲେ ପଦ୍ମପୁର ଗାଁର ପପୁ ସାହୁ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ସେହିପରି କଣ୍ଟିପାଳ ଗାଁରେ ବଜ୍ରାଘାତରେ ସବିତା ବାରିକଙ୍କ ଜୀବନ ଯାଇଛି। ମହିଳା ଜଣକ ଘର ଦୁଆରମୁହଁକୁ ବାହାରି ଆସିଥିବା ସମୟରେ ହଠାତ ବଜ୍ରାଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଛି।

### ଖପରାପଦା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରୁ ଡକାୟତି ଘଟଣା

# ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ୫ ଲୁଟେରା ଗିରଫ

ଜଳେଶ୍ୱର, ୧୬।୯ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଖପରାପଦା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରୁ ଦିନ ଦ୍ୱିପହରରେ ବନ୍ଧୁକ ଦେଖାଇ ଡକାୟତି ଘଟଣାରେ ପୁଲିସକୁ ମିଳିଛି ବଡ଼ ସଫଳତା। ଡକାୟତି ଘଟଣାରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ଗିରଫ କରିଛି ପୋଲିସର ସ୍ୱତନ୍ତ୍ର ଟିମ୍।



ଗତ ସେପ୍ଟେମ୍ବର ୮ ତାରିଖରେ ୬ ଜଣ ଦୁର୍ବୃତ୍ତ ବ୍ୟାଙ୍କ ଭିତରକୁ ପଶି ବନ୍ଧୁକ ଦେଖାଇ ଭୟଭୀତ କରିବା ସହ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏହା ସହ ବ୍ୟାଙ୍କ ମ୍ୟାନେଜରଙ୍କୁ ମାଡ଼ ମାରି କ୍ୟାସ୍ କାଉଣ୍ଟରରୁ ୧୩ ଲକ୍ଷ ୮୦ ହଜାର ୪୪୪ ଟଙ୍କା ଲୁଟ କରିଥିଲେ। ଆଉ ଅନ୍ୟ କର୍ମଚାରୀମାନଙ୍କୁ ଗୋଟିଏ ରୁମରେ ବନ୍ଦ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ଅଭିଯୁକ୍ତଙ୍କୁ ଧରିବା ପାଇଁ ବାଲେଶ୍ୱର ଏସ୍‌ପି ଓ ଡିଆଇଜି, ଇଷ୍ଟର୍ଣ୍ଣ ରେଞ୍ଜ ବାଲେଶ୍ୱରଙ୍କ ନିର୍ଦ୍ଦେଶରେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ବସ୍ତା ଏସଡିପିଓ ସମର୍ଥ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଟିମ୍‌ଗୁଡ଼ିକ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ। ତଦନ୍ତ ସମୟରେ ପଶ୍ଚିମବଙ୍ଗର ସନ୍ଦେଶଖାଲି ଥାନା ଅଧୀନ ରାମପୁର, ଜୀବନତଳା ଥାନା ଅଧୀନ ଚଣ୍ଡିବାଲି, ସୋନାରପୁର ଏବଂ ମହେନ୍ଦ୍ରପୁର ଥାନା ଅଞ୍ଚଳର ଚାଟପୁର ଆଦି ସ୍ଥାନରେ ଚଢ଼ାଉ କରିଥିଲା। ତେବେ ଚଢ଼ାଉରୁ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ବାଇକ, ଗୋଟିଏ ଦେଶୀ ବନ୍ଧୁକ ସମେତ ୩ ରାଉଣ୍ଡ୍ ଅଫୁଟା ଗୁଳି ଜବତ କରିଛି ପୁଲିସ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ସହ ଲୁଟ୍ ଟଙ୍କା ଓ ଘଟଣାରେ ବ୍ୟବହୃତ ସାମଗ୍ରୀ ଜବଦ କରିବା ପାଇଁ ଚଢ଼ାଉ ଜାରି ରହିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବସ୍ତା ଏସଡିପିଏ ସମର୍ଥ ବେହେରା।



ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ସ୍ୱର୍ଗତ ମାତାଙ୍କ ଏକାଦଶାହ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ବରିଷ୍ଠ ମନ୍ତ୍ରୀଗଣ

### ବିକ୍ରମ ପଣ୍ଡାଙ୍କ ଅଡୁଆ ବଢ଼ିଲା

## ସାକ୍ଷୀଙ୍କୁ ଧମକ ଦେବା ନେଇ ମାମଲା

### ଜେଲ୍ ଡାକ୍ତର ଓ ବିଜେଡି ନେତା ବି ଫସିଲେ



ବ୍ରହ୍ମପୁର, ୧୬।୯ (ସଂଚାର ବ୍ୟୁରୋ): ବହୁ ଚର୍ଚ୍ଚିତ ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଇଁ ପୁଣି ବଢ଼ିଛି ଆଇନଗତ ଅସୁବିଧା। ସାକ୍ଷୀଙ୍କୁ ଧମକଚମକ ଦେବା ଅଭିଯୋଗରେ ସେ ପୁଣି ଥରେ ବିବାଦ ଘେରକୁ ଆସିଛନ୍ତି। ଏହି ଘଟଣାରେ ଗୋଷାଣୀନୂଆଗାଁ ଥାନାରେ ବିକ୍ରମ ପଣ୍ଡାଙ୍କ ସମେତ ବିଜେଡି ନେତା ମଦନ ଦଳେଇ ଏବଂ ଜେଲ୍ ଡାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି। ଗୋଷାଣୀନୂଆଗାଁ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ସମୟରେ ବିକ୍ରମ ପଣ୍ଡା ସାକ୍ଷୀଙ୍କୁ ଧମକ ଦେଇଥିଲେ। ଜେଲ୍ ଡାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କ ମୋବାଇଲ୍ ଫୋନ୍ ବ୍ୟବହାର କରି କୋର୍ଟରେ ବିଚାର ସମୟରେ ସାକ୍ଷୀ ନ ଦେବା ପାଇଁ ସେ ଚାପ ପକାଇଥିଲେ। ଧମକର ଶିକାର ହୋଇଥିବା ସାକ୍ଷୀ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଧମକ ଦିଆଯାଉଥିବାର ଗୁରୁତ୍ୱପୂର୍ଣ୍ଣ ସିସିଟିଭି ଫୁଟେଜକୁ ପୁଲିସ ଜବତ କରିସାରିଛି। ଗତ ଅଗଷ୍ଟ ୨୮ ତାରିଖରେ ସାକ୍ଷୀଙ୍କୁ ଧମକ ଦିଆଯାଇଥିଲା। ଏହି ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି ବ୍ରହ୍ମପୁର ଏସପି ସର୍ବଣା ବିବେକ। ଉଲ୍ଲେଖଯୋଗ୍ୟ ଯେ, ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ବିକ୍ରମ ପଣ୍ଡା ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିଲେ। ଗତ ସେପ୍ଟେମ୍ବର ୧ ତାରିଖରେ ସେ ଜେଲରୁ ସର୍ତ୍ତମୂଳକ ଜାମିନରେ ବାହାରିଥିଲେ। ମାତ୍ର ଜାମିନ ମିଳିବାର କିଛି ଦିନ ମଧ୍ୟରେ ସାକ୍ଷୀଙ୍କୁ ଧମକ ଦେବା ଅଭିଯୋଗ ଆସିବା ପରେ ପୂର୍ବତନ ବିଧାୟକଙ୍କ ଅଡୁଆ ଅଧିକ ଜଟିଳ ହୋଇଛି।

### ସ୍ପ୍ରେ ମାରି ଟଙ୍କା ଲୁଟ୍ ଉଦ୍ୟମ ପଣ୍ଡ

## ଚମ୍ପଟ ମାରିଲେ ଲୁଟେରା

ଟାଙ୍ଗୀ, ୧୬।୯ (ସଂଚାର ବ୍ୟୁରୋ): ବ୍ୟାଙ୍କ୍ ପାଖରେ ଏଟିଏମ୍ ଥିବାରୁ ସେଠାକୁ ଟଙ୍କା ଭର୍ତ୍ତି କରିବାକୁ ଚାଲି ଚାଲି ଯାଉଥିଲେ କ୍ୟାସିୟର




ଓ ଅନ୍ୟ ଜଣେ କର୍ମଚାରୀ। କିନ୍ତୁ ଏହାର ସୁଯୋଗ ନେଇ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ ଦୁଇ ଲୁଟେରା। ପ୍ଲାନ୍ କରିଥିଲେ କର୍ମଚାରୀଙ୍କ ମୁହଁରେ ସ୍ପ୍ରେ ମାରି ଟଙ୍କା ନେଇ ଫେରାର ହୋଇଯିବେ। ହେଲେ ଫେଲ୍ ମାରିଗଲା ଯୋଜନା। ବୁଧବାର ଖୋର୍ଦ୍ଧା ବାଲୁଗାଁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ବାହାରେ ଘଟିଛି ଏହି ଅପରାଧ।ସୂଚନା ଅନୁସାରେ, ବୁଧବାର ସକାଳ ପ୍ରାୟ ୧୧ଟା ସମୟରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର କ୍ୟାସିୟର ରମେଶ ବେହେରା ଓ କର୍ମଚାରୀ ପ୍ରଶାନ୍ତ ନାୟକ ବ୍ୟାଙ୍କ ନିକଟରେ ଥିବା ଏଟିଏମକୁ ଏକ ବ୍ୟାଗରେ ୨୮ ଲକ୍ଷ ଟଙ୍କା ନେଇ ଚାଲି ଚାଲି ଯାଉଥିବା ବେଳେ ଏହି ଲୁଟ୍ ଉଦ୍ୟମ ହୋଇଥିଲା। ଦୁଇ ଲୁଟେରା ଏକ ବାଇକରେ ଆସି ପ୍ରଥମେ କ୍ୟାସିୟରଙ୍କ ମୁହଁରେ ସ୍ପ୍ରେ ମାରିଥିଲେ। ଏହା ଦେଖି ଅନ୍ୟ କର୍ମଚାରୀ ଜଣକ ସେଠାରୁ ଆଉ ଟିକେ ଦୂରକୁ ଦୌଡ଼ି ପଳାଇଥିଲେ। ଆଉ ସମସ୍ତଙ୍କୁ ପାଟି କରି ଡାକିଥିଲେ। ଫଳରେ ସେଠାରେ ସ୍ଥାନୀୟ ଲୋକେ ଏକାଠି ହୋଇଯାଇଥିଲେ। ଏପଟେ କ୍ୟାସିୟର ଲୁଟେରାଙ୍କୁ ଟଙ୍କା ଛଡ଼ାଇ ନେଇଯିବାକୁ ଆଦୌ ଦେଇନଥିଲେ। ସେ ସାହସର ସହ ଲୁଟେରାର ସାମ୍ନା କରିଥିଲେ। ଲୋକମାନେ ଏକାଠି ହେଉଥିବା ଦେଖି ସେଠାରୁ ଚମ୍ପଟ ହୋଇଥିଲେ ଦୁଇ ଲୁଟେରା। ଏ ସମ୍ପୂର୍ଣ୍ଣ ଘଟଣାର ଦୃଶ୍ୟ ସିସିଟିଭିରେ ରେକର୍ଡ ହୋଇଛି। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ରାୟଗଡ଼ ବ୍ଲକ ଅଫିସରେ ଅଗ୍ନିକାଣ୍ଡ

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଭସ୍ମୀଭୂତ

ରାୟଗଡ଼, ୧୬।୯ (ସଂଚାର ବ୍ୟୁରୋ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଗ୍ରାମୀଣ ଆବାସ ବିଭାଗ କାର୍ଯ୍ୟାଳୟ କୋଠରୀରେ ଅଗ୍ନିକାଣ୍ଡ। ବୁଧବାର ଗ୍ରାମୀଣ ଆବାସ ବିଭାଗ କୋଠରୀରେ ନିଆଁ ଲାଗି ଯାଇଥିଲା। ଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିପୋଡ଼ି ଛାରଖାର ହୋଇଯାଇଛି। ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁଁ ଏହି ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଆଜି ଛୁଟି ଥିବାରୁ ଉକ୍ତ କୋଠରୀରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।



ସୂଚନା ମୁତାବକ, ବୁଧବାର ରାୟଗଡ଼ ବ୍ଲକ ଗ୍ରାମୀଣ ଆବାସ ବିଭାଗ କାର୍ଯ୍ୟାଳୟ କୋଠରୀ ମଧ୍ୟରୁ ହଠାତ୍ ଶବ୍ଦ ହେବା ସହ ଧୂଆଁ ବାହାରୁଥିବା ଦେଖି ସେଠାରେ ଉପସ୍ଥିତ ଥିବା ଛତୁଆ କେନ୍ଦ୍ରର କର୍ମଚାରୀମାନେ ଭୟଭୀତ ହୋଇଯାଇଥିଲେ। ଏନେଇ ଅଗ୍ନିଶମ ବିଭାଗ ଓ ବ୍ଲକ କର୍ମଚାରୀଙ୍କୁ ଜଣାଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ନିଆଁ ଚାରିଆଡ଼େ ବ୍ୟାପି ଯାଇଥିଲା। କାର୍ଯ୍ୟାଳୟରେ ଥିବା ଏସି, କମ୍ପ୍ୟୁଟର, ପ୍ରିଣ୍ଟର, ଗୁରୁତ୍ୱପୂର୍ଣ୍ଣ ନଥିପତ୍ର, ଆସବାବପତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଏହି ଅଗ୍ନିକାଣ୍ଡ ଯୋଗୁଁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ଆବାସ ଯୋଜନା ସମ୍ବନ୍ଧୀୟ କାଗଜପତ୍ର ଜଳି ଯାଇଛି। ଘଟଣାସ୍ଥଳରେ ଆସିଷ୍ଟାଣ୍ଟ ଅଗ୍ନିଶମ ଅଧିକାରୀ ଧୀରେନ୍ଦ୍ର କୁମାର ଦାସ ପହଞ୍ଚି କ୍ଷୟକ୍ଷତିର ଆକଳନ କରି ଏସିରୁ ନିଆ ଲାଗି ଏପରି ହୋଇଥିବା କହିଛନ୍ତି। ରାୟଗଡ଼ ଅଗ୍ନିଶମ ବିଭାଗର ଷ୍ଟେସନ ଅଧିକାରୀ ଶିଶିର କୁମାର ବେହେରାଙ୍କ ଉପସ୍ଥିତରେ ନିଆଁକୁ ଆୟତ୍ତ କରାଯାଇଛି।

### ମୋବାଇଲରେ ବଡ଼ପାଟିରେ କଥା ହେବାକୁ ନେଇ କଳହ

## ବୋମାମାଡ଼ରେ ବଡ଼ ଭାଇ ମୃତ, ସାନ ଭାଇ ଗୁରୁତର

ଭୁବନେଶ୍ୱର, ୧୬।୯ (ସଂଚାର ବ୍ୟୁରୋ): ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅନ୍ତର୍ଗତ ମହୁଲ ଗାଁରେ ଏକ ମର୍ମନ୍ତୁଦ ଓ ଚାଞ୍ଚଲ୍ୟକର ଘଟଣା ଘଟିଛି। କେବଳ ଏକ ମୋବାଇଲ୍ ଫୋନ୍ ବ୍ୟବହାରକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସାମାନ୍ୟ ବଚସା ଶେଷରେ ଭୟଙ୍କର ରୂପ ନେଇଛି। ପରସ୍ପର ମଧ୍ୟରେ ହୋଇଥିବା ବୋମାମାଡ଼ରେ ବଡ଼ ଭାଇଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ସାନ ଭାଇ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।



ପୁଲିସ ସୂଚନା ଅନୁଯାୟୀ, ସାନଭାଇ ମଦନ ପାଢ଼ୀ ଘର ଭିତରେ ମୋବାଇଲ୍‌ରେ ଉଚ୍ଚସ୍ୱରରେ କଥା ହେଉଥିବା ବେଳେ ବଡ଼ଭାଇ ମୋହନ ପାଢ଼ୀ ଏଥିରେ ଆପତ୍ତି କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବିବାଦ ଉଗ୍ରରୂପ ନେବାରୁ ମୋହନ ଘର ଭିତରୁ ଏକ ହାତବୋମା ଆଣି ମଦନଙ୍କ ଉପରକୁ ଫିଙ୍ଗିଥିଲେ। ଫଳରେ ମଦନଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏହାର ପ୍ରତିଜବାବରେ ମଦନ ମଧ୍ୟ ମୋହନଙ୍କ ଉପରକୁ ଦୁଇଟି ହାତବୋମା ଫିଙ୍ଗିଥିଲେ। ଏହି ବିସ୍ଫୋରଣରେ ମୋହନଙ୍କର ଘଟଣାସ୍ଥଳରେ ହିଁ ପ୍ରାଣହାନି ଘଟିଛି।

ଘର ଭିତରକୁ ଏତେ ସଂଖ୍ୟାରେ ବୋମା କିପରି ଏବଂ କେଉଁଠୁ ଆସିଲା, ତାହାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାଥମିକ ତଲାସୀରୁ ଘରୁ କୌଣସି ବୋମା ତିଆରି ସାମଗ୍ରୀ ମିଳିନଥିବା ପୁଲିସ କହିଛି। ଅନ୍ୟପଟେ ଉଭୟ ଭାଇ ଦେଶୀ ମଦ କାରବାରରେ ଜଡ଼ିତ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ହତ୍ୟାକାଣ୍ଡ ପଛରେ କେବଳ ମୋବାଇଲ୍ ବିବାଦ ନା ଅନ୍ୟ କୌଣସି କାରଣ ରହିଛି, ସେନେଇ ଚନ୍ଦକା ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରଖିଛି।

## ଆଜି ଦାରା ସିଂଙ୍କ ମୁକ୍ତି ଆବେଦନର ଶୁଣାଣି

ଭୁବନେଶ୍ୱର, ୧୬।୯ (ସଂଚାର ବ୍ୟୁରୋ): ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ରବୀନ୍ଦ୍ର କୁମାର



ପାଲ ଓରଫ ଦାରା ସିଂଙ୍କ ସମୟ ପୂର୍ବରୁ ମୁକ୍ତି ଆବେଦନ ଉପରେ ଆସନ୍ତାକାଲି ସୁପ୍ରିମକୋର୍ଟରେ ଶୁଣାଣି ହେବ। ଏହା ପୂର୍ବରୁ ଓଡ଼ିଶା ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ଦାରା ସିଂଙ୍କ ସମୟ ପୂର୍ବରୁ ମୁକ୍ତି ପ୍ରସ୍ତାବକୁ ଗ୍ରହଣ କରିନାହିଁ। ଅଗଷ୍ଟ ୩୧ରେ ଅନୁଷ୍ଠିତ ବୋର୍ଡର ସ୍ୱତନ୍ତ୍ର ବୈଠକରେ ତାଙ୍କ ମାମଲା ଉପରେ ବିଚାର କରାଯାଇଥିଲା। ଦାରା ସିଂ ୨୬ ବର୍ଷରୁ ଅଧିକ ସମୟ ଜେଲରେ ରହିସାରିଛନ୍ତି। ଓଡ଼ିଶା ସରକାରଙ୍କ ୨୦୨୨ ରିମିସନ୍ ନୀତି ଅନୁସାରେ ତାଙ୍କ ସମୟ ପୂର୍ବରୁ ମୁକ୍ତି ପ୍ରସଙ୍ଗ ବିଚାର ପରିସରକୁ ଆସିଥିଲା। ମାର୍ଚ୍ଚ ୧୮ର ଶୁଣାଣିରେ ଓଡ଼ିଶା ସରକାର ୨୦୨୨ର ରିମିସନ୍ ନୀତିକୁ ସୁପ୍ରିମକୋର୍ଟରେ ଦାଖଲ କରିଥିଲେ। ମୃତ୍ୟୁଦଣ୍ଡ ପରେ ଦଣ୍ଡାଦେଶ ଆଜୀବନ କାରାଦଣ୍ଡକୁ ପରିବର୍ତ୍ତିତ ହୋଇଥିବା ଦୋଷୀଙ୍କ କ୍ଷେତ୍ରରେ ୨୫ ବର୍ଷ କାରାବାସ ପରେ ସମୟ ପୂର୍ବରୁ ମୁକ୍ତି ପ୍ରସଙ୍ଗ ବିଚାର କରାଯାଇପାରିବ ବୋଲି ଏହି ନୀତିରେ ବ୍ୟବସ୍ଥା ରହିଥିବା କୋର୍ଟ ରେକର୍ଡ କରିଥିଲେ। ଅଗଷ୍ଟ ୧୯ରେ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଥିଲେ ଯେ ଦାରା ସିଂଙ୍କ ରିମିସନ୍ ଆବେଦନ ଉପରେ ନିଷ୍ପତ୍ତି ପାଇଁ ମାମଲାକୁ ବାରମ୍ବାର ଘୁଞ୍ଚାଯାଇଛି। ଏହାପରେ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡକୁ ନିଷ୍ପତ୍ତି ନେଇ କୋର୍ଟଙ୍କୁ ଅବଗତ କରିବାକୁ କୁହାଯାଇଥିଲା। ସେପ୍ଟେମ୍ବରରେ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବାରୁ ସୁପ୍ରିମକୋର୍ଟ ଏହାକୁ ଗୁରୁତ୍ୱର ସହ ନେଇଥିଲେ। ସେପ୍ଟେମ୍ବର ୮ର ଶୁଣାଣି ପରେ ରାଜ୍ୟ ସରକାରଙ୍କୁ ନିଷ୍ପତ୍ତି ନେବା ପାଇଁ ଆଉ ସମୟ ଦିଆଯାଇନଥିଲା ଏବଂ ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୭କୁ ଧାର୍ଯ୍ୟ ହୋଇଥିଲା। ଏବେ ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ଦାରା ସିଂଙ୍କ ସମୟ ପୂର୍ବରୁ ମୁକ୍ତି ପାଇଁ ସୁପାରିସ କରିନଥିବାରୁ, ଆସନ୍ତାକାଲିର ଶୁଣାଣିରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ସମ୍ପର୍କରେ ସୁପ୍ରିମକୋର୍ଟଙ୍କୁ ଅବଗତ କରିବେ ବୋଲି ଆଶା କରାଯାଉଛି।

# ଭସାଣିରେ ଚାଲିଗଲା ୯ ଜୀବନ

## ଶଙ୍ଖ ନଦୀରେ ବୁଡ଼ିଗଲେ ୬ ନାବାଳିକା | ୩ ମୃତ

ବୀରମିତ୍ରପୁର, ୧୬।୯ (ସଂଚାର ବ୍ୟୁରୋ): ଶଙ୍ଖ ନଦୀରେ ବୁଧବାର ଏକ ବଡ଼ ଅଘଟଣ ଘଟିଛି। ଗାଧୋଇଲା ବେଳେ ଶଙ୍ଖ ନଦୀରେ ବୁଡ଼ି ୩ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ଜିଲ୍ଲା ରାଇବାଗା ଥାନା ଦଲକି ଗାଁରେ ବୁଧବାର ସକାଳେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସୁନ୍ଦରଗଡ଼ ଜିଲ୍ଲା ରାଇବାଗା ଥାନା ଦଲକି ଗାଁ କିଛି ନାବାଳିକା କରମା ପୂଜା ପାଇଁ ଶଙ୍ଖ ନଦୀକୁ ବାଲି ଓ ପାଣି ଆଣିବାକୁ ଯାଇଥିଲେ। ଏହି



ସମୟରେ ଶଙ୍ଖ ନଦୀରେ ପ୍ରବଳ ପାଣି ଥିବାରୁ ପ୍ରଖର ସ୍ରୋତ ରହିଥିଲା। ନଦୀର ପ୍ରଖର ସ୍ରୋତରେ ଜଣଙ୍କ ପରେ ଜଣେ ଏମିତି ୬ ଜଣ ନାବାଳିକା ନଦୀରେ ବୁଡ଼ି ଯାଇଥିଲେ। ନାବାଳିକାମାନେ ବୁଡ଼ି ଯାଉଥିବା ଦେଖି ନିକଟରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକେ ସେଠାକୁ ଦୌଡି ଆସିଥିଲେ। ବୁଡ଼ି ଯାଉଥିବା ୬ ଜଣ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ସେମାନଙ୍କୁ ବୀରମିତ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।ତେବେ ସେଠାରେ ୩ ନାବାଳିକାଙ୍କ ମୃତ୍ୟୁ ଘୋଷଣା କରିଥିଲେ ଡାକ୍ତର। ଅନ୍ୟ ୩ ଜଣଙ୍କ ଚିକିତ୍ସା ଜାରି ରହିଛି। ମୃତକମାନେ ହେଲେ ମଝାଟୋଲିର ଗୀତିକା ସାହୁ (୬), ସିବିକା ସାହୁ (୬) ଓ ଢିପାପଡ଼ାର ଶ୍ରୁତି ସାହୁ। ଖବର ରାଏବୋଗା ଥାନାଧିକାରୀ ଦିବ୍ୟ ଓରାମ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବୀରମିତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରଖିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଓରାମ ସୂଚନା ଦେଇଛନ୍ତି।

## ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ବୁଡ଼ିଗଲେ ୨ ଛାତ୍ର

### ଦୁଃଖ ପ୍ରକାଶ କଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର, ୧୬।୯ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାରେ ଗଣେଶ ମୂର୍ତ୍ତି ବିସର୍ଜନ ସମୟରେ ବୁଧବାର ଦିନ ଘୋଡ଼ାହାଡ଼ ନଦୀରେ ବୁଡ଼ି ଦୁଇଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ହିଞ୍ଜିଳିକାଟୁ ପୌରପାଳିକା ଅନ୍ତର୍ଗତ ଗଜପତି ମାର୍ଗ ଅଞ୍ଚଳର ଆଦର୍ଶ ସାହୁ (୧୪) ଏବଂ ଗାୟତ୍ରୀ ନଗରର ପ୍ରୀତମ୍ ସାମେଲି। ଉଭୟ ବାଳକ ବିସର୍ଜନ କାର୍ଯ୍ୟକ୍ରମରେ ଅସାବଧାନତା ଯୋଗୁଁ ସେମାନେ ଗଭୀର ପାଣିକୁ ଚାଲିଯିବାରୁ ବୁଡ଼ି ଯାଇଥିବା କୁହାଯାଉଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏନେଇ ଏକ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି। ଏହି ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ସେ ଉଭୟଙ୍କ ଅମର ଆତ୍ମାର ସଦଗତି ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି।

### ଗଣେଶ ମୂର୍ତ୍ତି ଭସାଣି ବେଳେ ଅଘଟଣ

## ନଈରେ ବୁଡ଼ି ୪ ଯୁବକ ମୃତ



ଜଗତସିଂହପୁର, ୧୬।୯ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ଓରନାଳ ଗ୍ରାମରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଗୋପାଳପୁର ନଈ ସଫେଇ ପୋଲ ନିକଟରେ ପାଣିରେ ବୁଡ଼ି ୪ଜଣ ଯୁବକଙ୍କର ପ୍ରାଣହାନି ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଓରନାଳ ଗ୍ରାମର କିଛି ଯୁବକ ଏକାଠି ହୋଇ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିବା ସମୟରେ ଏହି ଅଘଟଣ ଘଟିଥିଲା। ମୃତକ ଯୁବକମାନେ ହେଲେ ସୁଶୀଳ ପଲେଇ, ମନଜିତ ସ୍ୱାଇଁ, ରଶ୍ମି ରଂଜନ ନାୟକ ଓ ସ୍ୱପ୍ନଜିତ୍ ବାରିକ। ଘଟଣା ସମ୍ପର୍କରେ ଖବର ପାଇବା ପରେ ଅଗ୍ନିଶମ ବାହିନୀ, ଏରସମା ପୋଲିସ ଏବଂ ସ୍ଥାନୀୟ ଲୋକେ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପାଣିରୁ ଉଦ୍ଧାର କରାଯାଇ ସମସ୍ତ ଯୁବକଙ୍କୁ ତୁରନ୍ତ ଏରସମା ମେଡିକାଲକୁ ଅଣାଯାଇଥିଲା, ମାତ୍ର ସେଠାରେ ଡାକ୍ତର ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହାପରେ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Manchesware Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୫୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୭୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୫୮୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୪,୭୩୦ ଟଙ୍କା ଓ ୨୨ କ୍ୟାରଟେ ୧,୪୧,୮୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୫୮୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୮ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୭୧ ପଇସା ରହିଛି ।

## ବ୍ୟବସାୟିକ ମଡେଲରେ ପରିବର୍ତ୍ତନ ଆଣୁଛି ଆଡିଡାସ

# ଅନେକ ଭାରତୀୟ କର୍ମଚାରୀ ହେବେ ପ୍ରଭାବିତ

**ଗୁରୁଗ୍ରାମ, ୧୬।୯:** ଜର୍ମାନ୍ ସ୍ପୋର୍ଟ୍ସୱେୟାର୍ କମ୍ପାନୀ ଆଡିଡାସର ଭାରତୀୟ ଟେକ୍ନୋଲୋଜି ଅପରେସନ୍‌ରେ ବଡ଼ ପରିବର୍ତ୍ତନ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଗୁରୁଗ୍ରାମରେ ଥିବା ଆଡିଡାସ ଇଣ୍ଡିଆ ଟେକ୍ ହବରେ ପ୍ରାୟ ୫୦ ପ୍ରତିଶତ କର୍ମଚାରୀଙ୍କ ଚାକିରି ଯିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ତେବେ ଛଟେଇ ହେବାକୁ ଥିବା କର୍ମଚାରୀଙ୍କ ପ୍ରକୃତ ସଂଖ୍ୟା ଆଡିଡାସର ପକ୍ଷରୁ ନିଶ୍ଚିତ କରାଯାଇନାହିଁ।ରିପୋର୍ଟ ଅନୁସାରେ, ଗୁରୁଗ୍ରାମ ଟେକ ହବରେ ପ୍ରାୟ ୭୦୦ କର୍ମଚାରୀ କାମ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୩୫୦ କିମ୍ବା ତା'ଠାରୁ ଅଧିକ କର୍ମଚାରୀ ପ୍ରଭାବିତ ହୋଇପାରନ୍ତି। ଏହା ହେଲେ ହବ୍ର ପ୍ରାୟ ୪୫ରୁ ୫୦ ପ୍ରତିଶତ କର୍ମଚାରୀଙ୍କ ଉପରେ ପ୍ରଭାବ ପଡ଼ିବ। କିନ୍ତୁ ଏହି ସଂଖ୍ୟାକୁ କମ୍ପାନୀ ନିଶ୍ଚିତ କରିନାହିଁ।

ରିପୋର୍ଟରେ କୁହାଯାଇଛି ଯେ ଛଟେଇରେ ସଫ୍ଟୱେର, ଡାଟା ସାଇଣ୍ଟିଷ୍ଟ ଭଳି ଟେକ୍ନୋଲୋଜି ଭୂମିକାରେ କାମ କରୁଥିବା କର୍ମଚାରୀ ପ୍ରଭାବିତ ହୋଇପାରନ୍ତି। ସେପ୍ଟେମ୍ବର ୧୫ରେ ଆୟୋଜିତ ଏକ ବୈଠକରେ କର୍ମଚାରୀମାନଙ୍କୁ ଏ ସମ୍ପର୍କରେ ଜଣାଯାଇଥିବା ରିପୋର୍ଟରେ ଦାବି କରାଯାଇଛି।

ରିପୋର୍ଟ ଅନୁସାରେ, ପ୍ରଭାବିତ କର୍ମଚାରୀଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। କିଛି କର୍ମଚାରୀଙ୍କୁ ସେହି ଦିନ ହିଁ ଏକଜିଟ୍ ଲେଟର ଦିଆଯାଇଥିବାବେଳେ, ଅନ୍ୟ




ଏକ ଗ୍ରୁପ୍‌କୁ ଡିସେମ୍ବର ପର୍ଯ୍ୟନ୍ତ କମ୍ପାନୀରେ ରହିବାକୁ କୁହାଯାଇଛି। ଏହି ସମୟ ମଧ୍ୟରେ ସେମାନଙ୍କୁ ଅନ୍ୟ ସହକର୍ମୀଙ୍କୁ କାମର ହସ୍ତାନ୍ତର କରିବାକୁ ପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି। ସେହି ସମୟରେ ସେମାନେ କମ୍ପାନୀ ଭିତରେ ଅନ୍ୟ ଚାକିରି ସୁଯୋଗ ମଧ୍ୟ ଖୋଜିପାରିବେ।

ଯଦି ଡିସେମ୍ବର ସୁଦ୍ଧା ଅନ୍ୟ କୌଣସି ଭୂମିକା ମିଳୁନାହିଁ, ତେବେ ଡିସେମ୍ବର ୧୫କୁ ଶେଷ କାର୍ଯ୍ୟଦିବସ ଭାବେ ଧରାଯାଇଥିବା ରିପୋର୍ଟରେ କୁହାଯାଇଛି।

ଆଡିଡାସ ନିଜ ବିବୃତ୍ତିରେ ଭାରତର ବୈଷୟିକ ସଂସ୍ଥାରେ କିଛି ଭୂମିକା କମାଇବା ନେଇ କହିଛି। କମ୍ପାନୀ ଏହାକୁ ଏକ କଠିନ ନିଷ୍ପତ୍ତି ବୋଲି ବର୍ଣ୍ଣନା କରିଛି। କମ୍ପାନୀର କହିବା ଅନୁସାରେ, ବ୍ୟବସାୟର ପରିବର୍ତ୍ତିତ ଆବଶ୍ୟକତା ସହ ନିଜର ଅପରେଟିଂ ମଡେଲକୁ ସମନ୍ୱୟ କରିବା ପାଇଁ ଏହି ପରିବର୍ତ୍ତନ କରାଯାଉଛି।ସଂଗଠନର କିଛି ଅଂଶକୁ ସରଳ କରିବା, ଗୁରୁତ୍ୱପୂର୍ଣ୍ଣ କ୍ଷମତାକୁ ମଜବୁତ କରିବା ଏବଂ ଭବିଷ୍ୟତର ବ୍ୟବସାୟ ଓ ଟେକ୍ନୋଲୋଜି ଏନଭାଇରନମେଣ୍ଟ ପାଇଁ କମ୍ପାନୀକୁ ପ୍ରସ୍ତୁତ କରିବା ଏହି ପରିବର୍ତ୍ତନର ଉଦ୍ଦେଶ୍ୟ ବୋଲି ଆଡିଡାସ କହିଛି। ପ୍ରଭାବିତ କର୍ମଚାରୀଙ୍କ ଅବଦାନ ପାଇଁ କମ୍ପାନୀ କୃତଜ୍ଞ ଥିବା ସହ ସେମାନଙ୍କୁ ଟ୍ରାନଜିସନ୍ ଆସିଷ୍ଟାଣ୍ଟ ଦିଆଯିବ ବୋଲି ମଧ୍ୟ କହିଛି।

# ବେକାରି ହାର ୬ ମାସରେ ସର୍ବନିମ୍ନ

## ଗ୍ରାମାଞ୍ଚଳରେ କମିଛି, ସହରାଞ୍ଚଳରେ ବଢ଼ିଛି



ନୂଆଦିଲ୍ଲୀ, ୧୬।୯: ଦେଶରେ ବେକାରି ହାର ଗତ ୬ ମାସ ମଧ୍ୟରେ ସର୍ବନିମ୍ନ ସ୍ତରକୁ ଖସି ଅଗଷ୍ଟ ମାସରେ ୫ ପ୍ରତିଶତରେ ରହିଛି। ଜୁଲାଇରେ ବେକାରି ହାର ୫.୧ ପ୍ରତିଶତ ରହିଥିଲା। ତାହା ପୂର୍ବରୁ ଫେବ୍ରୁଆରିରେ ଏହା ୪.୯ ପ୍ରତିଶତରେ ଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ଗ୍ରାମାଞ୍ଚଳରେ ବେକାରି ହାର ୪.୧ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ଜୁଲାଇରେ ୪.୫ ପ୍ରତିଶତରେ ରହିଥିଲା। ଗତ ଜାନୁଆରିଠାରୁ ଗ୍ରାମାଞ୍ଚଳରେ ବେକାରି ହାର ସର୍ବନିମ୍ନ ସ୍ତରରେ ରହିଛି। ସହରାଞ୍ଚଳରେ କିନ୍ତୁ ଅଗଷ୍ଟ ମାସରେ ବେକାରି ହାର ୬.୮ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ଜୁଲାଇରେ ୬.୭ ପ୍ରତିଶତରେ ରହିଥିଲା। ପୁରୁଷଙ୍କ କ୍ଷେତ୍ରରେ ବେକାରି ହାର ଅଗଷ୍ଟରେ ୪.୯ ପ୍ରତିଶତକୁ ହ୍ରାସ ପାଇଛି। ସେହିଭଳି ମହିଳାଙ୍କ କ୍ଷେତ୍ରରେ ଉକ୍ତ ହାର ୫.୧ ପ୍ରତିଶତକୁ କମିଛି। ଜୁଲାଇ ମାସରେ ପୁରୁଷ ଓ ମହିଳାଙ୍କ ବେକାରି ହାର ଦେଶରେ ଯଥାକ୍ରମେ ୫ ପ୍ରତିଶତ ଓ ୫.୪ ପ୍ରତିଶତ ରହିଥିଲା।

## ବଜାରରେ କେନ୍‌ଷ୍ଟାର୍ ନୂଆ ଏୟାର ଫ୍ରାୟର ସିରିଜ୍

ଗୁରୁଗ୍ରାମ,୧୬।୯: କେନ୍‌ଷ୍ଟାର୍ ନୂଆ ଏୟାର ଫ୍ରାୟର ସିରିଜ୍ ବଜାରକୁ ଆଣିଛି। ଏଥିରେ ୩୬୦ ଡିଗ୍ରି ହିଟିଂ ଜ୍ଞାନକୌଶଳ ରହିଛି। ଏହା ଦ୍ୱାରା ଖାଦ୍ୟ ସମାନ ଭାବେ ଶିଝିବା ସହ କମ୍ ତେଲରେ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିହେବ। ଏଥିରେ ଏୟାର ଫ୍ରାଏ, ରୋଷ୍ଟ, ଗ୍ରିଲ୍, ଟୋଷ୍ଟ, କୁଡ୍ରୁମୁଡ଼ିଆ ଫ୍ରାଏ, ତନ୍ଦୁର ଭଳି ବିଭିନ୍ନ ରୋଷେଇ ମୋଡ୍ ଦିଆଯାଇଛି। ନୂଆ ସିରିଜ୍‌ରେ ୪୫ରୁ ଅଧିକ ଏୟାର ଫ୍ରାୟର ମଡେଲ୍ ରହିଛି। ଏଥିରେ ଷ୍ଟାର ସେଫ୍ ଏୟାର ଫ୍ରାୟର କମ୍ ଓଭନ୍, ଡୁଆଲ୍ ବାସ୍କେଟ୍, ପିଓରଭ୍ୟୁ ଅଲ୍ ଗ୍ଲାସ୍ ଏୟାର ଫ୍ରାୟର ଓ ଡେଲି କୁକ୍ ଭଳି ମଡେଲ୍ ଅଛି। ଏୟାର ଫ୍ରାୟର ଉପରେ ୨ବର୍ଷର ୱାରେଣ୍ଟି ରହିଛି। କେନ୍‌ଷ୍ଟାରର ସିଇଓ ସୁନୀଲ ଜୈନ କହିଛନ୍ତି ଯେ ଭାରତୀୟ ରୋଷେଇ ଘରଗୁଡ଼ିକରେ ପରିବର୍ତ୍ତନ ଆସୁଛି। ଆଜିର ଗ୍ରାହକ ଏଭଳି ଘରୋଇ ଉପକରଣ ଖୋଜୁଛନ୍ତି, ଯାହା ଅଧିକ ସୁବିଧା ଓ ବହୁମୁଖୀ ବ୍ୟବହାର ସହ ସ୍ୱାସ୍ଥ୍ୟକର ଭାବେ ଖାଦ୍ୟ ପ୍ରସ୍ତୁତିରେ ସହାୟତା କରିବ। ନୂଆ ସିରିଜ୍‌ରେ ଉନ୍ନତ ୩୬୦ ଡିଗ୍ରି ଟର୍ବୋ ଏୟାର ଜ୍ଞାନକୌଶଳ, ବିଭିନ୍ନ ରୋଷେଇ ପ୍ରଣାଳୀ ଓ ଆଧୁନିକ ଡିଜାଇନ୍‌କୁ ଏକାଠି କରାଯାଇଛି। ଏହା ଗ୍ରାହକଙ୍କୁ ନିଜ ଆବଶ୍ୟକତା ଅନୁସାରେ ଏୟାର ଫ୍ରାଏର ଚୟନ କରିବା ସୁବିଧା ଦେବ ବୋଲି ସେ କହିଛନ୍ତି। କେନ୍‌ଷ୍ଟାରର ଏହି ଏୟାର ଫ୍ରାଏରଗୁଡ଼ିକ ରିଟେଲ୍ ଆଉଟ୍‌ଲେଟ୍, ଫ୍ଲିପ୍‌କାର୍ଟ, ଆମାଜନ୍, କ୍ୱିକ୍-କମର୍ସ ପ୍ଲାଟଫର୍ମ ଓ ଅନ୍ୟାନ୍ୟ ଆଧୁନିକ ବାଣିଜ୍ୟିକ ମାଧ୍ୟମରେ ଉପଲବ୍ଧ ହେବ।




# ୟୁପିଆଇରେ ଅଧିକ ଟଙ୍କା ସଞ୍ଚୟ ହୁଏ

ନୂଆଦିଲ୍ଲୀ,୧୬।୯: ଭାରତୀୟ ଡିଜିଟାଲ ଅର୍ଥନୀତିରେ ଆଜିକାଲି ୟୁପିଆଇକୁ ନେଇ ଏକ ନୂଆ ବିତର୍କ ଓ ବିବାଦ ଦେଖାଦେଇଛି। କେନ୍ଦ୍ର ସରକାର ଏବଂ NPCI ଦ୍ୱାରା ୨୦୦୦ ଟଙ୍କାରୁ ଅଧିକ ମର୍ଚାଣ୍ଟ କାରବାର ଉପରେ ୦.୪% ମର୍ଚାଣ୍ଟ ଡିସକାଉଣ୍ଟ ରେଟ (MDR) ଲାଗୁ କରିବାର ନୂଆ ବିଜ୍ଞପ୍ତି ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି। ସରକାର ସ୍ପଷ୍ଟ କରିଛନ୍ତି ଯେ ସାଧାରଣ ଗ୍ରାହକଙ୍କଠାରୁ କୌଣସି ଶୁଳ୍କ ଆଦାୟ କରାଯିବ ନାହିଁ ଏବଂ ଏହି ଫି କେବଳ ବ୍ୟବସାୟୀଙ୍କ ଉପରେ ଲାଗୁ ହେବ, ତଥାପି ବିରୋଧୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଏହାକୁ ନେଇ ବଡ଼ ଧରଣର ଦ୍ୱନ୍ଦ୍ୱ ଲାଗି ରହିଛି।

ଏହି ବଡ଼ ବିବାଦ ମଧ୍ୟରେ ଲୋକଙ୍କ ମନରେ ପୁଣି ଏକ ମୌଳିକ ପ୍ରଶ୍ନ ଉଠିଛି ଯେ ବାସ୍ତବରେ ପକେଟ ବଜେଟ ଦୃଷ୍ଟିକୋଣରୁ ଆମ ପାଇଁ କେଉଁଟି ସର୍ବୋତ୍ତମ ? ଡିଜିଟାଲ ୟୁପିଆଇ ନା ପକେଟରେ ଥିବା ନଗଦ ଟଙ୍କା (କ୍ୟାଶ), ଉଭୟଙ୍କ ମଧ୍ୟରୁ କେଉଁ ମାଧ୍ୟମରେ ମଣିଷ ପ୍ରକୃତରେ ଅଧିକ ଟଙ୍କା ସଞ୍ଚୟ କରିପାରିବ ?

ୟୁପିଆଇ ମାଧ୍ୟମରେ ଦେୟ ପ୍ରଦାନ କରିବାର ସବୁଠାରୁ ବଡ଼ ଲାଭ ହେଉଛି ପ୍ରତ୍ୟେକ କାରବାରର ଏକ ଡିଜିଟାଲ ରେକର୍ଡ ରହିଯାଏ। ଆପ୍‌ରେ ପେମେଣ୍ଟ ହିଷ୍ଟ୍ରି ଦେଖି ଟଙ୍କା କେଉଁଠି କେଉଁଠି ଖର୍ଚ୍ଚ ହେଲା ତାହା ସହଜରେ ଜାଣିହୁଏ; ଅନ୍ୟପକ୍ଷରେ ନଗଦ ଟଙ୍କାରେ କାରବାର କଲେ ଛୋଟ ଛୋଟ ଖର୍ଚ୍ଚର ହିସାବ ରଖିବା କଷ୍ଟକର ହୋଇପଡ଼େ। ଅନେକ




ସମୟରେ ଲୋକେ ପକେଟରେ ଥିବା କ୍ୟାଶ ଯୋଗୁଁ ବିନା ଭାବିଚିନ୍ତି ଖର୍ଚ୍ଚ କରିପକାନ୍ତି। କାରଣ ହାତରୁ ନୋଟ ଚାଲିଯିବାର ଅନୁଭବ ଖର୍ଚ୍ଚକୁ ବାସ୍ତବରେ ଅନୁଭୂତ କରାଇଥାଏ, ଅଥଚ ୟୁପିଆଇରେ କେବଳ ଗୋଟିଏ କ୍ଲିକରେ ଟଙ୍କା ପଠାଯାଇପାରେ ଏବଂ ଏହି ଅଭ୍ୟାସ ଅତ୍ୟଧିକ ଖର୍ଚ୍ଚ (ଓଭରସ୍ପେଣ୍ଡିଂ)ର କାରଣ ମଧ୍ୟ ପାଲଟିପାରେ। ଅନେକ ଆର୍ଥିକ ବିଶେଷଜ୍ଞ ମାନନ୍ତି ଯେ ନଗଦ ଟଙ୍କାରେ ଦେୟ ପ୍ରଦାନ କରିବା ଦ୍ୱାରା ସଞ୍ଚୟ କରିବାର ଅଭ୍ୟାସ ଅଧିକ ଭଲ ହୋଇଥାଏ, କାରଣ ହାତରେ ଥିବା ନୋଟ ସରିଯାଉଥିବା ଦେଖି ମସ୍ତିଷ୍କ ଆପେ ଆପେ ଖର୍ଚ୍ଚ କମାଇବାକୁ ଚେଷ୍ଟା କରେ। ଏହାକୁ 'କ୍ୟାଶ ଏନଭଲପ ବଜେଟିଂ' ପଦ୍ଧତି ମଧ୍ୟ କୁହାଯାଏ, ଯେଉଁଥିରେ ପ୍ରତି ମାସରେ ଭିନ୍ନ ଭିନ୍ନ ଖର୍ଚ୍ଚ ପାଇଁ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ଅଲଗା ରଖାଯାଏ ଏବଂ ସେତିକି ଟଙ୍କା ମଧ୍ୟରେ ହିଁ ଚଳିବାକୁ ପଡ଼ିଥାଏ। ଏହି ଉପାୟ ଦ୍ୱାରା 'ଇମ୍ପଲ୍ସ ବାଇଙ୍ଗ' ଅର୍ଥାତ ଅନାବଶ୍ୟକ କିଣାକିଣି ଅଭ୍ୟାସ ଉପରେ ରୋକ ଲାଗିଥାଏ, ଯାହା ୟୁପିଆଇ ତୁଳନାରେ ନଗଦରେ ଅଧିକ ସହଜରେ ନିୟନ୍ତ୍ରଣ କରାଯାଇପାରେ।

ଦୈନନ୍ଦିନ ଛୋଟ ଖର୍ଚ୍ଚ ଯେପରିକି ପନିପରିବା, ଅଟୋ ଭଡ଼ା କିମ୍ବା ଚା'-ଜଳଖିଆ ପାଇଁ ୟୁପିଆଇ ବେଶ ସୁବିଧାଜନକ, କାରଣ ଏଥିରେ ଖୁଚୁରା ପଇସାର ଝଞ୍ଜଟ ନ ଥାଏ ଏବଂ ସଠିକ ପରିମାଣର ଟଙ୍କା ସିଧାସଳଖ ଟ୍ରାନ୍ସଫର ହୋଇଯାଏ। ଅନ୍ୟପକ୍ଷରେ ବଡ଼ ଧରଣର କିଣାକିଣି କିମ୍ବା ମାସିକ ବଜେଟ ନିୟନ୍ତ୍ରଣ କରିବା ପାଇଁ ନଗଦ ଆଧାରିତ ବଜେଟିଂ ଅଧିକ ଫଳପ୍ରଦ ବିବେଚିତ ହୁଏ, କାରଣ ଏଥିରେ ଖର୍ଚ୍ଚର ଏକ ସୀମା ପୂର୍ବରୁ ହିଁ ନିର୍ଦ୍ଧାରିତ ଥାଏ। ଅର୍ଥାତ ସଞ୍ଚୟ ଦୃଷ୍ଟିକୋଣରୁ ଦୁଇଟି ଯାକ ଉପାୟର ନିଜସ୍ୱ ଲାଭ ରହିଛି, ଏବଂ ଏହା ସମ୍ପୂର୍ଣ୍ଣ ରୂପେ ନିର୍ଭର କରେ ଯେ ବ୍ୟକ୍ତି କେଉଁ ପ୍ରକାରର ଖର୍ଚ୍ଚକୁ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି।

# ଶସ୍ତା ହେବ ମୋବାଇଲ ଫୋନ୍



ନୂଆଦିଲ୍ଲୀ,୧୬।୯:ବଜାରରେ କିଛିମାସ ହେଲା ମୋବାଇଲ ଫୋନ୍ ଦାମ୍ ବଢ଼ିଯାଇଛି। ଏହା ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ଚିନ୍ତା ବଢ଼ାଇଛି। ଏହି ପରିପ୍ରେକ୍ଷୀରେ ସ୍ମାର୍ଟଫୋନ କମ୍ପାନି ସଂଘ ଇଣ୍ଡିଆ ସେଲ୍ୟୁଲାର ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ ଆସୋସିଏସନ (ଆଇସିଇଏ) ମୋବାଇଲ ଫୋନ ଉପରେ ଲଗାଯାଉଥିବା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)କୁ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିବା ପାଇଁ ଦାବି କରିଛି। ସଂଘ ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖାଯାଇ ଜିଏସ୍‌ଟି ପରିଷଦର ଆଗାମୀ ବୈଠକରେ ଏହା ଉପରେ ଆଲୋଚନା ପାଇଁ କୁହାଯାଇଛି। ସ୍ମାର୍ଟଫୋନ୍ ମୂଲ୍ୟ ବୃଦ୍ଧିର ଏକ ବଡ଼ କାରଣ ଭାବେ ମେମୋରି ଚିପ୍‌ରେ ହୋଇଥିବା ଅତ୍ୟଧିକ ବୃଦ୍ଧିକୁ ଦାୟୀ କରାଯାଉଛି। ଆଇସିଇଏ ମୁତାବକ ୨୦୨୫ ସେପ୍ଟେମ୍ବର ପରେ ମୋବାଇଲ ଫୋନ୍‌ରେ ବ୍ୟବହାର ହେଉଥିବା ଡିଆର୍‌ଏଏମ୍ ଏବଂ ଏନ୍‌ଏଏନ୍‌ଡି ଫ୍ଲାସ ମେମୋରିର ମୂଲ୍ୟ ପାଖାପାଖି ୪ ଗୁଣା ବଢ଼ିଯାଇଛି। ବିଶ୍ୱରେ ଏଆଇ ଡାଟା ସେଣ୍ଟର ପାଇଁ ମେମୋରି ଚିପ୍‌ର ଚାହିଦା ବଢ଼ିଛି। ଭାରତରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଆଇସିଇଏର କହିବାନୁଯାୟୀ, ଗତ ବର୍ଷକ ମଧ୍ୟରେ ଏଣ୍ଟ୍ରି ଲେଭେଲ୍ ସ୍ମାର୍ଟଫୋନର ମୂଲ୍ୟ ପ୍ରାୟ ୩୫ରୁ ୪୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଛି। ଆଇସିଇଏର କହିବା କଥା କମ୍ପାନିଗୁଡ଼ିକ ମେମୋରିର ବର୍ଦ୍ଧିତ ମୂଲ୍ୟ ବାବଦ ପୂରା ବୋଝ ନିଜେ ଉଠାଇ ପାରିବେ ନାହିଁ। ତେଣୁ କିଛି ବୋଝ ଗ୍ରାହକଙ୍କ ଉପରେ ମଧ୍ୟ ପକାଯାଉଛି। ଯଦି ସ୍ମାର୍ଟଫୋନ ଉପରେ ଜିଏସ୍‌ଟି ୧୮ରୁ ୫ ପ୍ରତିଶତକୁ ହ୍ରାସ କରାଯାଏ ତାହେଲେ ଏହା ଶସ୍ତା ହେବ ଏବଂ ଗ୍ରାହକମାନେ ନୂଆ ସ୍ମାର୍ଟଫୋନ ସୁଲଭ ମୂଲ୍ୟରେ କିଣିପାରିବେ। ୨୦୧୭ରେ ଜିଏସ୍‌ଟି ଲାଗୁ ହେବା ସମୟରେ ମୋବାଇଲ ଫୋନ୍ ଉପରେ ୧୨ ପ୍ରତିଶତ ଜିଏସ୍‌ଟି ଲଗାଯାଇଥିଲା। କିନ୍ତୁ ୨୦୨୦ ଏପ୍ରିଲରେ ଏହାକୁ ୧୮ ପ୍ରତିଶତକୁ ବଢ଼ାଯାଇଥିଲା। ଏହାକୁ ୫ ପ୍ରତିଶତକୁ ହ୍ରାସ କରିବା ଲାଗି ଆଇସିଇଏ ଦାବି କରୁଛି।

# ମାତ୍ର ଟଙ୍କାଏରେ ସିମ୍, ଅନଲିମିଟେଡ୍ କଲ୍ ଏବଂ ୨୪ ଜିବି ଡାଟା

ନୂଆଦିଲ୍ଲୀ,୧୬।୯: ମାତ୍ର ଟଙ୍କାଟିଏ ଦେଇ ପାଇପାରିବେ ଫ୍ରି ସିମ୍। ତା ସହିତ ୨୪ ଜିବି ଡାଟା ମାଗଣା। ଏଭଳି ଏକ ବଡ଼ ଅଫର ମିଳିବାକୁ ଯାଉଛି ଗ୍ରାହକଙ୍କୁ।ଏହି ପ୍ଲାନ୍ ଆଣିଛି ଭାରତ ସରକାରଙ୍କ ପ୍ରମୁଖ ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ୍ ବା BSNL । ଏହା ଜରିଆରେ ନିଜର କଷ୍ଟମର ବେସ୍ ବଢାଇବାକୁ ଚେଷ୍ଟା କରୁଛି କମ୍ପାନୀ। କିନ୍ତୁ ସବୁଠାରୁ ବଡ଼ କଥା ହେଲା ଏହି ପ୍ଲାନ୍ କେବଳ ନୂଆ ଗ୍ରାହକଙ୍କ ପାଇଁ ରହିଛି। ପୁରୁଣା ଗ୍ରାହକ ଏହାର ଲାଭ ପାଇପାରିବେନି। ୧ ଟଙ୍କାର ଏହି ପ୍ଲାନ୍ ଦେଶର ସବୁଠାରୁ ଶସ୍ତା ରିଚାର୍ଜ ମଧ୍ୟ ରହିଛି। ଏହି ପ୍ଲାନର ଦାମ୍ ଯଦିଓ ୧ ଟଙ୍କା, କିନ୍ତୁ ଏଥିରେ କମ୍ପାନୀ ନିଜ ଗ୍ରାହକଙ୍କୁ ଭଲ ଭାଲିଡିଟିର ଅଫର ଦେଉଛି। ଏହି ପ୍ଲାନ୍ ପୁରା ୨୪ ଦିନର ଭାଲିଡିଟି ସହ ଆସୁଛି। ଏଭଳି ଅଫ୍‌ର କିନ୍ତୁ ଅନ୍ୟ ଟେଲିକମ୍ କମ୍ପାନୀ ପାଖରେ ନାହିଁ। ଏହି ପ୍ଲାନ୍‌ରେ ଗ୍ରାହକଙ୍କୁ ସବୁ ନେଟଓ୍ୱାର୍କକୁ ଅନଲିମିଟେଡ୍ କଲିଂ କରିବାର ସୁବିଧା ମିଳିବ। ଅର୍ଥାତ ଗ୍ରାହକ ଲଗାତାର ନିଜ ଲୋକଙ୍କ ଯୋଗାଯୋଗରେ ରହିବେ। ଯେତେ ଇଛା ସେତେ କଥା ହୋଇପାରିବେ।




ଏହି ପ୍ଲାନ୍‌ରେ ଗ୍ରାହକଙ୍କୁ ଡେଲି ୧୦୦ ଏସଏମଏସ୍ ମଧ୍ୟ ମିଳିବ। ଅର୍ଥାତ ପୁରା ଭାଲିଡିଟି ପିରିୟଡରେ ମିଳିବ ମୋଟ ୨୪୦୦ ଏସଏମଏସ୍। ଏହି ପ୍ଲାନରେ ବିଏସ୍‌ଏନ୍‌ଏଲ ଗ୍ରାହକଙ୍କୁ ଦୈନିକ ୧ ଜିବି ଇଣ୍ଟରନେଟ୍‌ର ଅଫର ରହିଛି। ଏହା ହାଇସ୍ପିଡ୍ ୪ଜି ଡାଟା ସହ ରହିବ। ଅର୍ଥାତ ଗ୍ରାହକ ୧ ଟଙ୍କାରେ କମ୍ପାନୀର ୪ଜି ସ୍ପିଡ୍ ବ୍ୟବହାର କରିପାରିବେ। ପୁରା ଭାଲିଡିଟି ପିରିୟଡ୍‌ରେ ଗ୍ରାହକଙ୍କୁ ମୋଟ ୨୪ ଜିବି ଡାଟା ମିଳିବ। କମ୍ପାନୀ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛି, ଏହି ଅଫର ୧୨ ଅକ୍ଟୋବର ୨୦୨୬ ଯାଏଁ ଚାଲିବ। ଇଚ୍ଛୁକ ଗ୍ରାହକ ନିକଟସ୍ଥ ବିଏସଏନଏଲ ଅଫିସ, ବିଏସଏନଏଲ ଓ୍ୱେବସାଇଟ୍, ବିଏସଏନଏଲ୍ ସେଲଫ୍ କେୟାର ଆପ୍ ଜରିଆରେ ଏହି ପ୍ଲାନର ଡିଟେଲ ଚେକ୍ କରିପାରିବେ। କମ୍ପାନୀ କହିଛି ଗ୍ରାହକ ୧୮୦୦୧୮୦୧୫୦୩ କୁ କଲ୍ କରି କଥା ହୋଇପାରିବେ।

### ଦୁଇ ବର୍ଷ ବିତିଲା, ପୋଲକୁ ହୋଇପାରିଲାନି ସଂଯୋଗୀକରଣ ରାସ୍ତା

# ଯାତାୟାତରେ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

ଝାରସୁଗୁଡ଼ା, ୧୬।୯ (ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳରେ ଉନ୍ନତ ଯାତାୟାତ ବ୍ୟବସ୍ଥା ପାଇଁ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଲଖନପୁର ବ୍ଲକର ନାଗେନମୁଣ୍ଡା-ଟେଙ୍ଗେନାମାଲ ରାସ୍ତାର ଅଧୁରା କାମ ଏବେ ସାଧାରଣଙ୍କ ପାଇଁ ସମସ୍ୟା ପାଲଟିଛି। ରାସ୍ତା ନିର୍ମାଣକୁ ଦୁଇ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ଅବଶିଷ୍ଟ କାମ ଆରମ୍ଭ ହୋଇନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।

ଲଖନପୁର ବ୍ଲକ ପଲସଦା ଗ୍ରାମପଞ୍ଚାୟତର ନାଗେନମୁଣ୍ଡାଠାରୁ କତରବଗା ପଞ୍ଚାୟତର ଦରିଢିପା, ସୁଖାଡିହି, ବାଉସେନପାଲି ଓ ମଚିଦା ପଞ୍ଚାୟତର ବରଖା ଦେଇ ଟେଙ୍ଗେନାମାଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨୦୨୧ ଆର୍ଥିକ ବର୍ଷରେ ୨ କୋଟି ୫୯ ଲକ୍ଷ ୭୪ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ପରେ ଏକ ଠିକାସଂସ୍ଥାକୁ କାମ ଦାୟିତ୍ୱ ଦିଆଯାଇଥିଲା।

ଏହି ରାସ୍ତାର ବରଖାଠାରୁ ସୁଖାଡିହି, ଦରିଢିପା ଦେଇ ଏନ୍‌ଏଚ୍-୪୯ର ବାଉସେନପାଲି (କ) ଛକ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇଛି। ତେବେ ବରଖାଠାରୁ ଟେଙ୍ଗେନାମାଲ ଦେଇ ଏନ୍‌ଏଚ୍-୪୯ ଠାରୁ ନାଗେନମୁଣ୍ଡା ପର୍ଯ୍ୟନ୍ତ ରାସ୍ତା କାମ ଏଯାଏଁ ଆରମ୍ଭ ହୋଇନଥିବା ଅଭିଯୋଗ ହୋଇଛି। ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ଗ୍ରାମବାସୀ, ଛାତ୍ରଛାତ୍ରୀ, ଚାଷୀ ଓ ରୋଗୀମାନେ ଯାତାୟାତରେ ଦୁର୍ଦ୍ଦଶା ଭୋଗୁଛନ୍ତି।

ସବୁଠାରୁ ଆଶ୍ଚର୍ଯ୍ୟର କଥା, ଦରିଢିପା ନିକଟସ୍ଥ ନାଳା ଉପରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବ୍ରିଜ୍ ନିର୍ମାଣ ଶେଷ ହୋଇଛି। ମାତ୍ର ବ୍ରିଜ୍‌ର ଉଭୟ ପାର୍ଶ୍ୱର ରାସ୍ତା ସହ ସଂଯୋଗ କରାଯାଇନଥିବାରୁ ଏହା ଲୋକଙ୍କ କାମରେ ଆସୁନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବ୍ରିଜ୍ ପୂର୍ବ-ପଶ୍ଚିମ ଦିଗରେ ନିର୍ମାଣ ହୋଇଥିବା ବେଳେ ରାସ୍ତା ଉତ୍ତର-ଦକ୍ଷିଣ ଦିଗରେ ରହିଛି। ଏହା ସହିତ ଦୁଇ ପାର୍ଶ୍ୱରେ ରୟତି ଜମି ଥିବାରୁ ରାସ୍ତାକୁ ବ୍ରିଜ୍ ସହ ସଂଯୋଗ କରିବାରେ ସମସ୍ୟା ଉପୁଜିଛି।

ଏହାର ପରିଣାମସ୍ୱରୂପ ଦୁଇ ବର୍ଷରୁ ଅଧିକ ସମୟ ଧରି ରାସ୍ତା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ବ୍ରିଜ୍ ଥାଇ ମଧ୍ୟ ଲୋକେ ବାଧ୍ୟ ହୋଇ ଅସ୍ଥାୟୀ ପୋଲ ଦେଇ ଯାତାୟାତ କରୁଛନ୍ତି। ବର୍ଷା ସମୟରେ ନାଳାରେ ପାଣି ବଢ଼ିଲେ ଏହି ଅସ୍ଥାୟୀ ପୋଲ ଦେଇ ଯିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡୁଛି।

ରାସ୍ତାର ଏଭଳି ଦୁରବସ୍ଥା ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷା, ଚାଷୀଙ୍କ ଯାତାୟାତ ଓ ରୋଗୀଙ୍କ ଚିକିତ୍ସା ସେବା ପ୍ରଭାବିତ ହେଉଛି। ସରକାରୀ ଅର୍ଥରେ ବ୍ରିଜ୍ ନିର୍ମାଣ ହୋଇଥିଲେ ମଧ୍ୟ ତାହା ରାସ୍ତା ସହ ସଂଯୋଗ ହୋଇନଥିବା ଘଟଣାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଉଛନ୍ତି। ତେଣୁ ରୟତି ଜମି ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ କରି ରାସ୍ତାର ଅବଶିଷ୍ଟ କାର୍ଯ୍ୟ ଶୀଘ୍ର ଶେଷ କରିବା ସହ ବ୍ରିଜ୍‌କୁ ରାସ୍ତା ସହ ସଂଯୋଗ କରି ଯାତାୟାତ ପାଇଁ ଖୋଲିଦେବାକୁ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଜିଲ୍ଲାରେ ବଢ଼ୁଛି ଚୋରା ମଦ, ଗଞ୍ଜେଇ ଓ ବ୍ରାଉନ ସୁଗର ବ୍ୟବସାୟ



କେନ୍ଦ୍ରାପଡ଼ା,୧୬।୯ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାରେ ୯ଗୋଟି ବ୍ଲକରେ ସ୍କୁଲ, କଲେଜ୍, ଡାକ୍ତରଖାନା ନିକଟରେ ଚୋରା ମଦ, ଗଞ୍ଜେଇ, ବ୍ରାଉନ୍ସ ସୁଗାର ଓ ସିରପ୍ ଇତ୍ୟାଦି ବିକ୍ରି ହେଉଥିବାରୁ ଯୁବପିଢିମାନଙ୍କୁ ଏହା ସହଜରେ ଉପଲବ୍ଧ ହେଉଛି। ଫଳରେ ଦିନକୁ ଦିନ ଯୁବପିଢି ନିଶାସକ୍ତ ହୋଇ ଅପରାଧରେ ସାମିଲ୍ ହେଉଛନ୍ତି। ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ପ୍ରାୟ ୯ଟି ବ୍ଲକର ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରା ମଦ, ବ୍ରାଉନ୍ସସୁଗାର ଓ ଗଞ୍ଜେଇ ବ୍ୟବସାୟକୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ସେମାନଙ୍କ ପାଖରୁ ବ୍ୟାପକ ପରିମାଣରେ ଚୋରା ମଦ, ଅଫିମ, ଗଞ୍ଜେଇ ଓ ସିରପ୍ ଜବତ କରାଯାଉଛି। କୋହଳ ଆଇନ୍ ଯୋଗୁଁ ଏହି ଚୋରା ବ୍ୟବସାୟୀମାନେ ଦୁଇ ରୁ ତିନିଦିନ ମଧ୍ୟରେ ଜାମିନ୍ ପାଇ ପୁନର୍ବାର ସେହି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଯାହାଫଳରେ ଚୋରା ବ୍ୟବସାୟୀମାନେ ଜିଲ୍ଲାରେ ବଢ଼ୁଛନ୍ତି। ଫଳରେ ନିରୀହ ଶିକ୍ଷିତ ଯୁବକମାନଙ୍କ ସହିତ ଶ୍ରମିକ ଓ ଅନ୍ୟମାନେ ରାସ୍ତାଘାଟରେ ମଦ୍ୟପାନ କରିବା ସହ ନିଶାସ୍ତକ ଅବସ୍ଥାରେ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ପଡ଼ି ରହୁଛନ୍ତି। ଚୋରା ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ବିଷୟରେ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ମାସରେ ୧୫ ରୁ ୨୦ ସ୍ଥାନ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢାଉ କରି ଆମେ ଚୋରା ବ୍ୟବସାୟୀଙ୍କୁ ଗିରଫ କରୁଛୁ। କିନ୍ତୁ କୋହଳ ଆଇନ୍ ଯୋଗୁଁ ଏମାନେ ଫସି ଯାଉଛନ୍ତି। ଏମାନଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ




ବୈଶିଙ୍ଗା, ୧୬।୯ (ସଂଚାର ବ୍ୟୁରୋ)ଃ ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇ ଯାଇଛି।

ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇକୋ କ୍ଲବ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଓଜୋନ ସ୍ତରର ସୁରକ୍ଷା ନିମନ୍ତେ ସଂକଳ୍ପ ନେଇ ଥିଲେ। ଚଳିତ ବର୍ଷ ପାଇଁ ନିର୍ଦ୍ଧାରିତ ବିଷୟ ବସ୍ତୁ "ଗ୍ଲୋବାଲ ଆକ୍ସନ ଫର୍ ଏ କୁଲିଙ୍ଗ ପ୍ଲାନେଟ" ଅର୍ଥାତ୍ "ଏକ ଶୀତଳ ଗ୍ରହ ନିମନ୍ତେ ବିଶ୍ୱସ୍ତରୀୟ ପ୍ରକ୍ରିୟା" ଉପରେ ଅନୁଷ୍ଠିତ ଏକ ଆଲୋଚନା ଚକ୍ରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଉନ୍ନତ ବୈଜ୍ଞାନିକ ପଦ୍ଧତି ଓ ସମ୍ମିଳିତ ଆନ୍ତର୍ଜାତୀୟ ପ୍ରଚେଷ୍ଟା ବଳରେ ଓଜୋନ ସ୍ତରର ସୁରକ୍ଷା ଓ ପରିବର୍ତ୍ତିତ ଜଳବାୟୁ ର ସନ୍ତୁଳନ ରକ୍ଷା ସମ୍ଭବ ହୋଇ ପାରିବ ବୋଲି ମଞ୍ଚାସିନ ଅତିଥି ଗଣ ମତବ୍ୟକ୍ତ କରିଥିଲେ।

ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଓଜୋନ ସ୍ତରର ସୁରକ୍ଷା ନିମନ୍ତେ ସମସ୍ତ ଛାତ୍ର ଛାତ୍ରୀ ତଥା ଯୁବ ଶକ୍ତି ଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ ଓ ଭାଗ୍ୟଶ୍ରୀ ମହାନ୍ତ ମଞ୍ଚାସୀନ ହୋଇ ନିଜ ନିଜର ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଓଜୋନ ସ୍ତର ଉପାଦେୟତା ବିଷୟରେ ଅନୁଷ୍ଠିତ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା। ସର୍ବ ଶେଷରେ ନବମ ଶ୍ରେଣୀ ଛାତ୍ରୀ କ୍ରିଷ୍ଟା ସାହାଣୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଚରମ ଅବ୍ୟବସ୍ଥା

### ଚକ୍ଷୁ ବିଭାଗରେ ଝୁଲୁଛି ତାଲା, ରୋଗୀ ମହଲରେ ତୀବ୍ର ଅସନ୍ତୋଷ

ଚମ୍ପୁଆ, ୧୬।୯ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏହି ପ୍ରମୁଖ ଡାକ୍ତରଖାନା ଉପରେ କେବଳ ଚମ୍ପୁଆ ଉପଖଣ୍ଡ ନୁହେଁ, ବରଂ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲା ଏବଂ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟର ହଜାର ହଜାର ଗରିବ ଲୋକ ନିର୍ଭର କରିଥାନ୍ତି। ମାତ୍ର ଦୀର୍ଘ ଦିନ ହେବ ଏଠାରେ ଚିକିତ୍ସା ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡ଼ିଛି।

ସୂଚନା ଅନୁଯାୟୀ, ଦୀର୍ଘ ଏକ ବର୍ଷ ହେବ ଏହି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାଳୟରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ପଦବୀ ଖାଲି ପଡ଼ିଛି। ପ୍ରଶାସନ ପକ୍ଷରୁ ଜଣେ ଶିଶୁ ଚିକିତ୍ସକଙ୍କୁ ଏହି ପଦବୀର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ମାତ୍ର ସ୍ଥାୟୀ ଅଧିକାରୀ ନଥିବାରୁ ଏବଂ ଭାରପ୍ରାପ୍ତ ଅଧିକାରୀଙ୍କୁ ଡାକ୍ତରଖାନାର କର୍ମଚାରୀମାନେ ଗୁରୁତ୍ୱ ଦେଉନଥିବାରୁ, ଚିକିତ୍ସାଳୟ ପରିଚାଳନାରେ ଚରମ ମନମୁଖୀ ଶାସନ ଚାଲିଥିବା ଅଭିଯୋଗ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ଗତ କିଛି ଦିନ ହେବ ଡାକ୍ତରଖାନାର ଚକ୍ଷୁ ବିଭାଗରେ ଦେଖିବାକୁ ମିଳିଛି। ଚକ୍ଷୁ ବିଶେଷଜ୍ଞ ଦୀର୍ଘ ଦିନ ଧରି ଡାକ୍ତରଖାନା ଆସୁନଥିବା ବେଳେ ବିଭାଗୀୟ କକ୍ଷରେ ତାଲା ଝୁଲୁଛି।

ଅନ୍ୟପଟେ, ଏହି ବିଭାଗରେ ଥିବା ଅନ୍ୟ ଜଣେ କର୍ମଚାରୀ ନିଜ ମନମର୍ଜି ଅନୁସାରେ ଅଫିସ ଖୋଲୁଛନ୍ତି ଏବଂ ବନ୍ଦ କରୁଛନ୍ତି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଶହ ଶହ ଚକ୍ଷୁ ରୋଗୀ ଦୈନିକ ସେବା ନପାଇ ହତାଶ ହୋଇ ଫେରୁଛନ୍ତି। ସାଧାରଣ ଗରିବ ଲୋକେ ଡାକ୍ତରଖାନା ଆସି ଉପଯୁକ୍ତ ଚିକିତ୍ସା ନପାଇ ହଇରାଣ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ରୋଗୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏହି ଗମ୍ଭୀର ସମସ୍ୟା ପ୍ରତି କେନ୍ଦୁଝର ଜିଲ୍ଲା ପ୍ରଶାସନ ତୁରନ୍ତ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଖାଲି ପଡ଼ିଥିବା ସ୍ଥାୟୀ ପଦବୀ ପୂରଣ ଏବଂ ଚକ୍ଷୁ ବିଭାଗକୁ ସ୍ୱାଭାବିକ କରିବାକୁ ଜନସାଧାରଣରେ ଦୃଢ଼ ଦାବି ହେଉଛି।

## ଖପରାପଦା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାରେ ୫ ଗିରଫ

### ଦେଶୀ ବନ୍ଧୁକ ସହିତ ୩ଟି ଅଫୁଟା ଗୁଳି ଜବତ



ବାଲିଆପାଳ, ୧୬।୯ (ସଂଚାର ବ୍ୟୁରୋ)ଃ ବାଲିଆପାଳ ଥାନା ଅଧୀନ ଖପରାପଦା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଡକାୟତି ଘଟଣାରେ ପୋଲିସକୁ ବଡ଼ ସଫଳତା ମିଳିଛି। ଘଟଣାରେ ସମ୍ପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ଗିରଫ କରିଛି ପୋଲିସର ସ୍ୱତନ୍ତ୍ର ଟିମ୍।

୨୦୨୬ ସେପ୍ଟେମ୍ବର ୮ ତାରିଖ ରାତି ପ୍ରାୟ ୧୦ଟା ୧୦ ମିନିଟ୍ ସମୟରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖପରାପଦା ଶାଖାର ବିଏମ୍ ଅଜୟ କୁମାର ସେଠୀ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୬ ଜଣ ଦୁର୍ବୃତ୍ତ ବ୍ୟାଙ୍କ ଭିତରକୁ ପଶି କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ହାତଗୋଡ଼ ବାନ୍ଧି ଦେଇଥିଲେ। ପରେ କ୍ୟାସ୍ କାଉଣ୍ଟରରୁ ୧୩ ଲକ୍ଷ ୮୦ ହଜାର ୪୪୪ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ବାଲିଆପାଳ ଥାନାରେ କେସ୍ ନମ୍ବର ୪୩୧, ତାରିଖ ୦୮.୦୯.୨୦୨୬ରେ ମାମଲା ରୁଜୁ ହୋଇଥିଲା। ବିଏନ୍‌ଏସ୍‌ର ଧାରା ୩୧୦(୨) ସହ ଆର୍ମସ୍ ଆକ୍ଟର ଧାରା ୨୫/୨୭ ଲାଗୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା।ଅଭିଯୁକ୍ତଙ୍କୁ ଧରିବା ପାଇଁ ବାଲେଶ୍ୱର ଏସ୍‌ପି ଏବଂ ଡିଆଇଜି, ଇଷ୍ଟର୍ଣ୍ଣ ରେଞ୍ଜ ବାଲେଶ୍ୱରଙ୍କ ନିର୍ଦ୍ଦେଶରେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ବସ୍ତା ଏସ୍‌ଡିପିଓ ସମର୍ଥ କୁମାର ବେହେରା ଙ୍କ ତତ୍ତ୍ୱାବଧାନରେ ଏହି ଟିମ୍‌ଗୁଡ଼ିକ ତଦନ୍ତ ଓ ଚଢ଼ାଉ ଜାରି ରଖିଥିଲେ।ତଦନ୍ତ ସମୟରେ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରିଥିଲା। ସନ୍ଦେଶଖାଲି ଥାନା ଅଧୀନ ରାମପୁର, ଜୀବନତଳା ଥାନା ଅଧୀନ ଚଣ୍ଡିବାଲି, ସୋନାରପୁର ଏବଂ ମହେନ୍ଦ୍ରପୁର ଥାନା ଅଞ୍ଚଳର ଚାଟପୁର ଆଦି ସ୍ଥାନରେ ଚଢ଼ାଉ କରାଯାଇ ୫ ଜଣ ଅଭିଯୁକ୍ତଙ୍କୁ ଧରାଯାଇଛି। ୬ ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବା ଉଲ୍ଲେଖ ରହିଥିବା ବେଳେ ଏପର୍ଯ୍ୟନ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣ ଅଭିଯୁକ୍ତଙ୍କୁ ଧରିବା ସହ ଲୁଟ୍ ଟଙ୍କା ଓ ଘଟଣାରେ ବ୍ୟବହୃତ ସାମଗ୍ରୀ ସମ୍ପର୍କରେ ପୁଲିସର ତଦନ୍ତ ଜାରି ରହିଛି।

## ବ୍ୟାଙ୍କ ଡକାୟତିକୁ ପଣ୍ଡ କଲା ବୈଶିଙ୍ଗା ପୁଲିସ, ୬ କୋର୍ଟ ଚାଲାଣ



ବୈଶିଙ୍ଗା,୧୬।୯ (ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ଥାନା ଅଞ୍ଚଳରେ କିଛି ମାସ ଧରି ସ୍କୁଲ, ମନ୍ଦିର ଏବଂ ବଡ ବଡ ଦୋକାନ ଚୋରି ବଢି ଯାଇଥିବା ବେଳେ ନୂତନ ଭାବେ ଦାୟିତ୍ୱ ନେଇଥିବା ଆଇଆଇସି ବାବା ଶଙ୍କର ସରାଫଙ୍କ ଉପସ୍ଥିତ ବୁଦ୍ଧି ପାଇଁ ଏକ ବଡ ଧରଣର ବ୍ୟାଙ୍କ ଡକାୟତି ପଣ୍ଡ ହୋଇଥିବା ଜଣାଯାଇଛି ।

ପ୍ରାପ୍ତ ସୂଚନା ଅନୁଯାଇ ବୈଶିଙ୍ଗା ଥାନା ଅନ୍ତର୍ଗତ ମାନଗୋବିନ୍ଦପୁର ଠାରେ ଥିବା ୟୁନିୟନ ବ୍ୟାଙ୍କକୁ ଡକାୟତି କରିବା ପାଇଁ କିଛି ଡକାୟତ ଯୋଜନା କରିଥିଲେ । ରାତି ଦୁଇଟା ସମୟରେ ବ୍ୟାଙ୍କର ହେଡ ଅଫିସ ବମ୍ବେ ରୁ ଫୋନ ପାଇ ବୈଶିଙ୍ଗା ଆଇଆଇସି ବିଭିନ୍ନ ଏରିଆକୁ ନାକା ବନ୍ଦି କରି ନିଜେ ସଦଳବଳେ ବ୍ୟାଙ୍କ ନିକଟରେ ପହଞ୍ଚିଥିଲେ। ପୋଲିସ ଆସୁଥିବା ଜାଣି ଡକାୟତମାନେ ଏକ ପଶ୍ଚିମବଙ୍ଗ ନମ୍ବର ଥିବା ଚେଭରଲେଟ କାର ନଂ-ଡବ୍ଲ୍ୟୁ ବି ୨୦ଜେଡ଼-୯୭୫୬ରେ ଖସି ପଳାଇ ଯାଉଥିବା ବେଳେ ପୂର୍ବରୁ ବୈଶିଙ୍ଗାରେ ଜଗି ରହିଥିବା ପୁଲିସ ହାତରେ ଧରାପଡିଥିଲେ । ଆଇଆଇସି ମଧ୍ୟ ସେମାନଙ୍କୁ ପିଛା କରି ବୈଶିଙ୍ଗା ଠାରେ ୬ ଜଣ ଅଭିଯୁକ୍ତ ସମେତ ଜଣେ ନାବାଳକକୁ କାବୁ କରି ଥାନାକୁ ନେଇ ଆସିଥିଲେ । ତାଙ୍କ ନିକଟରୁ ମାରଣାସ୍ତ୍ର, ଗ୍ରୀଲ୍ କଟର ଓ ବ୍ୟାଙ୍କର ଏକ ମୋବାଇଲ ସମେତ କାରଟିକୁ ମଧ୍ୟ ଜବତ କରିଥିବା ପ୍ରକାଶ କରିଛନ୍ତି ଥାନାଧିକାରୀ । ବ୍ୟାଙ୍କର ସିକ୍ୟୁରିଟୀ ଉତ୍ତମ କୁମାର ପୃଷ୍ଟିଙ୍କ ଲିଖିତ ଅଭିଯୋଗ ଅନୁଯାଇ କେସ ନଂ ୪୭୪/୨୬ ମୂଳେ ମାମଲା ରୁଜୁ ହୋଇଥିବା ବେଳେ ଏମାନଙ୍କ ସହିତ ଆଉ କେଉଁ ଆନ୍ତରାଜ୍ୟ ଗ୍ୟାଙ୍ଗ ସଂପୃକ୍ତ ଅଛନ୍ତି ତାହାର ଅନୁସନ୍ଧାନ ଜାରି ରହିଛି। ଏ ନେଇ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳଙ୍କ ପରିଚାଳନାରେ ବୈଶିଙ୍ଗା ଥାନାରେ ଏକ ପ୍ରେସ୍ ମିଟ୍ ଅନୁଷ୍ଠିତ ହୋଇଥିଲା । ବୈଶିଙ୍ଗା ଥାନାଧିକାରୀ ବାବା ଶଙ୍କର ଶରାଫ, ମାମଲା ପରିଚାଳନା ଦାୟିତ୍ୱ ନେଇଥିବା ଏସ ଆଇ ସରୋଜ କୁମାର ଜେନା ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ ।

## ଗଜାନନଙ୍କ ପୂଜା ପାଇଁ ଉତ୍ସବ ମୁଖର ମୁନିଗୁଡା ସହର

### ମୁଖ୍ୟ ଆକର୍ଷଣ ପାଇକସାହି ଓ ଗୌଡ ସାହି ମେଢ



ମୁନିଗୁଡା/ଚନ୍ଦ୍ରପୁରୁ, ୧୬।୯ (ସଂଚାର ବ୍ୟୁରୋ)ଃ ସହର ମାନଙ୍କରେ ଗଣେଶ ଚତୁର୍ଥୀ ଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଛି । ବିଘ୍ନ ବିନାଶକ ଗଜାନନଙ୍କ ପୂଜା ପାଇଁ ରାୟଗଡା ଜିଲ୍ଲା ମୁନିଗୁଡା ସହର ମୁଖରିତ ହୋଇ ଉଠିଥିବା ବେଳେ ଗଣେଷ ପୂଜାରୁ ପାର୍ବଣର ବାସ୍ନା ବାରି ହୁଏ, ପରେପରେ ବିଶ୍ୱକର୍ମା, ମହାଲକ୍ଷ୍ମୀ ପୂଜା, କାଳିପୂଜା ଏବଂ ଏଥି ସହ ଗ୍ରାମାଞ୍ଚଳରେ ଘଣ୍ଟ ପରବ ଓ ଝାମୁ ଯାତ୍ରାର ଝଲକ ଦେଖିବାକୁ ମିଳିବ । ଗଣେଷ ପୂଜା ଅବସରେ ମୁନିଗୁଡାର ବିଭିନ୍ନ ମଣ୍ଡପ ରଙ୍ଗବେରଙ୍ଗର ଆଲୋକମାଳାରେ ସହର ଝଲସୁଛି।

ସହରରେ ବିଭିନ୍ନ କ୍ଲବ, ଶିକ୍ଷାନୁଷ୍ଠାନ ତଥା ବ୍ୟବସାୟ ପ୍ରତିଷ୍ଠାନ ସମେତ ଆମ୍ବାଦଳା ଓ ଚନ୍ଦ୍ରପୁରୁ ବ୍ଲକ ମିଶି ପାଖାପାଖି ୧୦୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି। ମୁନିଗୁଡା ଭଳି ବିଷମକଟକ ଓ୍ଲକ, ଚନ୍ଦ୍ରପୁରୁ ଓ୍ଲକ ଓ ଆମ୍ବାଦଳା ସହରର ଅନେକ ସ୍ଥାନରେ ଭଳିକି ଭଳି ତୋରଣରେ ସଜେଇ ହୋଇଛି। ମୁନିଗୁଡା ପାଇକ ସାହିର ଆକର୍ଷଣୀୟ ମେଢ଼ ଓ ମଣ୍ଡପକୁ ଅନ୍ୟଠାରୁ ସ୍ୱତନ୍ତ୍ର କରିବାରେ ଲାଗିପଡ଼ିଥିଲେ କାରିଗର ଓ ପୂଜା କମିଟି ସଦସ୍ୟ । ଅନୁଷ୍ଠାନ ଗୁଡ଼ିକ ଦିନରାତି ଲାଗି ସାଜସଜାରେ ଆକର୍ଷିତ କରିଛନ୍ତି । ଗଜାନନଙ୍କୁ ଧୂମଧାମରେ ଆବାହନ କରାଯାଇଛି। ମୁନିଗୁଡା ସହରରେ ଗଣେଶ ପୂଜା ଏକ ପ୍ରତିଯୋଗିତାମୂଳକ ହୋଇଥିବାରୁ ପୁଲିସ ମଧ୍ୟ ସଜାଗ ହୋଇଯାଇଛି। କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତି ଏଡାଇବା ପାଇଁ ପୁଲିସ ସଜାଗ ରହିଛି। ମୁନିଗୁଡା, ଆମ୍ବାଦଳା ଓ ବିଷମକଟକ ସହରର ବିଭିନ୍ନ ସ୍ଥାନରେ ତୋରଣମାନ ଆଲୋକମାଳାରେ ଝଲସୁଥିବାବେଳେ, ସନ୍ଧ୍ୟାରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଆହୁରି ମଧ୍ୟ ଭସାଣୀ ଉତ୍ସବକୁ ପାଇକସାହି ଓ ଗୌଡ ସାହିର ମେଢ ଶାନ୍ତିଶୃଙ୍ଖଳାର ସହିତ ଆକର୍ଷଣୀୟ ପ୍ରୋଶେସନରେ ବିସର୍ଜନ କରାଯିବ।

## ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ ପାଇଁ ପ୍ରସ୍ତୁତି ବୈଠକ



ନିଶ୍ଚିନ୍ତକୋଇଲି, ୧୬।୯ (ସଂଚାର ବ୍ୟୁରୋ)ଃ ଭାରତ ବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଗୁରୁବାର ସନ୍ଧ୍ୟା ସମୟରେ କେଣ୍ଟାଲୋ ପଞ୍ଚାୟତ କୋଇଲୋ ମଲ୍ଲୀପୁର ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପରିସରରେ ମଣ୍ଡଳ ସ୍ତରୀୟ ସମୂହ ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯାହାପାଇଁ ଏକ ପ୍ରସ୍ତୁତି ବୈଠକ ସଂଯୋଜକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସୁକରପଡ଼ା ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଏକ ମାସ ଧରି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିବା ବେଳେ ଗୁରୁବାର ଦିନ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅର୍ନ୍ତଭୁକ୍ତ ୨୭ଗୋଟି ଗ୍ରାମ ପଞ୍ଚାୟତରେ ସମୂହ ଦୀପ ଦାନ ପାଇଁ ସ୍ଥିର କରାଯାଇଥିଲା । ବୈଠକରେ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା,କୈଳାସ ଚନ୍ଦ୍ର ବେହେରା,ବିନୋଦ ସାମଲ,ରବିଚନ୍ଦ୍ର ବେହେରା,ଅଶୋକ କୁମାର ସାହୁ,ଯଚିନ୍ଦ୍ରନାଥ ଜେନା,ପିତାମ୍ବର ମହାନ୍ତି,ରଂଜନ କୁମାର ରାଉତ,ହେମନ୍ତ କୁମାର ରାଉତ,ଦେବଦତ୍ତ କର,ତ୍ରିଲୋଚନ ନାୟକ, ସଂଜୀବ କୁମାର ସାହୁ, ଅନନ୍ତରାମ ସିଂଙ୍କ ସମେତ ବହୁ ଯୁବ ଗୋଷ୍ଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ସଂକଳ୍ପ ନେଇଥିଲେ ।

### କାନୁପୁର ପ୍ରକଳ୍ପର କରୁଣ ଚିତ୍ର

## ବିସ୍ଥାପିତ ହୋଇ ଲୁଣି ସାହିରେ 'ଯମଯନ୍ତ୍ରଣା' ଭୋଗୁଛନ୍ତି ୪୦ ପରିବାର

### ମୌଳିକ ସୁବିଧା ପାଲଟିଛି ସାତସପନ

ଚମ୍ପୁଆ, ୧୬।୯ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲାର ବହୁ ପ୍ରତିକ୍ଷିତ କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ପାଇଁ ନିଜର ଭିଟାମାଟି ହରାଇଥିବା ବିସ୍ଥାପିତମାନେ ଏବେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ପ୍ରକଳ୍ପ ଯୋଗୁଁ ଚମକପୁର ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇ ନାରଦପୁରସ୍ଥିତ ଲୁଣି ସାହିରେ ନିଜସ୍ୱ ଖର୍ଚ୍ଚରେ ଘରଡ଼ିହ କ୍ରୟ କରି ବସବାସ କରୁଛନ୍ତି। ତେବେ ବସତି ସ୍ଥାପନର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏହି ସାହିରେ ସର୍ବନିମ୍ନ ମୌଳିକ ସୁବିଧାର ଘୋର ଅଭାବ ଦେଖାଦେଇଛି। ଯାହାକୁ ନେଇ ସାହିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, କାନୁପୁର ପ୍ରକଳ୍ପ ଜରିଆରେ ଏଠାରେ ଏକ ବଡ଼ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଛି। କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳରେ ସାହିବାସୀଙ୍କୁ ନିୟମିତ ଭାବେ ପାନୀୟ ଜଳ ମିଳିପାରୁ ନାହିଁ। ଜଳକଷ୍ଟ ସାଙ୍ଗକୁ ଯାତାୟାତ ସମସ୍ୟା ସ୍ଥିତିକୁ ଅଧିକ ଜଟିଳ କରିଛି। ଲୁଣି ସାହିରୁ ଗ୍ରାମ୍ୟ ମୁଖ୍ୟ ରାସ୍ତାକୁ କୌଣସି ସ୍ଥାୟୀ ପକ୍କା ରାସ୍ତା ନଥିବାରୁ ବିଶେଷ କରି ବର୍ଷାଦିନେ ଏହି ଅଞ୍ଚଳ କାଦୁଅରେ ପଚପଚ ହେଉଛି। ଏହା ଯୋଗୁଁ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଏବଂ ଜରୁରୀକାଳୀନ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି।

ଅଭିଯୋଗ ମୁତାବକ, ସାହିରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ନଥିବାରୁ ସଞ୍ଜ ନଇଁଲେ ସାରା ଅଞ୍ଚଳ ଅନ୍ଧାରରେ ବୁଡ଼ି ରହୁଛି। ଫଳରେ ରାତ୍ରିକାଳୀନ ଯାତାୟାତ ସମୟରେ ବିପଦ ଆଶଙ୍କା ଲାଗି ରହୁଛି। ଏହା ସହିତ ସାହିରେ ପର୍ଯ୍ୟାପ୍ତ ଶୌଚାଳୟ ବ୍ୟବସ୍ଥା ନଥିବାରୁ ସ୍ୱଚ୍ଛତା ସମ୍ବନ୍ଧୀୟ ବଡ଼ ସମସ୍ୟା ସୃଷ୍ଟି ହୋଇଛି, ଯାହା ମହିଳା ଓ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜାଉଛି। ନିଜର ହସଖୁସିର ଭିଟାମାଟିକୁ ବିକାଶ ନାଁରେ ତ୍ୟାଗ କରିଥିବା ଏହି ବିସ୍ଥାପିତ ପରିବାରଗୁଡ଼ିକ ଏବେ ପ୍ରଶାସନର ଦେଖାଶୁଣା ଅଭାବରୁ ଅସହାୟ ଅନୁଭବ କରୁଛନ୍ତି। ତୁରନ୍ତ ଏହି ଅଞ୍ଚଳର ଓଭରହେଡ୍ ପାଣି ଟାଙ୍କିକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥାୟୀ ରାସ୍ତା ନିର୍ମାଣ, ଷ୍ଟ୍ରିଟ୍ ଲାଇଟ୍ ଏବଂ ପର୍ଯ୍ୟାପ୍ତ ଶୌଚାଳୟର ସୁବିଧା ଯୋଗାଇ ଦେବାକୁ ଲୁଣି ସାହିବାସୀ ଦୃଢ଼ ଦାବି କରିଛନ୍ତି।

## ଶେଷ ଯାତ୍ରାରେ ଚାଲିଗଲେ ସୁନୀଲ ସାର



ଛତ୍ରପୁର, ୧୬।୯ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ସହରର ଜଣାଶୁଣା ଶିକ୍ଷକ ସୁନୀଲ ସାମଲଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମାତ୍ର ୩୯ ବର୍ଷ ବୟସରେ ତାଙ୍କ ମୃତ୍ୟୁ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶୁଭେଚ୍ଛୁମାନଙ୍କୁ ମର୍ମାହତ କରିଛି।

ସୁନୀଲ ଗଞ୍ଜାମସ୍ଥିତ ଜୟଶ୍ରୀ କେମିକାଲ ସ୍କୁଲରେ ଜୁଓଲୋଜି (ପ୍ରାଣୀ ବିଜ୍ଞାନ) ବିଭାଗରେ ଦୀର୍ଘ ୧୮ ବର୍ଷ ଧରି ଶିକ୍ଷାଦାନ କରୁଥିଲେ। ଏଥିସହ ସେ ନିଜର ଏକ ଯୁକ୍ତ ଦୁଇ କୋଚିଂ ସେଣ୍ଟର ମଧ୍ୟ ଚଳାଉଥିଲେ। ତାଙ୍କଠାରୁ ପାଠ ପଢ଼ିଥିବା ଅନେକ ଛାତ୍ରଛାତ୍ରୀଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିଲା।

ସୂଚନା ଅନୁସାରେ, ସୁନୀଲ ଗତ ୬ ମାସ ଧରି କିଡନୀ ରୋଗରେ ପୀଡ଼ିତ ଥିଲେ। ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ନିୟମିତ ତାଙ୍କର ଚିକିତ୍ସା ଚାଲିଥିଲା। ଚଳିତ ସପ୍ତାହରେ ତାଙ୍କର କିଡନୀ ପ୍ରତିରୋପଣ ହେବାର ଥିଲା। ତେବେ ଆଜି ଭୁବନେଶ୍ୱର ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଛି।

ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଗଞ୍ଜାମ ସହରର ଢାମଣା ସାହିସ୍ଥିତ ବାସଭବନରେ ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶୁଭେଚ୍ଛୁମାନଙ୍କ ପ୍ରବଳ ଭିଡ଼ ଜମିଥିଲା।ତାଙ୍କ ବିୟୋଗରେ ପୁରାତନ ଛାତ୍ରଛାତ୍ରୀ, ସହକର୍ମୀ ଓ ଶୁଭେଚ୍ଛୁମାନେ ଶୋକବ୍ୟକ୍ତ କରିଥିଲେ। ତାଙ୍କ ଅକାଳ ବିୟୋଗ ଶିକ୍ଷା ଜଗତ ପାଇଁ ଏକ ବଡ଼ କ୍ଷତି ବୋଲି ଅଞ୍ଚଳବାସୀ କହିଛନ୍ତି।

## ୫ ବର୍ଷ ପରେ ବି ଅଧାରେ ସୁଖାଡିହି ମିଶନ ଶକ୍ତି ଗୃହ

### ୨୦.୪୬ ଲକ୍ଷ ଟଙ୍କାର ପ୍ରକଳ୍ପ ଅବହେଳିତ, କୋଠା ଚାରିପଟେ ମାଡ଼ିଗଲାଣି ଅନାବନା ଗଛଲତା

ଝାରସୁଗୁଡ଼ା, ୧୬।୯ (ସଂଚାର ବ୍ୟୁରୋ)ଃ ମହିଳାମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ଜରିଆରେ ବିଭିନ୍ନ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଉଛି। ତେବେ ଲଖନପୁର ବ୍ଲକ କତରବଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୁଖାଡିହି ଗାଁରେ ନିର୍ମାଣାଧୀନ ମିଶନ ଶକ୍ତି ଗୃହ ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅଧାରେ ପଡ଼ି ରହିଛି। ଫଳରେ ଲକ୍ଷାଧିକ ଟଙ୍କାର ସରକାରୀ ପ୍ରକଳ୍ପର ଉଦ୍ଦେଶ୍ୟ ଅଧୁରା ରହିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ସୁଖାଡିହି ଗାଁରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ଜିଲ୍ଲା ଖଣିଜ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ୨୦ ଲକ୍ଷ ୪୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଲଖନପୁର ପଞ୍ଚାୟତ ସମିତି ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ପରେ ଜଣେ ଠିକାଦାରଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା।

ତେବେ ନିର୍ମାଣ କାର୍ଯ୍ୟର ଅଧିକାଂଶ ଭାଗ ସରିଥିଲେ ମଧ୍ୟ ଏଯାଏଁ କବାଟ, ଝରକା, ଶୌଚାଳୟ, ଗୃହ ଭିତର ପ୍ଲାଷ୍ଟର ସମେତ ଅନ୍ୟାନ୍ୟ ଜରୁରୀ କାମ ଅସମ୍ପୂର୍ଣ୍ଣ ରହିଛି। ଦୀର୍ଘଦିନ ଧରି ଗୃହଟି ବ୍ୟବହାର ନହୋଇ ପଡ଼ି ରହିଥିବାରୁ ଚାରିପଟେ ଅନାବନା ଗଛଲତା ମାଡ଼ିଯାଇଛି। ଏହା ଏବେ ଏକ ପରିତ୍ୟକ୍ତ ଭୂତକୋଠି ଭଳି ଦେଖାଯାଉଛି।

ସୁଖାଡିହି ଗାଁର ମିଶନ ଶକ୍ତି ସହ ଜଡ଼ିତ ମହିଳାମାନଙ୍କ ବୈଠକ, ସଚେତନତା କାର୍ଯ୍ୟକ୍ରମ ଓ ବିଭିନ୍ନ ସାମୂହିକ କାର୍ଯ୍ୟ ପାଇଁ ଏକ ନିର୍ଦ୍ଦିଷ୍ଟ ଗୃହର ଆବଶ୍ୟକତା ରହିଛି। ମାତ୍ର ମିଶନ ଶକ୍ତି ଗୃହଟି ବ୍ୟବହାର ଉପଯୋଗୀ ହୋଇନଥିବାରୁ ମହିଳାମାନେ ଅନ୍ୟ ସ୍ଥାନରେ ବୈଠକ ଓ କାର୍ଯ୍ୟକ୍ରମ କରିବାକୁ ବାଧ୍ୟ ହେଉଛନ୍ତି।

ସ୍ଥାନୀୟ ମହିଳା ସଂଗଠନର ସଦସ୍ୟାମାନଙ୍କ କହିବା ଅନୁଯାୟୀ, ଗୃହର ଅବଶିଷ୍ଟ କାମ ଶେଷ କରି ଏହାକୁ ବ୍ୟବହାରଯୋଗ୍ୟ କରିବା ପାଇଁ ବ୍ଲକ ସ୍ତରୀୟ ଅଧିକାରୀ ଓ ନିର୍ମାଣ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଏକାଧିକ ଥର ଅବଗତ କରାଯାଇଛି। ହେଲେ ଏଯାଏଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ସରକାରୀ ଅର୍ଥରେ ନିର୍ମାଣାଧୀନ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଏହି ପ୍ରକଳ୍ପ ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିବାକୁ ନେଇ ସ୍ଥାନୀୟ ମହିଳା ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରକଳ୍ପଟି କେବେ ସମ୍ପୂର୍ଣ୍ଣ ହେବ ଏବଂ ମହିଳାମାନଙ୍କ କାମରେ ଆସିବ, ତାହାକୁ ନେଇ ପ୍ରଶ୍ନ ଉଠିଛି।

ଜିଲ୍ଲା ପ୍ରଶାସନ ଏହି ମାମଲାରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅର୍ଦ୍ଧନିର୍ମିତ ମିଶନ ଶକ୍ତି ଗୃହର ଅବଶିଷ୍ଟ କାର୍ଯ୍ୟ ତୁରନ୍ତ ଶେଷ କରି ଏହାକୁ ମହିଳାମାନଙ୍କ ବ୍ୟବହାର ପାଇଁ ଉପଲବ୍ଧ କରାଇବାକୁ ସୁଖାଡିହି ଗ୍ରାମବାସୀ ଓ ମହିଳା ସଂଗଠନ ପକ୍ଷରୁ ଦାବି ହୋଇଛି।

ସଂଚାର SANCHAR
ଗୁରୁବାର ୧୭ ସେପ୍ଟେମ୍ବର ୨୦୨୬
ସ୍ୱାସ୍ଥ୍ୟ




# ଗଣ୍ଠି ଯନ୍ତ୍ରଣା ବଢ଼ାଇଥାଏ ଅତ୍ୟଧିକ ଚା’



ଲୋକମାନେ ନିଜ ଶରୀରକୁ ଉଷ୍ମ ରଖିବା ପାଇଁ ଚା’ କିମ୍ବା କଫି ପିଇଥାନ୍ତି। ଏହା ଦ୍ୱାରା ଶୋଷ କମ୍ ଲାଗିଥାଏ। ତେଣୁ ଲୋକମାନେ ପାଣି ପିଇବା କମ୍ କରି ଦେଇଥାନ୍ତି। ଏହା କାରଣରୁ ଶରୀରରୁ ଜଳୀୟ ଅଂଶ କମିବାକୁ ଲାଗେ। ଆପଣ ଜାଣିଛନ୍ତି କି ଚା’ କିମ୍ବା କଫି ଅଧିକ ପରିମାଣରେ ପିଇଲେ ତାହା ଆପଣଙ୍କ ଗଣ୍ଠି ଓ ହାଡ ଉପରେ ଖରାପ ପ୍ରଭାବ ପକାଇଥାଏ। ଅଧିକ ଚା’ ପିଇବା ଦ୍ୱାରା ଶରୀରରେ ଶର୍କରା ପରିମାଣ ବଢ଼ିଯାଏ ଏବଂ ଶରୀର ଶୁଷ୍କ ହୋଇଯାଏ। ରାୟପୁର ଏମ୍ସ ହସ୍ପିଟାଲର ଅର୍ଥୋପେଡିକ୍ ଏବଂ ସ୍ପୋର୍ଟ୍ସ ଇନ୍‌ଜୁରୀ ସର୍ଜନ ଡାକ୍ତର ଦୁଷ୍ୟନ୍ତ ଚୌହାନ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ କହିଛନ୍ତି ଯେ, ଥଣ୍ଡା ଦିନେ ଚା’ କିମ୍ବା କଫି ଅଧିକ ପରିମାଣରେ ପିଇବା ଉଚିତ୍ ନୁହେଁ ଓ ଏଥିରୁ ବଞ୍ଚିବା ପାଇଁ କ’ଣ କରିବା ଜରୁରୀ। ଡାକ୍ତର ଦୁଷ୍ୟନ୍ତ କହିଛନ୍ତି, "ଯଦିଓ ଆପଣ ଗରମ ଚା’ ପିଉଛନ୍ତି, ଏହା ଆପଣଙ୍କ ହାଡ଼କୁ ଥଣ୍ଡା କରିପାରେ। ଏହି କଥା ଅଜବ ଲାଗିପାରେ, କିନ୍ତୁ ଏହା ପଛରେ ଏକ କାରଣ ଅଛି। ଶୀତଦିନ ଆସିବା ମାତ୍ରେ ଆମେ ନିଜକୁ ଉଷ୍ମ ରଖିବା ପାଇଁ ଅତ୍ୟଧିକ ଚା’ କିମ୍ବା କଫି ପିଇବା ଆରମ୍ଭ କରିଦେଉ ଓ ଥଣ୍ଡା ଲାଗିବା କାରଣରୁ ଆମେ ପାଣି ପିଇବା କମ କରିଦେଉ ଯେଉଁଥିପାଇଁ ଶରୀର ଶୁଷ୍କ ହେବାକୁ ଲାଗେ। ଶରୀର ଶୁଷ୍କ ହେଲେ ଆଣ୍ଠୁ ମଧ୍ୟରେ ଥିବା କାର୍ଟିଲେଜ (ଦୁଇ ହାଡ଼ ମଧ୍ୟରେ କୁଶନ ଭାବରେ କାମ କରୁଥିବା ନରମ ସ୍ତର) ଶୁଖିବାକୁ ଲାଗେ। ଏହା ଦ୍ୱାରା ଦୁଇ ହାଡ଼ ପରସ୍ପର ସହ ଘସି ହୋଇ ଯନ୍ତ୍ରଣା ଦେଇଥାଏ। ତେଣୁ, ଶୀତଦିନେ ଶରୀରକୁ ଉଷ୍ମ ରଖିବା ଏବଂ ହାଡ଼ ଉପରେ ଅତ୍ୟଧିକ ଚାପ ରୋକିବା ପାଇଁ ଚା’ କିମ୍ବା କଫି ସୀମିତ ପରିମାଣରେ ପିଇବା ଉଚିତ୍।"

ଡାକ୍ତର ଚୌହାନ ଆହୁରି କହିଛନ୍ତି ଯେ, ଶୀତଦିନେ ଚା’ ଏବଂ କଫି ନିଶ୍ଚିତ ଭାବରେ ପିଇବା ଉଚିତ୍। କିନ୍ତୁ ପିଇବା ପୂର୍ବରୁ ପାଣି ପ୍ରଚୁର ପରିମାଣରେ ପିଅନ୍ତୁ। ଏହା ଆପଣଙ୍କ କାର୍ଟିଲେଜଗୁଡ଼ିକ ଶୁଷ୍କ ନହୋଇ ସୁସ୍ଥ ରହିଥାଏ। ତେଣୁ ଯଦି ଆପଣ ଚା’ କିମ୍ବା କଫି ପିଉଛନ୍ତି, ତେବେ ପୂର୍ବରୁ ପାଣି ପିଇବାକୁ ଭୁଲନ୍ତୁ ନାହିଁ। ଏହା କେବଳ ଆପଣଙ୍କ ଶରୀରକୁ ହାଇଡ୍ରେଟ୍ ରଖିବ ନାହିଁ ବରଂ ଶୀତଦିନେ ଆଣ୍ଠୁ ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେବ।

# ଆଲାର୍ମ ଶବ୍ଦ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ



ପ୍ରାୟ ଲୋକ ସକାଳର ନିଦ ଭାଙ୍ଗିବା ପାଇଁ ଘଣ୍ଟାରେ ଆଲାର୍ମ ଦେଇଶୋଇଥାନ୍ତି। କିଛି ଲୋକ ଘଣ୍ଟାର ଆଲାରାମ୍ ଶବ୍ଦକୁ ଖୁବ୍ ତୀବ୍ର କରି ରଖିଥାନ୍ତି।ଜାଣନ୍ତି ଏହା ଆପଣଙ୍କ ପାଇଁ କ୍ଷତିକାରକ ହୋଇପାରେ ? ଆଲାର୍ମର ତୀବ୍ରକଟୁ ଶବ୍ଦ ହୃଦୟ ଉପରେ ଚାପ ପକାଇପାରେ।ଘଣ୍ଟାରେ ଆଲାରାମ୍‌ର ତୀବ୍ର ଶବ୍ଦ ହଠାତ୍ ନିଦକୁ ଭାଙ୍ଗିଦିଏ। କିନ୍ତୁ ଏହି କଟୁଶବ୍ଦ ହୃଦୟର ଗତିକୁ ଅଚାନକ୍ ବଢ଼ାଇ ଦେଇଥାଏ, ଯାହା ଘାତକ ସାବ୍ୟସ୍ତହୋଇପାରେ। ଚାଲନ୍ତୁ ଜାଣିବା ଆଲାର୍ମ କି କି କ୍ଷତି ପହଞ୍ଚାଏ ?

**ଷ୍ଟ୍ରେସ୍ ରିସ୍‌ପନ୍ସ:** ଗଭୀର ନିଦରେ ଥିବା ବେଳେ ହଠାତ୍ ଆଲାର୍ମ ବାଜିବା ଦ୍ୱାରା ଶରୀର ଫାଇଟ୍ କିମ୍ବା ଫ୍ଲାଇଟ୍ ମୋଡକୁ ଚାଲିଯାଇଥାଏ। ଏହା ଷ୍ଟ୍ରେସ୍ ହର୍‌ମୋନ୍ କର୍ଟିସୋଲ୍‌ଏବଂ ଏଣ୍ଡ୍ରୋର୍ଫିନ୍‌ସ୍ତରକୁ ହଠାତ୍ ବଢ଼ାଇଦେଇଥାଏ। ହୃଦ୍‌ସ୍ପନ୍ଦନ ଅଚାନକ୍ ବଢ଼ିବାଦ୍ୱାରା ରକ୍ତଚାପ ମଧ୍ୟ ବଢ଼ିଥାଏ। ଫଳରେ ଶରୀରରେ ରକ୍ତ ପ୍ରବାହରେ ପରିବର୍ତ୍ତନ ଆସିଥାଏ। ଲଗାତାର ଏପରି ହେବାଦ୍ୱାରା ଉଚ୍ଚ ରକ୍ତଚାପ ଓ ହୃଦୟ ରୋଗ ଏବଂ ମେଟାବଲିଜିମ୍ ଜନିତ ସମସ୍ୟା ଉପୁଜିବାର ଆଶଙ୍କା ବଢ଼ିଥାଏ।

**ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ:** ଆଲାର୍ମର ତୀବ୍ର ଶବ୍ଦ ସାରା ଦିନକୁପ୍ରଭାବିତ କରିଥାଏ। ଏପରିକି ଦିନର ଆରମ୍ଭ ମଧ୍ୟ ଚିଡଚିଡାପଣ ସହହୋଇଥାଏ। ଫଳରେ କୌଣସି କାମରେ ଧ୍ୟାନକେନ୍ଦ୍ରିତ କରିବା କଷ୍ଟ ହେବାସହ ଉତ୍ପାଦନ କ୍ଷମତା ହ୍ରାସ ପାଇଥାଏ। ଧୀରେ ଧୀରେ ଏହା ଆଙ୍ଗ୍‌ଜାଇଟିଓ ଅବସାଦ ପରି ସମସ୍ୟାର କାରଣ ସାଜିଥାଏ।

**ସ୍ଲିପ୍ ସାଇକେଲ୍‌ରେ ବାଧା:** ମଣିଷଙ୍କ ନିଦ ୯୦ ମିନିଟ୍‌ର ସାଇକେଲ୍‌ଅନୁସାରେ ଚାଲିଥାଏ। ଯେଉଁଥିରେ ହାଲ୍‌କା, ଗଭୀର ଓ ରାପିଡ୍ ଆଇମୁଭ୍‌ମେଣ୍ଟ ସାଇକେଲ ସାମିଲ୍ ରହିଥାଏ। ଗଭୀର ନିଦ ବା ରାପିଡ୍ ଆଇମୁଭ୍‌ମେଣ୍ଟ୍ ସାଇକେଲ୍‌ରେ ଅଚାନକ୍ ଉଠିବା ଦ୍ୱାରା ନିଦ ଖୁବ୍ ପ୍ରଭାବିତହୋଇଥାଏ। ଫଳରେ ସାରାଦିନ ଥକ୍କାପଣ, ଅଳସୁଆ ଓ ଶକ୍ତିହୀନ ଅନୁଭବ ହୋଇଥାଏ।

ଶ୍ରେଷ୍ଠ ବିକଳ୍ପ ଏପରି ସମସ୍ୟାକୁ ଦୂର କରିବାକୁ ସକାଳେ ଉଠିବା ପାଇଁ କଟୁ ଆଲାର୍ମରବ୍ୟବହାର ନ କରିବା ଭଲ। ଏହା ପରିବର୍ତ୍ତେ ହାଲ୍‌କା ଶବ୍ଦ ହେଉଥିବା ମୋବଇଲ୍ ଆଲାର୍ମ ବ୍ୟବହାର କରିପାରିବେ। ଏହା ଶରୀରକୁ ଅଚାନକ୍‌ଝଟକା ଦେଇ ନଥାଏ। ଏହା ବ୍ୟତୀତ ନିୟମିତ ଶୋଇବା ଓ ଉଠିବାର ସମୟକୁଫିକ୍ସ କରି ନିଅନ୍ତୁ। ଏକ ନିର୍ଦ୍ଦିଷ୍ଟ ସମୟରେ ନିଦ ଆପେ ଆପେ ଛାଡ଼ିଯିବ।



# ପୁରୁଣା ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଛନ୍ତି କି?

ପ୍ଲାଷ୍ଟିକ୍ ବୋତଲରୁ ପାଣି ପିଇବାର ଅଭ୍ୟାସ ଦେଖିବାକୁ ହୁଏ ସାଧାରଣ ମନେହୁଏ, କିନ୍ତୁ ଏହାର ପ୍ରଭାବ ବହୁତ ବଡ଼। ଦୈନନ୍ଦିନ ବ୍ୟସ୍ତତାରେ ଆମେ ରାସ୍ତାରେ ପ୍ଲାଷ୍ଟିକ୍ ପାଣି ବୋତଲ କିଣିଥାଉ କିମ୍ବା ପୁରୁଣା ବୋତଲକୁ ଧୋଇ ବାରମ୍ବାର ବ୍ୟବହାର କରିଥାଉ। ଯଦି ଆପଣ ମଧ୍ୟ ସମାନ କାମ କରୁଛନ୍ତି, ତେବେ ବର୍ତ୍ତମାନ ଏହାକୁ ବନ୍ଦ କରିବାର ସମୟ ଆସିଛି। ଏହି ବୋତଲଗୁଡ଼ିକ ସାଧାରଣ ମନେହୁଏ କିନ୍ତୁ ସେଥିରେ ଲୁଚି ରହିଥିବା ବିପଦ ଆମର ସ୍ୱାସ୍ଥ୍ୟ ଏବଂ ପରିବେଶକୁ ଅନେକ କ୍ଷତି ପହଞ୍ଚାଇଥାଏ। ସବୁଠାରୁ ଚିନ୍ତାର ବିଷୟ ହେଉଛି ଏହି ବୋତଲରୁ ଆମ ପାନୀୟ ଜଳରେ ମାଇକ୍ରୋପ୍ଲାଷ୍ଟିକ୍ ପହଞ୍ଚେ। ମାଇକ୍ରୋପ୍ଲାଷ୍ଟିକ୍ ହେଉଛି ବହୁତ ଛୋଟ ପ୍ଲାଷ୍ଟିକ୍ କଣିକା, ଯାହା ୫ ମିମିରୁ ବି ଛୋଟ। ଆଜିର ସମୟରେ କେବଳ ପ୍ଲାଷ୍ଟିକ ବୋତଲ ନୁହେଁ ସମୁଦ୍ର, ନଦୀ, ହ୍ରଦ ଏବଂ ବାୟୁ ମଧ୍ୟ ମାଇକ୍ରୋପ୍ଲାଷ୍ଟିକରେ ପରିପୂର୍ଣ୍ଣ।

ଯେତେବେଳେ ଆମେ ଏକ ପ୍ଲାଷ୍ଟିକ୍ ବୋତଲରୁ ପାଣି ପିଇଥାଉ, ଆମେ ଅଜାଣତରେ ଏହି ମାଇକ୍ରୋସ୍କୋପିକ୍ କଣିକା ମଧ୍ୟ ଗ୍ରହଣ କରିଥାଉ। ଅନେକ ଆନ୍ତର୍ଜାତୀୟ ଅଧ୍ୟୟନରେ ବୋତଲରେ ମାଇକ୍ରୋପ୍ଲାଷ୍ଟିକ୍ ଦେଖିବାକୁ ମିଳିଛି, ଯାହା ଲୋକଙ୍କର ସ୍ୱାସ୍ଥ୍ୟକୁ ନେଇ ଗୁରୁତର ଚିନ୍ତା ସୃଷ୍ଟି କରିଛି। ପ୍ଲାଷ୍ଟିକ୍ ସହ ଜଡିତ କିଛି ରାସାୟନିକ ପଦାର୍ଥ ଶରୀରରେ ପ୍ରବେଶ କରିପାରେ ଏବଂ ଅଧିକ କ୍ଷତି ଘଟାଇପାରେ, ଯେପରିକି ହରମୋନ୍ ଅସନ୍ତୁଳନ, ମେଦବହୁଳତା, ଇନସୁଲିନ୍ ପ୍ରତିରୋଧ, ପ୍ରଜନନ କ୍ଷମତା ଉପରେ ପ୍ରଭାବ ଏବଂ କେତେକ କ୍ଷେତ୍ରରେ କ୍ୟାନ୍ସର ମଧ୍ୟ ହୋଇପାରେ। ତେଣୁ ଯଦି ଆପଣ ବି ପୁରୁଣା ପ୍ଲାଷ୍ଟିକ ବୋତଲରେ ପାଣି ପିଉଛନ୍ତି ତେବେ ହୋଇଯାଆନ୍ତୁ ସାବଧାନ ନଚେତ ସ୍ୱାସ୍ଥ୍ୟ ଉପରେ ପଡିପାରେ ଅନେକ କୁପ୍ରଭାବ।

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ (ଏନଆଇଏଚ) ଏ ସମ୍ପର୍କରେ ଏକ ରିପୋର୍ଟ ଜାରି କରିଛି। ତେବେ ଆସନ୍ତୁ ଜାଣିବା ଏହାକୁ ଏଡାଇବା ପାଇଁ ଆପଣ କ’ଣ କରିପାରିବେ। ସର୍ବପ୍ରଥମେ, ପ୍ଲାଷ୍ଟିକ୍ ବୋତଲକୁ ଛାଡି ଷ୍ଟିଲ୍, କିମ୍ବା କାଚ ବୋତଲ ବ୍ୟବହାର କରନ୍ତୁ। ଦ୍ୱିତୀୟତଃ, ଏକ ୱାଟର ଫିଲ୍ଟରେସନ୍ ସିଷ୍ଟମ୍ ବ୍ୟବହାର କରନ୍ତୁ ଯାହା ଜଳରେ ପ୍ରଦୂଷକକୁ ହ୍ରାସ କରିପାରିବ, ବିଶେଷକରି ମାଇକ୍ରୋପ୍ଲାଷ୍ଟିକ୍। ମାଇକ୍ରୋପ୍ଲାଷ୍ଟିକ୍ କେବଳ ଯେ ସ୍ୱାସ୍ଥ୍ୟ ପାଇଁ ତା’ ନୁହେଁ ଏହି ବୋତଲ ସାମୁଦ୍ରିକ ଜୀବ, ନଦୀ ଏବଂ ସମଗ୍ର ଇକୋସିଷ୍ଟମକୁ କ୍ଷତି ପହଞ୍ଚାଇଥାଏ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସମସ୍ୟାକୁ ଆହୁରି ବଢାଇଥାଏ।

# ଭିଟାମିନ୍ ‘ସି’ ଅନେକ ରୋଗର ରାମବାଣ

ଭିଟାମିନ୍ ‘ସି’ ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ। ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବା ସହ ଶରୀରକୁ ରୋଗରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ। ଭିଟାମିନ୍ ‘ସି’ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା, ହୃତ୍ ପିଣ୍ଡର ସ୍ୱାସ୍ଥ୍ୟକୁ ମଜବୁତ କରିବା ଏବଂ ବ୍ଲଡ଼ ପ୍ରେସରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଅନୁସନ୍ଧାନରୁ ଜଣାପଡିଛି ଯେ ଭିଟାମିନ୍ ‘ସି’ରେ ମିଳୁଥିବା ଆଣ୍ଟିଅକ୍ସିଡାଣ୍ଟ କେବଳ ଥଣ୍ଡାରୁ ଶୀଘ୍ର ଆରାମ ପ୍ରଦାନ କରେ ନାହିଁ ବରଂ ଅନ୍ୟାନ୍ୟ ରୋଗରେ ମଧ୍ୟ ଲାଭଦାୟକ ହୋଇଥାଏ। ଭିଟାମିନ୍ ‘ସି’ ଶରୀରକୁ ଫ୍ରି ରେଡିକାଲ୍ ରୁ ରକ୍ଷା କରେ, ଶରୀରରେ କୋଲାଜେନ୍ ସୃଷ୍ଟି କରେ ଏବଂ ଅକ୍ସିଡେଟିଭ୍ ଷ୍ଟ୍ରେସକୁ ହ୍ରାସ କରେ। ଏକ ରିପୋର୍ଟ ଅନୁଯାୟୀ, ୧୯ ରୁ ୬୪ ବର୍ଷ ବୟସର ଯୁବକ ଯୁବତୀମାନେ ପ୍ରତିଦିନ ୪୦ ମିଲିଗ୍ରାମ ଭିଟାମିନ୍ ‘ସି’ ଆବଶ୍ୟକ କରନ୍ତି। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟରେ ଭିଟାମିନ୍ ‘ସି’ରେ ଭରପୂର ଖାଦ୍ୟକୁ ସାମିଲ କରିବା ଉଚିତ୍।

**ଥଣ୍ଡାରୁ ଆରାମ:** ଭିଟାମିନ୍ ‘ସି’ ଥଣ୍ଡା କାଶକୁ ସିଧାସଳଖ ପ୍ରଭାବିତ କରେ ନାହିଁ, କିନ୍ତୁ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ସଂକ୍ରମଣ ସହିତ ଲଢ଼ିବାରେ ସାହାଯ୍ୟ କରେ। ଅନୁସନ୍ଧାନରୁ ଜଣାପଡିଛି ଯେ ପ୍ରତିଦିନ ୨୫୦ ମିଲିଗ୍ରାମରୁ ୧ ଗ୍ରାମ ଭିଟାମିନ୍ ‘ସି’ ଗ୍ରହଣ କରିବା ଦ୍ୱାରା ଥଣ୍ଡା ହେବାର ଆଶଙ୍କା ଯଥେଷ୍ଟ ହ୍ରାସ ପାଇଥାଏ। ପ୍ରତିଦିନ ଭିଟାମିନ୍ ‘ସି’ ସେବନ କରିବା ଦ୍ୱାରା ଥଣ୍ଡାରେ ପୀଡିତ ବ୍ୟକ୍ତି ଶୀଘ୍ର ସୁସ୍ଥ ହୋଇଯାଆନ୍ତି। ଥଣ୍ଡାର ଲକ୍ଷଣ ଦେଖାଯିବା ପୂର୍ବରୁ ଯଦି ଭିଟାମିନ୍ ‘ସି’ ସେବନ କରାଯାଏ, ତେବେ ଏହା ଯୁବକ ଯୁବତୀମାନଙ୍କଠାରେଥଣ୍ଡାହେବାରଆଶଙ୍କା ୮ ପ୍ରତିଶତଏବଂପିଲାମାନଙ୍କଠାରେ ୧୪ ପ୍ରତିଶତପର୍ଯ୍ୟନ୍ତହ୍ରାସକରିପାରେ।

**ହୃତ୍‌ପିଣ୍ଡ ପାଇଁ ଲାଭଦାୟକ:** ଭିଟାମିନ୍ ‘ସି’ ହୃଦ୍ ରୋଗ ସହିତ ଲଢ଼ିବାରେ ମଧ୍ୟ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ଭିଟାମିନ୍ ‘ସି’ ଶରୀରରେ ଫୁଲାକୁ ହ୍ରାସ କରେ, ହେଲଦି ବ୍ଲଡ଼ ସେଲସ ବୃଦ୍ଧି କରେ ଏବଂ କୋଲେଷ୍ଟ୍ରଲ ହ୍ରାସ କରେ। ଏହା ଆପଣଙ୍କ ହୃତ୍ ପିଣ୍ଡର ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ। ଭିଟାମିନ୍ ‘ସି’ ଏକ ଆଣ୍ଟିଅକ୍ସିଡାଣ୍ଟ ଭାବରେ କାର୍ଯ୍ୟ କରେ ଯାହା ଫ୍ରି ରେଡିକାଲ୍ ସହିତ ଲଢିବାରେ ସାହାଯ୍ୟ କରେ। ଭିଟାମିନ୍ ‘ସି’ ହୃଦଘାତ ଏବଂ ଷ୍ଟ୍ରୋକ୍ ହେବାର ଆଶଙ୍କାକୁ ମଧ୍ୟ ହ୍ରାସ କରିଥାଏ।

**ହାଇ ବ୍ଲଡ଼ ପ୍ରେସର କଣ୍ଟ୍ରୋଲ୍:** ଭିଟାମିନ୍ ‘ସି’ ବ୍ଲଡ଼ ସେଲସକୁ ସୁରକ୍ଷା ଦେଇ ଏବଂ ସେମାନଙ୍କୁ ଆରାମ ଦେଇ ହାଇ ବ୍ଲଡ଼ ପ୍ରେସର ହ୍ରାସ କରିବାରେ ସାହାଯ୍ୟ କରେ। ଏହା ଫ୍ରି ରେଡିକାଲ୍ ଦ୍ୱାରା ହେଉଥିବା କ୍ଷତିକୁ ହ୍ରାସ କରେ ଏବଂ ନାଇଟ୍ରିକ୍ ଅକ୍ସାଇଡ୍ ବୃଦ୍ଧି କରେ। ଯେଉଁଥିପାଇଁ ବ୍ଲଡ଼ ସେଲସ ପ୍ରଶସ୍ତ ହୋଇଥାଏ ଏବଂ ଶରୀରରେ ରକ୍ତ ପ୍ରବାହ ସୁଗମ ହୋଇଥାଏ। ପ୍ରାୟତଃ ଫଳ ଏବଂ ବିଭିନ୍ନ ପନିପରିବା ଭିଟାମିନ୍ ‘ସି’ର ସର୍ବୋତ୍ତମ ଉତ୍ସ। ଭିଟାମିନ୍ ‘ସି’ ପାଇଁ, ଆପଣ ନିଜ ଖାଦ୍ୟରେ ବିଭିନ୍ନ ପ୍ରକାରର ଖଟା ଫଳ ଯେପରିକି କମଳା, ଲେମ୍ବୁ, ପିଜୁଳି, ଲଙ୍କା, ଷ୍ଟ୍ରବେରୀ, ଗୁଜବେରୀ, ବ୍ଲାକ୍ କରେଣ୍ଟ, ବ୍ରୋକୋଲି ଆଦି ସାମିଲ କରିବା ଉଚିତ୍।




# ହଠାତ୍ ରକ୍ତଚାପ କମିଗଲେ




ଅଚାନକ୍ ରକ୍ତଚାପ କମିଗଲେ, ତାକୁ ନିୟନ୍ତ୍ରଣ କରିନେବା ଜରୁରି। ଏହି ସମୟରେ କିଛି ଭୁଲ୍ କରି ବସିଲେ ଜୀବନ ଉପରେ ଖୁବ୍ ପ୍ରଭାବ ପଡିଥାଏ। ବିଶେଷକରି ନିମ୍ନ ରକ୍ତଚାପରେ କେଉଁ ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ୍। ଅଚାନକ୍ ନିମ୍ନ ରକ୍ତଚାପ ହେବା ଦ୍ୱାରା ଶରୀରରେ ପ୍ରତିକ୍ରିୟା ଦେଖିବାକୁ ମିଳିଥାଏ। ନିମ୍ନ ରକ୍ତଚାପ ହେବା ଦ୍ୱାରା ମୁଣ୍ଡ ବୁଲାଇବା, ଦୁର୍ବଳ ଲାଗିବା,ଜାଲଜାଲୁଆ ଦେଖାଦେବା ଓ ଝାଳ ବାହାରିବା ପରି ଲକ୍ଷଣମାନ ଦେଖା ଦେଇଥାଏ। କିଛି ଲୋକ ହଡବଡେଇ ହେବା ସହ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ଭୁଲ୍ କରି ବସନ୍ତି। ଫଳରେ ଅବସ୍ଥା ବିଗିଡି ଯାଇଥାଏ। ନିମ୍ନ ରକ୍ତଚାପ ହେବା ଖୁବ୍ ସାଧାରଣ କଥା। ବିଶେଷକରି ଯେତେବେଳେ ଶରୀର ଦୁର୍ବଳ ହେବା ସହ କମ୍ ପାଣି ପିଇବା, ଅଧିକ ସମୟ ଯାଏ କିଛି ନ ଖାଇବା କିମ୍ବା କୌଣସି ଔଷଧ ଖାଇବା ଯୋଗୁ ରକ୍ତଚାପ କମିଯାଇଥାଏ। ଏହି ସ୍ଥିତିରେ କୌଣସି କାମ କରିବା ଅନୁଚିତ୍। କାରଣ ଏହି ସମୟରେ କିଛି କାମ କରିବା ଦ୍ୱାରା ହୃଦୟ, ମସ୍ତିଷ୍କ ଓ କିଡ୍ନୀ ଉପରେ ଚାପ ପଡିଥାଏ। ସଞ୍ଜୟଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସେଜ୍ ହସ୍ପିଟାଲରେ ମ୍ୟାନେଜମେଣ୍ଟ ଏଚ୍‌ଓଡି ଡାକ୍ତର ରାଜେଶ ହର୍ଷବର୍ଦ୍ଧନଙ୍କ ଅନୁସାରେ ରକ୍ତଚାପ କମ୍ ଥିବା ବେଳେ ବିଶେଷକରି ୫ଟି କାମ ନ କରିବା ଉଚିତ୍। ଯେପରିକି

**ଅଚାନକ୍ ଠିଆ ହୁଅନ୍ତୁ ନାହିଁ:** ରକ୍ତଚାପ ନିମ୍ନ ହେବା ଦ୍ୱାରା ରକ୍ତର ପ୍ରବାହର ସନ୍ତୁଳନ ବିଗିଡି ଯାଇଥାଏ। ଡାକ୍ତର ରାଜେଶ ହର୍ଷବର୍ଦ୍ଧନଙ୍କ ଅନୁସାରେ ଅଚାନକ୍ ଠିଆ ହେବା ଦ୍ୱାରା ରକ୍ତ ପ୍ରବାହ ପାଦ ଆଡକୁ ତୀବ୍ର ବେଗରେ ହୋଇଥାଏ। ତେଣୁ ମସ୍ତିଷ୍କରେ ରକ୍ତ ପ୍ରବାହ କମି ଚାଲେ। ଫଳରେ ଅଚାନକ୍ ବେହୋସ୍ ହେବା ସହ ମୁଣ୍ଡରେ ଆଘାତ ଲାଗିବାର ଆଶଙ୍କା ମଧ୍ୟ ଉପୁଜିପାରେ। ତେଣୁ ଅଚାନକ୍ ରକ୍ତଚାପ କମିବା ପରେ ଆରାମ କରିବା ଜରୁରି।

**ଶରୀରକୁ ଓଜନିଆ କରୁଥିବା ଖାଦ୍ୟ ଖାଆନ୍ତୁ ନାହିଁ:** ନିମ୍ନ ରକ୍ତଚାପ ରହିଥିଲେ ଶରୀରକୁ ଭାରୀ କରୁଥିବା ବା ହଜମ ପାଇଁ ଅଧିକ ସମୟ ଲାଗୁଥିବା ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। କାରଣ ଖାଦ୍ୟକୁ ହଜମ ପାଇଁ ଅଧିକ ସମୟ ଲାଗିବା ଦ୍ୱାରା ରକ୍ତ ପ୍ରବାହ ପାଚନତନ୍ତ୍ର ଆଡକୁ ବଢ଼ିବା ସହ ମସ୍ତିଷ୍କକୁ ରକ୍ତ ପ୍ରବାହ କମିଥାଏ। ଫଳରେ ଶରୀର ଅଧିକ ଦୁର୍ବଳ ଲାଗିବା ସହ ଅଳସୁଆ ଅନୁଭବ ହୋଇଥାଏ। ତେଣୁ ନିମ୍ନ ରକ୍ତଚାପ ଥିବା ବେଳେ ସହଜରେ ହଜମ ହେଉଥିବା ଖାଦ୍ୟ ଖାଇବା ଆବଶ୍ୟକ।

**ଅଧିକ ସମୟ ଠିଆ ହୋଇ ରୁହନ୍ତୁନି:** ଦୀର୍ଘ ସମୟ ଯାଏ ଗୋଟିଏ ଜାଗାରେ ଠିଆ ହୋଇ ରହିବା ଦ୍ୱାରା ପାଦରେ ରକ୍ତ ଜମା ହେବାର ଆଶଙ୍କା ରହିଥାଏ। ବିଶେଷକରି ନିମ୍ନ ରକ୍ତଚାପ ଥିବା ଆନେମିଆ ରୋଗୀ, ବୟସ୍କ ଲୋକ ବା ଗର୍ଭବତୀ ମହିଳାମାନଙ୍କ ପାଇଁ ଏହା ଖୁବ୍ କ୍ଷତିକାରକ। ଯଦି ଅଧିକ ସମୟ ଯାଏ ଠିଆ ହେବାକୁ ପଡେ, ତେବେ ହାଲ୍କା ହାଲ୍କା ପାଦକୁ ହଲାଇବା ଜରୁରି। ମଝିରେ ମଝିରେ ବସିପଡିବା ଉଚିତ୍। ଫଳରେ ରକ୍ତ ସଞ୍ଚାଳନ ବଜାୟ ରହିବ।

**ତୁରନ୍ତ ବ୍ୟାୟାମ କରନ୍ତୁ ନାହିଁ:** ନିମ୍ନ ରକ୍ତଚାପ ଥିବା ବେଳେ ବ୍ୟକ୍ତି ଖୁବ୍ ଦୁର୍ବଳ ରହିଥାଏ। ତେଣୁ ଏହି ସମୟରେ ବ୍ୟାୟାମ କରିବା ଦ୍ୱାରା ଶରୀର ଉପରେ ଅତିରିକ୍ତ ଚାପ ପଡିଥାଏ, ଯାହା ଶରୀର ପାଇଁ ଆଦୌ ଭଲ ନୁହେଁ। ତେଣୁ ଏହି ସମୟରେ ବ୍ୟାୟାମ ନ କରିବା ଭଲ।

**ଲୁଣ ଖାଇବା ଛାଡନ୍ତୁ ନାହିଁ:** ନିମ୍ନ ରକ୍ତଚାପ ସମୟରେ ଶରୀରକୁ ସୋଡିୟମ୍ର ଆବଶ୍ୟକତା ରହିଥାଏ। କିଛି ଲୋକ ଲୁଣ-ମୁକ୍ତ ଡାଏଟ୍ରେ ରହିଥାନ୍ତି, ଯାହା ନିମ୍ନ ରକ୍ତଚାପକୁ ଆହୁରି ବଢାଇଥାଏ। ବରଂ ଏହି ସମୟରେ ରୋଗୀକୁ ଲେମ୍ବୁ, ଲୁଣ ଓ ଚିନି ମିଶାଇ ପାଣି କିମ୍ବା ଲୁଣି ବିସ୍କୁଟ୍ ଖାଇବାକୁ ଦେବା ଉଚିତ୍। ଫଳରେ ରକ୍ତଚାପ ନିୟନ୍ତ୍ରଣକୁ ଆଣିବା ସହଜ ହୋଇପାରିବ।

## ବାଇକ୍ ଚୋର ଗିରଫ, ଆନ୍ତଃରାଜ୍ୟ ଗ୍ୟାଙ୍ଗ ସନ୍ଦେହ

**ମାଲକାନଗିରି,୧୬।୯ (ସଂଚାର ବ୍ୟୁରୋ)ଃ** ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୋଲିସ ବୁଦୁଗୁଡା ରୁ ବାଇକ୍ ଚୋରି ଅଭିଯୋଗରେ ଜଣେ ବାଇକ୍ ଚୋରକୁ ଗିରଫ କରି ଚୋରି ବାଇକ୍ ଓ ମୋବାଇଲ୍ ଜବତ କରିଛି। ଗିରଫ ଅଭିଯୁକ୍ତ ମାଲକାନଗିରି ଥାନା ଏମଭି-୮ ଗ୍ରାମର ପ୍ରେମାନନ୍ଦ ମଣ୍ଡଳଙ୍କ ପୁଅ ନୀଳକଣ୍ଠ ମଣ୍ଡଳ (୨୫)। ସେ କାଲିମେଳା ବୁଦୁଗୁଡା ଅଞ୍ଚଳରୁ ବାଇକ୍ ଚୋରି କରିଥିବା ଅଭିଯୋଗରେ ପୋଲିସ ତାକୁ ଧରିଥିଲା। ପୋଲିସ ସୂଚନା ଅନୁଯାୟୀ, କାଲିମେଳା ଥାନା କେସ୍ ନଂ ୨୧୦/୨୬, ଦଫା ୩୦୫(ଏ)/୩୩୧(୪) ବିଏନଏସ ରେ ମାମଲା ରୁଜୁ କରି ବୁଧବାର ତାକୁ କୋର୍ଟ ଚାଲାଣ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି, ନୀଳକଣ୍ଠ ନାଁରେ ପୂର୍ବରୁ ମାଲକାନଗିରି ଥାନାରେ ୩ଟି ବାଇକ୍ ଓ ମୋବାଇଲ୍ ଚୋରି ମାମଲା ରହିଛି। ଏହି ଚୋରି ପଛରେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ର ଆନ୍ତଃରାଜ୍ୟ ବାଇକ୍ ଚୋର ଗ୍ୟାଙ୍ଗର ଲିଙ୍କ୍ ଥିବା ପୋଲିସ ସନ୍ଦେହ କରୁଛି, ଏନେଇ ଅଧିକ ତଦନ୍ତ ଜାରି ରହିଛି। ଆଗକୁ ଦଶହରା ପର୍ବ ଆସୁଥିବାରୁ କାଲିମେଳା ବଜାରରେ ଭିଡ଼ ବଢ଼ିବ। ଏହି ସମୟରେ ଚୋରି, ଲୁଟ୍ ଓ ଡକାୟତି ରୋକିବା ପାଇଁ ସ୍ୱତନ୍ତ୍ର ନଜର ରଖାଯିବ ଓ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ କହିଛନ୍ତି।

## ଗୋସାଣୀ ନୂଆଗାଁ ଥାନାର ବଡ ସଫଳତା, ପିସ୍ତଲ ସହ ୪ ଦୁର୍ବୃତ୍ତ ଗିରଫ

**ଗଞ୍ଜାମ,୧୬।୯ (ସଂଚାର ବ୍ୟୁରୋ)ଃ** ପାର୍ବଣ ଋତୁ ପୂର୍ବରୁ ଗୋସାଣୀ ନୂଆଗାଁ ପୋଲିସକୁ ବଡ ସଫଳତା ମିଳିଛି। ଏକ ଗୁପ୍ତ ସୂଚନା ଆଧାରରେ ପୋଲିସ ଚଢ଼ାଉ କରି ପିସ୍ତଲ ସହ ୪ ଜଣ ଅପରାଧୀଙ୍କୁ ଗିରଫ କରିଛି। ଗୋସାଣୀନୂଆଗାଁ ଥାନା କେସ ନମ୍ବର ୩୫୪, , ଧାରା ୧୧୧/୨୬ରେ ମାମଲା ରୁଜୁ ହୋଇଛି। ଗତ ରାତିରେ ସମୟରେ ଗୋସାଣୀ ନୂଆଗାଁ ମେନ ରୋଡ଼ରେ କିଛି ଦୁର୍ବୃତ୍ତ ଅସ୍ତ୍ରଶସ୍ତ୍ର ସହ ଏକତ୍ରିତ ହୋଇ ଅପରାଧ ଯୋଜନା କରୁଥିବା ଖବର ପାଇ ଏସଆଇ ଜି.ଆର ଦାସଙ୍କ ନେତୃତ୍ୱରେ ପୋଲିସ ଟିମ୍ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଏବଂନ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ଚଢ଼ାଉ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

**ଜୟପୁର,୧୬।୯ (ସଂଚାର ବ୍ୟୁରୋ)ଃ**ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢ଼ାଉ କରି ଜଣେ ମହିଳା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଓଡିଆ ମେଦ୍ରୀ ସାହିର ବୋଲି ଜଣାଯାଇଛି।ସୁଚନା ଅନୁଯାଇ ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଓଡିଆ ମେଦ୍ରୀ ସାହି ରାସ୍ତାରେ ଚଢ଼ାଉ କରିଛି। ଚଢ଼ାଉ କରି ୨୬ ଲିଟର ଦେଶି ମଦ ଜବତ କରି ଦୁଇ ଅଭିଯୁକ୍ତ କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ତରଫରୁ ସୁଚନା ଦିଆଯାଇଛି।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

**ଚମ୍ପୁଆ,୧୬।୯ (ସଂଚାର ବ୍ୟୁରୋ)ଃ**ଚମ୍ପୁଆ ବନାଞ୍ଚଳ ଅଧିନ ବରପଦା ଠାରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ତୁରୁମୁଙ୍ଗା ଅଞ୍ଚଳର ଗିଧିବାସ ଗ୍ରାମର ଅରୁଣ କୁମାର ମହାନ୍ତ(୨୦) ବୋଲି ଜଣାପଡ଼ିଛି। ଆହତ ଯୁବକକୁ ସଙ୍ଗେସଙ୍ଗେ ବନବିଭାଗ କର୍ମଚାରୀ ଭଣ୍ଡା ଗୋଷ୍ଠି ଚିକିତ୍ସାଳୟରେ ଚିକିତ୍ସାପାଇଁ ଭର୍ତି କରିଛନ୍ତି। ତେବେ ଚମ୍ପୁଆ ରେଞ୍ଜର ବିଭିନ୍ନ ଗ୍ରାମାଞ୍ଚଳରେ ବୁଲୁଥିବା ଏହି ୨୫ ଟିକିଆ ହାତୀପଲ ବରପଦା ଅଞ୍ଚଳରେ ବର୍ତମାନ ଅବସ୍ଥାନ କରିଛନ୍ତି। ଯୁବକ ଜଣକ ତୁରୁମୁଙ୍ଗା ଅଞ୍ଚଳରୁ ହାତୀ ଦେଖିବାକୁ ଆସିଥିଲା। ହାତୀର ଅତି ନିକଟତର ହେଲାବେଳକୁ ଏକ ଦନ୍ତା ତାକୁ ଷୁଣ୍ଢରେ ଧରି ଫିଙ୍ଗି ଦେଇଥିଲା।

### ରୋଗୀ ବଢୁଛନ୍ତି, ସେବା ବଢୁନି

# ୫୦୦ ଶଯ୍ୟାର ହସ୍ପିଟାଲ, ତଥାପି ଅଧୁରା ଚିକିତ୍ସା ବ୍ୟବସ୍ଥା

### ୬୯ ଫ୍ୟାକଲ୍ଟି ପଦ ଖାଲି, ଗୁରୁତର ରୋଗୀଙ୍କ ଭରସା କଟକ-ଭୁବନେଶ୍ୱର

**ଯାଜପୁର,୧୬।୯ (ସଂଚାର ବ୍ୟୁରୋ)ଃ** ହସ୍ପିଟାଲ ଅଛି, ୫୦୦ ଶଯ୍ୟା ଅଛି, ଡାକ୍ତରୀ ଛାତ୍ରଛାତ୍ରୀ ଅଛନ୍ତି। ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବି ବଢ଼ୁଛି। ହେଲେ ରୋଗୀଙ୍କ ଆବଶ୍ୟକତା ଅନୁଯାୟୀ ଚିକିତ୍ସା ସେବା ବଢ଼ୁନି। ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲର ବର୍ତ୍ତମାନର ସ୍ଥିତି ଏହି ପ୍ରଶ୍ନକୁ ସାମ୍ନାକୁ ଆଣିଛି।ଯାଜପୁରବାସୀଙ୍କ ଦୀର୍ଘଦିନର ଆଶା ଥିଲା ମେଡିକାଲ କଲେଜ ହେଲେ ଜିଲ୍ଲାରେ ଉନ୍ନତମାନର ଚିକିତ୍ସା ସେବା ମିଳିବ। ଗୁରୁତର ରୋଗୀଙ୍କୁ ଆଉ କଟକ କିମ୍ବା ଭୁବନେଶ୍ୱର ଧାଇଁବାକୁ ପଡ଼ିବ ନାହିଁ। କିନ୍ତୁ ମେଡିକାଲ କଲେଜ ଆରମ୍ଭ ହେବା ପରେ ମଧ୍ୟ ହସ୍ପିଟାଲର ସମସ୍ତ ସେବା ପୂର୍ଣ୍ଣ କ୍ଷମତାରେ ଉପଲବ୍ଧ ହୋଇନଥିବାରୁ ସେହି ଆଶା ଏବେ ବି ଅଧୁରା ରହିଛି।ଦୈନିକ ୨୫୦୦ରୁ ଅଧିକ ରୋଗୀ ନିର୍ଭର କରୁଥିବା ଜିଲ୍ଲାରେ ରୋଗୀଙ୍କ ଚାପ ବଢ଼ୁଥିବାବେଳେ ଆବଶ୍ୟକ ମାନବସମ୍ବଳ ଓ ବିଭିନ୍ନ ବିଭାଗର ସମ୍ପୂର୍ଣ୍ଣ ସେବା ଅଭାବ ଚିନ୍ତାର କାରଣ ହୋଇଛି। ଜଟିଳ ଓ ଗୁରୁତର ରୋଗୀଙ୍କୁ ଏବେ ବି କଟକ କିମ୍ବା ଭୁବନେଶ୍ୱର ରେଫର୍ କରିବାର ପରିସ୍ଥିତି ଦେଖାଯାଉଛି।

ମେଡିକାଲ କଲେଜର ୨୧ଟି ବିଭାଗ ପାଇଁ ମଞ୍ଜୁରିପ୍ରାପ୍ତ ମୋଟ ୧୫୭ଟି ଫ୍ୟାକଲ୍ଟି ଓ ସମ୍ପର୍କିତ ପଦ ମଧ୍ୟରୁ ୬୯ଟି ପଦ ଖାଲି ପଡ଼ିଛି। ଖାଲି ପଦ ମଧ୍ୟରେ ରହିଛି— ପ୍ରଫେସର - ୫, ଆସୋସିଏଟ୍ ପ୍ରଫେସର - ୨୭,ଆସିଷ୍ଟାଣ୍ଟ ପ୍ରଫେସର - ୮, ସିନିୟର ରେସିଡେଣ୍ଟ - ୨୬ ଓ ଟ୍ୟୁଟର - ୩।

ଅର୍ଥାତ୍ ମଞ୍ଜୁରିପ୍ରାପ୍ତ ପଦର ଏକ ବଡ଼ ଅଂଶ ଏବେ ବି ପୂରଣ ହୋଇନାହିଁ।ବାୟୋକେମିଷ୍ଟ୍ରି ବିଭାଗରେ ପ୍ରଫେସର ଓ ଆସୋସିଏଟ୍ ପ୍ରଫେସର ନଥିବାବେଳେ ଚର୍ମ, ମାନସିକ ରୋଗ ଓ ଦନ୍ତ ବିଭାଗରେ ପ୍ରଫେସର ପଦ ଖାଲି ରହିଛି। ଆନାଟୋମି ବିଭାଗରେ ଦୁଇଟି ଆସିଷ୍ଟାଣ୍ଟ ପ୍ରଫେସର ପଦ ଖାଲି ଥିବାବେଳେ ଫିଜିଓଲୋଜି ଓ ବାୟୋକେମିଷ୍ଟ୍ରି ବିଭାଗରେ ମଧ୍ୟ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ପଦ ଖାଲି ରହିଛି। ପାଥୋଲୋଜି ବିଭାଗରେ ମଧ୍ୟ ଆସିଷ୍ଟାଣ୍ଟ ପ୍ରଫେସର ନାହାନ୍ତି।

ବର୍ତ୍ତମାନ ଭେଷଜ, ଚର୍ମ, ମାନସିକ ରୋଗ ଓ ଶଲ୍ୟ ବିଭାଗର ଓପିଡି ଚାଲୁଛି। ଅସ୍ଥିଶଲ୍ୟ ବିଭାଗରେ କେବଳ ଓଟି ସେବା ଉପଲବ୍ଧ ରହିଛି। ଅନ୍ୟାନ୍ୟ ବିଭାଗରେ ଏଯାଏଁ ଆଉଟ୍‌ଡୋର ସେବା ସମ୍ପୂର୍ଣ୍ଣ ଭାବେ ଚାଲୁ ହୋଇନଥିବା ଅଭିଯୋଗ ରହିଛି। କାଜୁଆଲିଟି, ଏମ୍‌ଆର୍‌ଆଇ, ଡିଜିଟାଲ୍ ଏକ୍ସ-ରେ, ରକ୍ତଭଣ୍ଡାର, ହାଇଏଣ୍ଡ୍ ପାଥୋଲାବ୍ ଓ ବିଭିନ୍ନ ନିଦାନ ବ୍ୟବସ୍ଥା ମଧ୍ୟ ରୋଗୀଙ୍କ ପାଇଁ ସମ୍ପୂର୍ଣ୍ଣ କ୍ଷମତାରେ ଉପଲବ୍ଧ ହୋଇନଥିବା କୁହାଯାଉଛି।ଏହାର ସିଧାସଳଖ ପ୍ରଭାବ ଗୁରୁତର ରୋଗୀଙ୍କ ଉପରେ ପଡୁଛି। ଆବଶ୍ୟକ ଚିକିତ୍ସା ଓ ନିଦାନ ସୁବିଧା ନମିଳିଲେ ରୋଗୀଙ୍କୁ ଅନ୍ୟତ୍ର ଯିବାକୁ ପଡୁଛି।

ଅନ୍ୟ ଏକ ବଡ଼ ପ୍ରଶ୍ନ ହେଉଛି— ମେଡିକାଲ କଲେଜ ପରିସରରେ ସମସ୍ତ ବିଭାଗ ଚାଲିବା ପାଇଁ ଭିତ୍ତିଭୂମି ରହିଥିବା ସତ୍ତ୍ୱେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବେ ବି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ ଚାଲୁଛି।

ମେଡିକାଲ କଲେଜ ଓ ହସ୍ପିଟାଲର ସମସ୍ତ ବିଭାଗ ଏକାଠି ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟକ୍ଷମ ହେଲେ ରୋଗୀସେବା ଅଧିକ ସୁବ୍ୟବସ୍ଥିତ ହେବା ସହ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅଧିକ କ୍ଲିନିକାଲ୍ ଏକ୍ସପୋଜର୍ ମିଳିପାରିବ।

ମେଡିକାଲ କଲେଜର ପ୍ରଥମ ଓ ଦ୍ୱିତୀୟ ବର୍ଷକୁ ମିଶାଇ ବର୍ତ୍ତମାନ ପ୍ରାୟ ୧୦୦ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପ୍ରଥମ ବ୍ୟାଚ୍ ଏଯାଏଁ ଶିକ୍ଷା ସମ୍ପୂର୍ଣ୍ଣ କରିନଥିବାରୁ ହାଉସ୍ ସର୍ଜନ୍ ବାହାରିନାହାନ୍ତି। ଜୁନିୟର ରେସିଡେଣ୍ଟ ପଦବିଗୁଡ଼ିକ ମଧ୍ୟ ଖାଲି ରହିଛି। ଫଳରେ ରୋଗୀସେବା ସହ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ୍ ଓ କ୍ଲିନିକାଲ୍ ଶିକ୍ଷା ନେଇ ପ୍ରଶ୍ନ ଉଠୁଛି। ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ୫୦ଟି ସିଟ୍‌କୁ ନେଇ ଏଠାରେ ମେଡିକାଲ କଲେଜ ଆରମ୍ଭ ହୋଇଛି। ପାଠପଢ଼ା ସହ ରୋଗୀସେବାକୁ ସମନ୍ୱିତ କରାଯାଇଛି। ତେବେ ଫ୍ୟାକଲ୍ଟି ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷା ସହ ରୋଗୀସେବା ପ୍ରଭାବିତ ହେଉଥିବା କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି।

ଯାଜପୁରବାସୀଙ୍କ ଦୀର୍ଘଦିନର ଆଶା ପୂରଣ ପାଇଁ ମେଡିକାଲ କଲେଜକୁ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟକ୍ଷମ କରିବା, ଖାଲି ପଡ଼ିଥିବା ଫ୍ୟାକଲ୍ଟି ଓ ଅନ୍ୟ ପଦ ପୂରଣ କରିବା ସହ ଆବଶ୍ୟକ ଚିକିତ୍ସା, ନିଦାନ ଓ ଜରୁରୀ ସେବା ସୁନିଶ୍ଚିତ କରିବା ଏବେ ଜିଲ୍ଲାବାସୀଙ୍କ ପ୍ରମୁଖ ଦାବି।

## ସୋଆର ଫ୍ୟାକଲ୍ଟି ଅଫ୍ ନର୍ସିଂ ଓ ଫାର୍ମାସୀ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ଆୟୋଜିତ




**ଭୁବନେଶ୍ୱର,୧୬।୯ (ସଂଚାର ବ୍ୟୁରୋ)ଃ** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି)କ୍ୟାମ୍ପସ-୧ ଓ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍) କ୍ୟାମ୍ପସ-୧ରୁ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି।

ସୋଆ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ କ୍ୟାମ୍ପସ-୧ର ୨୦୨୨ -୨୬ ବ୍ୟାଚର ବି ଫାର୍ମା, ୨୦୨୪-୨୬ ବ୍ୟାଚ୍‌ର ଏମ୍.ଫାର୍ମା, ୨୦୨୧- ୨୬ ବ୍ୟାଚ୍‌ର ଇନ୍‌ଟିଗ୍ରେଟେଡ ଏମ୍‌ଏସ୍‌ସି ବାୟୋଟେକ୍ନୋଲଜି, ୨୦୨୪-୨୬ ବ୍ୟାଚ୍‌ର ଏମ୍‌ଏସ୍‌ସି ବାୟୋଟେକ୍ନୋଲିର ଛାତ୍ରଛାତ୍ରୀ ଓ ସମ୍ ନର୍ସିଂ କଲେଜ କ୍ୟାମ୍ପସ୍-୧ର ୨୦୨୩ -୨୦୨୫ ବ୍ୟାଚର ଏମ୍‌ଏସ୍‌ସି ନର୍ସିଂ, ୨୦୨୧-୨୫ ବ୍ୟାଚର ବିଏସ୍‌ସି (ନର୍ସିଂ), ୨୦୨୩ -୨୫ ବ୍ୟାଚର ପୋଷ୍ଟ ବେସିକ୍ ବିଏସ୍‌ସି ନର୍ସିଂ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀମାନେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଠାରୁ ଡିଗ୍ରୀ ଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇବା ସହ ବିଶ୍ୱବିଦ୍ୟାଳୟରୁ ଗ୍ରହଣ କରିଥିବା ଶିକ୍ଷା ଯୋଗୁଁ ସେମାନେ ସ୍ୱାସ୍ଥ୍ୟ ବିଜ୍ଞାନ ସହ ଯୋଡି ହୋଇପାରିଥିବା କହିଥିଲେ। କୋଭିଡ ମହାମାରୀ ସମୟରେ ନର୍ସ, ଫାର୍ମାସିଷ୍ଟ ଓ ପାରାମେଡିକ୍ସଙ୍କର ମହତ୍ କାର୍ଯ୍ୟ ସାରା ବିଶ୍ୱ ଦେଖିଛି। ସେମାନଙ୍କ ଯୋଗୁଁ ହିଁ କୋଟି କୋଟି ଲୋକଙ୍କର ଜୀବନ ରକ୍ଷା ହୋଇପାରିଛି ବୋଲି କୁଳପତି କହିବା ସହ ଏହି ପାଠ୍ୟକ୍ରମରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ସମାଜର ହିତ ନିମନ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଉପ-କୁଳପତି ପ୍ରଫେସର ନୀତା ମହାନ୍ତି ଓ ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଏସ୍‌ପିଏସ୍-୧ର ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ, ଏସ୍‌ଏନ୍‌ସି -୧ର ଡିନ୍ ପ୍ରଫେସର ସସ୍ମିତା ଦାସ, ସେଂଟର ଅଫ୍ ବାୟୋଟେକ୍ନୋଲୋଜିର ମୁଖ୍ୟ ପ୍ରଫେସର ସଂଘମିତ୍ରା ନାୟକ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଏସ୍‌ଏନ୍‌ସିର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତି ତ୍ରିପାଠୀ, ଏସ୍‌ପିଏସ୍-୧ ଓ ଏସ୍‌ଏନ୍‌ସି-୧ର ବିଭିନ୍ନ ବିଭାଗର ମୁଖ୍ୟ, ପ୍ରଫେସର ତଥା ଏକାଡେମିକ୍ କାଉନ୍‌ସିଲର ସଦସ୍ୟ ଓ ଫ୍ୟାକଲ୍ଟି ମେମ୍ବରମାନେ ଉପସ୍ଥିତ ଥିଲେ।

ସେଂଟର ଅଫ୍ ବାୟୋଟେକ୍ନୋଲୋଜିର ମୁଖ୍ୟ ପ୍ରଫେସର ସଂଘମିତ୍ରା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଅକ୍ଟୋବର ୯ ଓ ୧୦ରେ ହେବ ଜାତୀୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର କାର୍ଯ୍ୟକ୍ରମ

**କେନ୍ଦୁଝର,୧୬।୯ (ସଂଚାର ବ୍ୟୁରୋ)ଃ** କେନ୍ଦୁଝର ଜିଲ୍ଲାର ଐତିହ୍ୟ, କଳା, ସଂସ୍କୃତି ଓ ପ୍ରକୃତିକୁ ନେଇ ମାଧ୍ୟମରେ ଜାତୀୟସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ଆସନ୍ତା ଅକ୍ଟୋବର ୯ ଓ ୧୦, ୨୦୨୬ ତାରିଖରେ କେନ୍ଦୁଝରରେ ଏକ ଜାତୀୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି।

ଏହି ମହୋତ୍ସବର ଉଦ୍ଘାଟନୀ ସମାରୋହ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ଓଡ଼ିଆ କଳାକୁ ଜାତୀୟ ଆୟାମ କରି ହିନ୍ଦୀ କଳାକୁ ଭାରତବର୍ଷର ଅନେକ ପ୍ରତିଷ୍ଠିତ କଳାକାର ଏବଂ କଳାକୃତି ଜଗତ ସହ ଜଡ଼ିତ ବ୍ୟକ୍ତିବିଶେଷ ଏହି ମହୋତ୍ସବରେ ଯୋଗଦାନ କରିବେ।

ଏହି ମହୋତ୍ସବ କେବଳ ଓଡ଼ିଆ କିମ୍ବା ହିନ୍ଦୀ କଳାକୁ ନେଇ ସୀମିତ ନ ରହି ଭାରତର ବିଭିନ୍ନ କଳାକୁ ନେଇ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜିତ ହେବ। ବିଶେଷକରି ତେଲୁଗୁ, ତାମିଲ, ମାଲାୟାଲମ, କନ୍ନଡ, ହିନ୍ଦୀ ଓ ଓଡ଼ିଆ ସମେତ ଦେଶର ବିଭିନ୍ନ ଭାଷା ଓ କଳାକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିବ। ଦେଶର ବିଭିନ୍ନ ପ୍ରାନ୍ତରୁ ନୃତ୍ୟଶିଳ୍ପୀ, କଳାକାର, କଣ୍ଠଶିଳ୍ପୀ ଓ ସୃଜନଶୀଳ ବ୍ୟକ୍ତିତ୍ୱମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବେ।ଦୁଇଦିନିଆ ଏହି କଳାକୃତି ମହୋତ୍ସବର ସମାପନୀ ସମାରୋହ ଅକ୍ଟୋବର ୧୦, ୨୦୨୬ ତାରିଖରେ ଅନୁଷ୍ଠିତ ହେବ। ଏହି ସମାରୋହରେ ମଧ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ। ଏହି ଜାତୀୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର କାର୍ଯ୍ୟକ୍ରମ ଆୟୋଜନ ନିର୍ଦ୍ଦେଶକ ଶ୍ରୀ ଅବିନାଶ ରାଉତଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲାକୁ ଏକ ନୂଆ ପରିଚୟ ଦିଆଯିବାର ଲକ୍ଷ୍ୟ ରହିଛି। କେନ୍ଦୁଝରର ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ, କଳା, ସଂସ୍କୃତି ଓ ସ୍ଥାନୀୟ ପ୍ରତିଭାକୁ ଜାତୀୟ ମଞ୍ଚରେ ପହଞ୍ଚାଇବା ଏହି ପ୍ରୟାସର ମୁଖ୍ୟ ଲକ୍ଷ୍ୟ।

## ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତି ସହ ବିକ୍ରି ଚାଲିଛି ଗୁପଚୁପ

### ପ୍ରଶାସନର ଚଢ଼ାଉ ଦାବି



**ଜୟପୁର,୧୬।୯ (ସଂଚାର ବ୍ୟୁରୋ)ଃ**କୋରାପୁଟ ଜିଲାରେ ଅସ୍ୱାସ୍ଥ୍ୟ କର ପରିବେଶରେ ପ୍ରସ୍ତୁତ ଓ ବିକ୍ରିଚାଲିଛି ଗୁପଚୁପ୍। କୋରାପୁଟ ଜିଲାର ଜୟପୁର ସହର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପଡ ରେ ଚାଲିଛି ଜୋର ସୋରରେ ଗୁପ ଚୁପ ବେପାର। ଛୋଟ ଠାରୁ ବଡ ଯାଏ ଗୁପଚୁପ ନାଁ ଶୁଣିବା ମାତ୍ରେ ପାଟିରୁ ଲାଳ ବୋହିଯାଇଥାଏ। ସେ ପୁଅ ହେଉ କି ଝିଅ, ଯୁବକ ହେଉକି ଯୁବତୀ, ପୁରୁଷ ହେଉକି ମହିଳା ପ୍ରାୟ ସମସ୍ତଙ୍କ ଗୁପଚୁପ ପ୍ରତି ଦୁର୍ବଳତା ଥାଏ। ଯେଉଁଥି ପାଇଁ କୋରାପୁଟ ଜିଲା ଜୟପୁର ସହର ତଥା ଏହାର ଆଖପାଖ ଅଞ୍ଚଳର ମୁଖ୍ୟରାସ୍ତା କଡର ରାଜ୍ୟ ବାହାରର ବହୁ ବ୍ୟବସାୟୀ ଠେଲାଗାଡିରେ ଗୁପଚୁପ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି।

କେବଳ ଏତିକି ନୁହେଁ ଗୁପଚୁପର ଚାହିଦାକୁ ଦୃଷ୍ଟିରେ ରଖି ବିଗତ କିଛି ବର୍ଷ ହେଲା ବିବାହ, ବ୍ରତ ସମେତ ଅନ୍ୟ କେତେକ ମାଙ୍ଗଳିକ କାର୍ଯ୍ୟକ୍ରମରେ ଓ ଭୋଜିଭାତରେ ବି ଗୁପଚୁପର ପସରା ପଡୁଥିବା ଦେଖିବାକୁ ମିଳୁଛି। କିନ୍ତୁ ଦୁଃଖର କଥା ଏହି ଗୁପଚୁପ ବିକ୍ରୀ ସ୍ଥାନକୁ ଥରେଗଲେ ତାକୁ ଖାଇବାକୁ ଆଉ ମନ ବଳାଇବେ ନାହିଁ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି। ଜୟପୁର ସହରର କେତେକ ମୁଖ୍ୟରାସ୍ତା ପାର୍ଶ୍ୱରେ ରାଜ୍ୟ ବାହାରର ବହୁ ଗୁପଚୁପ ବ୍ୟବସାୟୀ ସ୍ୱଚ୍ଛତା ଭୁଲି ଯାଇ ଅସ୍ୱାସ୍ଥ୍ୟକର ପରି ବେଶ ମଧ୍ୟରେ ଗୁପଚୁପ ବିକ୍ରୀ କରୁଥିଲେ ମଧ୍ୟ ଯାଞ୍ଚ କରିବା ଦିଗରେ ପ୍ରଶାସନର ପଦକ୍ଷେପ ନେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି।

ରାସ୍ତାକଡରେ ଠେଲାରେ ବିକ୍ରୀ ହେଉଥିବା ପାଟି ସୁଆଦିଆ ଗୁପଚୁପ ଖାଇ ବହୁ ବ୍ୟକ୍ତି ନାନା ପ୍ରକାର ପେଟରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ପାଟିକୁ ସୁଆଦ ଲାଗୁଥିବା ଗୁପଚୁପର ଆଳୁଚକଟା ଓ ଖଟା ପାଣିକୁ ବାହାର ରାଜ୍ୟର କେତେକ ବ୍ୟବସାୟୀ କେଉଁ ପରିବେଶରେ ତିଆରି କରୁଛନ୍ତି ତାହା ଯାଞ୍ଚ କରିବା ଦିଗରେ କାହାର ନଜର ପଡୁନଥିବା ଅଭିଯୋଗ ହେଉଛି। ଏହା ସତ୍ତ୍ୱେ ପାଟିକୁ ସୁଆଦ ଲାଗିବା ଓ ଜିହ୍ୱାଲାଳସାରେ ବହୁ ବ୍ୟକ୍ତି ଗୁପଚୁପ ପ୍ରତି ମୋହ ତୁଟାଇ ନପାରି ଶରୀର ପ୍ରତି କ୍ଷତିକାରକ ଥିଲେ ମଧ୍ୟ ତାହା ଖାଉଥିଲା ବେଳେ ଅସାଧୁ ଗୁପଚୁପ ବିକାଳୀ ମାଲାମାଲ ହେଉଥିବା ଚର୍ଚ୍ଚା ହେଉଛି।

ଓଡିଆ ବ୍ୟବସାୟୀଙ୍କ ଅପେକ୍ଷା ରାଜ୍ୟ ବାହାରର କେତେକ ବ୍ୟବସାୟୀ ଜୟପୁର ରେ ଗୁପଚୁପ ବେପାର କରିଆସୁଥିବା ଦେଖିବାକୁ ମିଳୁଛି। ବିନା ଫୁଡ ଲାଇସେନ୍ସରେ ଗୁପଚୁପ ବ୍ୟାବାସାୟ କରୁଥିବା ବାହାର ରାଜ୍ୟର ବ୍ୟବସାୟୀମାନଙ୍କ ଉପରେ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ଲଗାନଯିବା ଅନ୍ତରାଳରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ। ବାସ୍ତବିକ ଭାବେ ରାସ୍ତାକଡରେ ବିକ୍ରୀ ହେଉଥିବା ଗୁପଚୁପ ଓ ଖଟାପାଣି ଗୁଡିକ ସ୍ୱାସ୍ଥ୍ୟ ପ୍ରତି ଉପଯୋଗୀ କି ନାହିଁ ତାହା ଯାଞ୍ଚ କରିବା ଜରୁରୀ ହୋଇପଡ଼ିଛି।

### ଖୋଲିଲା ମା’ ଜଗତ ଜନନୀଙ୍କ ହୁଣ୍ଡି
## ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ

**ଜୟପୁର,୧୬।୯ (ସଂଚାର ବ୍ୟୁରୋ)ଃ** ମା ଜଗତଜନନୀ ଙ୍କ ହୁଣ୍ଡି ଖୋଲାଯାଇଛି। ଜୟପୁରର ପ୍ରସିଦ୍ଧ ମା ଜଗତଜନନୀ ଙ୍କ ହୁଣ୍ଡି ଖୋଲାଯାଇ ଟଙ୍କା ଗଣତି କରାଯାଇଛି। ଆଜି ଗଣତି କରାଯାଇଛି। ମନ୍ଦିର କମିଟିର ୨୦ ଜଣ ସଦସ୍ୟ ଉପସ୍ଥିତ ରହି ଗଣତି କରିଥିଲେ। ପ୍ରଥମେଙ୍କ ଆଜ୍ଞାମାଳ ନେଇ ହୁଣ୍ଡି ଖୋଲାଯାଇଥିଲା। ହୁଣ୍ଡିରୁ ୧୫ ଲକ୍ଷ ୨୫ ହଜାର ୮ ଶହ ଟଙ୍କା ସହ, ସୁନା ରୁପା।। ଗହଣ. ୫ ଚିଠି ହୁଣ୍ଡିରୁ ବାହାରିଛି।

ଏହି ଗଣତି ସମୟରେ ମାଧବ ମହାଙ୍କୁଡ, ରମା ରାଓ, ମାଧବ ରଥ, ଲକ୍ଷ୍ମୀ କାନ୍ତ ପଟ୍ଟନାୟକ, ଶିବ ପଟ୍ଟନାୟକ, ପୁଜକ ବଲ୍ଲଭ ନାରାୟଣ ଖାଡଙ୍ଗା, ବିଜୟ ଖାଡାଙ୍ଗା, ରବି କର, ତପନ କୁମାର ମିଶ୍ର, ବିଶ୍ୱଜିତ ଦଣ୍ଡସେନା, ଲକ୍ଷ୍ମଣ ଜାନି ପ୍ରମୁଖ ଗଣତି ରେ ଉପସ୍ଥିତ ଥିଲେ। ଖୁଚୁରା ଟଙ୍କା ର ଗଣତି ସହ ସୁନା ରୁପାର ଦର ଆକଳନ କରାଯାଇ ନାହିଁ।

## ଦଶହରା ପାଇଁ ପ୍ରସ୍ତୁତି ବୈଠକ



**ନବରଙ୍ଗପୁର,ଉମରକୋଟ,୧୬।୯ (ସଂଚାର ବ୍ୟୁରୋ)ଃ** ପୌର ପରିଷଦ ର ୱାର୍ଡ ନମ୍ବର ୯ ସନ୍ତୋଷୀ ନଗରର ଦୁର୍ଗା ଶକ୍ତି ପୀଠ ଟ୍ରଷ୍ଟ ପକ୍ଷରୁ ୧୦ ତମ ଦଶହରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ।

ଲଳିତ ସେଠି, ନାଗେଶ ପଟ୍ଟନାୟକ ଓ ସରୋଜ ମହାନ୍ତିଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦଶହରା ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ପ୍ରଥମେ ୨୦୨୫ ମସିହାର ଦଶହରା ପୂଜାର ସମସ୍ତ ହିସାବ ର ବିବରଣୀ ପାଠ କରାଯାଇଥିଲା। ପରେ ଚଳିତ ବର୍ଷ ମଧ୍ୟ ମହା ଆଡ଼ମ୍ବର ସହ ପାଳନ କରାଯିବା ପାଇଁ ନୂତନ ପୂଜା କମିଟି ଗଠିତ ହୋଇଥିଲା । ସର୍ବ କମିଟିର ସହମତ ଏବଂ ଆଲୋଚନା ରେ ପ୍ରତିଟି କାର୍ଯ୍ୟର ନିଷ୍ପତ୍ତି ନିଆଯାଏ। କୌଣସି ସଭାପତି ଗଠନ କରାଯାଇ ନାହିଁ । କୋଷାଧ୍ୟକ ଭାବରେ ୩ ଜଣଙ୍କୁ ମନୋନୀତ କରାଗଲା ।

ଉମରକୋଟ ଦଶହରା ପର୍ବ ଜିଲ୍ଲା ପାଇଁ ଏକ ନିଆରା ପର୍ବ ହୋଇଥାଏ। ଏହି ଅଞ୍ଚଳର ରିତିନୀତିରେ ପୂଜା ହୋଇଥାଏ। ମହିଳାମାନେ ମାଁ ଦୁର୍ଗାଙ୍କ ସହ ସିନ୍ଦୂର ଖେଳ ଖେଳିଥାନ୍ତି। ଏହି ବୈଠକରେ ଚଳିତ ବର୍ଷ ଦୂର୍ଗା ପୂଜାକୁ ଅଧିକ ରୁ ଅଧିକ ଯାକଯୋକମ ରେ ପାଳନ କରିବା ସହ ଶାନ୍ତି ଶୁର୍ଙ୍ଖଳା ରେ ପୂଜା ପାରିବ ସେଥିପାଇଁ କମିଟି ପକ୍ଷରୁ ନିଷ୍ପତି ନିଆଯାଇଥିଲା ।

## ସଦାଇପାଲି ନବଜ୍ୟୋତି କ୍ଲବରେ ନୂଆଁଖାଇ ଭେଟଘାଟ

**ବଲାଙ୍ଗିର,୧୬।୯ (ସଂଚାର ବ୍ୟୁରୋ)ଃ** ସଦାଇପାଲି ନବଜ୍ୟୋତି କ୍ଲବ ପ୍ରାଙ୍ଗଣରେ ନୂଆଁଖାଇ ଭେଟଘାଟ ଉତ୍ସବ ପାଳନ କରାଯାଇଛି।। ଉକ୍ତ ଉତ୍ସବରେ ନବଜ୍ୟୋତି କ୍ଲବ ର ସଭାପତି ବାସୁଦେବ ମୁଗ୍ରୀ, ଆଇନଜିବୀ ଅର୍ଜୁନ ମୁଗ୍ରୀ, ପଡ଼ାର ୱାର୍ଡ ମେମ୍ବର ରୁକ୍ମଣୀ ବାଗ ଓ ଆଶା କର୍ମୀ ସବିତା ସୁନା ମଞ୍ଚାସିନ ଥିଲେ। ଚଳିତ ଶିକ୍ଷା ବର୍ଷରେ ଦଶମ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଥିବା ସନ୍ଦେଶ ମୁଗ୍ରୀ ଓ ଦ୍ୱାଦଶ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଥିବା ଅନିକେତ ମୁଗ୍ରୀ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କୁନି କୁନି କଳାକାର ଝିଅମାନେ ପୁଅମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଦୁଇ ଜଣ କଣ୍ଠ ଶିଳ୍ପୀ ଟିକୁ ଓ ବିଶି ନୁଆଁଖାଇ ଉପରେ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ରିଷିକେଶ ମୁଗ୍ରୀ ପରିଚାଳନା କରିଥିଲେ ଓ ରାଜେନ୍ଦ୍ର ରାଏ ନିର୍ଦ୍ଦେଶନା ଓ ଧନ୍ୟବାଦ ଦେଇଥିଲେ।

## ଖାଲଖମା ଭରିଲେ ଯୁବ କଂଗ୍ରେସ କର୍ମୀ

**ଝାରସୁଗୁଡ଼ା,୧୬।୯ (ସଂଚାର ବ୍ୟୁରୋ)ଃ** ଝାରସୁଗୁଡ଼ା ସହରର ମୁଖ୍ୟ ରାସ୍ତା ତଥା ପୁରୁଣା ବସଷ୍ଟାଣ୍ଡ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଦୈନିକ ଯାତାୟାତ କରୁଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲଖମା ଯୋଗୁଁ ଦୁର୍ଘଟଣାର ଆଶଙ୍କା ମଧ୍ୟ ଲାଗି ରହିଥିଲା। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ବୁଧବାର ସକାଳେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନଙ୍କ ନେତୃତ୍ୱରେ ରାସ୍ତା ମରାମତି ଅଭିଯାନ କରାଯାଇଥିଲା।

ଯୁବ କଂଗ୍ରେସ କର୍ମୀମାନେ ରାସ୍ତାର ଖାଲଖମାରେ ଇଟା, ସିମେଣ୍ଟ, ବାଲି ଓ ଗୋଡ଼ି ପକାଇ ତାହାକୁ ପୋତିବା ସହ ଯାତାୟାତ ଉପଯୋଗୀ କରିବାକୁ ଉଦ୍ୟମ କରିଥିଲେ।

ଅଭିଯାନ ସମୟରେ ଶାହରୁଖ ଖାନ ନିଜେ ଉପସ୍ଥିତ ରହି ମରାମତି କାର୍ଯ୍ୟରେ ସାମିଲ ହୋଇଥିଲେ। ରାସ୍ତାର ଖାଲଖମା ଯୋଗୁଁ ପଥଚାରୀ ଓ ଗାଡ଼ି ଚାଳକଙ୍କ ଯାତାୟାତରେ ଯେପରି ବାଧା ନହୁଏ ଏବଂ ଦୁର୍ଘଟଣା ଆଶଙ୍କା କମିବ, ସେଥିପାଇଁ ଏହି ପଦକ୍ଷେପ ନିଆଯାଇଥିବା ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଜନହିତକର କାର୍ଯ୍ୟରେ ବହୁ ସଂଖ୍ୟାରେ ଯୁବ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଯୋଗଦେଇ ସହଯୋଗ କରିଥିଲେ। ରାସ୍ତା ମରାମତି ପାଇଁ ଯୁବ କଂଗ୍ରେସର ଏଭଳି ପଦକ୍ଷେପକୁ ସ୍ଥାନୀୟ ବୁଦ୍ଧିଜୀବୀ, ବ୍ୟବସାୟୀ ଓ ସାଧାରଣ ଲୋକେ ପ୍ରଶଂସା କରିଥିବା ଜଣାପଡ଼ିଛି।

## ଡାକ୍ତରଖାନା ସମ୍ମୁଖରେ ଅସାମାଜିକଙ୍କ ଆଡ୍ଡା

**ଝାରସୁଗୁଡ଼ା,୧୬।୯ (ସଂଚାର ବ୍ୟୁରୋ)ଃ**ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମ୍ମୁଖରେ ଥିବା ବନୀକରଣ ଅଞ୍ଚଳ ଏବେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀରେ ପରିଣତ ହେଉଥିବା ଅଭିଯୋଗ ହୋଇଛି। ଦିନ ଦ୍ୱିପ୍ରହରରେ ମଧ୍ୟ ଏଠାରେ ଖୋଲାଖୋଲି ନିଶାଦ୍ରବ୍ୟ ସେବନ ଓ ମଦ୍ୟପାନ ଚାଲୁଥିବାରୁ ଅଞ୍ଚଳବାସୀ ଓ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।

ସୂଚନା ଅନୁଯାୟୀ, ବନ ବିଭାଗ ପକ୍ଷରୁ ବନୀକରଣ ଅଞ୍ଚଳର ସୁରକ୍ଷା ପାଇଁ ପୂର୍ବରୁ ତାରବାଡ଼ ଘେରାଯିବା ସହ ଅନଧିକୃତ ପ୍ରବେଶ ରୋକିବାକୁ ଗେଟ୍ ଲଗାଯାଇଥିଲା। ତେବେ ମଙ୍ଗଳବଜାର ଅଞ୍ଚଳରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଏଠାକୁ ସ୍ଥାନାନ୍ତର ହେବା ପରଠାରୁ ଅଞ୍ଚଳରେ ଲୋକଙ୍କ ଚଳପ୍ରଚଳ ବଢ଼ିଛି। ଏହାର ସୁଯୋଗ ନେଇ କେତେକ ଅମାନିଆ ବ୍ୟକ୍ତି ତାରବାଡ଼ କାଟି ଭିତରକୁ ପ୍ରବେଶ କରୁଥିବା ଅଭିଯୋଗ ହୋଇଛି।

ଏପରିକି ବନ ବିଭାଗ ପକ୍ଷରୁ ଲଗାଯାଇଥିବା ଗେଟ୍ ମଧ୍ୟ ଭାଙ୍ଗି ଦିଆଯାଇଥିବା ଜଣାପଡ଼ିଛି। ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହେବାରୁ ବନାଞ୍ଚଳ ଭିତରେ ଅସାମାଜିକଙ୍କ ଗତିବିଧି ବଢ଼ୁଥିବା ଅଭିଯୋଗ ରହିଛି। ଦିନବେଳେ ମଦ୍ୟପାନ ଓ ନିଶାସେବନ ସହ ମଦ ବୋତଲ ଭାଙ୍ଗି ଏଣେତେଣେ ଫିଙ୍ଗି ଦିଆଯାଉଥିବାରୁ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ଅନ୍ୟପକ୍ଷରେ, ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପ୍ରତିଦିନ ହଜାର ହଜାର ରୋଗୀ ଓ ସମ୍ପର୍କୀୟ ଆସୁଥିବାରୁ ଏହାର ସମ୍ମୁଖ ଅଞ୍ଚଳରେ ଏଭଳି ଗତିବିଧି ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି। ବିଶେଷକରି ରୋଗୀ, ମହିଳା ଓ ବୟସ୍କଙ୍କ ଯାତାୟାତ ଅଞ୍ଚଳରେ ନିଶାସେବନ ଓ ଅସାମାଜିକଙ୍କ ଜମାଘଟ ଚିନ୍ତାର କାରଣ ପାଲଟିଛି। ଅଞ୍ଚଳରେ ପୁଲିସ୍ ପାଟ୍ରୋଲିଂ ବଢ଼ାଇବା ସହ ନିଶାସେବନ ଓ ଅସାମାଜିକ ଗତିବିଧି ଉପରେ ରୋକ୍ ଲଗାଇବାକୁ ସାଧାରଣରେ ଦାବି ହୋଇଛି।

### ଧର୍ମ ପରିବର୍ତ୍ତନ ପ୍ରସଙ୍ଗ

# ୬୦ ବର୍ଷୀୟା ମହିଳାଙ୍କ ଶବ ସତ୍କାର ପାଇଁ ୪୫ ଘଣ୍ଟା

**ନବରଙ୍ଗପୁର/ରାଇଘର,୧୬।୯ (ସଂଚାର ବ୍ୟୁରୋ)ଃ** ମୃତ୍ୟୁ ପରେ ମଣିଷର ଶେଷ ଠିକଣା କେଉଁଠି? ଜୀବନରେ ଯେଉଁ ମାଟିକୁ ନିଜର ବୋଲି ଭାବିଥିଲେ, ମୃତ୍ୟୁ ପରେ ସେହି ମାଟିରେ ଦୁଇ ଗଜ ସ୍ଥାନ ମିଳିବ କି ନାହିଁ— ଏହି ପ୍ରଶ୍ନ ଉଠାଇଛି ନବରଙ୍ଗପୁର ଜିଲ୍ଲା କୁନ୍ଦେଇ ଥାନା ଅଞ୍ଚଳର ଏକ ସମ୍ବେଦନଶୀଳ ଘଟଣା। ଧର୍ମ ପରିବର୍ତ୍ତନକୁ କେନ୍ଦ୍ର କରି ଜଣେ ୬୦ ବର୍ଷୀୟା ମହିଳାଙ୍କ ଶବ ସତ୍କାରକୁ ନେଇ ପ୍ରାୟ ୪୫ ଘଣ୍ଟା ଧରି ଅନିଶ୍ଚିତତା ଲାଗି ରହିଥିଲା। ନିଜ ଗାଁରୁ ଶବ ଛତିଶଗଡ଼, ସେଠାରୁ ପୁଣି ଗାଁ ଏବଂ ଶେଷରେ ନବରଙ୍ଗପୁର ଜିଲ୍ଲାର ଅନ୍ୟ ଏକ ଗାଁକୁ ନିଆଯାଇଥିଲା। ଶେଷରେ ପୁଲିସ ଉପସ୍ଥିତିରେ ଲୋହାରକାନି ଗାଁରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।।

କୁନ୍ଦେଇ ଥାନା ଅଧୀନ ଅଡଣ୍ଡି ଗାଁର ୬୦ ବର୍ଷୀୟା ଗାଗରୀ ଗଣ୍ଡଙ୍କ ମୃତ୍ୟୁ ପରେ ଏହି ଘଟଣାର ସୂତ୍ରପାତ ହୋଇଥିଲା। ମୃତା ଧର୍ମ ପରିବର୍ତ୍ତନ କରିଥିବାରୁ ନିଜ ଗାଁ ମଶାଣିରେ ତାଙ୍କ ଶବ ସତ୍କାରକୁ କିଛି ଗ୍ରାମବାସୀ ବିରୋଧ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ନେଇ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ସହମତି ନହେବାରୁ ଶବ ସତ୍କାର ପ୍ରସଙ୍ଗ ଅଟକି ରହିଥିଲା।।ଗାଁରୁ ଛତିଶଗଡ଼, ପୁଣି ଗାଁ।ନିଜ ଗାଁରେ ଶେଷକୃତ୍ୟ ନେଇ ସମାଧାନ ନହେବାରୁ ପରିବାର ଶବକୁ ପଡ଼ୋଶୀ ଛତିଶଗଡ଼ର କେଶକାଲସ୍ଥିତ ଝିଅ ଘରକୁ ନେଇଥିଲେ। ତେବେ ସେଠାରେ ମଧ୍ୟ ସ୍ଥାନୀୟ ଲୋକଙ୍କ ବିରୋଧ ହେବାରୁ ଶବକୁ ପୁଣି ଅଡଣ୍ଡି ଗାଁକୁ ଫେରାଇ ଅଣାଯାଇଥିଲା। ପରେ ପରିବାର ନିଜ ସମାଜର ଲୋକଙ୍କ ସହ ଆଲୋଚନା କରି ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲା ପଞ୍ଚାୟତ ଅନ୍ତର୍ଗତ ଲୋହାରକାନି ଗାଁରେ ଶେଷକୃତ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ।

ଏହି ତିନି ଦିନ ମଧ୍ୟରେ ଶବକୁ ନେଇ ପରିବାରକୁ ପ୍ରାୟ ୨୭୦ କିଲୋମିଟର ରାସ୍ତା ବୁଲିବାକୁ ପଡ଼ିଥିବା ପରିବାର ପକ୍ଷରୁ କୁହାଯାଇଛି। ଯେଉଁ ଶବକୁ ଚାରି କାନ୍ଧ ଦେଇ ଶେଷ ଯାତ୍ରା କରାଇବା କଥା, ସେହି ଶବର ଶେଷ ଠିକଣା ଖୋଜିବାରେ ଏତେ ଦୀର୍ଘ ସମୟ ଲାଗିବା ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି. ଦୀର୍ଘ ୪୫ ଘଣ୍ଟାର ଅନିଶ୍ଚିତତା ପରେ ବୁଧବାର ଦିନ ପ୍ରାୟ ୧୨ଟା ସମୟରେ ପୁଲିସ ଉପସ୍ଥିତିରେ ଲୋହାରକାନି ଗାଁରେ ଗାଗରୀ ଗଣ୍ଡଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଘଟଣା ପରେ ଅଞ୍ଚଳରେ ପରିସ୍ଥିତି ସ୍ୱାଭାବିକ ଥିବା ଉମରକୋଟ ଥାନା ଆଇଆଇସି ଯୁଗଳ ଶବର କହିଛନ୍ତି।



ମୃତ୍ୟୁ ପରେ ଶେଷ ସଂସ୍କାର ପାଇଁ ମଣିଷକୁ ନିଜ ମାଟିରୁ ଅନ୍ୟ ରାଜ୍ୟ ଓ ପୁଣି ଅନ୍ୟ ଗାଁକୁ ନେବାକୁ ପଡ଼ିବା ଘଟଣା ସାମାଜିକ ସହାବସ୍ଥାନ, ଧାର୍ମିକ ସ୍ୱାଧୀନତା ଓ ମାନବିକତାକୁ ନେଇ ଅନେକ ପ୍ରଶ୍ନ ଛିଡ଼ା କରିଛି।୪୫ ଘଣ୍ଟା ପରେ ମିଳିଲା ଶେଷ ଠିକଣା ଧର୍ମ ପରିବର୍ତ୍ତନକୁ ନେଇ ନିଜ ଗାଁରେ ଶବ ସତ୍କାରକୁ ବିରୋଧ; ଛତିଶଗଡ଼ରୁ ଫେରି ଅନ୍ୟ ଗାଁରେ ହେଲା ଅନ୍ତିମ ସଂସ୍କାର